


‘ପ୍ରଳୟ’ ସୁଟିଂ ଆରମ୍ଭ କଲେ ରଣବୀର

▶ପୃଷ୍ଠା ୧୧ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


♦VOLUME- 44 ♦ISSUE-56 ♦THURSDAY ♦20 AUGUST 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୫୬ ♦ଗୁରୁବାର ♦୨୦ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## କୋଲକାତା ହୋଟେଲରେ ଏସି ବିସ୍ଫୋରଣ; ୯ ମୃତ

■ କୋଲକାତା, ୧୯।୮ (ଏଜେନ୍ସି): କୋଲକାତାର ଏକ ହୋଟେଲରେ ଭୟାବହ ଅଗ୍ନିକାଣ୍ଡ ଘଟି ଜଣେ ଶିଶୁ ଏବଂ କିଛି ବାଂଲାଦେଶୀ ନାଗରିକଙ୍କ ସମେତ ୯ ଜଣଙ୍କର ମୃତ୍ୟୁ ଘଟିଛି। ଏୟାର କଣ୍ଡିସନର୍ ବିସ୍ଫୋରଣ ଯୋଗୁଁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ବୁଧବାର ଭୋର୍ ପ୍ରାୟ ୨ଟା ସମୟରେ ଫ୍ରି ସ୍କୁଲ୍ ଷ୍ଟ୍ରିଟ୍ ଅଞ୍ଚଳରେ ଥିବା ଏହି ହୋଟେଲରେ ହଠାତ୍ ନିଆଁ ଲାଗିଯାଇଥିଲା ଏବଂ ଧୂଆଁରେ ଆଚ୍ଛାଦିତ ହୋଇଯାଇଥିଲା। ସେହି ସମୟରେ ହୋଟେଲରେ ଅନେକ ଅତିଥି ଶୋଇ ରହିଥିଲେ। ରିପୋର୍ଟ ଅନୁଯାୟୀ, ମୃତକଙ୍କ ମଧ୍ୟରେ କିଛି ବାଂଲାଦେଶୀ ନାଗରିକ ମଧ୍ୟ ଅଛନ୍ତି, ଯେଉଁମାନେ ଚିକିତ୍ସା ପାଇଁ କୋଲକାତା ଆସିଥିଲେ। ଅଗ୍ନିଶମ ବାହିନୀ ଏବଂ ବିପର୍ଯ୍ୟୟ ପରିଚାଳନା ଦଳ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ଷଠି ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ତେବେ ଅଣନିଶ୍ୱାସୀ ▶ପୃଷ୍ଠା-୧୦



## ଦିଲ୍ଲୀରେ ସିଏନ୍‌ଜି ବିସ୍ଫୋରଣ; ୩ ମୃତ, ୩ ଗୁରୁତର



■ ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ଦିଲ୍ଲୀର ଟିକ୍ରି କାଲାନ୍ ମେଟ୍ରୋ ଷ୍ଟେସନ୍ ନିକଟସ୍ଥ ଏକ ସିଏନ୍‌ଜି ଫ୍ୟୁଏଲ୍ ପମ୍ପରେ ବୁଧବାର ଅପରାହ୍ଣରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏକ ଟ୍ରକରେ ଗ୍ୟାସ୍ ଭର୍ତ୍ତି କରୁଥିବା ସମୟରେ ସିଲିଣ୍ଡରଟି ଫାଟିଯିବାରୁ ପମ୍ପରେ କାର୍ଯ୍ୟରତ ୩ ଜଣ କର୍ମୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏଥିରେ ଏକ ଟ୍ରକ ସହିତ ପାଖରେ ଥିବା ଏକ କାର୍ ଏବଂ ଦୁଇଚକିଆ ଯାନ ମଧ୍ୟ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ମୃତ କର୍ମୀମାନେ ହେଲେ ମନୀଷ (୨୫), ବ୍ରହ୍ମଜିତ (୩୪) ଏବଂ ସନ୍ନି (୩୦)। ମନୀଷ ପଶ୍ଚିମ ଦିଲ୍ଲୀର ବାବା ହରିଦାସ କଲୋନୀର ବାସିନ୍ଦା ଥିଲେ। ତାଙ୍କ ପରିବାର ପକ୍ଷରୁ ପମ୍ପ କର୍ମଚାରୀଙ୍କ ବିରୁଦ୍ଧରେ ଅବହେଳା ଅଭିଯୋଗ କରିଛି। ମନୀଷଙ୍କ ମାମୁଁ ବିଜୟ ପ୍ରସାଦଙ୍କ ▶ପୃଷ୍ଠା-୧୦

### ଖଣି ଆଇନ ସଂଶୋଧନ ଯୋଗୁଁ ଓଡ଼ିଶା ସହିବ ଲକ୍ଷଲକ୍ଷ କୋଟି କ୍ଷତି: ନବୀନ

# ଶେଷ ନିଶ୍ୱାସ ଯାଏଁ ଓଡ଼ିଶାର ଅଧିକାର ପାଇଁ ଲଢ଼ିବି

■ ଭୁବନେଶ୍ୱର, ୧୯।୮ (ସମିସ): ରାଜ୍ୟ ଆମର, ରାଜ୍ୟର ମାଟି, ପାଣି, ଖଣି ଆମର। ଆମ ଅଧିକାରର ସୁରକ୍ଷା ପାଇଁ ଆମେ ଲଢ଼େଇ କରି ଆସିଛୁ। ୨୪ ବର୍ଷ ଧରି ମୁଁ ଓଡ଼ିଶାର ସ୍ୱାର୍ଥକୁ ଜଗିଥିଲି ଓ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ଅଧିକାର ପାଇଁ ମୁଁ ଲଢ଼େଇ ଜାରି ରଖିବି ବୋଲି କହିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଖଣି ଆଇନ ସଂଶୋଧନ ଯୋଗୁଁ ଓଡ଼ିଶା ଲକ୍ଷଲକ୍ଷ କୋଟି ଟଙ୍କା କ୍ଷତିକୁ ନବୀନ ବିରୋଧ କରିବା ସହ ଏହି ଲଢ଼େଇରେ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଛନ୍ତି।

**ନୂଆ ଆଇନରେ ଖଣି ଉପରେ ରାଜ୍ୟର ଅଧିକାର ଶେଷ ହୋଇଛି**

**୨୪ ବର୍ଷ ଧରି ଓଡ଼ିଶାର ସ୍ୱାର୍ଥ ପାଇଁ ଲଢ଼ିଛି, ଆଗକୁ ବି ଲଢ଼ିବି**

**କେବଳ ବିଜେଡି ସାଂସଦ ଏହାକୁ ବିରୋଧ କରିଥିଲେ**

**ବିଜେପିର ୨୦ ସାଂସଦ ମାଟି ପାଇଁ ପାଟି ଖୋଲିଲେ ନାହିଁ**

**ଓଡ଼ିଶାକୁ ଦୁର୍ବଳ କରିବାକୁ ଭୟଙ୍କର ଚକ୍ରାନ୍ତ କରାଯାଇଛି**



ଏକ ଭିଡ଼ିଓ ବାର୍ତ୍ତାରେ ନବୀନ କହିଛନ୍ତି ଯେ ୨୦୦୦ ମସିହାରେ ଯେତେବେଳେ ଆମେ ଓଡ଼ିଶା ଶାସନ ଦାୟିତ୍ୱ ନେଲୁ, ସେତେବେଳେ ଓଡ଼ିଶାର ଅର୍ଥନୀତି ବହୁତ ଖରାପ ଅବସ୍ଥାରେ ଥିଲା। ଆମକୁ ଋଣ ଉପରେ ନିର୍ଭର କରିବାକୁ ପଡୁଥିଲା। ୨୦୨୪ରେ ଯେତେବେଳେ ସରକାର ପରିବର୍ତ୍ତନ ହେଲା, ସେତେବେଳେ ପଚାଶ ହଜାର କୋଟି ଟଙ୍କାର ରାଜସ୍ୱ ବଳକା ଆମେ ଛାଡ଼ି ଯାଇଥିଲୁ। ଆମର ଦୃଢ଼ ଆର୍ଥିକ ପରିଚାଳନା ଯୋଗୁଁ ଏହା ସମ୍ଭବ ହୋଇ ପାରିଥିଲା। ରାଜସ୍ୱ ବଳକା ରାଜ୍ୟ ସହ ଦ୍ରୁତ ବିକାଶ ଆମେ ଆଣି ପାରିଥିଲୁ। ରାଜ୍ୟରେ ଦାରିଦ୍ର୍ୟ କମିଥିଲା, ଭିତ୍ତିଭୂମିର ବିକାଶ ହୋଇଥିଲା ଓ ଅନେକ ଜନ କଲ୍ୟାଣ କାମ କରିଥିଲୁ। ଏହି ଦ୍ରୁତ ବିକାଶରେ ଖଣି ରାଜସ୍ୱ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ମାତ୍ର ଓଡ଼ିଶାର ଅର୍ଥନୀତି ଆଜି ବିପଦରେ। ନିକଟରେ ସଂସଦରେ ଏମଏମଡିଆର (ଖଣି ଓ ଖଣିଜ ସମ୍ପଦ ପରିଚାଳନା) ଆଇନର ସଂଶୋଧନ ପାରିତ ହୋଇଛି। ଏହା ଓଡ଼ିଶା ଓ ଓଡ଼ିଶାବାସୀଙ୍କର ବହୁତ କ୍ଷତି କରିବାକୁ ଯାଉଛି। ଏତେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ବିଲକୁ ବିନା ଆଲୋଚନାରେ କେନ୍ଦ୍ର ସରକାର ପାରିତ କରିଦେଲେ। କେବଳ ବିଜେଡି ସାଂସଦମାନେ ଏହାକୁ ରାଜ୍ୟସଭାରେ ବିରୋଧ କରିଥିଲେ। ଏହି ବିଲକୁ ବିରୋଧ କରି ମୁଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛି। ସର୍ବଦଳୀୟ ବୈଠକ ଡାକିବାକୁ ଓ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଚିଠିରେ ଅନୁରୋଧ ମଧ୍ୟ କରିଛି। ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଆଗରେ କେହି ବଡ଼ ନୁହେଁ। ପାର୍ଟି ନୁହେଁ ମାଟିର ସ୍ୱାର୍ଥ ପାଇଁ ଆମକୁ ଆଜି ଏକାଠି ହେବାକୁ ପଡିବ। ଏମଏମଡିଆର ସଂଶୋଧନ ବିଲ ଆମ ଖଣି ଉପରେ ଆମ ଅଧିକାର ଶେଷ କରି ଦେଇଛି।

ଆପଣ ଜାଣନ୍ତି ଓଡ଼ିଶାରେ କ୍ରୋମାଇଟ, ବକ୍ସାଇଟ, ଲୁହାପଥ, କୋଇଲା ଓ ମାଙ୍ଗାନିଜର ବିପୁଳ ଭଣ୍ଡାର ରହିଛି। କିନ୍ତୁ ଏମ୍‌ଏମ୍‌ଡିଆର ସଂଶୋଧନ ବିଲ ଏସବୁ ଉପରୁ ଆମ ଅଧିକାର ଛଡେଇନେଇଛି। ଆମ ଲୋକଙ୍କ କଲ୍ୟାଣ ପାଇଁ ଆମ ଖଣିରୁ ଆମେ କାହିଁକି ରାଜସ୍ୱ ସଂଗ୍ରହ କରିପାରିବୁନି? ଆମ ଲୋକ ଧୂଳି, ଧୂଆଁ ସହିବେ। କିନ୍ତୁ ଆମ ସମ୍ପଦରେ ଦିଲ୍ଲୀ ଦରବାର ସମୃଦ୍ଧ ହେବ। ଏହା ଆମେ ହେବାକୁ ଦେବାନି। ୨୪ ▶ପୃଷ୍ଠା-୧୦

### ୬୦୦ ତମ ଟେଷ୍ଟରେ ଭାରତର ସ୍ମରଣୀୟ ବିଜୟ

## ସୂତାରଙ୍କୁ ୧୦ ୱିକେଟ୍



■ ଗଲ୍, ୧୯।୮ (ଏଜେନ୍ସି): ବାମହାତୀ ସ୍ପିନର ମାନବ ସୂତାରଙ୍କ ମ୍ୟାଜିକ ବଲରେ ଏଠାରେ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟରେ ଭାରତ ୧୬୫ ରନର ବଡ଼ ବ୍ୟବଧାନରେ ବିଜୟୀ ହୋଇଛି। ୩୭୨ ରନର ଟାର୍ଗେଟ୍‌କୁ ପିଛା କରିଥିବା ସିଂହଳୀ ଦଳ ବୁଧବାର ଅନ୍ତିମ ତଥା ପଞ୍ଚମ ଦିବସରେ ୨୦୬ ରନରେ ଦ୍ୱିତୀୟ ପାଳିରେ ସୀମିତ ରହିଥିଲା। ସୋନାଲ ଦିନୁଶା (୮୪) ଓ ଅଧିନାୟକ ଧନଞ୍ଜୟ ଡି ସିଲଭା (୫୯) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଭାରତ ପକ୍ଷରୁ ରାଜସ୍ଥାନୀ ସ୍ପିନର ମାନବ ସୂତାରଙ୍କ ସ୍ପିନ ଯାଦୁକୁ ସାମ୍ନା କରିବାରେ ସିଂହଳୀ ବ୍ୟାଟର୍ ସମ୍ପୂର୍ଣ୍ଣ ଫେଲ୍ ମାରିଥିଲେ। ସୂତାର ମ୍ୟାଚରେ ମୋଟ୍ ୪୫.୨ ଓଭର ବୋଲିଂ କରି ୧୩୧ ରନ ବ୍ୟୟରେ ୧୦ଟି ୱିକେଟ ନେଇଥିଲେ। ଶ୍ରୀଲଙ୍କାର ଉଭୟ ପାଳିରେ ତାଙ୍କ ପ୍ରଦର୍ଶନ ଯଥାକ୍ରମେ ୪/୭୬ ଓ ୬/୫୫ ରହିଥିଲା। ନିଜର ଦ୍ୱିତୀୟ ଟେଷ୍ଟରେ ୧୦ ୱିକେଟ ନେଇ ସୂତାର ଏଲିଟ୍ କ୍ଲବରେ ନିଜ ନାମକୁ ଲିପିବଦ୍ଧ କରିଛନ୍ତି। ଭାରତର ୯ମ ବାମହାତୀ ସ୍ପିନର ଭାବେ ସୂତାର ଟେଷ୍ଟରେ ୧୦ ୱିକେଟ୍ ସଫଳତା ପାଇଛନ୍ତି।

ପୂର୍ବରୁ ଏହି ଟେଷ୍ଟର ପ୍ରଥମ ପାଳିରେ ଭାରତର ୪୬୨ ରନ ଜବାବରେ ଶ୍ରୀଲଙ୍କା ୨୮୪ ରନରେ ସୀମିତ ରହିଥିଲା। ଏହାପରେ ୧୭୮ ରନରେ ଆଗୁଆ ରହିଥିବା ଭାରତ ଦ୍ୱିତୀୟ ପାଳିରେ ୧୯୩ ରନରେ ଅଲ୍‌ଆଉଟ୍ ହୋଇଥିଲା। ମ୍ୟାଚରେ ମୋଟ୍ ୨୧୧ (୧୬୭+୪୪) ରନ କରିଥିବା ଦେବଦତ୍ତ ପାଡିକଲଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ ▶ପୃଷ୍ଠା-୧୦

### ୩ ରେଳ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ

## ଓଡ଼ିଶାକୁ ୭୨୨୧ କୋଟିର ରେଳ ଭେଟି

■ ଭୁବନେଶ୍ୱର, ୧୯।୮ (ସମିସ): ସୁଦୃଢ଼ ହେବ ଓଡ଼ିଶାର ରେଳ ଭିତ୍ତିଭୂମି। ଏହାକୁ ଆହୁରି ସୁଦୃଢ଼ କରିବା ଦିଗରେ କେନ୍ଦ୍ର ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ଏହି ଅନୁକ୍ରମରେ ଓଡ଼ିଶାକୁ ୭,୨୨୧ କୋଟି ଟଙ୍କାର ରେଳ ଭେଟି ଦେଇଛନ୍ତି କେନ୍ଦ୍ର ସରକାର। ରାଜ୍ୟର ୩ ଗୁରୁତ୍ୱପୂର୍ଣ୍ଣ ରେଳ ଲାଇନ୍ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏହି ତିନୋଟି ରେଳ ପ୍ରକଳ୍ପ ହେଉଛି, ଖଡ଼ଗପୁର - ଭଦ୍ରକ, ଭଦ୍ରକ - ହରିଦାସପୁର , କଟକ - ପାରାଦୀପ ଲାଇନ୍। ଏହି ୩ ପ୍ରକଳ୍ପରେ ମୋଟ ୩୨୦ କିମିର ରେଳ ଲାଇନ୍ ନିର୍ମାଣ କରାଯିବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶର ମୋଟ୍ ୪ଟି ରେଳ ଲାଇନ୍ ସମ୍ପ୍ରସାରଣ ପ୍ରକଳ୍ପ ଅନ୍ତର୍ଗତ ରାଜ୍ୟରେ ଉପରୋକ୍ତ ୩ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହି ପ୍ରକଳ୍ପଗୁଡିକ ଓଡ଼ିଶା ବ୍ୟତୀତ ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶର ୮ଟି ଜିଲାବାସୀ ଉପକୃତ ହେବେ।

ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ରେଳ ମନ୍ତ୍ରଣାଳୟର ପ୍ରାୟ ୯,୪୫୦କୋଟି ଟଙ୍କା ମୂଲ୍ୟର ଚାରୋଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଖଡ଼ଗପୁର - ଭଦ୍ରକ (ରାଣୀତାଲ) ୪ର୍ଥ ଲାଇନ - ୧୭୩ କିମି (ପଶ୍ଚିମବଙ୍ଗ ଏବଂ ଓଡିଶା), ଭଦ୍ରକ - ହରିଦାସପୁର ଚତୁର୍ଥ ଲାଇନ - ୭୫ କିଲୋମିଟର (ଓଡିଶା), ଗୁମ୍ମିଡିପୁଣ୍ଡି - ଗୁଣ୍ଡୁର ତୃତୀୟ ଏବଂ ଚତୁର୍ଥ ଲାଇନ୍ - ୯୦ କିମି (ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ) ଏବଂ କଟକ - ପାରାଦୀପ (ବଡ଼ବନ୍ଧ) ତୃତୀୟ ଏବଂ ଚତୁର୍ଥ ଲାଇନ୍ - ୭୨ କିମି (ଓଡିଶା) ରହିଛି। ଖଡ଼ଗପୁର – ଭଦ୍ରକ ୪ର୍ଥ ଲାଇନ୍ ପାଇଁ ୩୩୫୨ କୋଟି, ଭଦ୍ରକ - ହରିଦାସପୁର ୪ର୍ଥ ଲାଇନ୍ ପାଇଁ ୧୫୮୩ କୋଟି ଏବଂ କଟକ - ପାରାଦୀପ ତୃତୀୟ ଏବଂ ଚତୁର୍ଥ ଲାଇନ୍ ନିମନ୍ତେ ୨୨୮୬ କୋଟି ଟଙ୍କା ମଞ୍ଜୁର କରାଯାଇଛି।

ଏହି ପ୍ରସ୍ତାବିତ ରେଳ ଲାଇନ୍ ନିର୍ମାଣ ଦ୍ୱାରା ଓଡ଼ିଶାର କୁଳଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ, ଭିତରକନିକା ଜାତୀୟ ଉଦ୍ୟାନ, ▶ପୃଷ୍ଠା-୧୦

## ଡ. ଆଶୁତୋଷ ପରିଡ଼ା ପାଇବେ ଶାରଳା ପୁରସ୍କାର



**ଦୁର୍ଗା ଚରଣ ରଣବୀର ଏବଂ ଶିକ୍ଷାବିତ୍ ଦାମୋଦର ବେହେରା ପାଇବେ ‘ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ’**

■ ଭୁବନେଶ୍ୱର, ୧୯।୮ (ସମିସ): ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା)ର ସାମାଜିକ ଶାଖା ‘ଇଣ୍ଡିଆନ ମେଟାଲ୍ସ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ’ (ଇମ୍ପାକ୍ଟ) ପକ୍ଷରୁ ପ୍ରତିବର୍ଷ ଶ୍ରେଷ୍ଠ ସାରସ୍ୱତ କୃତି ପାଇଁ ପ୍ରଦାନ କରାଯାଉଥିବା ସ୍ମାରକୀ ‘ଶାରଳା ପୁରସ୍କାର’ ଚଳିତ ବର୍ଷ ବିଶିଷ୍ଟ ଓଡ଼ିଆ କବି, ପ୍ରାବନ୍ଧିକ ତଥା ସିଏସଆଇଆର-ଆଇଏମଏମଟି ର ପୂର୍ବତନ ବୈଜ୍ଞାନିକ ଡ. ଆଶୁତୋଷ ପରିଡ଼ାଙ୍କୁ ପ୍ରଦାନ କରାଯିବ। ପ୍ରଭା ପବ୍ଲିକେଶନ ଦ୍ୱାରା ୨୦୨୪ ମସିହାରେ ପ୍ରକାଶିତ ତାଙ୍କର କବିତା ସଙ୍କଳନ ‘ବିଶ୍ୱାସ ଦେ ପୃଥିବୀ’ ପାଇଁ ସେ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ଅକ୍ଟୋବର ୨୫ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ▶ପୃଷ୍ଠା-୧୦

### ସବୁ ନଦୀରେ ଖସୁଛି ପାଣି

## ବାଲେଶ୍ୱରକୁ ଚିନ୍ତା ଝାଡ଼ଖଣ୍ଡ ବର୍ଷା



■ ଭୁବନେଶ୍ୱର, ୧୯।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଦୁର୍ବଳ ହେବା ସହ ଝାଡ଼ଖଣ୍ଡ ହୋଇ ଓଡ଼ିଶାଠାରୁ ବହୁ ଦୂରକୁ ଚାଲିଯାଇଛି। ଫଳରେ ଓଡ଼ିଶାରେ ଦୁଇ ଦିନ ହେବ ଅପେକ୍ଷାକୃତ ବର୍ଷାର ପ୍ରଭାବ କମିଛି। ଏହା ଫଳରେ ରାଜ୍ୟର ଯେଉଁ ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ବଢ଼ିଥିଲା ତାହା ଏବେ ଧୀରେ ଧୀରେ ହ୍ରାସ ହେଉଛି। ହେଲେ ଉତ୍ତର ଓଡ଼ିଶା, ବିଶେଷ କରି ବାଲେଶ୍ୱର ଜିଲ୍ଲା ପାଇଁ ସୁବର୍ଣ୍ଣରେଖା ବିପଦ ଆଣିଛି। ଏହି ଅବପାତ ପ୍ରଭାବରେ ଝାଡ଼ଖଣ୍ଡରେ ଭୀଷଣ ବର୍ଷା ହୋଇଥିବା ଯୋଗୁଁ ଏବେ ସୁବର୍ଣ୍ଣରେଖା ଉଭୟ ଜାମଶୋଳାଘାଟ ଓ ରାଜଘାଟଠାରେ ବିପଦସଂକେତ ଉପରେ ପ୍ରବାହିତ ହେଉଛି। ଏହା ପ୍ରଭାବରେ ସୁବର୍ଣ୍ଣରେଖାରେ ▶ପୃଷ୍ଠା-୧୦

**ସୁବର୍ଣ୍ଣରେଖାରେ ମଧ୍ୟମଧରଣର ବନ୍ୟା**

**ବୈତରଣୀରେ ବନ୍ୟା ସ୍ଥିତି ସୁଧୁରୁଛି**

## କାନ୍ଥ ଭୁଶୁଡ଼ି ମହିଳା ମୃତ

■ ବୈଶିଙ୍ଗା, ୧୯।୮ (ସମିସ): ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବୈଶିଙ୍ଗା ଥାନା ଅଧୀନ ଭୁଡୁରୁବଣି ଗ୍ରାମର ଭଗବାନ ଓଝାଙ୍କ ସ୍ତ୍ରୀ ଶୈଳ ଓଝା (୫୩)। ମଙ୍ଗଳବାର ରାତିରେ ଖାଇସାରି ଭଗବାନ ଓ ତାଙ୍କ ସ୍ତ୍ରୀ ଶୈଳ ଘର ବାରଣ୍ଡାରେ ଥିବା ତେଜରାତି ଦୋକାନ ନିକଟରେ ଶୋଇଥିଲେ। ମଧ୍ୟରାତ୍ରିରେ କାନ୍ଥ ହଠାତ୍ ଭୁଶୁଡ଼ି ଉଭୟଙ୍କ ଉପରେ ପଡ଼ିଥିଲା। କାନ୍ଥ ତଳେ ଚାପି ହୋଇ ଭଗବାନ ସାମାନ୍ୟ ଆହତ ହୋଇଥିବାବେଳେ ଶୈଳଙ୍କ ଛାତି ଉପରେ କାନ୍ଥର ଏକ ବଡ଼ ଅଂଶ ପଡ଼ିବାରୁ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲେ। ପରେ ତାଙ୍କୁ ରେମୁଣାସ୍ଥିତ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଶୈଳଙ୍କ ମୃତ୍ୟୁ ଘଟିଥିଲା। ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

### ଆଗାମୀ ଦଶନ୍ଧିରେ ତୀବ୍ର ହେବ ଓଡ଼ିଶାର ଜଳବାୟୁ ବିପଦ

## କେଉଁଠି ବଢ଼ି ତ କେଉଁଠି ମରୁଡ଼ି

■ ଭୁବନେଶ୍ୱର, ୧୯।୮ (ସମିସ): ଦିନକୁ ଦିନ ଅସ୍ଥିର ହେଉଛି ପାଣିପାଗ। ବିଭିନ୍ନ ଗ୍ୟାସ୍ ନିର୍ଗମନ ଏବଂ ବିଶ୍ୱ ତାପାୟନରେ ପ୍ରଭାବିତ ଜଳବାୟୁ ମୌସୁମୀ ବର୍ଷାରେ ତାରତମ୍ୟ ସୃଷ୍ଟି କରିଛି। ଗତ ଦଶନ୍ଧିରୁ ପାଣିପାଗର ଏହି ବିଲକ୍ଷଣ ଆରମ୍ଭ ହୋଇଥିବାବେଳେ ଚଳିତ ମୌସୁମୀରେ ଏହା ସ୍ପଷ୍ଟ ବାରି ହୋଇ ପଡ଼ିଛି। ଚଳିତବର୍ଷର ଅନିୟମିତ ମୌସୁମୀ ବର୍ଷା ଓଡ଼ିଶାର କିଛି ଅଞ୍ଚଳରେ ମରୁଡ଼ି ଭଳି ପରିସ୍ଥିତି ସୃଷ୍ଟି କରିଥିବାବେଳେ ଆଉ କିଛି ଅଞ୍ଚଳରେ ହୋଇଥିବା ବାଦଲଫଟା ବର୍ଷା ମାସାଧିକ କାଳ ସମଗ୍ର ଅଞ୍ଚଳକୁ ଜଳାର୍ଣ୍ଣବ କରି ରଖିଛି। ପାଣିପାଗ ବିଭାଗର ଆକଳନ ବାହାରେ ହେଉଥିବା ବୃଷ୍ଟିପାତ ରାଜ୍ୟର କୃଷି ଓ କୃଷକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଆଗାମୀ ଦଶନ୍ଧିରେ ଏହି ସ୍ଥିତି ଆହୁରି ବିଷମ ହେବା ନେଇ ପାଣିପାଗ ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଓଡ଼ିଶାରେ ୨୦୧୧-୨୦୨୪ ମଧ୍ୟରେ ମୌସୁମୀ ବର୍ଷାର ପରିମାଣ ହାରାହାରି ୧୧ ପ୍ରତିଶତ ବୃଦ୍ଧି ପାଇଛି। ୨୦୩୧-୨୦୫୦ ମଧ୍ୟରେ ଏହା ମଧ୍ୟମ ଭାବେ ବଢ଼ିପାରେ ବୋଲି ବିଶ୍ୱର ଅଗ୍ରଣୀ ଜଳବାୟୁ ଚିନ୍ତନ ପ୍ରତିଷ୍ଠାନ ‘କାଉନସିଲ୍ ଅନ୍ ଏନର୍ଜି, ଏନ୍‌ଭାର୍ଣ୍ଣମେଣ୍ଟ ଆଣ୍ଡ ୱାଟର’ (ସିଇଇଡବ୍ଲୁ) ପକ୍ଷରୁ କୁହାଯାଇଛି। ଆଗାମୀ ଦଶନ୍ଧିଗୁଡ଼ିକରେ ଏହି ଜଳବାୟୁ ବିପଦ ଆହୁରି ତୀବ୍ର ହେବାର ଆଶଙ୍କା ରହିଛି। ବିଶେଷକରି ବିଭିନ୍ନ ଜିଲ୍ଲାରେ ବର୍ଷାର ତାରତମ୍ୟ ଏବଂ ଉତ୍ତାପର ପ୍ରଭାବ ବଢ଼ିପାରେ। ୨୦୧୧-୨୦୨୪ ମସିହା ମଧ୍ୟରେ ଓଡ଼ିଶାର ପ୍ରାୟ ୫୩ ପ୍ରତିଶତ ଜିଲ୍ଲାରେ ୧,୦୨୫-୧,୧୭୫ ମିଲିମିଟର ମୌସୁମୀ ବର୍ଷା ହୋଇଥିବାବେଳେ ୨୬ ପ୍ରତିଶତ ଜିଲ୍ଲାରେ ୧,୧୭୫ ମିଲିମିଟରରୁ ଅଧିକ ବର୍ଷା ହୋଇଛି। ୨୦୫୧-୨୦୭୦ ମଧ୍ୟରେ ବର୍ଷା ଆହୁରି ଅସ୍ଥିର ହେବାର ଆକଳନ କରାଯାଇଛି। ତେଣୁ ଚଳିତ ବର୍ଷ ଭଳି ଆଗାମୀ ଦଶନ୍ଧିଗୁଡ଼ିକରେ ମୌସୁମୀ ଋତୁରେ ରାଜ୍ୟରେ କେଉଁଠି ଅତ୍ୟଧିକ ବର୍ଷା ଯୋଗୁଁ ▶ପୃଷ୍ଠା-୧୦

**୧୩ ବର୍ଷରେ ୧୧ % ବଢ଼ିଛି ମୌସୁମୀ ବର୍ଷା**

**୨୦୩୧ରୁ ୨୦୭୦ ଯାଏଁ ଅସ୍ଥିର ପାଣିପାଗ**

# ଶିକ୍ଷା ପାଇଁ ବିଧାନସଭା ସମ୍ମୁଖରେ ଗର୍ଜନ

### ଚତୁର୍ଥ ଦିନରେ ପହଞ୍ଚିଲା ଶିକ୍ଷକ, ଅଧ୍ୟାପକଙ୍କ ଆନ୍ଦୋଳନ

■ ଭୁବନେଶ୍ୱର, ୧୯।୮ (ସମିସ): ବିଧାନସଭା ଅଧିବେସନ ଚାଲୁନି; ମାତ୍ର ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ବ୍ୟାପକ ଆନ୍ଦୋଳନ ହେଉଛି। ବିଶେଷକରି ଶିକ୍ଷା ବିଭାଗ ସହ ଜଡ଼ିତ ସଂଗଠନଗୁଡ଼ିକ ଅହୋରାତ୍ର ଧାରଣାରେ ବସିଛନ୍ତି। ଶିକ୍ଷକ, ଅଧ୍ୟାପକଙ୍କ ଠାରୁ ଆରମ୍ଭ କରି ଶିକ୍ଷକ ଚାକିରି ଆଶାୟୀମାନେ ସରକାରଙ୍କ ଉପରେ ଚାପ ପକାଉଥିବାବେଳେ ବହି ତ୍ରୁଟି ସମେତ ବିଭିନ୍ନ ଦାବିରେ ଅଭିଭାବକ ମହାସଂଘ ମଧ୍ୟ ଅନଶନ ଜାରି ରଖିଛି। ସରକାର ଦାବି ପୂରଣ ନ କଲା ଯାଏଁ ଆନ୍ଦୋଳନ ପ୍ରତ୍ୟାହାର ହେବ ନାହିଁ ବୋଲି ସଂଗଠନଗୁଡ଼ିକ ରୋକଠୋକ୍ ଶୁଣାଉଥିବାରୁ ସରକାରଙ୍କ ମୁଣ୍ଡବିନ୍ଧା ବଢ଼ିଛି।

ରାଜ୍ୟରେ ବିଜେପି ସରକାର ଆସିବା ପରଠାରୁ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ତ୍ୱରିତ ନିଯୁକ୍ତି ବିଜ୍ଞପ୍ତି ଦାବିରେ ମେଧାବୀ ଯୁବକଯୁବତୀମାନେ ୩ ଦିନ ହେଲା ଅହୋରାତ୍ର ଧାରଣାରେ ବସିଛନ୍ତି। ସରକାର ଆଲୋଚନା ପାଇଁ ମଧ୍ୟ ଡାକୁ ନଥିବାରୁ କ୍ରମାଗତ ଭାବେ ଅସନ୍ତୋଷ ବଢୁଛି। ଗୀତ ଓ କବିତା ମାଧ୍ୟମରେ ସରକାରଙ୍କୁ କଟୁ କମାଲେଚନା କରିବା ସହ ସୋସିଆଲ୍ ମିଡିଆରେ କ୍ୟାମ୍ପେନ୍ ଆରମ୍ଭ କରିଛନ୍ତି। ଦିଲ୍ଲୀ ଓ ଝାଡ଼ଖଣ୍ଡ ଛାତ୍ର ଆନ୍ଦୋଳନ ପରି ଆନ୍ଦୋଳନକୁ ବଢ଼ାଇବାକୁ ଇନ୍‌ଷ୍ଟାଗ୍ରାମ୍‌ରେ ରିଲସ୍ କରୁଛନ୍ତି। ଯେଉଁ ଆଶାୟୀମାନେ ଆନ୍ଦୋଳନକୁ ଆସିପାରି ନାହାନ୍ତି, ସେମାନେ ମଧ୍ୟ ଏହାର ବ୍ୟାପକ ପ୍ରସାର କରୁଛନ୍ତି। ଯାହା ସରକାର ଏଯାଏଁ ଆକଳନ କରିପାରି ନଥିବା ଅନୁମେୟ ହେଉଛି। ମୁଖ୍ୟମନ୍ତ୍ରୀ ବା ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ବ୍ୟତୀତ ଅନ୍ୟ କୌଣସି ଆଲୋଚନାକୁ ଆଶାୟୀମାନେ ପ୍ରତ୍ୟାଖ୍ୟାନ କରୁଛନ୍ତି। ଆଗକୁ ଆନ୍ଦୋଳନର କାୟାକଳ୍ପ ବଢ଼ାଇବା ପ୍ରୟାସ ସଫଳ ହେଲେ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।

**ସାମାଜିକ ଗଣମାଧ୍ୟମରେ ଶିକ୍ଷକ ଆଶାୟୀଙ୍କ ଜୋରଦାର କ୍ୟାମ୍ପେନ୍**

**ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ଯୋଗାଇବାକୁ ଅଭିଭାବକଙ୍କ ଅନଶନ**

ଅନୁରୂପ ଭାବେ ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ ସହ ଚାକିରି ସର୍ତ୍ତାବଳୀ, ପେନସନ୍, ଅବସରକାଳୀନ ସୁବିଧା, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ, ପୁରୁଣା ପେନସନ୍ ଆଦି ଦାବି ନେଇ ଶିକ୍ଷକ ଓ ଅଧ୍ୟାପକମାନେ ଚଳାଇଥିବା ଆନ୍ଦୋଳନ ଚତୁର୍ଥ ଦିନରେ ପହଞ୍ଚିଛି। ବର୍ଷାରେ ଭିଜିବା ସହ ରାତିରେ ରାସ୍ତାରେ ଶୋଇ ଧାରଣା ଜାରି ରଖିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଚରମବାଣୀ ଦିଆଯାଇଥିବାରୁ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବ୍ୟବସ୍ଥା ବିଗିଡିବାର ଆଶଙ୍କା ଘନୀଭୂତ ହୋଇଛି। ପୂର୍ବରୁ ସରକାରୀ ଦଳର ନେତା ମନ୍ତ୍ରୀମାନେ ଦେଇଥିବା ପ୍ରତିଶ୍ରୁତିର ଭିଡିଓ ▶ପୃଷ୍ଠା-୧୦

## ନବୀ ମୁମ୍ବଇରେ ଓଲା ଚାଳକଙ୍କୁ ଆକ୍ରମଣ, କାର୍ ବନେଟ୍‌ରେ ଘୋଷାଡ଼ି ନେଲେ



ମୁମ୍ବଇ, ୧୯ ।୮ (ଏଜେନ୍ସି): ଓଭରଟେକ୍‌କୁ ନେଇ ବଚସା ପରେ ଜଣେ ଓଲା ଚାଳକଙ୍କୁ ଲୁହା ରଡ୍‌ରେ ଆକ୍ରମଣ କରିବା ସହ ଚଳନ୍ତା କାର୍‌ର ବନେଟ୍ ଉପରେ ପ୍ରାୟ ୨ କିଲୋମିଟର ଘୋଷାଡ଼ି ନେଇଥିବା ଅଭିଯୋଗ ହୋଇଛି । ନବୀ ମୁମ୍ବାଇର ପାମ୍ ବିଚ୍ ରୋଡ୍‌ରେ ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି । ଓଲା ଚାଳକ ପ୍ରବୀଣ ପାଣ୍ଡେଙ୍କ ସହ ଜଣେ ଅଜଣା କାର୍ ଚାଳକଙ୍କର ଓଭରଟେକ୍‌କୁ ନେଇ ବଚସା ହୋଇଥିଲା । ଏହା ପରେ କାର୍ ଚାଳକ ଏକ ଲୁହା ରଡ୍‌ରେ ପ୍ରବୀଣଙ୍କ ମୁଣ୍ଡରେ ଆଘାତ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣରେ ସେ ଆହତ ହୋଇ ରକ୍ତାକ୍ତ ହୋଇଥିଲେ । ଅଭିଯୁକ୍ତ କାର୍ ଚାଳକ ଘଟଣାସ୍ଥଳରୁ ଖସିଯିବାକୁ ଉଦ୍ୟମ କରିବା ବେଳେ ପ୍ରବୀଣ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ଚାଳକ କାର୍ ଅଟକାଇବା ବଦଳରେ ଗତି ବଢ଼ାଇ ଦେଇଥିଲେ । ଫଳରେ ପ୍ରବୀଣ କାର୍‌ର ବନେଟ୍ ଉପରେ ପଡ଼ିଯାଇଥିଲେ । ତଳେ ପଡ଼ିଯିବାରୁ ବଞ୍ଚିବା ପାଇଁ ସେ କାର୍‌ର ୱିଣ୍ଡସ୍କ୍ରିନ୍ ୱାଇପରକୁ ଧରି ରହିଥିଲେ । ଏହି ଅବସ୍ଥାରେ କାରଟି ପ୍ରାୟ ୨ କିଲୋମିଟର ଯାଇଥିଲା । ପରେ ଅଭିଯୁକ୍ତ ତାଙ୍କୁ ରାସ୍ତାକଡ଼ରେ ଛାଡ଼ି ଘଟଣାସ୍ଥଳରୁ ପଳାଇଥିବା ଅଭିଯୋଗ ହୋଇଛି । ପ୍ରବୀଣ ନେରୁଲ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ । ପ୍ରାରମ୍ଭରେ ପୁଲିସ ଦୁଇ ପକ୍ଷ ମଧ୍ୟରେ ଆପୋସ ବୁଝାମଣା କରାଇବାକୁ ଚେଷ୍ଟା କରିଥିବା ଅଭିଯୋଗ ରହିଛି । ତେବେ ଏହା ଭିଡିଓ ଭାଇରାଲ ହେବା ପରେ ରବିବାର ପୁଲିସ ମାମଲା ରୁଜୁ କରିଥିଲା । ଘଟଣାରେ ଅଭିଯୁକ୍ତଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ । ତାଙ୍କୁ ଗିରଫ କରାଯାଇଛି କି ନାହିଁ, ସେ ସମ୍ପର୍କରେ ମଧ୍ୟ ପୁଲିସ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିନାହିଁ । ଘଟଣାର ତଦନ୍ତ ଜାରି ରହିଛି ।

## ଆଇ-ଫୋନ୍ ପାଇଁ ନାତୁଣୀ ରଚିଲା ହତ୍ୟା ଷଡ଼ଯନ୍ତ୍ର, ଭିଡିଓକଲ୍‌ରେ ଦେଖିଲା ବର୍ବର କାଣ୍ଡ



ଆଲାପୁଝା, ୧୯ ।୮ (ଏଜେନ୍ସି): କେରଳର ଆଲାପୁଝା ଜିଲ୍ଲାରେ ଜଣେ ୧୩ ବର୍ଷର ନାବାଳିକା ଆଇ ଫୋନ୍ ପାଇଁ ନିଜର ଜେଜେବାପାଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚିବା ସହ ଭିଡିଓ କଲ୍ ଜରିଆରେ ସବୁକିଛି ଦେଖିଥିବା ଘଟଣା ସାମ୍ନାକୁ ଆସିଛି । ଗତ ଅଗଷ୍ଟ ୧୫ ରାତିରେ ୬୭ ବର୍ଷୀୟ ବୃଦ୍ଧ ଜଣଙ୍କ ଘରେ ଏକା ଥିଲେ । ସେତେବେଳେ ତାଙ୍କ ନାତୁଣୀର ୧୭ ବର୍ଷୀୟ ବନ୍ଧୁ ଏବଂ ଅନ୍ୟ ତିନି ଜଣ ନାବାଳକ ବାଥରୁମ୍ ଭେଣ୍ଟିଲେଟର୍ ଦେଇ ଘର ଭିତରକୁ ପଶିଥିଲେ । ଅଭିଯୁକ୍ତ ନାବାଳିକା ଜଣକ ଭିଡିଓ କଲ୍ ମାଧ୍ୟମରେ ସେମାନଙ୍କୁ ରାସ୍ତା ଦେଖାଉଥିଲା । ଘର ଭିତରେ ପ୍ରବେଶ କରିବା ପରେ ଦୁର୍ବୃତ୍ତମାନେ ବୃଦ୍ଧଙ୍କ ହାତ-ଗୋଡ଼ ବାନ୍ଧି, ପାଟିରେ କପଡ଼ା ଗୁଞ୍ଜି ନିର୍ମମ ଭାବେ ହତ୍ୟା କରିଥିଲେ । ଏହି ସମସ୍ତ ଅମାନୁଷିକ କାଣ୍ଡକୁ ନାତୁଣୀ ଜଣକ ଭିଡିଓ କଲରେ ସିଧାସଳଖ ଦେଖୁଥିଲା । ଘଟଣାସ୍ଥଳରୁ ଲୁଟ୍ ହୋଇଥିବା ପ୍ରାୟ ୩୨ ଗ୍ରାମ ସୁନାକୁ ପୁଲିସ ଜବତ କରିଛି । ହତ୍ୟାକାରୀମାନଙ୍କୁ ମୋବାଇଲ୍ ଫୋନ୍ ଏବଂ ବାଇକ୍ କିଣିବା ପାଇଁ ଟଙ୍କା ଆବଶ୍ୟକ ଥିବାରୁ ସେମାନେ ଏଭଳି କାଣ୍ଡ ଘଟାଇଥିବା ଜଣାପଡ଼ିଛି । ପୁଲିସ ସମସ୍ତ ନାବାଳକ ଅଭିଯୁକ୍ତଙ୍କୁ ଗିରଫ କରି ସୁଧାର ଗୃହକୁ ପଠାଇଥିବାବେଳେ ସେମାନଙ୍କୁ ବୟସ୍କ ଭାବେ ବିଚାର କରାଯିବା ନେଇ ଆଇନଗତ ପ୍ରକ୍ରିୟା ଆରମ୍ଭ କରାଯାଇଛି ।

## ବିଧାୟକଙ୍କ ପାଇଁ ନୂଆ ଗାଡ଼ି ଓ ଭତ୍ତା ଘୋଷଣା କଲେ ବିଜୟ

ଚେନ୍ନାଇ, ୧୯ ।୮ (ଏଜେନ୍ସି): ତାମିଲନାଡୁରେ ମୁଖ୍ୟମନ୍ତ୍ରୀ ବିଜୟ ସମସ୍ତ ବିଧାୟକମାନଙ୍କ ପାଇଁ ନୂତନ ଗାଡ଼ି, ମାସିକ ଭତ୍ତା ଏବଂ ସ୍ୱାସ୍ଥ୍ୟ ବୀମା ରାଶି ବୃଦ୍ଧି କରିବା ନେଇ ଘୋଷଣା କରିଛନ୍ତି ।



ଏହାପରେ ଜଣେ ବିଧାୟକ ଗୀତ ଗାଇ କୃତଜ୍ଞତା ଜଣାଇଛନ୍ତି । ବିଧାନସଭାରେ ମୁଖ୍ୟମନ୍ତ୍ରୀ ବିଜୟ ସମସ୍ତ ବିଧାୟକଙ୍କ ପାଇଁ ନୂତନ ଯାନବାହନ ପାଇବା ସହ ମାସିକ ଭତ୍ତା ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ବୃଦ୍ଧି କରାଯାଇଥିବା ଘୋଷଣା କରିଛନ୍ତି । ସ୍ୱଚ୍ଛ ଶାସନ ପ୍ରଦାନ କରିବା ଏବଂ ବିଧାୟକମାନେ ସଚ୍ଚୋଟତାର ସହ କାର୍ଯ୍ୟ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନାରେ ବାର୍ଷିକ ବୀମା ରାଶିକୁ ବୃଦ୍ଧି କରାଯାଇଛି ଏବଂ ତୃତୀୟ ଲିଙ୍ଗୀ ବ୍ୟକ୍ତିମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ପାଇବାକୁ ନିଷ୍ପତ୍ତି ନିଆଯାଇଛି । ଏଥିସହିତ କ୍ଷୀର ଉତ୍ପାଦକମାନଙ୍କ ପାଇଁ ମଧ୍ୟ ସରକାରୀ କ୍ରୟ ମୂଲ୍ୟ ବୃଦ୍ଧି କରାଯାଇଛି । ଏହି ସମସ୍ତ ଜନକଲ୍ୟାଣକାରୀ ଘୋଷଣା ଦ୍ୱାରା ରାଜ୍ୟର ବିଭିନ୍ନ ବର୍ଗର ଲୋକମାନେ ବିଶେଷ ଭାବରେ ଉପକୃତ ହେବେ ବୋଲି ଆଶା କରାଯାଉଛି ।

## ଦାରା ସଂପର୍କରେ ନିଷ୍ପତ୍ତି ନେବାକୁ ଶେଷ ସୁଯୋଗ ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୯।୮: ଗ୍ରାହମ ଷ୍ଟେନ୍ସ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ଜେଲଦଣ୍ଡ ଭୋଗୁଥିବା ଦାରା ସିଂହ ଓରଫ ରବୀନ୍ଦ୍ର କୁମାର ପାଲକୁ ଖଲାସ କରିବା ସଂପର୍କରେ ନିଷ୍ପତ୍ତି ନେବାଲାଗି ଓଡ଼ିଶା ସେଣ୍ଟେନ୍ସ ରିଭ୍ୟୁ ବୋର୍ଡକୁ ଶେଷ ସୁଯୋଗ ଦେଇଛନ୍ତି ସୁପ୍ରିମ କୋର୍ଟ । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାସ ୨ ତାରିଖରେ ହେବାକୁ ଥିବା ବେଳେ ଏହାପୂର୍ବରୁ ନିଷ୍ପତ୍ତି ନେବାଲାଗି ବୋର୍ଡକୁ କୁହାଯାଇଛି । ଏହି ସମୟ ମଧ୍ୟରେ ବୋର୍ଡ କୌଣସି ନିଷ୍ପତ୍ତି ନନେଲେ ସୁପ୍ରିମ କୋର୍ଟ ନିଜେ ନିଷ୍ପତ୍ତି ନେବେ ବୋଲି ଜଷ୍ଟିସ ମନୋଜ ମିଶ୍ର ଏବଂ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି । ୧୯୯୯ର ଅଷ୍ଟ୍ରେଲୀୟ ମିସନାରୀ ଗ୍ରାହମ ଷ୍ଟେନ୍ସ ଏବଂ ତାଙ୍କର ଦୁଇ ଶିଶୁ ପୁତ୍ରଙ୍କୁ ନିଆଁ ଲଗାଇ ହତ୍ୟା କରିଥିବା ମାମଲାରେ ନିମ୍ନ ଅଦାଲତ ଦାରାକୁ ଦୋଷୀ ସାବ୍ୟସ୍ତ କରିବା ସହିତ ଫାଶୀଦଣ୍ଡ ଶୁଣାଇଥିଲେ । ତେବେ ହାଇକୋର୍ଟ ଏହାକୁ ଆଜୀବନ କାରାଦଣ୍ଡରେ ପରିଣତ କରିଥିଲେ । ସୁପ୍ରିମ କୋର୍ଟ ମଧ୍ୟ ହାଇକୋର୍ଟ ଆଦେଶକୁ କାଏମ ରଖିଥିଲେ । ତେବେ ୨୫ ବର୍ଷରୁ ଅଧିକ ସମୟ ଧରି ଜେଲରେ ରହିଥିବାରୁ ତାକୁ ଜେଲରୁ ମୁକ୍ତ କରିବା ଲାଗି ଦାରା ସିଂହ ସୁପ୍ରିମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି ।


## ମଧ୍ୟାହ୍ନ ଭୋଜନରେ ଡିଟରଜେଣ୍ଟ; ୩୬ ସ୍କୁଲ ଛାତ୍ରୀ ଅସୁସ୍ଥ

ପାଟନା, ୧୯ ।୮ (ଏଜେନ୍ସି): ବିହାରର ନାଳନ୍ଦା ଜିଲ୍ଲାରେ ମଧ୍ୟାହ୍ନ ଭୋଜନରେ ଲୁଣ ବଦଳରେ ଭୁଲବଶତଃ ଡିଟରଜେଣ୍ଟ ପାଉଡ଼ର ପଡ଼ିଯିବାରୁ ପ୍ରାୟ ୩୬ ଜଣ ଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି । ନୋରସରାଇ ପୁଲିସ ଷ୍ଟେସନ ଅନ୍ତର୍ଗତ ପାରାସୀ ମଧ୍ୟବର୍ତ୍ତୀ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ କରୁଥିବା ସମୟରେ ଏହି ଘଟଣା ଘଟିଛି । ରୋଷେଇ ଘରେ ଲୁଣ ଏବଂ ଡିଟରଜେଣ୍ଟ ପାଉଡ଼ର ପାତ୍ର ଏକାଠି ରଖାଯାଇଥିଲା । ରୋଷେୟା ଜଣକ ଭୁଲ୍‌ବଶତଃ ଲୁଣ ବଦଳରେ ଡିଟରଜେଣ୍ଟ ପକାଇ ଦେଇଥିଲେ । ଖାଦ୍ୟ ଖାଇବା ପରେ ଛାତ୍ରୀମାନଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା । ତୁରନ୍ତ ସମସ୍ତଙ୍କୁ ବିହାର ସରିଫ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ବର୍ତ୍ତମାନ ସମସ୍ତ ଛାତ୍ରୀ ବିପଦମୁକ୍ତ ଥିବା ଡାକ୍ତର ସ୍ପଷ୍ଟ କରିଛନ୍ତି । ବିହାରର ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଶ୍ରବଣ କୁମାର ଡାକ୍ତରଖାନାକୁ ଯାଇ ଅସୁସ୍ଥ ଛାତ୍ରୀମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ଏବଂ ଏହି ଘଟଣାର ଏକ ବିସ୍ତୃତ ତଦନ୍ତ କରାଯିବ ବୋଲି କହିଛନ୍ତି । ଏହି ଅସାବଧାନତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ପ୍ରକାଶ ପାଇଛି । ଭବିଷ୍ୟତରେ ଏପରି ଭୁଲ୍ ଏଡ଼ାଇବା ପାଇଁ କଡ଼ା ପଦକ୍ଷେପ ନିଆଯିବାକୁ ଦାବି ହୋଇଛି ।

## କାନାଡ଼ାରେ ଯୁବତୀଙ୍କୁ ଦୁର୍ବ୍ୟବହାର; ୪୦ ବର୍ଷୀୟ ଭାରତୀୟ ଗିରଫ

ଓଟାୱା, ୧୯ ।୮ (ଏଜେନ୍ସି): କାନାଡ଼ାର ସୁରେ ସହରର ଏକ ପାର୍କରେ ଜଣେ ଯୁବତୀଙ୍କ ସହ ଅସଦାଚରଣ ମାମଲାରେ ପୁଲିସ ଜଣେ ୪୦ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ବ୍ୟକ୍ତିଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ, ଯଗେନ୍ଦର କୁରାନା ନାମକ ଏହି ବ୍ୟକ୍ତି ଜଣକ ବେୟାର କ୍ରିକ୍ ପାର୍କରେ ଜଣେ ଯୁବତୀଙ୍କୁ ଅସାମାଜିକ ଭାବେ ସ୍ପର୍ଶ କରିବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଥସୁରେ ପୁଲିସ ସର୍ଭିସ୍ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲା । ପୁଲିସ ସନ୍ଦିଗ୍ଧଙ୍କ ଫଟୋ ଜାରି କରିବା ସହ ଜନସାଧାରଣଙ୍କ ସହଯୋଗ ଲୋଡ଼ିଥିଲା । ପରେ ତାଙ୍କୁ ଚିହ୍ନଟ କରାଯାଇ ଅଗଷ୍ଟ ୧୨ରେ ଗିରଫ କରାଯାଇଥିଲା । ବ୍ରିଟିଶ କଲମ୍ବିଆ ପ୍ରୋସିକ୍ୟୁସନ ସର୍ଭିସ୍ ପକ୍ଷରୁ ତାଙ୍କ ବିରୋଧରେ ଯୌନ ନିର୍ଯାତନା ଏବଂ ଅସଦାଚରଣ ସମ୍ପର୍କିତ ଦୁଇଟି ଅପରାଧିକ ମାମଲା ରୁଜୁ କରାଯାଇଛି । ପୁଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଥିବାବେଳେ ଅଭିଯୁକ୍ତକୁ ହାଜତକୁ ପଠାଯାଇଛି ।

# କାହା କବ୍‌ଜାରେ ହର୍ମୁଜ୍




■ ଆମେରିକା ନିୟନ୍ତ୍ରଣରେ ହର୍ମୁଜ୍: ଟ୍ରମ୍ପ
■ ସମାଧାନ ଯାଏଁ ବନ୍ଦ ରହିବ ହର୍ମୁଜ୍: ଇରାନ

ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟ ପଥ ଭାବେ ଜଣାଶୁଣା ହର୍ମୁଜ ପ୍ରଣାଳୀ ବର୍ତ୍ତମାନ ବିଶ୍ୱ ରାଜନୈତିକ ସଂଘର୍ଷର କେନ୍ଦ୍ରବିନ୍ଦୁ ପାଲଟିଛି । ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ତିକ୍ତତା ଯୋଗୁଁ ବିଶ୍ୱ ସାମୁଦ୍ରିକ ପରିବହନ ଏବଂ ତୈଳ ବଜାରରେ ଅସ୍ଥିରତା ସୃଷ୍ଟି ହୋଇଛି । ଫଳରେ ବିଶ୍ୱ ବଜାରରେ ତୈଳ ସହିତ ମାଲ ପରିବହନ ଦର ଆକାଶଛୁଆଁ ହୋଇଛି । ଏପରି ସ୍ଥଳରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ଘୋଷଣା କରିଛନ୍ତି ଯେ ହର୍ମୁଜ ସମ୍ପୂର୍ଣ୍ଣ ଭାବେ ଆମେରିକା ଅଧୀନରେ ଖୋଲା ଯାଇଛି ଏବଂ ସମସ୍ତ ସାମୁଦ୍ରିକ ମାଇନ୍ ହଟାଇ ଦିଆଯାଇଛି । ଏପରିକି ଆମେରିକା ପକ୍ଷରୁ ହର୍ମୁଜକୁ ନିଜ ମାନଚିତ୍ରରେ ଦେଖାଯାଇଛି । ତେବେ ଇରାନ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛି । ଇରାନ ସ୍ପଷ୍ଟ କରିଛି ଯେ ଯେପର୍ଯ୍ୟନ୍ତ ଆମେରିକା ତା'ର ବନ୍ଦରଗୁଡ଼ିକ ଉପରୁ ଅବରୋଧ ହଟାଇ ନାହିଁ ଏବଂ ଜବତ ହୋଇଥିବା ପାଣ୍ଠି ମୁକ୍ତ କରିନାହିଁ, ସେପର୍ଯ୍ୟନ୍ତ ଏହି ପଥ ଖୋଲିବାର ପ୍ରଶ୍ନ ଉଠୁନାହିଁ । ଇରାନର ଜଣେ ବରିଷ୍ଠ ଅଧିକାରୀଙ୍କ ଅନୁସାରେ, କୌଣସି ସମାଧାନର ବାଟ ଏଯାଏଁ ମିଳିପାରି ନାହିଁ । ତେଣୁ ଦେଶ ଏବେ ପୂର୍ଣ୍ଣ ଯୁଦ୍ଧ ଆଭିମୁଖ୍ୟ ଗ୍ରହଣ କରିଛି । ଫଳରେ ହର୍ମୁଜରେ ସାଧାରଣ ଯାତାୟାତ ଭୀଷଣ ବାଧାପ୍ରାପ୍ତ ହୋଇଛି । ଗତ ଦୁଇ ସପ୍ତାହ ମଧ୍ୟରେ ପ୍ରାୟ ୮୦% ଜାହାଜ ଓମାନ ରୁଟ୍ ବ୍ୟବହାର କରୁଛନ୍ତି । ଏହାକୁ ମଧ୍ୟ ଇରାନ ବିରୋଧ କରୁଛି । କିନ୍ତୁ ଆମେରିକା ନୌସେନା ସୁରକ୍ଷା ପ୍ରଦାନ କରୁଛି ।

କେତେକ ଜାହାଜ ଇରାନର ଆକ୍ରମଣରୁ ବଞ୍ଚିବା ପାଇଁ ନିଜର ବିପଜ୍ଜନକ ଭାବେ ଜାହଜ ଟ୍ରାନ୍ସପୋଣ୍ଡର ବନ୍ଦ କରି ଗୁପ୍ତରେ ଗତି କରୁଛନ୍ତି । ଏହି ଅନିଶ୍ଚିତତା ଯୋଗୁଁ ମାଲ ପରିବହନ ଦର ବହୁଗୁଣିତ ହୋଇଛି । ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ଗତ ତିନି ସପ୍ତାହର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ଅଶୋଧିତ ତୈଳ ବ୍ୟାରେଲ ପିଛା ୯୧ ଡଲାର ଅତିକ୍ରମ କରିଛି । ଏହି ଉତ୍ତେଜନା ନଥମିଲେ ତୈଳ ଦର ୧୦୦ ଡଲାର ଟପିଯିବାର ଆଶଙ୍କା ରହିଛି । ବିଶେଷଜ୍ଞଙ୍କ ଅନୁସାରେ, ଯଦିଓ ଆମେରିକା ଓ ଇରାନ ମଧ୍ୟରେ କିଛି ଚୁକ୍ତି ସ୍ୱାକ୍ଷରିତ ହୋଇଛି, ତାହା କେବଳ କାଗଜପତ୍ରରେ ସୀମିତ ରହିଛି । ସାମୁଦ୍ରିକ ପଥ ସମ୍ପୂର୍ଣ୍ଣ ସୁରକ୍ଷିତ ନହେବା ପର୍ଯ୍ୟନ୍ତ ବିଶ୍ୱ ଯୋଗାଣ ଶୃଙ୍ଖଳା ଏହି କ୍ଷମତା ସଂଘର୍ଷର ଶିକାର ହେବ ବୋଲି କୁହାଯାଇଛି ।

## ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ: ଆମେରିକୀୟ ରାଷ୍ଟ୍ରଦୂତ

ଶ୍ରୀନଗର, ୧୯ ।୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରଦୂତ ସର୍ଜିଓ ଗୋର ଶ୍ରୀନଗର ଗସ୍ତରେ ଆସିଛନ୍ତି । ସେ ଜମ୍ମୁ-କଶ୍ମୀରକୁ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ତଥା ଅବିଚ୍ଛେଦ୍ୟ ଅଂଶ ବୋଲି କହିଛନ୍ତି । ସୁରକ୍ଷା ସ୍ଥିତିରେ ଉନ୍ନତି ଆସିଥିବାରୁ ସେ ଆମେରିକୀୟ ନାଗରିକଙ୍କ ପାଇଁ ଯାତ୍ରା କଟକଣାକୁ କୋହଳ କରିବା ବିଷୟରେ ଚିନ୍ତା କରାଯିବ ବୋଲି ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲାଙ୍କୁ ଭେଟିବା ପରେ ଆମେରିକୀୟ ରାଷ୍ଟ୍ରଦୂତ ସର୍ଜିଓ ଗୋର କଶ୍ମୀର ଏକ ଅତି ସୁନ୍ଦର ସ୍ଥାନ ଏବଂ ଏହା ଭାରତର ଏକ ଅଭିଚ୍ଛେଦ୍ୟ ଅଙ୍ଗ ବୋଲି ମତ ଦେଇଛନ୍ତି । ସୁରକ୍ଷା ବ୍ୟବସ୍ଥା ଭଲ ହେଉଥିବାରୁ ଆମେରିକା ପକ୍ଷରୁ ନାଗରିକମାନଙ୍କ ପାଇଁ ଜାରି କରାଯାଇଥିବା ଭ୍ରମଣ ପରାମର୍ଶ କୋହଳ କରାଯିବା ନେଇ ବିଚାର କରାଯିବ । ଅନ୍ୟପକ୍ଷରେ, ଅବଦୁଲ୍ଲା ସ୍ପଷ୍ଟ କରିଛନ୍ତି ଯେ କଶ୍ମୀରର ସମସ୍ୟାଗୁଡ଼ିକର ସମାଧାନ ଆମେରିକା ଦ୍ୱାରା ନୁହେଁ ବରଂ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯିବ । ଆମେରିକୀୟ ରାଷ୍ଟ୍ରଦୂତଙ୍କ ଏହି ଗସ୍ତ ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ଏବଂ କୂଟନୈତିକ ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି ।

## ୯ ମାସ ପରେ ଭଉଣୀ, ପତ୍ନୀଙ୍କୁ ଦେଖିଲେ ଇମ୍ରାନ୍



ଇସ୍‌ଲାମାବାଦ୍, ୧୯ ।୮ (ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଦୀର୍ଘ ନଅ ମାସର ବ୍ୟବଧାନ ପରେ ତାଙ୍କ ପତ୍ନୀ ଏବଂ ଭଉଣୀ ତାଙ୍କୁ ଜେଲରେ ଭେଟିଛନ୍ତି । ମଙ୍ଗଳବାର ଦିନ ପାକିସ୍ତାନର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଇମ୍ରାନ୍ ଖାନ୍ ଙ୍କ ଭଉଣୀ ନୋରେନ୍ ନିଆଜି ଏବଂ ପତ୍ନୀ ବୁଶ୍ରା ବିବି ଆଦିଆଲା ଜେଲରେ ତାଙ୍କୁ ଭେଟିଛନ୍ତି । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ପରିବାରବର୍ଗଙ୍କୁ ଭେଟିବା କୌଣସି ଅନୁକମ୍ପା ନୁହେଁ, ବରଂ ମୌଳିକ ଅଧିକାର । ଏହି ଭେଟଘାଟ ସମୟରେ ଉଭୟ ପକ୍ଷ ମଧ୍ୟରେ ସ୍ୱାସ୍ଥ୍ୟବସ୍ଥା ଏବଂ ଆଇନଗତ ବିଷୟରେ ଆଲୋଚନା ହୋଇଥିଲା ।

**ଜେଲ୍‌ରୁ ହସ୍ପିଟାଲକୁ ସ୍ଥାନାନ୍ତର ହେବେ**

ସୁପ୍ରିମକୋର୍ଟ ଇମ୍ରାନ୍ ଖାନ୍‌ଙ୍କ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନାକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜେଲ୍ ର ମେଡିକାଲ୍ ରିପୋର୍ଟରେ ତାଙ୍କର ରକ୍ତଚାପ ଏବଂ ଚାପ ବୃଦ୍ଧି ପାଉଥିବା ନେଇ ଚିନ୍ତା ପ୍ରକାଶ ପାଇଥିଲା । ଏହି କାରଣରୁ ତାଙ୍କୁ ଶିଫା ଇଣ୍ଟରନ୍ୟାସନାଲ୍ ହସ୍ପିଟାଲକୁ ନିଆଯିବାର ବ୍ୟବସ୍ଥା କରାଯାଉଛି । ୨୦୨୩ ମସିହାରୁ ଇମ୍ରାନ୍ ଖାନ୍ ଜେଲରେ ଅଛନ୍ତି । ତାଙ୍କ ବିରୋଧରେ ତୋଶାଖାନା ମାମଲା ଏବଂ ଅଲ୍-କାଦିର ଟ୍ରଷ୍ଟ ମାମଲା ଭଳି ଅନେକ ଗୁରୁତର ଅଭିଯୋଗ ରହିଛି ଏବଂ ସେ ଏବଂ ତାଙ୍କ ଦଳ ଏହାକୁ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଆସୁଛନ୍ତି । ସାମଗ୍ରିକ ଭାବେ ଦେଖିଲେ, ଆଇନଗତ ଲଢେଇ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଭିତରେ ଇମ୍ରାନ୍‌ଙ୍କ ପରିବାର ସହିତ ଏହି ସାକ୍ଷାତ୍ ଏକ ବଡ଼ ପରିବର୍ତ୍ତନ ଆଣିଛି । ଆଗାମୀ ଦିନରେ ତାଙ୍କ ଚିକିତ୍ସା ଏବଂ ମାମଲାର ଅଗ୍ରଗତି ଉପରେ ସମସ୍ତଙ୍କ ନଜର ରହିଛି ।

## ବନ୍ଦେ ମାତରମ୍ ବିବାଦ
## କଂଗ୍ରେସ କାର୍ଯ୍ୟକ୍ରମରେ କେବଳ ପ୍ରଥମ ଦୁଇଟି ପଦ

ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): କଂଗ୍ରେସ କାର୍ଯ୍ୟକାରିଣୀ କମିଟି (ସିଡବ୍ଲ୍ୟୁସି) ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାନ ନେଇ ଦଳର ୧୯୩୭ ମସିହାର ଆଭିମୁଖ୍ୟକୁ ଦୋହରାଇଛି । କମିଟି ନିଷ୍ପତ୍ତି ଅନୁଯାୟୀ, ଦଳର ସମସ୍ତ କାର୍ଯ୍ୟକ୍ରମରେ ଜାତୀୟ ଗୀତର କେବଳ ପ୍ରଥମ ୨ଟି ପଦ ହିଁ ଗାନ କରାଯିବ । ସମ୍ବାଦିକ ସମ୍ମିଳନୀରେ କଂଗ୍ରେସ ସାଧାରଣ ସମ୍ପାଦକ କେସି. ଭେନୁଗୋପାଲ କହିଛନ୍ତି ଯେ, ଏହି ନିଷ୍ପତ୍ତି ୧୯୩୭ରେ ମହାତ୍ମା ଗାନ୍ଧୀ, ପଣ୍ଡିତ ନେହେରୁ, ସୁଭାଷ ବୋଷ ଏବଂ ସର୍ଦ୍ଦାର ପଟେଲଙ୍କ ଭଳି ଶୀର୍ଷ ନେତାଙ୍କ ଉପସ୍ଥିତିରେ ନିଆଯାଇଥିଲା । ରବୀନ୍ଦ୍ରନାଥ ଟାଗୋରଙ୍କ ଏଥିରେ ସହମତି ରହିଥିଲା ବୋଲି କଂଗ୍ରେସ କହିଛି । ଅନ୍ୟପଟେ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ବିଜେପି ନେତାମାନେ କଂଗ୍ରେସର ତୀବ୍ର ସମାଲୋଚନା କରିଛନ୍ତି । ସ୍ୱାଧୀନତା ଦିବସ ଅବସରରେ କଂଗ୍ରେସ ମୁଖ୍ୟାଳୟରେ ସୋନିଆ ଗାନ୍ଧୀ ଜାତୀୟ ଗୀତର ଗାନକୁ ଅଧାରୁ ବନ୍ଦ କରିବାକୁ ସଙ୍କେତ ଦେଇଥିବା ବିଜେପି ପକ୍ଷରୁ ଅଭିଯୋଗ ହୋଇଛି । ଏହାପରେ



ସୋନିଆଙ୍କ ବିରୋଧରେ ଦିଲ୍ଲୀ ଏବଂ କର୍ଣ୍ଣାଟକରେ ମାମଲା ରୁଜୁ ହୋଇଛି । ଦକ୍ଷିଣ ଗୋଆରେ ମଧ୍ୟ ଏକ ସାଧାରଣ ସଭାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଜାତୀୟ ସଙ୍ଗୀତକୁ ଅସମ୍ପୂର୍ଣ୍ଣ ଭାବେ ଗାଇଥିବାରୁ ବିଜେପି ସମାଲୋଚନା କରିଛି । ଏନେଇ କଂଗ୍ରେସ ସଭାପତି ଖଡ଼ଗେ ନିଜର ମତ ରଖିଛନ୍ତି । ୮୦ ବର୍ଷ ଧରି ଗାନ୍ଧୀଜୀ, ନେହେରୁ ଭଳି ନେତାଙ୍କ ଦ୍ୱାରା ଗାନ ହୋଇ ଆସୁଥିବା ବନ୍ଦେ ମାତରମ୍‌କୁ ହିଁ ସେ ଗାଇଛନ୍ତି । ଏହା ଅପରାଧ ହେଲେ ପ୍ରଥମେ ଗାନ୍ଧୀଜୀ, ନେହେରୁ ଏବଂ ସର୍ଦ୍ଦାର ପଟେଲଙ୍କ ବିରୋଧରେ ମାମଲା ରୁଜୁ ହେଉ ବୋଲି ଖଡଗେ କହିଥିଲେ । ବିଜେପି ଜାତୀୟ ପ୍ରସଙ୍ଗଗୁଡ଼ିକରୁ ଦୃଷ୍ଟି ହଟାଇବା ପାଇଁ ଏହି ବିବାଦ ସୃଷ୍ଟି କରୁଥିବା ସେ ଅଭିଯୋଗ କରିଛନ୍ତି । ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସରକାରୀ କାର୍ଯ୍ୟକ୍ରମରେ ୩ ମିନିଟ୍ ୧୦ ସେକେଣ୍ଡ ଅବଧିର ୬-ପଦ ବିଶିଷ୍ଟ ବନ୍ଦେ ମାତରମ୍ ଗାନ କରିବାକୁ ନିର୍ଦ୍ଦେଶ ଦେଇଛି । ସରକାରୀ ସମାରୋହରେ ଜାତୀୟ ସଙ୍ଗୀତ (ଜନ ଗଣ ମନ) ପୂର୍ବରୁ ଏହି ଜାତୀୟ ଗୀତ ଗାନ କରାଯିବା ବାଧ୍ୟତାମୂଳକ କରାଯାଇଛି ।

## କୁକୁର ପୋଷାକ ପିନ୍ଧି ଯୁବକଙ୍କ ବିକ୍ଷୋଭ

ଭୋପାଳ, ୧୯ ।୮ (ଏଜେନ୍ସି): ମଧ୍ୟପ୍ରଦେଶର ଖଣ୍ଡୱା ଜିଲ୍ଲା କଲେକ୍ଟରେଟ୍ କାର୍ଯ୍ୟାଳୟରେ ଏକ ଅଜବ ଏବଂ ଚାଞ୍ଚଲ୍ୟକର ପ୍ରତିବାଦ ଦେଖିବାକୁ ମିଳିଛି । ସହରରେ ବଢ଼ିଚାଲିଥିବା ବୁଲା କୁକୁରଙ୍କ ଉପଦ୍ରବ ଏବଂ ଏହାର ନିୟନ୍ତ୍ରଣ ନାମରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଆଣି ଜଣେ ଯୁବକ କୁକୁର ପୋଷାକ ପିନ୍ଧି କାର୍ଯ୍ୟାଳୟକୁ ଆସିଥିଲେ । ପ୍ରାପ୍ତ ସୂଚନା ଅନୁଯାୟୀ, କୁକୁର ବନ୍ଧ୍ୟାକରଣ ନାମରେ ପ୍ରାୟ ୪୦ ଲକ୍ଷ ଟଙ୍କା ବିଲ୍ କରାଯାଇଥିବା ବେଳେ ବାସ୍ତବରେ କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି ପ୍ରତିବାଦକାରୀମାନେ ଅଭିଯୋଗ କରିଛନ୍ତି ।



ସହରରେ ହଜାର ହଜାର ଲୋକ କୁକୁର କାମୁଡ଼ାର ଶିକାର ହେଉଥିବା ବେଳେ ପୌର ନିଗମର ଖର୍ଚ୍ଚ ଏବଂ ବାସ୍ତବ ସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି । ଖଣ୍ଡୱା ଅତିରିକ୍ତ କଲେକ୍ଟର କାଶୀ ରାମ ବାଡୋଲେ ଏହି ଅଭିଯୋଗକୁ ଗ୍ରହଣ କରି ପୌର କମିଶନରଙ୍କ ସହ ଆଲୋଚନା କରାଯାଇଛି ଏବଂ ତଦନ୍ତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ବୁଲା କୁକୁରଙ୍କ ଆତଙ୍କ ଏବଂ ପୌର ପରିଷଦର ବେପରୁଆ ଖର୍ଚ୍ଚକୁ ନେଇ ଜନସାଧାରଣଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷ ପ୍ରଶାସନ ପାଇଁ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି ।

## ମହୁଆଙ୍କ ବିରୋଧରେ କୋର୍ଟର ଗିରଫ ପରୱାନା ଜାରି




ନୂଆଦିଲ୍ଲୀ, ୧୯ ।୮ (ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ମହୁଆ ମୋଇତ୍ରାଙ୍କ ଅଡୁଆ ବଢ଼ିବାରେ ଲାଗିଛି । ଏକ ହେଟ୍ ସ୍ପିଚ୍ ବା ଘୃଣାଭାଷଣ ମାମଲାରେ ବାରମ୍ବାର ସମନ ଜାରି କରାଯିବା ସତ୍ତ୍ୱେ ହାଜର ନ ହେବାରୁ ଏକ ପଶ୍ଚିମବଙ୍ଗ କୋର୍ଟ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ, ୨୦୨୫ ମସିହା ଅଗଷ୍ଟ ମାସରେ ନଦିଆଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତ-ବାଂଲାଦେଶ ସୀମା ଅନୁପ୍ରବେଶ ସମ୍ପର୍କରେ ମହୁଆ ଦେଇଥିବା ବିବାଦୀୟ ମନ୍ତବ୍ୟକୁ ନେଇ ଏହି ମାମଲା ରୁଜୁ ହୋଇଥିଲା । କୃଷ୍ଣନଗର କୋର୍ଟର ତୃତୀୟ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ କୋର୍ଟ କୋର୍ଟଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରିବା ଏବଂ ବାରମ୍ବାର ହାଜର ନ ହେବା କାରଣରୁ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ଆଗାମୀ ଅଗଷ୍ଟ ୨୮ ତାରିଖ ସୁଦ୍ଧା ଏହାର କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ତାଙ୍କ ଓକିଲ ଅଦାଲତରେ ହାଜର ନ ହେବା ନେଇ ମତ ଦେଇଥିବାବେଳେ ମହୁଆ ଏହାକୁ ଏକ ବଙ୍ଗଳା ପ୍ରାଚୀନ ରୂଢ଼ି ବୋଲି ଦର୍ଶାଇ ନିଜର ସ୍ପଷ୍ଟୀକରଣ ରଖିଛନ୍ତି ।

## ଦକ୍ଷିଣପନ୍ଥୀଙ୍କ ଉତ୍ପାତ
## ବିଦେଶୀ ପର୍ଯ୍ୟଟକଙ୍କୁ ୨ଘଣ୍ଟା ଧରି ନିର୍ଯାତନା

ପୁଣେ, ୧୯।୮ (ଏଜେନ୍ସି): ମହାରାଷ୍ଟ୍ରର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ସିଂହଗଡ଼ ଦୁର୍ଗରେ ପୋଷାକ ପିନ୍ଧିବାକୁ ନେଇ ପର୍ଯ୍ୟଟକଙ୍କୁ ଆକ୍ରମଣ ହୋଇଥିବା ଘଟଣା ସାମ୍ନାକୁ ଆସିଛି । ଦକ୍ଷିଣପନ୍ଥୀ ସଂଗଠନର କିଛି ଉପଦ୍ରବୀ ପର୍ଯ୍ୟଟକମାନଙ୍କୁ ଆକ୍ରମଣ କରିବା ସହ ପ୍ରାୟ ଦୁଇ ଘଣ୍ଟା ଧରି ନିର୍ଯାତନା ଦେଇଥିବା ନେଇ ଅଭିଯୋଗ ହୋଇଛି । ଏହି ଘଟଣାରେ ପୁଣେର ହାଭେଲି ପୁଲିସ ୯ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି ।

ଗତ ଅଗଷ୍ଟ ୧୬ ରେ ଦୁର୍ଗ ପରିଦର୍ଶନରେ ଯାଇଥିବା ଗୋଟିଏ ପରିବାରକୁ କିଛି ଯୁବକ ଅଟକାଇଥିଲେ । ପରିବାରର ୮ ବର୍ଷର ନାବାଳିକା ଛୋଟ ପ୍ୟାଣ୍ଟ ପିନ୍ଧିଥିବାରୁ ଏହି ଗୋଷ୍ଠୀ ଆପତ୍ତି ଉଠାଇଥିଲେ । ଏହାକୁ ନେଇ ଯୁକ୍ତିତର୍କ ଆରମ୍ଭ ହୋଇଥିଲା । ପରେ ଏହା ଶାରୀରିକ ଆକ୍ରମଣର ରୂପ ନେଇଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଆକ୍ରମଣକାରୀମାନେ ନିଜକୁ 'ଫୋର୍ଟ କଞ୍ଜରଭେସନ ସୋସାଇଟି'ର ସଦସ୍ୟ ବୋଲି ଦାବି କରିଥିଲେ । ସେମାନେ ପର୍ଯ୍ୟଟକମାନଙ୍କ ପୋଷାକକୁ ଅଶୋଭନୀୟ କହିଥିଲେ । ପୁରୁଷଙ୍କ ସମେତ ମହିଳା, ଶିଶୁ



ଏବଂ ବୃଦ୍ଧବୃଦ୍ଧାମାନଙ୍କୁ ମଧ୍ୟ ଦୁର୍ବ୍ୟବହାର କରିଥିଲେ । ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିବା ଧମକଚମକ ଓ ମାଡ଼ପିଟ ଯୋଗୁଁ ପର୍ଯ୍ୟଟକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ତେବେ ସମ୍ପୃକ୍ତ ୯ ଅଭିଯୁକ୍ତଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ହୋଇଛି ଏବଂ ଅଧିକ ତଦନ୍ତ ଜାରି ରହିଛି । ଏହି ଘଟଣା ପରେ ଦୁର୍ଗରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

## ବାର୍ କାଉନସିଲ୍ ନିର୍ବାଚନରେ ଟିଏମ୍‌ସିର ବିପୁଳ ବିଜୟ

କଲିକତା, ୧୯।୮ (ଏଜେନ୍ସି): ପଶ୍ଚିମବଙ୍ଗର ରାଜନୈତିକ ମଇଦାନରେ ପୁଣି ଥରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନିଜର ପତିଆରା ଜାହିର କରିଛି । ନିକଟରେ ଅନୁଷ୍ଠିତ ପଶ୍ଚିମବଙ୍ଗ ବାର୍ କାଉନସିଲ୍ ନିର୍ବାଚନରେ ଦଳ ବିପୁଳ ବିଜୟ ହାସଲ କରିଛି । ସୂଚନା ଅନୁଯାୟୀ, ଏହି ନିର୍ବାଚନରେ ଟିଏମ୍‌ସିର ପ୍ରାର୍ଥୀମାନେ ୨୩ଟି ମଧ୍ୟରୁ ମୋଟ ୧୫ଟି ଆସନରେ ବିଜୟୀ ହୋଇଛନ୍ତି । କ୍ଷମତାସୀନ ବିଜେପିକୁ ମାତ୍ର ତିନିଟି ସନ୍ତୁଷ୍ଟ ରହିବାକୁ ପଡ଼ିଛି । ବିଧାନସଭା ନିର୍ବାଚନରେ ଦଳ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା । ଏହାପରେ ଆଇନଜୀବୀ ସଂଘର ଏହି ନିର୍ବାଚନ ସଫଳତା ଦଳ ପାଇଁ ଏକ ବଡ଼ ଆଶ୍ୱସ୍ତି ଭାବେ ବିବେଚନା କରାଯାଉଛି । ଏହି ବିଜୟ ରାଜ୍ୟର ଆଇନଜୀବୀ ମହଲରେ ତୃଣମୂଳ କଂଗ୍ରେସର ବଢୁଥିବା ପତିଆରାକୁ ପ୍ରମାଣିତ କରିଛି । ବିରୋଧୀ ଦଳଗୁଡ଼ିକର କଡ଼ା ଟକ୍କର ସତ୍ତ୍ୱେ ଟିଏମ୍‌ସି ନିଜର ଗଡ଼ ରକ୍ଷା କରିବାରେ ସଫଳ ହୋଇଛି । ଏହି ସଫଳତା ଆଗାମୀ ଦିନରେ ରାଜ୍ୟ ରାଜନୀତିରେ ଦଳର ସ୍ଥିତିକୁ ଆହୁରି ମଜବୁତ କରିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।

**୨୩ରୁ ୧୫ଟି ଆସନ ଅକ୍ତିଆର କଲା ଦଳ**

**କଟକ ଓ ରାଉରକେଲାର ୨ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ**

# ଶୀଘ୍ର ଶେଷ ହେବ ଏସସିବିର ୪ଟି କ୍ଲିନିକାଲ ବ୍ଲକ

ଭୁବନେଶ୍ୱର,୧୯।୮(ସମିସ): କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର ଉନ୍ନତିକରଣ ସହିତ ଏହାକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ରୂପାନ୍ତରିତ କରିବା ମେଗା ପୁନଃବିକାଶ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଲୋକସେବା ଭବନଠାରେ ଏହାର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏସସିବି

■ ଆଉ ଗୋଟିଏ ମେଡିସିନ୍ ବ୍ଲକ ନିର୍ମାଣ ଲାଗି ନିର୍ଦ୍ଦେଶ
■ ଆଧୁନିକ ଶୈଳୀରେ ରୂପାନ୍ତରିତ ହେବ ହନୁମାନ ବାଟିକା



ମେଡିକାଲ ପରିସରରେ ୪ଟି ନୂତନ କ୍ଲିନିକାଲ ବ୍ଲକ ଗୁଡିକ ଆସନ୍ତା ବର୍ଷ ଜୁନ୍ ସୁଦ୍ଧା ଶେଷ ହେବ। ଏହା ସହ ମେଡିସିନ୍ ବ୍ଲକ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବୈଠକରେ ପ୍ରଥମ ପର୍ଯ୍ୟାୟରେ ନିର୍ମାଣାଧୀନ ବହୁତଳ କାର ପାର୍କିଂ (ଏମଏଲସିପି) ଓ ହସ୍ପିଟାଲର ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଛି।

ବୈଠକରେ ମୁଖ୍ୟମନ୍ତ୍ରୀ କ୍ଲିନିକାଲ ବ୍ଲକଗୁଡ଼ିକର ନୂତନ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହିତ ହସ୍ପିଟାଲ ସଂଲଗ୍ନ ତାଳଦଣ୍ଡା କେନାଲର ଦୁଇ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ସୁସଜ୍ଜିତ କରିବା, ଚଉଡ଼ା ରାସ୍ତା ନିର୍ମାଣ କରିବା ଏବଂ ସୌନ୍ଦର୍ଯ୍ୟକରଣ କରି ମନୋରମ ପରିବେଶ ସୃଷ୍ଟି କରାଯିବା ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ନିର୍ମାଣାଧୀନ ବହୁତଳ କାର ପାର୍କିଂ (ଏମଏଲସିପି) ଏବଂ ତାଳଦଣ୍ଡା କେନାଲ ସଂଯୋଜିତ ଟ୍ରାଫିକ କରିଡର କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନିର୍ମାଣ ହେଉଥିବା ପାର୍କିଂ ବ୍ୟବସ୍ଥା ଦ୍ୱାରା ଏସସିବି ଏବଂ ନିକଟସ୍ଥ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନକୁ ଆସୁଥିବା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ପାର୍କିଂ ଓ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ। ଏଥିସହିତ ମେଡିକାଲ ସଂଲଗ୍ନ ବୋଷ ଇଞ୍ଜିନିୟରିଂ ସ୍କୁଲ, ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ ଏବଂ ଓଡ଼ିଶା ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟ ଅଞ୍ଚଳଗୁଡ଼ିକର ସମନ୍ୱିତ ପାର୍ଶ୍ୱବର୍ତ୍ତୀ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ମଧ୍ୟ ଏଥିସହିତ ସଂଯୋଜିତ କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୁଣବତ୍ତା ବଜାୟ ରଖି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ରାଉରକେଲାର ପ୍ରସିଦ୍ଧ ଧାର୍ମିକ ପର୍ଯ୍ୟଟନସ୍ଥଳୀ ହନୁମାନ ବାଟିକାର ବିକାଶ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ରୂପାନ୍ତରଣକୁ ନେଇ ଏହି ବୈଠକରେ ଆଲୋଚନା କରାଯାଇଛି। ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେସନ ଲିମିଟେଡ ଦ୍ୱାରା ହାତକୁ ନିଆଯାଇଥିବା ନୂତନ ନିର୍ମାଣ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଆଧୁନିକ ଶୈଳୀ ଓ ଭାବନାକୁ ଆଧାର କରି ଗଢ଼ିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହିତ ବାଟିକା ବାହାରେ ଥିବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସୌନ୍ଦର୍ଯ୍ୟକରଣ, ପ୍ରଶସ୍ତ ଗମନାଗମନ ପଥ ଏବଂ ଆଲୋକୀକରଣ କାର୍ଯ୍ୟ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ସ୍ୱାସ୍ଥ୍ୟ ବିଭାଗର କମିଶନର ଅଶ୍ୱଥି ଏସଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ଜଟଣୀରେ ହୋମିଭାବା କ୍ୟାନ୍ସର ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ପାଇଁ ଅର୍ଥ ଯୋଗାଇଦେବେ ସରକାର

ଭୁବନେଶ୍ୱର,୧୯।୮(ସମିସ): ଜଟଣୀଠାରେ ପ୍ରତିଷ୍ଠା ହେବାକୁ ଯାଉଥିବା ହୋମିଭାବା କ୍ୟାନସର୍ ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ପାଇଁ ଆବଶ୍ୟକ ଅତିରିକ୍ତ ଅର୍ଥ ରାଜ୍ୟ ସରକାର ନିଜସ୍ୱ ବଜେଟରୁ ଯୋଗାଇ ଦେବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନୀତିଗତ ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ ଯେ ଏହି ହସ୍ପିଟାଲଟି ପ୍ରସିଦ୍ଧ କ୍ୟାନସର୍ ଚିକିତ୍ସାଳୟ ଟାଟା ମେମୋରିଆଲ ସେଣ୍ଟର ଭଳି ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗ ଅଧୀନରେ ପ୍ରତିଷ୍ଠା କରାଯାଉଛି। ଏହି ହସ୍ପିଟାଲରେ ପୂର୍ବରୁ ଶଯ୍ୟା ସଂଖ୍ୟା ୨୦୦ ରଖାଯାଇଥିଲା, ଯେଉଁ ପରବର୍ତ୍ତୀ ସମୟରେ ଏହାକୁ ୩୮୫କୁ ବୃଦ୍ଧି କରାଯାଇଛି। ଏହି ନିର୍ମାଣପାଇଁ ଖର୍ଚ୍ଚଆକଳନ ବୃଦ୍ଧି ପାଇଛି। ଏଥିପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ମଧ୍ୟ ଅର୍ଥ ଯୋଗାଇ ଦିଆଯାଉଛି। ତେବେ ଯେଉଁ ଅତିରିକ୍ତ ଅର୍ଥରାଶି ଆବଶ୍ୟକ ହେବ, ଓଡ଼ିଶା ସରକାର ତାକୁ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ହସ୍ପିଟାଲର ଶଯ୍ୟା କ୍ଷମତା ବୃଦ୍ଧି ଓ ଅନ୍ୟାନ୍ୟ ଭିତ୍ତିଭୂମି ଉପକରଣ ପାଇଁ ଏହି ଅର୍ଥ ବିନିଯୋଗ ହେବ। ସୂଚନାଯୋଗ୍ୟ ଯେ ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲକୁ ଚିକିତ୍ସିତ ହେବା ପାଇଁ ବହୁ ସଂଖ୍ୟକ ଓଡ଼ିଆ ରୋଗୀ ପ୍ରତିଦିନ ଯାଇଥାନ୍ତି। ଜଟଣୀରେ ଏହି ହସ୍ପିଟାଲ ପ୍ରତିଷ୍ଠା ପରେ ଏହାଦ୍ୱାରା କେବଳ ଓଡ଼ିଶାର ରୋଗୀମାନେ ନୁହେଁ ବରଂ ପୂର୍ବ ଭାରତର ସମସ୍ତ କର୍କଟ ରୋଗୀ ଉପକୃତ ହେବେ। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି।

■ ରାମ ମନ୍ଦିର ଚାନ୍ଦା ଚୋରି ମାମଲା

## ସୁପ୍ରିମକୋର୍ଟ ବିଚାରପତିଙ୍କ ଦ୍ୱାରା ଅନୁସନ୍ଧାନ ହେଉ: କଂଗ୍ରେସ

ଭୁବନେଶ୍ୱର,୧୯।୮(ସମିସ): ଅଯୋଧ୍ୟା ରାମ ମନ୍ଦିର ଚାନ୍ଦାଚୋରୀ ଅଭିଯୁକ୍ତ ରାମ ମନ୍ଦିର ଟ୍ରଷ୍ଟର ତତ୍କାଳୀନ ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ସହଯୋଗୀ ଅନୀଲ ମିଶ୍ରଙ୍କୁ ଏସଆଇଟି ପକ୍ଷରୁ କ୍ଲିନ ଚିଟ ପ୍ରଦାନ କରାଯାଇଛି। ଏହାକୁ ବିରୋଧ କରିବା ସହ ଏହି ମାମଲାକୁ ସୁପ୍ରିମକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ଅନୁସନ୍ଧାନ କରାଯାଉ ବୋଲି ରାଜ୍ୟ କଂଗ୍ରେସ ଦାବି କରିଛି। ବୁଧବାର କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓପିସିସି ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ରାମ ମନ୍ଦିରରୁ ଚୋରି ଘଟଣା ଆସିବା ପରେ ଭାରତର ୮୪ କୋଟି ହିନ୍ଦୁଙ୍କ ଆସ୍ଥା ଓ ବିଶ୍ୱାସକୁ ଗଭୀର ଆଘାତ ଲାଗିଛି। ଏହି ଘଟଣାରେ ପୁଲିସ ମାମଲା ରୁଜୁ କରି ୮ ଜଣଙ୍କୁ ଗିରଫକରିବା ସହ ଚମ୍ପତ ରାୟ ଓ ଅନୀଲ ମିଶ୍ରଙ୍କୁ ମଧ୍ୟ ପ୍ରମୁଖ ଅଭିଯୁକ୍ତ ଭାବେ ପୁଲିସ ପଚରା ଉଚୁରା କରିଥିଲା। ଯେତେବେଳେ ଚାରିଆଡୁ ଚାପ ବଢିଲା ସେତେବେଳେ ଚମ୍ପତ ରାୟ ଟ୍ରଷ୍ଟର ମହା ସଚିବ ପଦରୁ ଇସ୍ତଫା




ଦେଇଥିଲେ। ସାରା ଦେଶରେ ଏହି ଘଟଣାକୁ ନେଇ ବିରୋଧ ହେବା ପରେ ସରକାର ଚାପର ବଶବର୍ତ୍ତୀ ହୋଇ ଏହି ଘଟଣାରେ ତଦନ୍ତ ପାଇଁ ଏସଆଇଟି ଗଠନ କରିଥିଲେ।

ତେବେ ଗଠିତ ଏସଆଇଟିର ମୁଖ୍ୟ ବିବି ପଣ୍ଡ, ମିରଟର ଆଇଜି ଥିଲାବେଳେ ଏକ ସ୍ୱୀକାରରେ ସମ୍ପୃକ୍ତ ଯୋଗୁଁ ତାଙ୍କ ନାମରେ ଏସଆଇଆର ଏବଂ ଏଥିରେ ସେ ୨୪ ନମ୍ବରଅଭିଯୁକ୍ତରୂପେ ଦର୍ଶାଯାଇଥିଲା। ଏବେ ଏହି ଏସ୍ଆଇଟି ଚମ୍ପତରାୟଙ୍କୁ କ୍ଲିନ୍ ଚିଟ୍ ଦେଇଛି। ଯାହାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ଏହି ସମ୍ମିଳନୀରେ ଓପିସିସି ରିସର୍ଚ୍ଚ ବିଭାଗ ଅଧ୍ୟକ୍ଷ ନଳିନୀ ରଞ୍ଜନ ମହାନ୍ତି କହିଥିଲେ ଯେ, ରାମ ମନ୍ଦିରରୁ ତିଆରି ଏବଂ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ପ୍ରଧାନମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ହେଉଥିଲା। ତେଣୁ ଏହି ଚୋରି ଦାୟୀ ପାଇଁ ସେ ଦାୟୀ। ମନ୍ଦିର ନାମରେ ଯେଉଁ ଚାନ୍ଦା ଚୋରି ହେଲା ଏଥିପାଇଁ ପ୍ରଧାନମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଓପିସିସିର ଅନ୍ୟତମ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ ଏସଆଇଟିକୁ ତୁରନ୍ତ ବାତିଲ କରି ଅଭିଯୁକ୍ତ ଚମ୍ପତ ରାୟ ଏବଂ ଅନୀଲ ମିଶ୍ରଙ୍କୁ ଗିରଫ କରନ୍ତୁ ବୋଲି ଦାବି କରିବା ସହ ସୁପ୍ରିମ କୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ଏହି ଅନୁସନ୍ଧାନ କରିବାକୁ ଦଳ ଦାବି କରିଛି।

**ଅପହରଣ ଉଦ୍ୟମ ପଣ୍ଡ**

## ସ୍କୁଲରେ ଛାତ୍ରୀଙ୍କୁ ନିଶା ଚକୋଲେଟ; ୩ ଗୁରୁତର

ବାରିପଦା/ରାଇରଙ୍ଗପୁର,୧୯।୮(ସମିସ): ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ତଥା ବହଳଦା ବ୍ଲକ ଅନ୍ତର୍ଗତ ବଡ଼ପଳସା ଗ୍ରାମପଞ୍ଚାୟତର ବୁରୁପଳସା ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରୀଙ୍କୁ ନିଶା ଚୋକଲେଟ ଖୁଆଇ ଦୁର୍ବୃତ୍ତ ଫେରାର ହୋଇଯିବା ଘଟଣାକୁ ନେଇ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି। ଚକୋଲେଟ ଖାଇବା ପରେ ତିନିଜଣ ଛାତ୍ରୀ ଅସୁସ୍ଥ ହୋଇ ଅଚେତ ହୋଇପଡ଼ିଥିବା ବେଳେ ସେମାନଙ୍କୁ ପ୍ରଥମେ ବହଳଦା ଡାକ୍ତରଖାନା ଓ ପରେ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଗିଦିଘାଟୀରୁ ବଡ଼ପଳସା ଦେଇ ରତନସାହିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକଡ଼ରେ ଥିବା ବୁରୁପଳସା ପ୍ରାଥମିକ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ସକାଳୁ ଆସି ବିଦ୍ୟାଳୟ ଖୋଲିବା ପୂର୍ବରୁ ପରିସରରେ ଖେଳାଖେଳି କରୁଥିଲେ। ଏହି ସମୟରେ ଏକ ଧଳା ସ୍କୁଟିରେ ତିନିଜଣ ଅଜଣା ବ୍ୟକ୍ତି ସେଠାରେ ପହଞ୍ଚିଥିଲେ। ସେମାନେ ତିନିଜଣ ଛାତ୍ରୀଙ୍କୁ ଜୋରଜବରଦସ୍ତ ଚକୋଲେଟ ଖୁଆଇ ସେଠାରୁ ଚାଲିଯାଇଥିବା ଅଭିଯୋଗ ହୋଇଛି। ଚୋକଲେଟ ଖାଇବାର କିଛି ସମୟ ପରେ ଛାତ୍ରୀମାନଙ୍କ ମୁଣ୍ଡ ବୁଲାଇବା ସହ ସେମାନେ ଅସୁସ୍ଥ ହୋଇପଡ଼ିଥିଲେ। ପ୍ରଧାନଶିକ୍ଷକ ବିଦ୍ୟାଳୟରେ ପହଞ୍ଚିବା ବେଳକୁ ତିନିଜଣ ଛାତ୍ରୀ ଅଚେତ ଅବସ୍ଥାରେ ଥିଲେ। ଶିକ୍ଷକମାନେ ତୁରନ୍ତ ସେମାନଙ୍କୁ ବହଳଦା ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ବହଳଦା ଓ ତିରିଂ ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଗୁରୁତର ଛାତ୍ରୀମାନେ ହେଲେ ସୁଗୀ ମୁର୍ମୁ, ବାସନ୍ତୀ ମାଣ୍ଡି ଓ ପାର୍ବତୀ ହେମ୍ବ୍ରମ। ସମସ୍ତେ ପଞ୍ଚମ ଶ୍ରେଣୀର ଛାତ୍ରୀ। ବହଳଦା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଛି। ତେବେ ଘଟଣାକୁ ନେଇ ତିରିଂ ଥାନାରେ ଏଯାବତ୍ କୌଣସି ଲିଖିତ ଅଭିଯୋଗ ହୋଇନଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ଚୋକଲେଟରେ କୌଣସି ନିଶାଦ୍ରବ୍ୟ ମିଶିଥିଲା କି ନାହିଁ, ତାହା ପରୀକ୍ଷା ପରେ ସ୍ପଷ୍ଟ ହେବ। ଘଟଣା ପଛରେ ଛାତ୍ରୀମାନଙ୍କୁ ଅପହରଣ ଉଦ୍ୟମ ଥାଇପାରେ ବୋଲି ଅଭିଭାବକମାନେ ଆଶଙ୍କା ପ୍ରକାଶ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଠାବ କରିବା ସହ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ କରିବାକୁ ସାଧାରଣରେ ଦାବି ହୋଇଛି।

## ନିଜ ଆଦେଶର ବିଚାର କରିପାରିବେନି ଅଧିକାରୀ: ହାଇକୋର୍ଟ

କଟକ,୧୯।୮(ସମିସ): ଯେଉଁ ଅଧିକାରୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆଦେଶ ଦେଇଥିଲେ ସେହି ଅଧିକାରୀ ପରବର୍ତ୍ତୀ ସମୟରେ ପଦୋନ୍ନତି ପାଇଁ ଅପିଲ୍ କର୍ତ୍ତୃପକ୍ଷ ଭାବେ ଉକ୍ତ ଆଦେଶର ବିଚାର କରିବା ବେଆଇନ ଓ ପକ୍ଷପାତପୂର୍ଣ୍ଣ ବୋଲି କହିଛନ୍ତି ହାଇକୋର୍ଟ। କୌଣସି ବ୍ୟକ୍ତି ନିଜ ମାମଲାରେ ନିଜେ ବିଚାରକ ହୋଇପାରିବେ ନାହିଁ ବୋଲି କହିବା ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏବଂ ଅପିଲ୍ ପ୍ରକ୍ରିୟାକୁ ନେଇ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ପ୍ରସନ୍ନ କୁମାର ପତିଙ୍କ ତରଫରୁ ଦାୟର ଏକ ଆବେଦନର ଶୁଣାଣି କରି ଜଷ୍ଟିସ୍ ଭି. ନରସିଂହ ଏହି ରାୟ ଦେଇଛନ୍ତି। ଅପିଲ୍ କର୍ତ୍ତୃପକ୍ଷଙ୍କ ଗତ ୨୦୧୬ଏପ୍ରିଲ ୨୩ର ଆଦେଶକୁ ରଦ୍ଦ କରିବା ସହ ଆବେଦନକୁ ନୂତନ ଅପିଲ୍ କର୍ତ୍ତୃପକ୍ଷଙ୍କ ନିକଟକୁ ପୁନଃବିଚାର ପାଇଁ ପଠାଇଛନ୍ତି। ନୂତନ ଅପିଲ୍ କର୍ତ୍ତୃପକ୍ଷ ଆବେଦନକାରୀଙ୍କୁ ପକ୍ଷ ରଖିବାର ପୂର୍ଣ୍ଣ ସୁଯୋଗ ଦେଇ ଦୁଇ ମାସ ମଧ୍ୟରେ ନୂତନ ଆଦେଶ ଜାରି କରିବେ। ଏହି ଆବେଦନର ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ଆବେଦନକାରୀଙ୍କ ଚାକିରି ବରଖାସ୍ତ ଆଦେଶର ଭବିଷ୍ୟତ ନିର୍ଭର କରିବ ବୋଲି କହିଛନ୍ତି ହାଇକୋର୍ଟ। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ପ୍ରସନ୍ନ କୁମାର ପତି ସେସୁ ତଥା ଟିପିସିଓଡିଏଲ ଅଧୀନରେ ଲାଇନ୍‌ମ୍ୟାନ୍-ଏ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ବିରୋଧରେ ଅର୍ଥ ହେରଫେର ଅଭିଯୋଗରେ ୨୦୦୭ ଏବଂ ୨୦୦୮ରେ ଦୁଇଟି ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା। ତଦନ୍ତ ପରେ, ୨୦୧୧ ଡିସେମ୍ବରରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କର୍ତ୍ତୃପକ୍ଷ ତାଙ୍କୁ ଚାକିରିରୁ ବରଖାସ୍ତ କରିବା ପାଇଁ ଆଦେଶ ଦେଇଥିଲେ। ଏହି ନିଷ୍ପତ୍ତି ବିରୋଧରେ ସେ ଅପିଲ୍ କରିଥିଲେ। ଯେଉଁ ଅଧିକାରୀ ଡିସିପ୍ଲିନାରୀ କର୍ତ୍ତୃପକ୍ଷ ଭାବେ ତାଙ୍କୁ ଚାକିରିରୁ ବରଖାସ୍ତ କରିଥିଲେ, ସେହି ଅଧିକାରୀ ପରବର୍ତ୍ତୀ ସମୟରେ ପଦୋନ୍ନତି ପାଇ ଅପିଲ୍ କର୍ତ୍ତୃପକ୍ଷ ଭାବେ ଅବସ୍ଥାପିତ ହୋଇଥିଲେ। ଗତ୨୦୧୬ ଏପ୍ରିଲ ୨୩ରେ ନିଜେ ଦେଇଥିବା ବରଖାସ୍ତ ଆଦେଶକୁ ଅପିଲ୍‌ରେ କାଏମ ରଖି ଆବେଦନକୁ ଖାରଜ କରିଦେଇଥିଲେ। ଏହାକୁ ଆବେଦନକାରୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

## ଓଡିଶା ପୁଲିସ୍ ପୂର୍ବାଞ୍ଚଳ ରେଞ୍ଜରେ ୧୨ ଜଣ ଅଧିକାରୀଙ୍କ ବଦଳି

ବାରିପଦା/ବାଲେଶ୍ୱର, ୧୯।୮(ସମିସ): ଓଡିଶା ପୁଲିସ୍ ପୂର୍ବାଞ୍ଚଳ ରେଞ୍ଜ ମୁଖ୍ୟାଳୟ, ବାଲେଶ୍ୱର ପକ୍ଷରୁ ବୁଧବାର ରେଞ୍ଜ ପୁଲିସ୍ ଏଷ୍ଟାବ୍ଲିସ୍‌ମେଣ୍ଟ ବୋର୍ଡର ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସବ ଇନିସପେକ୍ଟର ଓ ଇନିସପେକ୍ଟର ପଦବୀରେ ଥିବା ୧୨ ଜଣ ଅଧିକାରୀଙ୍କୁ ବିଭିନ୍ନ ଜିଲ୍ଲା ମଧ୍ୟରେ ବଦଳି କରାଯାଇଛି। ଏହି ବୈଠକ ଭର୍ଚ୍ଚୁଆଲ୍ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ବୋର୍ଡର ଅଧ୍ୟକ୍ଷ ପୂର୍ବାଞ୍ଚଳ ରେଞ୍ଜର ଡିଆଇଜି ପିନାକ ମିଶ୍ର, ସଦସ୍ୟ ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପଲ୍ଲି, ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିୱାକର, ରାଇରଙ୍ଗପୁର ଏସ୍‌ପି ସୁରେଶ କୁମାର ପାତ୍ର, ଓ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ଯୋଗଦେଇ ବଦଳି ଆଦେଶରେ ନିଷ୍ପତ୍ତି ନେଇଛନ୍ତି ।

ଇନ୍‌ସ୍‌ପେକ୍ଟର ସଞ୍ଜୁକ୍ତା ମହାଲିକଙ୍କୁ ରାଇରଙ୍ଗପୁରରୁ ବାଲେଶ୍ୱର, ଇନ୍‌ସ୍‌ପେକ୍ଟର ଗୋପାଳ କୃଷ୍ଣ ଜେନାଙ୍କୁ ଭଦ୍ରକରୁ ବାଲେଶ୍ୱର, ଇନ୍‌ସ୍‌ପେକ୍ଟର ପ୍ରକାଶ କୁମାର ରଥଙ୍କୁ ମୟୂରଭଞ୍ଜରୁ ରାଇରଙ୍ଗପୁର, ଇନ୍‌ସ୍‌ପେକ୍ଟର ବାରିଣୀ ଦାସଙ୍କୁ ମୟୂରଭଞ୍ଜରୁ ରାଇରଙ୍ଗପୁର, ଇନ୍‌ସ୍‌ପେକ୍ଟର ସଦାନନ୍ଦ ନାଏକଙ୍କୁ ମୟୂରଭଞ୍ଜରୁ ରାଇରଙ୍ଗପୁର, ଇନ୍‌ସ୍‌ପେକ୍ଟର ଜୀବନ ମୋହନ ନାୟକଙ୍କୁ ମୟୂରଭଞ୍ଜରୁ ରାଇରଙ୍ଗପୁର, ଇନ୍‌ସ୍‌ପେକ୍ଟର ବିମଳ କୁମାର ନାୟକଙ୍କୁ ବାଲେଶ୍ୱରରୁ ଭଦ୍ରକ, ଇନ୍‌ସ୍‌ପେକ୍ଟର ସୁଚନ୍ଦ୍ରା ମହାଲିକଙ୍କୁ ବାଲେଶ୍ୱରରୁ ମୟୂରଭଞ୍ଜ, ଏସ୍‌ଆଇ ସୁବାସ ଚନ୍ଦ୍ର ମଲ୍ଲିକଙ୍କୁ ବାଲେଶ୍ୱରରୁ ଭଦ୍ରକ, ଏସ୍‌ଆଇ ଭାଗ୍ୟଜିତ ନାୟକଙ୍କୁ ଭଦ୍ରକରୁ ବାଲେଶ୍ୱର, ଏସ୍‌ଆଇ ରସାନନ୍ଦ ନାୟକଙ୍କୁ ଭଦ୍ରକରୁ ମୟୂରଭଞ୍ଜ ଓ ଏସ୍‌ଆଇ ମୋବାସର ଆଲମ ଖାନଙ୍କୁ ମୟୂରଭଞ୍ଜରୁ ଭଦ୍ରକ ପୁଲିସ ଜିଲ୍ଲାକୁ ବଦଳି କରାଯାଇଛି । ବୋର୍ଡ ବିଦ୍ୟମାନ ଖାଲି ପଦ, ପ୍ରଶାସନିକ ଆବଶ୍ୟକତା, ବ୍ୟକ୍ତିଗତ ଆବେଦନ ଓ ଲୋକସେବାର ସ୍ୱାର୍ଥକୁ ଧ୍ୟାନରେ ରଖି ଏହି ବଦଳି ନିଷ୍ପତ୍ତି ନେଇଛି।

## ପରଲୋକରେ ପୂର୍ବତନ ବିଧାୟକ ଶିବାଜୀ ମାଝୀ

ଲାଞ୍ଜିଗଡ଼,୧୯।୮(ସମିସ): କଳାହାଣ୍ଡି ଜିଲ୍ଲା ତଥା ଲାଞ୍ଜିଗଡ଼ ଅଞ୍ଚଳ ପାଇଁ ଆଜି ଏକ ଅପୂରଣୀୟ କ୍ଷତି। ପୂର୍ବତନ ଲାଞ୍ଜିଗଡ଼ ବିଧାୟକ ତଥା ପୂର୍ବତନ ସ୍ୱତନ୍ତ୍ର ଅନୁସୂଚିତ ଜାତି ଓ ଜନଜାତି ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝୀ(୫୪)ଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ନିଜ ଗାଁ ବିଜେପୁର ପଞ୍ଚାୟତସ୍ଥିତ ଦନାରଗୁଡ଼ାରେ ପରଲୋକ ଘଟିଛି। କିଛିଦିନ ତଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଭବାନୀପାଟଣା ଏବଂ ସେଠାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ପରେ ଡିସଚାର୍ଜ ହୋଇ ସେ ନିଜ ଗାଁକୁ ଫେରିଥିଲେ। ମଙ୍ଗଳବାର ରାତି ୨ଟା ସମୟରେ ତାଙ୍କର ଦେହାନ୍ତ ହୋଇଛି। ଓଡ଼ିଶା ରାଜନୀତିରେ ନିଜର କ୍ୟାରିୟର ଆରମ୍ଭ କରି ଲାଞ୍ଜିଗଡ଼ ନୂତନ ନିର୍ବାଚନମଣ୍ଡଳୀ ଗଠନ ପରେ ୨୦୦୯

■ କର୍ମନିଷ୍ଠ ଜନସେବକଙ୍କୁ ହରାଇଲା କଳାହାଣ୍ଡି
■ ନିଜ ଗାଁରେ ନେଲେ ଶେଷ ନିଃଶ୍ୱାସ, ଆଦିବାସୀ ବିକାଶର ଥିଲେ ଅଗ୍ରଦୂତ



ରୁ ୨୦୧୪ ପର୍ଯ୍ୟନ୍ତ କଂଗ୍ରେସରୁ ସେ ଲାଞ୍ଜିଗଡ଼ର ପ୍ରଥମ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ଲାଞ୍ଜିଗଡ଼ ଓ ଥୁଆମୂଳ ରାମପୁର, ଜୟପାଟଣା, ଆଦିବାସୀ ବହୁଳ ଓ ଦୁର୍ଗମ ଅଞ୍ଚଳର ବିକାଶ ପାଇଁ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେବା ପରେ କଳାହାଣ୍ଡି ଜିଲ୍ଲାରେ ସ୍ୱତନ୍ତ୍ର ଅନୁସୂଚିତ ଜାତି ଓ ଜନଜାତି ପରିଷଦ ଗଠନ ହେବାପରେ ସେ ଏହାର ପ୍ରଥମ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ସମୟରେ ଜିଲ୍ଲାର ଆଦିବାସୀ ଓ ଦଳିତ ଅଞ୍ଚଳର ବିକାଶ ପାଇଁ ସେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ। ବିଧାୟକ ହେବାପରେ ମଧ୍ୟ ସେ ସବୁବେଳେ ସରଳ ଜୀବନ ଯାପନ କରୁଥିଲେ। ତାଙ୍କର ଲୋକସମ୍ପର୍କ ଓ ସ୍ନେହମୟୀ ବ୍ୟକ୍ତିତ୍ୱ ପାଇଁ ସେ ସମସ୍ତଙ୍କ ପ୍ରିୟ ଥିଲେ। ତାଙ୍କ ବିୟୋଗ ଖବର ପାଇବା ପରେ ସମଗ୍ର ରାଜ୍ୟ ତଥା ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ଆଜି ଅପରାହ୍ନ ସାଢ଼େ ୧ ଟା ସମୟରେ ଗାଁ ଦାନାରୀଗୁଡା ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ଲାଞ୍ଜିଗଡ଼ ବିଧାୟକ ତଥା ଜିଲ୍ଲା ସଭାପତି ପ୍ରଦୀପ କୁମାର ଦିଶାରୀ, ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, କଳାହାଣ୍ଡି ସାଂସଦ ମାଳବିକା ସିଂ ଦେଓ, ପିସିସି ସଭାପତି ଭକ୍ତଚରଣ ଦାସ, ପୂର୍ବତନ ମନ୍ତ୍ରୀ ଡ଼ ବଳଭଦ୍ର ମାଝୀ, ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ, ନର୍ଲା ବିଧାୟିକା ମନୋରମା ମହାନ୍ତି, ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ ସମେତ ରାଜ୍ୟ ତଥା ଜିଲ୍ଲାର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।

**ହୀରାକୁଦରୁ ୧୭ ଗେଟ୍‌ଦେଇ ନିଷ୍କାସନ**

## ପୁଣି ମହାନଦୀରେ ବନ୍ୟା ଆଶଙ୍କା


ସମ୍ବଲପୁର,୧୯।୮(ସମିସ): ହୀରାକୁଦ ଉପରମୁଣ୍ଡରେ ବର୍ଷା ଓ ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ପାଖାପାଖି ୪ ଲକ୍ଷ କ୍ୟୁସେକ୍ ହେବାପରେ ଆଜି ପର୍ଯ୍ୟାୟକ୍ରମେ ଆଉ ୨ଟି ଗେଟ୍ ଖୋଲାଯାଇଛି। ଗତକାଲି ୧୫ଟି ଗେଟ୍ ଖୋଲା ଥିବାବେଳେ ଆଜି ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ଆଉ ୨ଟି ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ତ୍ତମାନ ମୋଟ୍ ୧୭ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରର ଜଳସ୍ତର ୬୨୦ ଫୁଟ୍‌ରେ ପହଞ୍ଚିଲାଣି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୦.୭୧ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୧୧ଟି ଏବଂ ଡାହାଣ ପାର୍ଶ୍ୱର ୬ଟି ଏହିଭଳି ମୋଟ ୧୭ଟି ସ଼୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩,୯୧,୫୪୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୯୭,୬୫୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୬୭,୨୪୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନେଲ ଦେଇ ୨୭୫୩୩ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨୬୫୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୬,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୫୬,୮୯୨ କ୍ୟୁସେକ୍, ଖଇରମାଲଠାରେ ୪,୦୦,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୮୫,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୨,୯୬,୧୩୭ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ବୁଧବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧୭.୦୯ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୭.୨୩ ମିମି ବର୍ଷା ରେକର୍ଡ କରାଯାଇଛି। ହୀରାକୁଦର ୧୭ ଗେଟ୍ ଦେଇ ଜଳ ନିଷ୍କାସନ ହେଉଥିବାରୁ ମହାନଦୀର ତଳ ମୁଣ୍ଡରେ ବନ୍ୟା ଆଶଙ୍କା ଦେଖାଦେଇଛି।

**ପ୍ରବେଶ କରୁଛି ସେକେଣ୍ଡପ୍ରତି ୩.୯୧ ଲକ୍ଷ କ୍ୟୁସେକ୍ ଜଳ, ଜଳସ୍ତର ୬୨୦.୭୧ ଫୁଟ୍**

## ବାଲେଶ୍ୱର ବନ୍ୟା ମୁକାବିଲାରେ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

ବାଲେଶ୍ୱର,୧୯।୮(ସମିସ): ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ନଦୀରେ ସୃଷ୍ଟି ହୋଇଥିବା ଭୟଙ୍କର ବନ୍ୟା ପରିସ୍ଥିତିକୁ ଆକଳନ କରିବାରେ ଏବଂ ମୁକାବିଲା କରିବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ବନ୍ୟା ଆସିବାର ଦୁଇ ସପ୍ତାହ ପରେ ବି ଏଯାଏ ଜିଲ୍ଲାର ବହୁ ସ୍ଥାନରେ ବନ୍ୟା ବିପନ୍ନଙ୍କ ନିକଟରେ ରିଲିଫ୍ ସାମଗ୍ରୀ ମଧ୍ୟ ପହଞ୍ଚି ନାହିଁ। ବନ୍ୟା ପାଣି ପଶି ଘର ଭାଙ୍ଗିଥିବା ଲୋକଙ୍କୁ ପଲିଥିନଟିଏ ମଧ୍ୟ ମିଳିନାହିଁ। କିଛି କିଛି ସ୍ଥାନରେ ଲୋକଙ୍କୁ ଚୁଡ଼ା ଗଣ୍ଡାଏ ଦେଇ ପ୍ରଶାସନ ନିଜ ଦାୟିତ୍ୱ ସାରିଦେଇଛି। ଆଜି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଜିଲ୍ଲାର ବନ୍ୟାଞ୍ଚଳ ଗସ୍ତରେ ଆସିଥିବା ରାଜ୍ୟ ବିଜେଡି ଉପସଭାପତି ସଂଜୟ ଦାସବର୍ମା ଏଭଳି ଅଭିଯୋଗ ଆଣିଛନ୍ତି ଏବଂ ଏହି ବିଫଳତା ପାଇଁ ସରକାରୀ ଉଦାସୀନତା ଓ ପ୍ରଶାସନିକ ଅପାରଗତାକୁ ଦାୟୀ କରିଛନ୍ତି।

ଶ୍ରୀ ଦାସବର୍ମାଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ଆଜି ସକାଳେ ଭୋଗରାଇ ବ୍ଲକରୁ ବନ୍ୟାଞ୍ଚଳ ପରିଦର୍ଶନ ଆରମ୍ଭ କରିଥିଲେ। ତଙ୍ଗାରେ ବିଭିନ୍ନ ପଞ୍ଚାୟତ ବୁଲି ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିଥିଲେ। ପରେ ବାଲିଆପାଳ ଓ ବସ୍ତା ବ୍ଲକ୍ ର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ବିପନ୍ନ ଲୋକଙ୍କ ଦୁର୍ଦ୍ଦଶା ଓ ସମସ୍ୟା ସଂପର୍କରେ ଅବଗତ ହୋଇଥିଲେ। ସନ୍ଧ୍ୟାରେ ବାଲେଶ୍ୱର ଷ୍ଟେସନ କ୍ଲବରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କୁ ଟାର୍ଗେଟ କରି ଶ୍ରୀ ଦାସବର୍ମା କହିଥିଲେ ଯେ ବାଲେଶ୍ୱରବାସୀଙ୍କ ପାଇଁ ବନ୍ୟା ନୂଆ ନୁହେଁ। କିନ୍ତୁ ଏ ସରକାର ପ୍ରବଳ ବର୍ଷା ଏବଂ ତଦଜନିତ ବନ୍ୟାକୁ ଠିକ୍ ଭାବେ ଆକଳନ କରିପାରିଲେ ନାହିଁ



କି ବନ୍ୟାକୁ ପରିଚାଳନା କରିପାରିଲେ ନାହିଁ। ବର୍ଷା ପାଣିରେ ବାଲେଶ୍ୱର ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଲାବେଳେ ଜଳ ନିଷ୍କାସନ ପାଇଁ ଉପଯୁକ୍ତ ପଦକ୍ଷେପ ମଧ୍ୟ ନେଇ ପାରିଲେ ନାହିଁ। ପରବର୍ତ୍ତୀ ସମୟରେ ବୁଢ଼ାବଳଙ୍ଗ, ସୋନ, ଗଙ୍ଗାହାର, କାଂଶବାଂଶ, ଜଳକା ଓ ସୁବର୍ଣ୍ଣରେଖାରେ ଆସିଥିବା ବନ୍ୟାକୁ ମୁକାବିଲା କରିବାରେ ବିଫଳ ହେଲେ। ଶ୍ରୀ ଦାସବର୍ମା ଆହୁରି କହିଲେ ଯେ ଚଳିତ ବର୍ଷାର ବନ୍ୟା ଯୋଗୁଁ ବାଲେଶ୍ୱର ଜିଲ୍ଲାର ଶହ ଶହ ଗାଁ ଏବେ ବି ପାଣି ଘେରରେ ଥିବା ବେଳେ ୫ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। କିନ୍ତୁ ସରକାରଙ୍କ ନିଦ ଭାଙ୍ଗୁ ନାହିଁ। ଏଯାଏ ଲୋକଙ୍କୁ ଚାଉଳ ଗଣ୍ଡେ ଦିଆଯାଇନି। ବନ୍ୟା ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ରିଲିଫ ଓ ପଲିଥିନ ଆଦି ନ ପହଞ୍ଚିବା ସରକାରଙ୍କ ଚରମ ବିଫଳତାକୁ ପଦାରେ ପକାଇ ଦେଇଛି। ତେଣୁ ସରକାର ତୁରନ୍ତ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଶୁଖିଲା ଖାଦ୍ୟ, ଗୋଖାଦ୍ୟ ଓ ରନ୍ଧା ଖାଦ୍ୟ ଯୋଗାଇ ଦିଅନ୍ତୁ। ବନ୍ୟା ଯୋଗୁଁ ଦୁଇ ଦୁଇ ଥର ଚାଷ ସଂପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଥିବାରୁ ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ରିଲିଫ କୋର୍ଡ ଅନୁସାରେ କ୍ଷତିପୂରଣ ପ୍ରଦାନ ସହ କୃଷିଋଣ ଛାଡ଼ କରିବାକୁ ସେ ଦାବି କରିଥିଲେ। ଏହା ବ୍ୟତୀତ ବନ୍ୟା ଅଞ୍ଚଳରେ ବୁଡ଼ି ରହିଥିବା ଉଠାଜଳସେଚନ ପଏଣ୍ଟ, ବିଦ୍ୟୁତ ଭିତ୍ତିଭୂମିର ପୁନରୁଦ୍ଧାର କରିବା ସହ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଘାଟ, ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ସେ ଦୃଢ ଦାବି କରିଥିଲେ। ଶେଷରେ ସେ ବାଲେଶ୍ୱର ଜିଲ୍ଲାରେ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଉଚ୍ଚସ୍ତରୀୟ ବୈଠକ ମାଧ୍ୟମରେ ଆଲୋଚନା କରି ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଆଜି ବନ୍ୟାଞ୍ଚଳ ଗସ୍ତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡ଼ା, ବରିଷ୍ଠ ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଭୋଗରାଇ ବିଜେଡି ସଭାପତି ଗଣପତି ଗିରି, ବସ୍ତା ବିଜେଡି ସଭାପତି ମହାଦେବ ଦାସ, ବାଲିଆପାଳ ବିଜେଡି ସଭାପତି ଭଗବାନ ଗିରି ପ୍ରମୁଖ ଉପସ୍ଥିତ ଥିବାବେଳେ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ, ରାଜ୍ୟ ଯୁବ ବିଜେଡିର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

■ ଶହ ଶହ ଗାଁ ପାଣି ଘେରରେ, ୫ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ
■ ବର୍ଷା ଓ ବନ୍ୟାରେ ସଂପୂର୍ଣ୍ଣ ଉଜୁଡ଼ି ଯାଇଛି ଖରିଫ ଧାନଚାଷ
■ ଦୁଇ ସପ୍ତାହ ପରେ ବି ଲୋକଙ୍କ ପାଖରେ ପହଞ୍ଚିନି ରିଲିଫ୍ କି ପଲିଥିନ୍
■ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ସହ କୃଷି ଋଣ ଛାଡ଼ କରିବାକୁ ଦାବି

### ହାତୀ କଙ୍କାଳ ଜବତ ଘଟଣାରେ ବନ ବିଭାଗକୁ ବଡ଼ ସଫଳତା

# ଦୁଇ ହାତୀଦାନ୍ତ ଜବତ, ୪ ଗିରଫ

କାମାକ୍ଷାନଗର/ପରଜଙ୍ଗ,୧୯ ।୮ (ସମିସ):

ଢେଙ୍କାନାଳ ବନଖଣ୍ଡ କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ୍ ରେଞ୍ଜ୍ ଟମ୍ପେଇ ଗାଁ ନିକଟ ଅନନ୍ତପୁର ସଂରକ୍ଷିତ ଜଙ୍ଗଲରୁ ଗତ ୧୦ ତାରିଖ ଏକ ହାତୀର କଙ୍କାଳ ଉଦ୍ଧାର କରିଥିଲା ବନ ବିଭାଗ। ମୃତ ହାତୀର ବୟସ ୬ରୁ ୭ ବର୍ଷ ହୋଇଥିବା ବେଳେ ପ୍ରାୟ ମାସେ ପୂର୍ବରୁ ମୃତ୍ୟୁ ହୋଇଥିବା ନେଇ ବନ ବିଭାଗ ପକ୍ଷରୁ ଆକଳନ କରାଯାଇଥିଲା। ଘଟଣାସ୍ଥଳରେ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ସଞ୍ଜୟ କୁମାର ସ୍ୱାଇଁ, ଢେଙ୍କାନାଳ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର, ମହାବିରୋଡ୍ ରେଞ୍ଜ ଅଧିକାରୀ ସୁଶାନ୍ତ କୁମାର ପାତ୍ର ପହଞ୍ଚି ତଦନ୍ତ କରିଥିଲେ। ଘଟଣାସ୍ଥଳରେ ହାତୀ କଙ୍କାଳ ପଡ଼ିଥିଲା ବେଳେ ଦୁଇଟି ଦାନ୍ତ ନ ଥିବା ତଦନ୍ତରୁ ଜଣାପଡ଼ିଥିଲା। ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଏହାକୁ ବନ ବିଭାଗ ଗୁରୁତ୍ୱର ସହ ନେଇଥିଲା। ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ମହାବିରୋଡ୍ ରେଞ୍ଜ ଅଧିକାରୀ ସୁଶାନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ହାତୀର ଦାନ୍ତ ନ ଥିବାରୁ ବନ ବିଭାଗ ଗାଏବ ଥିବା ଦାନ୍ତ ଉଦ୍ଧାର ପାଇଁ ଖୋଳତାଡ଼ ଆରମ୍ଭ ହୋଇଥିଲା। ମଙ୍ଗଳବାର ଏହି ଘଟଣାରେ ବନ ବିଭାଗ ୪ ଜଣଙ୍କୁ ଗିରଫ କରିଛି। ସେମନେ ହେଲେ ମହାବିରୋଡ୍ ଥାନା ବାଘମୁଣ୍ଡା ଗାଁର ସିପୁନ ପାତ୍ର (୨୫), ଟମ୍ପେଇ ଗାଁର ସନାତନ ନାଏକ (୫୦), କୁବେର ସିଂହ (୩୨), ଲକ୍ଷ୍ମୀଧର ନାଏକ (୩୯)। ଏମାନେ ହାତୀର ଦାନ୍ତ କାଟିନେଇ ବାଘମୁଣ୍ଡା ଗାଁ ନିକଟ ଅନନ୍ତପୁର ଜଙ୍ଗଲ ପାଖରେ ଲୁଚାଇ ରଖିଥିଲେ। ସେଠାରୁ ବନ ବିଭାଗ ଦୁଇ ଦାନ୍ତ ଉଦ୍ଧାର କରିଛି। ତେବେ ଅଭିଯୁକ୍ତମାନେ ହାତୀକ ମାରି ନ ଥିବା କହିଛନ୍ତି। ଛତୁ ସଂଗ୍ରହ କରିବାକୁ ଯିବା ସମୟରେ ଜଙ୍ଗଲରେ ହାତୀ ମରି ପଡ଼ିଥିବା ସେମାନେ ଦେଖିବାକୁ ପାଇଥିଲେ। ମୃତ ହାତୀର ଦାନ୍ତ କାଟି ନେଇଥିବା ସ୍ୱୀକାର କରିଛନ୍ତି। ବୁଧବାର କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ଅଧିକାରୀଙ୍କ କାର୍ଯ୍ୟାଳୟରେ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଏକ ସାମ୍ବାଦିକ ସମ୍ମିଳନୀ କରି ଏ ନେଇ ସୂଚନା ଦେଇଛନ୍ତି। ହାତୀ କିମ୍ବା ଅନ୍ୟ ବନ୍ୟଜନ୍ତୁ ଜଙ୍ଗଲରେ ମରି ପଡ଼ିଥିଲେ ନିଜ ହାତକୁ ନ ନେଇ ତୁରନ୍ତ ବନ ବିଭାଗକୁ ଖବର ଦେବା କଥା। ନଚେତ୍ ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁସାରେ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ହାତୀ ଦାନ୍ତ କାଟି ନେବା ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ଅନ୍ୟ କୌଣସି ବ୍ୟକ୍ତି ସାମିଲ ଥିଲେ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନଖଣ୍ଡ ଅଧିକାରୀ କହିଛନ୍ତି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇ ଜେଲ୍ ପଠାଇ ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ମହାବିରୋଡ୍ ରେଞ୍ଜ ଅଧିକାରୀ ସୁଶାନ୍ତ କୁମାର ପାତ୍ର, ଏସିଏଫ ଉପସ୍ଥିତ ଥିଲେ।



## କଲେଜରେ ଆଇନ ସଚେତନତା ଶିବିର




ବଇଣ୍ଡା,୧୯ ।୮ (ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ସ୍ଥିତ ଷୋଳପଦା ସ୍ନାତକ ମହାବିଦ୍ୟାଳୟରେ ମଙ୍ଗଳବାର ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରତିମା ବାଘଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଠାକୁରଗଡ଼ ଥାନା ଆଇଆଇସି ଶ୍ୟାମଲାଲ ଓରାମ ଯୋଗଦେଇ ଛାତ୍ରୀମାନଙ୍କୁ ସେମାନଙ୍କ ସୁରକ୍ଷା ପାଇଁ ସରକାରୀ ନିୟମାବଳୀ ଉପରେ ବିବରଣୀ ପ୍ରଦାନ କରିଥିଲେ। ଆଣ୍ଟି-ରାଗିଂ ଶାରୀରିକ ତଥା ମାନସିକ ସ୍ତରରେ କିପରି ସଚେତନ ରହିବେ, ନିଶାଠାରୁ ଦୂରେଇ ରହିବା ଆଦି ସେ ସମ୍ପର୍କରେ ସଚେତନ କରାଇଥିଲେ। ଅନ୍ୟତମ ଅତିଥି ଭାବେ ଏସଆଇ ମନୋଜ କୁମାର ବେହେରା, ଏଏସଆଇ ଯଶୋବନ୍ତି ନାୟକ, ଶେଷଦେବ ସାମଲ, ହାବିଲଦାର ଦେବେନ୍ଦ୍ର କୁମାର ସାହୁ, ଓଏପିଏଫ ତପନ କୁମାର ଓ ସରୋଜ ପ୍ରଧାନ ଯୋଗଦେଇଥିଲେ। ଛାତ୍ରୀମାନଙ୍କୁ ସଶକ୍ତ କରିବା ସହ ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ପୋକ୍ସୋ ସମ୍ବନ୍ଧୀୟ ନିୟମାବଳୀ ଉପରେ ଗୁରୁତ୍ୱ ଦିଆଯାଇଥିଲା। ରାଜନୀତି ବିଜ୍ଞାନ ଅଧ୍ୟାପକ ସରୋଜ ଦାସ, ଇଂରାଜୀ ଅଧ୍ୟାପକ ସରୋଜ ପ୍ରଧାନ, ଅର୍ଥନୀତି ଅଧ୍ୟାପକ ତରୁଣ ପ୍ରଧାନ, ଓଡ଼ିଆ ଅଧ୍ୟାପିକା କଲ୍ୟାଣୀରୂପା ମିଶ୍ର, ଇତିହାସ ଅଧ୍ୟାପକ ଟୁକୁନା ପ୍ରଧାନଙ୍କ ସମେତ ମନୋରଞ୍ଜନ ବାରିକ, ସନ୍ଦୀପ କୁମାର ବେହେରା, ପ୍ରଜ୍ଞାରଞ୍ଜନ ସାହୁ, ସ୍ୱପ୍ନେଶ୍ୱର ପ୍ରଧାନ ଓ ଚିତ୍ତରଞ୍ଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି, ସଚେତନତା କରାଯିବା ସହ ଆମ ପୁଲିସ ସମିତି ବୈଠକ କରାଯାଇ ସାଇବର ଠକେଇରୁ କିପରି ସମସ୍ତେ ଦୂରେଇ ରହିବେ ଓ କାହାକୁ ନିଜ ବ୍ୟାଙ୍କ ଓଟିପି ନ ଦେବା ପାଇଁ ପରାମର୍ଶ ଦିଆଯାଇଥିଲା।

## ଦେଶୀମଦ, କାର୍ ଜବତ; ୩ ଗିରଫ

କାମାକ୍ଷାନଗର,୧୯ ।୮ (ସମିସ): ୫୩ ନମ୍ବର ଜାତୀୟ ରାଜପଥର କାମାକ୍ଷାନଗର ଥାନା ଆଳତୁମା ବାଇପାସ ନିକଟରୁ ଚୋରା ଦେଶୀମଦ ଚାଲାଣ କରୁଥିବା ତିନି ଅଭିଯୁକ୍ତଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ କାର ଓ ୩୫୦ ଲିଟର ଦେଶୀମଦ ଜବତ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ପରଜଙ୍ଗ ଅଞ୍ଚଳରୁ କାର ଯୋଗେ ଦେଶୀମଦ ଚାଲାଣ ହେଉଥିବା ଅବକାରୀ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲା। ଅତିରିକ୍ତ ଅବକାରୀ ଅଧୀକ୍ଷକ ସାନ ଭୋଳଙ୍କ ନେତୃତ୍ୱରେ ବିଭାଗର ଅଧିକାରିଣୀ ଲକ୍ଷ୍ମୀପ୍ରିୟା ମଲ୍ଲିକ ଓ ଟିମ ଜାତୀୟ ରାଜପଥରେ ଛକି ବସିଥିଲେ। ସେହି ସମୟରେ ଆଳତୁମା ବାଇପାସ ନିକଟରେ ଏକ ମାରୁତି ରିଜ କାର ଯୋଗେ ଦେଶୀମଦ ଆସୁଥିବା ବେଳେ ଅବକାରୀ ବିଭାଗ ମାଡ଼ି ବସିଥିଲା। କାରରେ ଥିବା ତିନି ଜଣଙ୍କୁ ଗିରଫ କରାଯାଇଛି।



## କୋଇଲା ଖଣି ନିମନ୍ତେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି

ଛେଣ୍ଡିପଦା,୧୯ ।୮ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ତହସିଲ ଅଞ୍ଚଳରେ ଆୟୋଜିତ ହୋଇଛି ପରିବେଶ ସମ୍ବନ୍ଧୀୟ ଜନଶୁଣାଣି। ଏଥିରେ ସମ୍ପୃକ୍ତ ଅଞ୍ଚଳର ଜମି, ଜଙ୍ଗଲ, ପରିବେଶ ଓ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା ହୋଇଛି। ପ୍ରକଳ୍ପ ଅଞ୍ଚଳ ଅଧୀନରେ ଆସୁଥିବା ଗ୍ରାମ ଏବଂ ଜଙ୍ଗଲ ଅଞ୍ଚଳ ସମ୍ପର୍କରେ ମଧ୍ୟ ତଥ୍ୟ ରଖାଯାଇଛି। ଏହି ପ୍ରକଳ୍ପ ସହ ଜଡ଼ିତ ଅଞ୍ଚଳରେ କୋଇଲା ଖଣି କାର୍ଯ୍ୟ ଓ ଏହାର ସମ୍ପ୍ରସାରଣକୁ ନେଇ ପରିବେଶୀୟ ପ୍ରଭାବ ଉପରେ ଜନସାଧାରଣଙ୍କ ମତାମତ ନେବା ପାଇଁ ଏହି ଶୁଣାଣି ଆୟୋଜିତ ହୋଇଛି। ଜନଶୁଣାଣିରେ ସ୍ଥାନୀୟ ଲୋକଙ୍କ ମତାମତ, ଅଭିଯୋଗ ଓ ପ୍ରସ୍ତାବକୁ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ପରିବେଶ ସୁରକ୍ଷା, ଜଙ୍ଗଲ ସୁରକ୍ଷା, ଜମି ଓ ଜୀବିକା ଉପରେ ପ୍ରଭାବ, ଅଞ୍ଚଳର ମୌଳିକ ସୁବିଧା ଏବଂ ସ୍ଥାନୀୟ ବିକାଶ ସମ୍ପର୍କରେ ଲୋକଙ୍କ ମତ ଶୁଣାଯାଇଛି। ଛେଣ୍ଡିପଦା ଅଞ୍ଚଳର ବିଭିନ୍ନ ଗ୍ରାମକୁ ନେଇ ପ୍ରକଳ୍ପ ଅଞ୍ଚଳ ଚିହ୍ନଟ ହୋଇଥିବା ବେଳେ ରକ୍ଷିତ ଜଙ୍ଗଲ ଓ କୋଇଲା ଖଣି ଅଞ୍ଚଳ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢ଼ିବା ସମୟରେ ପରିବେଶର ସନ୍ତୁଳନ ବଜାୟ ରଖିବା ସହ ସ୍ଥାନୀୟ ଲୋକଙ୍କ ହିତ ଓ ଅଧିକାରକୁ କିଭଳି ସୁରକ୍ଷିତ ରଖାଯିବ ସେ ନେଇ ମତାମତ ଗ୍ରହଣ କରାଯାଇଛି। ଜନ ଶୁଣାଣିରେ ସ୍ଥାନୀୟ ଅଞ୍ଚଳବାସୀ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ପ୍ରକଳ୍ପ ସହ ଜଡ଼ିତ ପ୍ରତିନିଧିମାନେ ଉପସ୍ଥିତ ରହି ନିଜ ନିଜ ପକ୍ଷ ରଖିଛନ୍ତି। ଲୋକଙ୍କ ମତାମତ ଓ ଉଠିଥିବା ବିଭିନ୍ନ ପ୍ରସଙ୍ଗକୁ ରେକର୍ଡ କରାଯାଇଛି। ଆଗାମୀ ଦିନରେ ପ୍ରକଳ୍ପ ସମ୍ପର୍କିତ ପରିବେଶୀୟ ପ୍ରକ୍ରିୟାରେ ଏହି ମତାମତକୁ ବିଚାରକୁ ନିଆଯିବ ବୋଲି କୁହାଯାଇଛି। ଜନଶୁଣାଣିକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଛି।




## କିଶୋରନଗରରେ ଭିନ୍ନକ୍ଷମ ଚିହ୍ନଟ ଶିବିର



କିଶୋରନଗର,୧୯ ।୮ (ସମିସ): କିଶୋରନଗର ବ୍ଲକ ପରିସରରେ ବୁଧବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟସେବା, ସହାୟକ ଉପକରଣ, ଦକ୍ଷତା ବିକାଶ ଓ ସାମାଜିକ ସୁରକ୍ଷା ସୁବିଧା ପ୍ରଦାନ କରାଯାଇଛି। ବିଡିଓ ଶୁଭକାନ୍ତ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଶିବିରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଝସକେତନ ସାହୁ ଶିବିର ପରିଚାଳନା କରିଥିଲେ। ଏହି ଅବସରରେ ୨୧୨ ଜଣ ହିତାଧକାରୀ ନିଜ ନାମ ପଞ୍ଜୀକରଣ କରିଥିଲେ। ଅସ୍ଥିଶଲ୍ୟ ବିଭାଗ ବିଶେଷଜ୍ଞ ଡା. ଆଶୁତୋଷ ମିଶ୍ର, ଇଏନଟି ବିଭାଗ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟର ବିଶେଷଜ୍ଞ ଡା. ପିକେ ମହାନ୍ତି, ଭେଷଜ ବିଶେଷଜ୍ଞ ଡା. ଦୀପକ ଗଡ଼ନାୟକ, ଚକ୍ଷୁ ବିଶେଷଜ୍ଞ ଡା. ଏନ୍ ପ୍ରଧାନ, ଶିଶୁ ବିଶେଷଜ୍ଞ ତଥା ଆଠମଲ୍ଲିକ ମେଡିକାଲ ସୁପରିନଟେଣ୍ଡେଣ୍ଟ ଡା. ଅଶୋକ କୁମାର ମଲ୍ଲିକ, ମନସ୍ତତ୍ତ୍ୱିକ ରୋଗ ବିଶେଷଜ୍ଞ ଡା. ରଶ୍ମିତା ଭଞ୍ଜ ଯୋଗଦେଇ ଶିବିରାର୍ଥୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୩ ହିତାଧିକାରୀଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଛି।

## ● ଗଛରେ ଧକ୍କାହେଲା ବାଇକ୍
## ବାପୁଜୀ ମହାବିଦ୍ୟାଳୟ କିରାଣିଙ୍କ ମୃତ୍ୟୁ

କିଶୋରନଗର/ବଇଣ୍ଡା,୧୯ ।୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ରଘୁନାଥପୁର ନିକଟରେ ଏକ ଗଛରେ ଏକ ବାଇକ ଧକ୍କାହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ବାଇକ ଚାଳକ ଛେଣ୍ଡିପଦା ବାପୁଜୀ ମହାବିଦ୍ୟାଳୟର କିରାଣି ଛେଣ୍ଡିପଦା ଥାନା ସାପୁଇ ସାହିର ପ୍ରଶାନ୍ତ କୁମାର ସାହୁ (୫୩)ଙ୍କ ମୃତ୍ୟୁ ହୋଇଛି। ବୁଧବାର ଅପରାହ୍ନରେ ପ୍ରଶାନ୍ତ ନିଜ ମାମୁଘର କିଶୋରନଗର ଥାନା ତୁରୁଡ଼ା ଗ୍ରାମକୁ ବାଇକ ଯୋଗେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଗଛରେ ଧକ୍କାହୋଇ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଓ ବାଇକ ଜବତ କରି ତଦନ୍ତ ଆରମ୍ଭ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।



## ବାମୁର ହାଇସ୍କୁଲରେ ସାଇବର ସୁରକ୍ଷା ସଚେତନତା

କିଶୋରନଗର,୧୯ ।୮ (ସମିସ): କିଶୋରନଗର ବ୍ଲକ୍ ବାମୁର ଯୁବଜ୍ୟୋତି ଉଚ୍ଚ ବିଦ୍ୟାଳୟରେ ସାଇବର ସୁରକ୍ଷା ଏବଂ ନିଶାଦ୍ରବ୍ୟ ଅପବ୍ୟବହାର ଉପରେ ସଚେତନତା କାର୍ଯ୍ୟକ୍ରମ ତଥା ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କିଶୋରନଗର ଥାନା ଅଧିକାରୀ ହରିକୃଷ୍ଣ ପ୍ରଧାନ, ଥାନା ଏସ୍‌ଆଇ ପ୍ରଶାନ୍ତ କୁମାର ରାଉତଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଏବଂ କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅତିଥିମାନେ ସୁରକ୍ଷିତ ଡିଜିଟାଲ୍ ଅଭ୍ୟାସ, ସାଇବର ଅପରାଧ ବିରୋଧରେ ସତର୍କ ରହିବା ଏବଂ ନିଶାଦ୍ରବ୍ୟ ଅପବ୍ୟବହାରର ଗମ୍ଭୀର ପରିଣାମ ବୁଝିବାକୁ ସଚେତନ କରାଯାଇଥିଲା। ସାମୁଦାୟିକ ଅଂଶଗ୍ରହଣକୁ ସୁଦୃଢ଼ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶିକ୍ଷକ ଉକ୍ରଳ କିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।




## ତାଳଚେର ଥର୍ମାଲ ପକ୍ଷରୁ ସିଲେଇ ପ୍ରଶିକ୍ଷଣ

ତାଳଚେର,୧୯ ।୮ (ସମିସ): ଏନଟିପିସି ତାଳଚେର ଥର୍ମାଲ ଉଷା ଇଣ୍ଟରନ୍ୟସନାଲ ଲିମିଟେଡ୍ ସହଯୋଗରେ ଟିଟିପିଏସ୍ କୌଶଳ ବିକାଶ ପଦକ୍ଷେପ ଅଧୀନରେ ବ୍ରଜନାଥପୁର ପଞ୍ଚାୟତର ୩୫ ମହିଳାଙ୍କ ପାଇଁ ୨୫ଦିନିଆ ସିଲେଇ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଏନ୍‌ଟିପିସି ତାଳଚେର ଥର୍ମାଲର ସାଗରୀକା ଲେଡିଜ କ୍ଲବ ସଭାପତି ବିଭା ଅଗ୍ରୱାଲା, ବ୍ରଜନାଥପୁର ସରପଞ୍ଚ ନରେଶ ବେହେରା ଏବଂ ଥର୍ମାଲର ବରିଷ୍ଠ ଅଧିକାରୀ ଉଦଘାଟନ କରିଥିଲେ। ମହିଳାମାନଙ୍କୁ ରୋଜଗାରକ୍ଷମ କରି ମୁଖ୍ୟସ୍ରୋତରେ ସାମିଲ କରିବା, ଉଦ୍ୟୋଗୀ ଦକ୍ଷତାକୁ ସୁଦୃଢ଼ କରିବା ଓ ସ୍ଥାୟୀ ଜୀବିକା ବିକାଶ କରିବାରେ ସେମାନଙ୍କୁ ସମର୍ଥନ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଉଷା ଇଣ୍ଟରନ୍ୟାସନାଲ ଭୁବନେଶ୍ୱରର ବିଶେଷଜ୍ଞ ପ୍ରଶିକ୍ଷକମାନଙ୍କ ଦ୍ୱାରା ତାଲିମ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ପ୍ରଶିକ୍ଷକମାନେ ବିଭିନ୍ନ ପ୍ରକାର ମହିଳା ପୋଷାକ, ସ୍କୁଲ ୟୁନିଫର୍ମ ତିଆରି ଏବଂ ସିଲେଇର ଅନ୍ୟାନ୍ୟ କୌଶଳ ଉପରେ ତାଲିମ ଦେଉଛନ୍ତି। ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରି ବିଭା ଅଗ୍ରୱାଲ ସେମାନଙ୍କୁ ତାଲିମର ସର୍ବୋତ୍ତମ ବ୍ୟବହାର କରିବା ଏବଂ ସିଲେଇ ଉଦ୍ୟୋଗ ମାଧ୍ୟମରେ ସ୍ଥାୟୀ ଜୀବିକା ଗଠନ ପାଇଁ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ। ସରପଞ୍ଚ ବେହେରା ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଥର୍ମାଲର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ମହିଳାମାନଙ୍କୁ ସଶକ୍ତ କରିବା ଓ ଜୀବିକା ନିର୍ବାହ ସୁଯୋଗ ସୃଷ୍ଟି କରିଥିବାରୁ ଏନଟିପିସି ତାଳଚେର ଥର୍ମାଲକୁ କୃତଜ୍ଞତା ଜଣାଇଥିଲେ।



### ବିଶ୍ୱ ଫଟୋଗ୍ରାଫି ଦିବସ
## ଫଟୋଗ୍ରାଫର୍ସ ଆସୋସିଏସନର ୧୪ତମ ବାର୍ଷିକ ଉତ୍ସବ




ଅନୁଗୋଳ,୧୯ ।୮ (ସମିସ): ବିଶ୍ୱ ଫଟୋଗ୍ରାଫି ଦିବସ ତଥା ଫଟୋଗ୍ରାଫର୍ସ ଆସୋସିଏସନ, ଅନୁଗୋଳ (ପା)ର ୧୪ତମ ବାର୍ଷିକ ଉତ୍ସବ ସ୍ଥାନୀୟ ବ୍ଲାକ ଡାଇମଣ୍ଡରେ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ନଗରପାଳ ଅକ୍ଷୟ କୁମାର ସାମନ୍ତ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସଂଘ ଉପଦେଷ୍ଟା ଭୂପେଶ ଚନ୍ଦ୍ର ପ୍ରଧାନ ଓ ସମ୍ପାଦକ ସରୋଜ ସାମଲ ଉପସ୍ଥିତ ଥିଲେ। ଅତିଥିମାନେ ବର୍ତ୍ତମାନ ଯୁଗରେ ଫଟୋଗ୍ରାଫି ଓ ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲାର ସ୍ଥିତିକୁ ନେଇ ଫଟୋଗ୍ରାଫରମାନଙ୍କ ଉନ୍ନତି କାମନା କରିଥିଲେ। ମୁଖ୍ୟଅତିଥି ସଂଘକୁ ନିଜସ୍ୱ ଜାଗା ଓ ଘର ପ୍ରଦାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ସଂଘର ବିଭିନ୍ନ କର୍ମଶାଳା, ରକ୍ତଦାନ ଶିବିର, ବିଶେଷ କରି ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଉପରେ ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୦୦ରୁ ଅଧିକ ଫଟୋଗ୍ରାଫର ଉତ୍ସବରେ ଯୋଗଦେଇଥିଲେ। ସଂଘ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ବାମୁର ବନାଞ୍ଚଳ ପକ୍ଷରୁ ନିଯୁକ୍ତି ମେଳା

କିଶୋରନଗର,୧୯ ।୮ (ସମିସ): ବାମୁର ବନାଞ୍ଚଳ ଅଧୀନସ୍ଥ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ-୨ ଆନୁକୂଲ୍ୟରେ ଅନୁଗୋଳ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି କାର୍ଯ୍ୟାଳୟ ସହାୟତାରେ ଗ୍ରାମାଞ୍ଚଳରେ ବେରୋଜଗାର ତଥା ଅଧାରୁ ପାଠ ତ୍ୟାଗ କରିଥିବା ଯୁବକ ଓ ଯୁବତୀଙ୍କ ପାଇଁ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୮୮ ଜଣ ଯୁବକ, ଯୁବତୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଆତ୍ମନିଯୁକ୍ତି ପାଇଁ ୨୪ ଜଣ ଯୁବକ, ଯୁବତୀ ତାଲିମ ନେବାକୁ ପଞ୍ଜୀକରଣ କରିଛନ୍ତି।




## ଶିକ୍ଷକପଡ଼ା ରାସ୍ତା କାଦୁଅପୂର୍ଣ୍ଣ, ଯାତାୟାତରେ ବାଧା

ଅନୁଗୋଳ,୧୯ ।୮ (ସମିସ): କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ଆଠମଲ୍ଲିକ ଓଭର ବ୍ରିଜଠାରୁ ଶିକ୍ଷକପଡ଼ା ଦେଇ ସାନ ଗୋବିନ୍ଦପୁର ଯାଇଥିବା ରାସ୍ତା ଏବେ ସମ୍ପୂର୍ଣ୍ଣ କାଦୁଅପୂର୍ଣ୍ଣ ହୋଇଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକେ ବହୁ ହଇରାଣ ହେଉଛନ୍ତି। ରାସ୍ତାକୁ ପିଚୁରେ ପରିଣତ କରିବା ପାଇଁ ଅଞ୍ଚଳବାସୀ ବହୁବାର ବ୍ଲକ ପ୍ରଶାସନଠାରେ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ଏହି ରାସ୍ତା ରେଳ ବିଭାଗ ଅଧୀନରେ ରହିଛି। ରାସ୍ତା ଉପରେ ଶିକ୍ଷକପଡ଼ା, ଦାଦରସାହି, ବଡ଼ହୁଲା, ସାନ ଗୋବିନ୍ଦପୁର ଆଦି ଗ୍ରାମବାସୀ ନିର୍ଭର କରନ୍ତି। ମୁଖ୍ୟ ରାସ୍ତାଠାରୁ ୫୦୦ ମିଟର ପର୍ଯ୍ୟନ୍ତ ମାଟି ରାସ୍ତା ରହିଛି। ସାମାନ୍ୟ ବର୍ଷା ହେଲେ ରାସ୍ତା ସମ୍ପୂର୍ଣ୍ଣ କାଦୁଅପୂର୍ଣ୍ଣ ହୋଇଯାଉଛି। ରାସ୍ତା ଅବସ୍ଥା ଏମିତି ହୋଇଛି ଯେ ପାଦରେ ଚାଲି ଯିବା ବି ସମ୍ଭବ ହେଉନାହିଁ। ଏହି ରାସ୍ତାରେ ପ୍ରତ୍ୟେକ ଦିନ ଯାତାୟାତ କରୁଥିବା ସାଇକଲ ଓ ବାଇକ ଆରୋହୀମାନେ ଖସିପଡ଼ି ଆହତ ହେଉଛନ୍ତି। ହେଲେ ରାସ୍ତା ମରାମତି କରାଯାଉ ନାହିଁ। ଏହି ରାସ୍ତାକୁ ପିଚୁ କରାଯିବା ସହ ଶିଶୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବାକୁ ବଇଣ୍ଡା ଗ୍ରାମବାସୀ ୨୦୨୪ ମାର୍ଚ୍ଚ ୧୬ରେ ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ପଞ୍ଚାୟତ ପକ୍ଷରୁ ମଧ୍ୟ ରାସ୍ତାର ଉନ୍ନତୀକରଣ କରାଯାଉ ନାହିଁ। ଫଳରେ ବର୍ଷାଦିନେ ଲୋକେ କାଦୁଅରେ ପଶି ଯାତାୟାତ କରୁଛନ୍ତି। ଏପରିକି କାଦୁଅରେ ସ୍କୁଲ ଛାତ୍ରୀଛାତ୍ରମାନେ ସାଇକଲରେ ଆସୁଥିବା ବେଳେ ଖସିପଡ଼ି ଗୁରୁତର ହେଉଛନ୍ତି। ତୁରନ୍ତ ଏଥିପ୍ରତି ରେଳ ବିଭାଗ ଓ ପଞ୍ଚାୟତିରାଜ ବିଭାଗ ଦୃଷ୍ଟିଦେଇ ରାସ୍ତାର ଉନ୍ନତୀକରଣ କରିବାକୁ ଦାବି ହୋଇଛି।



### ଜମରଡିହ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରୀ ଡାକ୍ତର ନିଯୁକ୍ତି ଦାବି
## ୧୦ ଦିନରେ ପଦକ୍ଷେପ ନ ନେଲେ ଆନ୍ଦୋଳନ: ବିଜେଡି

ପାଲଲହଡ଼ା,୧୯ ।୮ (ସମିସ):

ଉପାନ୍ତ ଅଞ୍ଚଳବାସୀଙ୍କୁ ଉତ୍ତମ ଓ ନିୟମିତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଜମରଡିହ ସ୍ୱାସ୍ଥ୍ୟକେନ୍ଦ୍ରରେ ତୁରନ୍ତ ସରକାରୀ ଡାକ୍ତର ସମେତ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଓ ନିୟମିତ ଚିକିତ୍ସାସେବା ପ୍ରଦାନ ପାଇଁ ବୁଧବାର ପାଲଲହଡ଼ା ବିଜେଡି ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ଜମରଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଦୀର୍ଘବର୍ଷ ଧରି ସରକାରୀ ବ୍ୟବସ୍ଥାରେ ଚାଲିଥିଲା। ଗତ ଜୁନ୍ ୧ରୁ ସରକାର ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଏନଜିଓ ହାତକୁ ଟେକି ଦେଇଛନ୍ତି। ତେବେ ଏନଜିଓ ପକ୍ଷରୁ ମାତ୍ର କିଛିଦିନ ସ୍ୱାସ୍ଥ୍ୟସେବା ଯୋଗାଇବା ପରେ ନିୟମିତ ଓ ଉତ୍ତମ ସେବା ମିଳୁ ନ ଥିବା ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏନଜିଓକୁ ହଟାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରୀ ଡାକ୍ତର ନିଯୁକ୍ତି ଦାବିରେ ଅଞ୍ଚଳବାସୀ ଦୀର୍ଘଦିନ ଧରି ଆନ୍ଦୋଳନ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣାରେ ବସିଥିଲେ। ଶେଷରେ ଏନଜିଓ ପକ୍ଷରୁ ମଧ୍ୟ ସ୍ୱାସ୍ଥ୍ୟସେବା ଜାରି ରଖିବା ସମ୍ଭବ ନ ହେବାରୁ ଜୁଲାଇ ୩୧ ତାରିଖ ସଂସ୍ଥା ନିଜ ଦାୟିତ୍ୱରୁ ଓହରିଯାଇଛି।

ଏନଜିଓ ହଟିବା ପରେ ସ୍ୱାସ୍ଥ୍ୟକେନ୍ଦ୍ର ପୁଣି ସ୍ୱାସ୍ଥ୍ୟ ବିଭାଗ ଅଧୀନକୁ ଆସିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏଠାରେ ସରକାରୀ ଡାକ୍ତର ନିଯୁକ୍ତ ହୋଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଫଳରେ ଜମରଡିହ ସମେତ ଦୁର୍ଗମ ଅଞ୍ଚଳର ହଜାର ହଜାର ଲୋକ ଆବଶ୍ୟକ ଚିକିତ୍ସାସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଜମରଡିହ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୫ ପଞ୍ଚାୟତର ଲୋକେ ନିର୍ଭରଶୀଳ। ଅଞ୍ଚଳର ବହୁ ଗରିବ ଲୋକଙ୍କ ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ହିଁ ପ୍ରମୁଖ ଚିକିତ୍ସା ଆଶ୍ରୟସ୍ଥଳ। କିନ୍ତୁ ଡାକ୍ତର ଓ ଆବଶ୍ୟକ ସ୍ୱାସ୍ଥ୍ୟକର୍ମୀ ଅଭାବରୁ ରୋଗୀମାନଙ୍କୁ ଚିକିତ୍ସା ପାଇଁ ଦୂର ପାଲଲହଡ଼ା କିମ୍ବା ଅନ୍ୟ ସ୍ଥାନକୁ ନେବାକୁ ପଡୁଛି।

ତେଣୁ ଲୋକଙ୍କ ଜୀବନ ଓ ସ୍ୱାସ୍ଥ୍ୟ ସହ ଜଡ଼ିତ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁଚାରୁରୂପେ ସରକାରୀ ବ୍ୟବସ୍ଥାରେ ପରିଚାଳନା କରିବା ସହ ନିୟମିତ ସରକାରୀ ଡାକ୍ତର, ଏଏନ୍‌ଏମ୍, ଫାର୍ମାସିଷ୍ଟ ଓ ଅନ୍ୟ ଆବଶ୍ୟକ କର୍ମଚାରୀ ନିଯୁକ୍ତି ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି। ପ୍ରଶାସନ ଆସନ୍ତା ୧୦ ଦିନ ମଧ୍ୟରେ ଏହି ଦାବି ଉପରେ ଠୋସ୍ ପଦକ୍ଷେପ ନ ନେଲେ ଅଞ୍ଚଳବାସୀଙ୍କୁ ସାଙ୍ଗରେ ନେଇ ଜୋରଦାର ଆନ୍ଦୋଳନ କରାଯିବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, ବ୍ଲକ ସଭାପତି ରଞ୍ଜିତ ବିଶ୍ୱାଳ, ବରିଷ୍ଠ ନେତା ନରେନ୍ଦ୍ର କୁମାର ଭୁକ୍ତା, ଜିଲ୍ଲା ପରିଷଦ ସଭ୍ୟା ସାବିତ୍ରୀ ମାଝୀଙ୍କ ସମେତ ବହୁ ଯୁବ କର୍ମୀ ଉପସ୍ଥିତ ଥିଲେ।



## ଅଜଣା ଗାଡ଼ି ଧକ୍କାରେ ୫ ଗୋରୁ ମୃତ

ପରଜଙ୍ଗ,୧୯ ।୮ (ସମିସ): ୫୩ନଂ ଜାତୀୟ ରାଜପଥର ପରଜଙ୍ଗ ଥାନା ବଡ଼ଝରା ନୂଆସାହି ନିକଟରେ ମଙ୍ଗଳବାର ରାତିରେ ଅଜଣା ଗାଡ଼ି ଧକ୍କାରେ ୫ ଗୋରୁଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ବୁଧବାର ସକାଳେ ଏନଏଚଆଇ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ରାଜପଥ ଉପରେ ପଡ଼ିଥିବା ମୃତ ଗୋରୁଙ୍କୁ ଜେସିବି ମେସିନରେ ଉଠାଇ ଅନ୍ୟ ସ୍ଥାନରେ ପକାଇଥିଲେ। ପରଜଙ୍ଗ ଦେଇ ଯାଇଥିବା ୫୩ ଓ ୧୪୯ ନମ୍ବର ଜାତୀୟ ରାଜପଥରେ ଏପରି ବାରମ୍ବାର ଦୁର୍ଘଟଣା ଘଟି ବହୁ ଗୋରୁ ମୃତାହତ ହେଉଛନ୍ତି। ଗତ ଗୁରୁବାର ରାତିରେ ପରଜଙ୍ଗ ଥାନା ସରାଙ୍ଗ ମା' ଛିନ୍ନମସ୍ତା ମନ୍ଦିର ପାଖରେ ଏକ ଦ୍ରୁତଗାମୀ ଟ୍ରକ ଧକ୍କାରେ ମଧ୍ୟ ୫ ଗୋରୁଙ୍କ ମୃତ୍ୟୁ ହୋଇଥିଲା। ଅନେକ ଗୋରୁ ଆହତ ହୋଇଥିଲେ। ଗୋରୁ ମାଲିକମାନେ ସେମାନଙ୍କ ଗୋରୁଙ୍କୁ ଖୋଲାରେ ଛାଡ଼ିଦେଉ ଥିବାରୁ ବାରମ୍ବାର ଏପରି ଦୁର୍ଘଟଣା ଘଟୁଥିବା କୁହାଯାଉଛି।

## ବର୍ଷାରେ ଭାଙ୍ଗିଲା ଘର କାନ୍ଥ

ପରଜଙ୍ଗ,୧୯ ।୮ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ପ୍ରଭାବରେ ପରଜଙ୍ଗ ବ୍ଲକ ଜୟପୁରାକାଟେଣି ପଞ୍ଚାୟତ ଶୁଣ୍ଠିକାଟେଣି ଗାଁ କହ୍ନେଇନଗର



ସାହିର ବାବୁଲି ହେମ୍ବ୍ରମଙ୍କ ଝାଟିମାଟି ଘର କାନ୍ଥ ଭାଙ୍ଗିଯାଇଛି। ଫଳରେ ତାଙ୍କ ପରିବାର ଲୋକେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ବାବୁଲିଙ୍କ ପରିବାର ଲୋକେ ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ଉକ୍ତ ଭଙ୍ଗା ରହିଥିବାରୁ ଯେ କୌଣସି ସମୟରେ ବଡ଼ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ବାବୁଲି ମୂଲମଜୁରି କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ବର୍ତ୍ତମାନ ମୁଣ୍ଡ ଗୁଞ୍ଜିବାକୁ ସାହାରା ଖୋଜୁଛନ୍ତି। ସେମାନେ ଆଶ୍ରୟ ନେବେ କେଉଁଠି ସେ ନେଇ ଚିନ୍ତାରେ ରହିଛନ୍ତି। ତୁରନ୍ତ ଏହି ଅସହାୟ ପରିବାରକୁ ସରକାରୀ ସହାୟତା ସହ ଆବାସ ଗୃହ ଯୋଗାଇ ଦେବାକୁ ଦାବି ହେଉଛି।

## ବନବିଭାଗ ପକ୍ଷରୁ ଅସୁସ୍ଥ ଦନ୍ତାର ଚିକିତ୍ସା

ହିନ୍ଦୋଳ,୧୯ ।୮ (ସମିସ): ହନ୍ଦୋଳ ବନାଞ୍ଚଳ ଦୁଦୁରକୋଟ ନିକଟରେ ଏକ ଦନ୍ତାହାତୀ ଆହାତ ହୋଇଥିବାରୁ ବନବିଭାଗ ପକ୍ଷରୁ ତା'ର ଚିକିତ୍ସା କରାଯାଉଛି। ତିନିଦିନ ତଳେ ଦୁଇ ହାତୀ ମଧ୍ୟରେ ଲଢ଼େଇ ହେବାରୁ ଦନ୍ତା



ହାତୀର ଦାନ୍ତ ବାଜି ଆଉ ଏକ ଦନ୍ତା ଆହତ ହୋଇଥିଲା। ବନବିଭାଗ ଅଧିକାରୀ ତ୍ରିଲୋଚନ ଦେହୁରୀଙ୍କ ନେତୃତ୍ୱରେ ଏକ ଟିମ୍ ହାତୀକୁ ଟ୍ରାକିଂ କରି ଖଜୁରିଆକଟା ସେକ୍ସନ ଦୁଦୁରକୋଟ ନିକଟ ଜଙ୍ଗଲରେ ଠାବ କରିବାସହ ଆଜି ଚିକିତ୍ସା କରାଇଛନ୍ତି। କପିଳାସ ବନବିଭାଗର ରାପିଡ୍ ରେସ୍ପନ୍ସ ଟିମର ଡାକ୍ତର ହରିଙ୍କ ନେତୃତ୍ୱରେ ଡାକ୍ତରୀ ଟିମ ଚିକିତ୍ସା ଜାରି ରଖିଛନ୍ତି। ଏଥିରେ ଫରେଷ୍ଟ ଗାର୍ଡ ନିକୁଞ୍ଜ ମହାରଣା, ହାତୀ ସ୍କ୍ୱାଡ୍ ଓ ବନ କର୍ମଚାରୀ ସହଯୋଗ କରୁଛନ୍ତି।

## ଟ୍ରକ୍ ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନ,୧୯ ।୮ (ସମିସ): ଭୁବନ ଥାନା ବାଉଁଶକଣ ଢାବାରେ ଗାଧୋଇବା ସମୟରେ ଜଣେ ଟ୍ରକ ଡ୍ରାଇଭର ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ।



ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ଉଦ୍ଧାର କରାଯାଇ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତକ ହେଲେ ଝାଡ଼ଖଣ୍ଡ ପାଲାମୁ ଲେସିଗଞ୍ଜର ନନ୍ଦୁ ପାସୱାନ (୫୮)। ସେ ଅନୁଗୋଳ ଜିନ୍ଦଲରୁ କୋଇଲା ବୋଝେଇ କରି ଡୁବୁରି ଟାଟା କମ୍ପାନୀକୁ ଯାଉଥିଲେ। ନନ୍ଦୁଙ୍କ ସନ୍ଦେହଜନକ ମୃତ୍ୟୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ତେବେ ତାଙ୍କର ହୃଦ୍‌ଘାତ ହୋଇଥିବା ସାଥୀ ଡ୍ରାଇଭର କହିଛନ୍ତି।

# ଅଣନିଃଶ୍ୱାସୀ ହୋଇ ପୁଣି ୪ ଛାତ୍ରୀ ଅସୁସ୍ଥ

ଗଁଦିଆ,୧୯ ।୮ (ସମିସ)

ଗଁଦିଆ ଏନ୍ଏସିସ୍ଥିତ ଉଚ୍ଚ ବିଦ୍ୟାଳୟରେ ଅଣନିଃଶ୍ୱାସୀ ହୋଇ ବୁଧବାର ପୁଣି ୪ ଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ଶ୍ରେଣୀଗୃହରେ ବସିଥିବା ବେଳେ ୪ ଛାତ୍ରୀ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କ ଚିକିତ୍ସା କରାଯାଇଛି। ଉକ୍ତ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବର୍ତ୍ତମାନ ୪୨୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଗତ ୭ ତାରିଖ ଅଷ୍ଟମ ଶ୍ରେଣୀ ଗୃହରେ ଅଣନିଃଶ୍ୱାସୀ ହୋଇ ୬ଜଣ ଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ଗୋଟିଏ ଛୋଟ ଶ୍ରେଣୀକକ୍ଷରେ




୮୮ ପିଲା ବସି ପାଠ ପଢୁଥିବା ବେଳେ ଉକ୍ତ କୋଠରିରେ ଉପଯୁକ୍ତ ବାୟୁଚଳାଚଳ ବ୍ୟବସ୍ଥା ନ ଥିବାରୁ ଏପରି ଘଟିଥିବା କୁହାଯାଇଥିଲା। ପରେ ଅଷ୍ଟମ ଶ୍ରେଣୀ ପିଲାମାନଙ୍କୁ ଏକ ବଡ଼ ଶ୍ରେଣୀଗୃହକୁ ସ୍ଥାନାନ୍ତର କରାଯାଇଛି। ତେବେ ପୂର୍ବରୁ ଅସୁସ୍ଥ ହୋଇପଡ଼ିଥିବା ୬ ଛାତ୍ରୀଙ୍କ ମଧ୍ୟରୁ ଆଜି ପୁଣି ଅଣନିଃଶ୍ୱାସୀ ହୋଇ ୪ ଜଣ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇ ଚିକିତ୍ସା କରାଇଥିଲେ। ବାରମ୍ବାର ଏପରି ଘଟଣାକୁ ନେଇ ପିଲାଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ଓଝାଙ୍କୁ ପଚାରିବାରୁ ସେ କହନ୍ତି, ଆଜି ଯେଉଁ ୪ ଛାତ୍ରୀ ଅସୁସ୍ଥ ଥିଲେ ପୂର୍ବରୁ ମଧ୍ୟ ସେମାନେ ଅସୁସ୍ଥ ହୋଇଥିଲେ। ସେମାନେ ସୁସ୍ଥ ହେବା ପରେ ଅଭିଭାବକଙ୍କୁ ହସ୍ତାନ୍ତର କରାଯାଇଛି। ୧୫ଦିନ ପର୍ଯ୍ୟନ୍ତ ବିଦ୍ୟାଳୟ ନ ଆସିବାକୁ କୁହାଯାଇଛି। ତୁରନ୍ତ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ଦେଖାଇବା ସହ ସେମାନଙ୍କ ଚିକିତ୍ସା ଆରମ୍ଭ କରିବାକୁ କୁହାଯାଇଛି। ନିର୍ଦ୍ଦିଷ୍ଟ ଭାବେ ସେହି ୪ ଛାତ୍ରୀଙ୍କ ସ୍ୱାସ୍ଥ୍ୟ କାହିଁକି ଖରାପ ହେଉଛି ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ପ୍ରଧାନଶିକ୍ଷକ କହିଛନ୍ତି।

## ଧାନ ବିକ୍ରି ପାଇଁ ପଞ୍ଜୀକରଣରେ ସର୍ଭର ସମସ୍ୟା



ଭୁବନ,୧୯ ।୮ (ସମିସ): ଚଳିତ ଖରିଫରେ ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀଙ୍କ ପଞ୍ଜୀକରଣ ପ୍ରକ୍ରିୟା ଚାଲିଥିବା ବେଳେ ସର୍ଭର ସମସ୍ୟା ଚାଷୀଙ୍କୁ ହନ୍ତସନ୍ତ କରୁଛି। ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି ପାକ୍ସ କାର୍ଯ୍ୟାଳୟରେ ପଞ୍ଜୀକରଣ ଓ ପୂର୍ବ ତଥ୍ୟ ସଂଶୋଧନ ପାଇଁ ପ୍ରତିଦିନ ଚାଷାଙ୍କ ଭିଡ଼ ଜମୁଛି। ମାତ୍ର ସର୍ଭର ଠିକ୍ ଭାବେ କାମକରୁ ନ ଥିବାରୁ ପଞ୍ଜୀକରଣ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି। ସେବା ସମବାୟ ସମିତି ପକ୍ଷରୁ ଜଣାଯାଇଛି ଯେ ପଞ୍ଜୀକରଣ ପ୍ରକ୍ରିୟା ଚଳିତ ମାସ ୬ ତାରିଖରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସରକାର ପଞ୍ଜୀକରଣ ପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଓ ସହଜ କରିଛନ୍ତି। ଚାଷୀମାନେ ବିନା ଶୁଳ୍କରେ ଆଧାର କାର୍ଡ, ଜମି ପରିମାଣ ରେକର୍ଡ, ବ୍ୟାଙ୍କ ପାସ୍ ବହି ଏବଂ ଆବଶ୍ୟକ ସ୍ଥଳେ ଜମିମାଲିକଙ୍କ ସମ୍ମତିପତ୍ର ଦେଇ ପଞ୍ଜୀକରଣ କରିପାରିବେ। ତେବେ ସର୍ଭର କାମ କରୁ ନ ଥିବାରୁ ଘଣ୍ଟାଘଣ୍ଟା ଅପେକ୍ଷା କରିବାକୁ ପଡୁଛି। କେତେକ ଚାଷୀ ନିରାଶ ହୋଇ ଫେରି ଯାଉଛନ୍ତି। ପଞ୍ଜୀକରଣ ପାଇଁ ବାରମ୍ବାର ପାକ୍ସ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡୁଥିବାରୁ ଚାଷୀଙ୍କ ସମୟ ଓ ଶ୍ରମ ଉଭୟ ନଷ୍ଟ ହେଉଛି। ବର୍ତ୍ତମାନ ଖରିଫ ଧାନଚାଷ ସମୟ ହୋଇଥିବାରୁ ଜମିରେ ତଳି ରୋଇବା, ସାର ଓ ଔଷଧ ପ୍ରୟୋଗ କରିବା ଭଳି କାର୍ଯ୍ୟରେ ଚାଷୀ ବ୍ୟସ୍ତ ରହୁଛନ୍ତି। ଏହି ସମୟରେ ପଞ୍ଜୀକରଣ ପାଇଁ ପାକ୍ସକୁ ବାରମ୍ବାର ଯିବାକୁ ପଡୁଥିବାରୁ ସେମାନଙ୍କ ଅସୁବିଧା ବଢ଼ିଛି। ନିର୍ଦ୍ଧାରିତ ସମୟରେ ପଞ୍ଜୀକରଣ ଶେଷ ନ କଲେ ପରବର୍ତ୍ତୀ ସମୟରେ ମଣ୍ଡିରେ ଧାନ ବିକ୍ରି କରିପାରିବେ ନାହିଁ ବୋଲି ଚାଷୀଙ୍କ ମନରେ ଆଶଙ୍କା ପ୍ରକାଶ ପାଇଛି। ଏପରିସ୍ଥଳେ ପାକ୍ସଗୁଡ଼ିକରେ ସର୍ଭର କ୍ଷମତା ବୃଦ୍ଧି, ଅନ୍‌ଲାଇନ୍ ପ୍ରକ୍ରିୟାର ସରଳୀକରଣ ଏବଂ ସମସ୍ତ ଯୋଗ୍ୟ ଚାଷୀଙ୍କ ପଞ୍ଜୀକରଣ ସୁନିଶ୍ଚିତ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଚାଷୀ ମହଲରୁ ଦାବି ହୋଇଛି।

### ● ଫଟୋଗ୍ରାଫର୍ ଆସୋସିଏସନ୍ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ

## 'ଗୋଟେ ଫଟୋରେ ହିଁ ଖବର ପ୍ରସାରଣ ହୁଏ'

ଢେଙ୍କାନାଳ,୧୯ ।୮ (ସମିସ): ସ୍ଥାନୀୟ ଫଟୋଗ୍ରାଫର୍ ଆସୋସିଏସନ୍ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ଯାଉଁଳି ପୋଖରୀ ମଠ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ କେକ୍ କଟାଯାଇଥିଲା। ପରେ ବରିଷ୍ଠ ଫଟୋଗ୍ରାଫର ଶରତ କୁମାର ବେହେରା ଓ ଜିତେନ୍ଦ୍ର ସାହୁ ଯୋଗଦେଇ ବିଶ୍ୱ ଫଟୋଗ୍ରାଫି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅତୀତ ଓ ବର୍ତ୍ତମାନ ଫଟୋଗ୍ରାଫିରେ ଅନେକ ଫରକ ରହିଛି। ନୂଆ ନୂଆ ଟେକ୍ନୋଲୋଜି ଆସୁଛି।



ସାଧାରଣ ଲୋକଟିଏ ମୋବାଇଲ୍ ମାଧ୍ୟମରେ ଭଲ ଭଲ ଫଟୋ ଉତୋଳନ କରିପାରୁଛି। ଫଟୋ ବାସ୍ତବରେ ଅନେକ କଥା କହିଥାଏ। ଫଟୋ ଆମକୁ ଚିହ୍ନାଏ, ଆମର ଉନ୍ନତିରେ ସହାୟକ ହୋଇଥାଏ। ଢେଙ୍କାନାଳର ପ୍ରାକୃତିକ ବିଭବ, ଧର୍ମ, ସଂସ୍କୃତି ଓ ପରମ୍ପରା ଅନନ୍ୟ। ଏସବୁକୁ ଫଟୋଚିତ୍ର ମାଧ୍ୟମରେ ଦେଶ ତଥା ବିଶ୍ୱରେ ପ୍ରସାର ପ୍ରଚାର କରିପାରିଲେ ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ହୋଇପାରିବ ବୋଲି ଉଭୟ କହିଥିଲେ। ସଂଘର ସଭାପତି ଟଙ୍କଧର ବେହେରା ଓ ସମ୍ପାଦକ ମନୋରଞ୍ଜନ ଜେନା ଫଟୋଗ୍ରାଫରଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ ସାମ୍ପ୍ରତିକ ପରିସ୍ଥିତିରେ ଏହାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରକାଶ କୁମାର ସାହୁ, ଲକ୍ଷ୍ମୀଧର ଦେବତା, ଅଜିତ ସାହୁ, ବିଶ୍ୱଜିତ୍ ମିଶ୍ର, ମଳୟ ବେହେରା, ପତିତପାବନ ସାହୁ, ଚାନ୍ଦୁ ଦାସ, ବନଜ ସାହୁ ପ୍ରମୁଖ ଫଟୋଗ୍ରାଫରମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶୁଭନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ।

## ଗୋଲ୍ଡ ଷ୍ଟାର୍ କ୍ଲବ୍ ଆନୁକୂଲ୍ୟରେ କ୍ୟାରମ୍ ପ୍ରତିଯୋଗିତା



ଢେଙ୍କାନାଳ,୧୯ ।୮ (ସମିସ): ସ୍ଥାନୀୟ ଗୋଲ୍ଡ ଷ୍ଟାର କ୍ଲବ୍ ଆନୁକୂଲ୍ୟରେ ମୀନାବଜାର କଲ୍ୟାଣ ମଣ୍ଡପରେ ଦୁଇଦିନ ଧରି କ୍ୟାରମ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ୨୫ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଗୋଲ୍ଡ ଷ୍ଟାର୍ କ୍ଲବ୍‌ର କାହ୍ନୁଚରଣ ବିଶ୍ୱାଳ ଓ ରଞ୍ଜନ ଦଳେଇ ଯୋଡ଼ି ଚାମ୍ପିଅନ ଓ ବିନୋଦ ଭବନ କ୍ଲବ୍‌ର ମନୋରଞ୍ଜନ ପଟ୍ଟନାୟକ ଓ ସନ୍ତୋଷ ମହାପାତ୍ର ଯୋଡ଼ି ରନର୍ସଅପ୍ ହୋଇଛନ୍ତି। ନେତାଜୀ କ୍ଲବ୍‌ର ରାଜେଶ ବେହେରା ଓ ଧର୍ମେନ୍ଦ୍ର ଦ୍ୱିବେଦୀ ଯୋଡ଼ି ୨ୟ ରନର୍ସଅପ୍ ଭାବେ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ କଲ୍ୟାଣ ଅଧିକାରୀ ତଥା କ୍ୟାରମ୍ ଖେଳାଳି ଲଳିତ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ମୀନାବଜାର ସଭାପତି ରବିନାରାୟଣ ମହାନ୍ତି, କାଉନ୍‌ସିଲର ନିରୋଦ କୁମାର ସାହୁ, ଶୁଭଲକ୍ଷ୍ମୀ ସାହୁ, ମିଳିତ ବଜାର କମିଟି ସମ୍ପାଦକ ପୀତବାସ ସାହୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ସୁରପ୍ରତାପ କ୍ଲବ୍‌ର ଅଜୟ ଚରଣ ପଟ୍ଟନାୟକ ଓ ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ ପ୍ରତିଯୋଗିତା ପରିଚାଳନା କରିଥିଲେ। ଗୋଲ୍ଡ ଷ୍ଟାର୍ କ୍ଲବ୍ ସଭାପତି ବିଚ୍ଛନ୍ଦ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ରାମସ୍ତରୀୟ ଶିଶୁସୁରକ୍ଷା ବୈଠକ



ଓଡ଼ାପଡ଼ା,୧୯ ।୮ (ସମିସ): ଓଡ଼ାପଡ଼ା ବ୍ଲକ ଓଡ଼ାପଡା ଗ୍ରାମରେ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ ସହଯୋଗରେ ଗ୍ରାମସ୍ତରୀୟ ଶିଶୁସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଛି। ୱାର୍ଡମେମ୍ବର ନିରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମିଟି ସଭାପତି ନିରଞ୍ଜନ ନାୟକ, ଅଙ୍ଗନବାଡ଼ି କର୍ମୀ ସୁଚରିତା ସାହୁ, ବିଦ୍ୟାଳୟର ଶିକ୍ଷକ ଉମାଶଙ୍କର ନାଥ, ସ୍ୱୟଂ ସହାୟକ ଗୋଷ୍ଠୀର କାମିନୀ ନାୟକ, କିଶୋର ବାଳକ ମୁକେଶ କୁମାର ପୃଷ୍ଟି, ବାଳିକା ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ ଖୁଣ୍ଟିଆ, ଆଶାଦିଦି କଲ୍ୟାଣୀ ନାୟକ, ବିଶ୍ୱ ଯୁବକେନ୍ଦ୍ରର ବିଦୁଲତା ଭଞ୍ଜ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ବାଲ୍ୟବିବାହ ନିଷେଧ ଆଇନ-୨୦୦୬ ବିଷୟରେ ସଚେତନ କରାଯାଇଥିଲା। ବାଲ୍ୟବିବାହ ଯୋଗୁଁ ଝିଅ ଉପରେ ପଡୁଥିବା ଶାରୀରିକ, ପାରିବାରିକ, ମାନସିକ ତଥା ଆର୍ଥିକ ଚାପ, ଶିକ୍ଷା ତଥା ଆତ୍ମନିର୍ଭରଶୀଳତା ଅଭାବ, ସାମାଜିକ କୁପରିଣାମ, ବାଲ୍ୟବିବାହ କ୍ଷେତ୍ରରେ ଆୟୋଜନକାରୀ, ଯୋଗଦେଇଥିବା ଅତିଥି ତଥା ବିଭିନ୍ନ ସହଯୋଗୀଙ୍କୁ ଦଣ୍ଡବିଧାନ ତଥା ନିରାକରଣ ଉପରେ ଆଲୋଚନା ହୋଇଥିଲା। ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଆଇନ ପୋକ୍‌ସୋ ଉପରେ ଆଲୋଚନା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିଷ୍ପତ୍ତି ନିଆଯାଇଛି। କୌଣସି ଶିଶୁର ଅଧିକର ଉଲ୍ଲଙ୍ଘନ ଦେଖିଲେ ଚାଇଲ୍ଡ ହେଲ୍ପଲାଇନର ଦେୟମୁକ୍ତ ନମ୍ବର ୧୦୯୮କୁ ଫୋନ୍ କରି ଜଣାଇବାକୁ ପରାମର୍ଶ ଦିଆଯାଇଛି।

## ଅଙ୍ଗନବାଡ଼ି କର୍ମୀଙ୍କ ବିରୋଧରେ ପୁଣି ଅଭିଯୋଗ ଆଣିଲେ ଗ୍ରାମବାସୀ

ଢେଙ୍କାନାଳ,୧୯ ।୮ (ସମିସ): ସଦର ବ୍ଲକ୍ ବୋଗୁନିଆପାଳ ନୂଆସାହି ଗ୍ରାମର ଅଙ୍ଗନବାଡ଼ି କର୍ମୀଙ୍କ ମନମୁଖି କାର୍ଯ୍ୟ ଓ ଦାୟିତ୍ୱହୀନତା ସମ୍ପର୍କରେ ଗ୍ରାମବାସୀ ପୁନର୍ବାର ଅଭିଯୋଗ କରିଛନ୍ତି। ଏ ନେଇ



ଗ୍ରାମବାସୀ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍‌ଙ୍କୁ ଭେଟି ଅଭିଯୋଗପତ୍ର ଦାଖଲ କରିଛନ୍ତି। ଅଙ୍ଗନବାଡ଼ି କର୍ମୀ ପିଲାଙ୍କୁ ପୋଷାକ, ଜୋତା ନ ଦେବା, ପ୍ରାୟ୨ ବର୍ଷ ହେବ ଠିକ୍ ସମୟରେ କେନ୍ଦ୍ରକୁ ନ ଯିବା, ଗର୍ଭବତୀ ମହିଳାଙ୍କୁ ଖାଦ୍ୟ ନ ଦେଇ ଫଟୋ ଉଠାଇ ଛାଡ଼ିବା ଇତ୍ୟାଦି ଅନେକ ଅଭିଯୋଗ ନେଇ ଗତ ୩ ତାରିଖ ଗ୍ରାମବାସୀ ଦର୍ଶାଇଥିଲେ। ଉକ୍ତ ଅଭିଯୋଗ ପରିପ୍ରେକ୍ଷୀରେ ଗତ ୫ ତାରିଖ ସିଡିପିଓଙ୍କ ସମେତ ୩ ଜଣିଆ ଟିମ୍ ଗ୍ରାମକୁ ଆସି ତଦନ୍ତମୂଳକ ସଭା ଆୟୋଜନ କରିଥିଲେ। ସଭାରେ ଗ୍ରାମର ପୁରୁଷ ଓ ମହିଳାଙ୍କ ସମେତ ସମ୍ପୃକ୍ତ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ। ଆଲୋଚନା ଓ ପଚରାଉଚରା ପରେ ଅଙ୍ଗନବାଡ଼ି କର୍ମୀଙ୍କ କାର୍ଯ୍ୟ ପରିଚାଳନାରେ ଅନିୟମିତତା, ଦୁର୍ନୀତି ଓ ଦାୟିତ୍ୱ ପାଳନରେ ତ୍ରୁଟି ବିଷୟ ସ୍ପଷ୍ଟ ହୋଇଥିଲା ଏବଂ ଉଠିଥିବା ପ୍ରଶ୍ନଗୁଡ଼ିକର ସେ ସନ୍ତୋଷଜନକ ସ୍ପଷ୍ଟୀକରଣ ଦେଇପାରି ନ ଥିଲେ। ଅନ୍ୟପଟେ ଗ୍ରାମବାସୀ ନୂତନ ଅଙ୍ଗନବାଡ଼ି କର୍ମୀ ନିଯୁକ୍ତି ଦାବି କରିଥିଲେ। ତେବେ ଆଜିପର୍ଯ୍ୟନ୍ତ ନୂତନ ଅଙ୍ଗନବାଡ଼ି କର୍ମୀ ନିଯୁକ୍ତି ସମ୍ପର୍କରେ କୌଣସି ସ୍ପଷ୍ଟ ପଦକ୍ଷେପ ନିଆଯାଇ ନାହିଁ। ଫଳରେ କେନ୍ଦ୍ରରେ ପଢୁଥିବା ଶିଶୁ, ଗର୍ଭବତୀ ମହିଳା, ପ୍ରସୂତି ମାଆ ଓ ଅନ୍ୟ ହିତାଧିକାରୀଙ୍କ ସରକାରୀ ସୁବିଧା ପାଇବାରେ ବାଧା ସୃଷ୍ଟି ହେଉଛି ବୋଲି ବୁଧବାର ଗ୍ରାମବାସୀ ପୁନର୍ବାର ଅଭିଯୋଗ କରିଛନ୍ତି। ତୁରନ୍ତ ନୂତନ ଅଙ୍ଗନବାଡ଼ି କର୍ମୀ ନିଯୁକ୍ତି ଦେବାକୁ ଗ୍ରାମର ବିପିନ୍ ସାହୁ, ଚିନ୍ତନ ପୃଷ୍ଟି, ନିବାସ ନାଥ, ପରମାନନ୍ଦ ସାହୁ, ବିଜନ ପୃଷ୍ଟି, ମିଟୁ ପୃଷ୍ଟି, ଅଶୋକ ଜେନା, ବାଉରୀ ପାତ୍ର, ପୀତବାସ ସାହୁ, ରବି ପୃଷ୍ଟି, ହେମନ୍ତ ପୃଷ୍ଟି, ରାଜେନ୍ଦ୍ର ସାମଲଙ୍କ ସମେତ ବହୁ ଅଭିଭାବକ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଅବସରପ୍ରାପ୍ତ ବିଡିଓଙ୍କ ପରଲୋକ

ଢେଙ୍କାନାଳ,୧୯ ।୮ (ସମିସ): ସ୍ଥାନୀୟ କୁଞ୍ଜକାନ୍ତ ଲଳିତନଗରରେ ରହୁଥିବା ଅବସରପ୍ରାପ୍ତ ବିଡିଓ ପିଏନ୍ ସତ୍ୟଭାମା ଆମ୍ମାଙ୍କର ୯୦ ବର୍ଷ ବୟସରେ ପରଲୋକ ହୋଇଛି। ସେ ଢେଙ୍କାନାଳ ଓ ସୁନ୍ଦରଗଡ଼ରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ଗଞ୍ଜାମ ଜିଲ୍ଲା ଧରାକୋଟ, ଅନୁଗୋଳ ଜିଲ୍ଲା କିଶୋରନଗର, ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା, ବଲାଙ୍ଗିର ଏବଂ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକରେ ବିଡିଓ ଭାବେ କାର୍ଯ୍ୟ କରି ୧୯୯୭ରେ ଅବସର ଗ୍ରହଣ କରିଥିଲେ। ସେ ଜଣେ କର୍ତ୍ତବ୍ୟନିଷ୍ଠ ଓ ଦୃଢମନା ବ୍ୟକ୍ତି ଥିଲେ। ସେ କିଛିଦିନ ଧରି ଅସୁସ୍ଥ ଥିଲେ। ତାଙ୍କ ଦେହାନ୍ତ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କୁଞ୍ଜକାନ୍ତ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏକମାତ୍ର ପୁଅ ସାମ୍ବାଦିକ ରତନ ନାୟାର ମୁଖାଗ୍ନି ଦେଇଥିଲେ।



ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ସମାଜସେବୀ ରାମଚନ୍ଦ୍ର ପାତ୍ର, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ନରୋତ୍ତମ ସାହୁ, ସନ୍ଦିପ ଷଡ଼ଙ୍ଗୀ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଜିଲ୍ଲା ଶିଳ୍ପ ବାଣିଜ୍ୟ ପ୍ରତିଷ୍ଠାନ ସଭାପତି ରାଜେନ୍ଦ୍ର ଦାସ, ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର, ଉପସଭାପତି ଦ୍ୱିତୀକୃଷ୍ଣ ବରାଳ, ସମ୍ପାଦକ ଟଙ୍କଧର ବେହେରା, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ ପଟ୍ଟନାୟକ, ପ୍ରତାପ ବରାଳ, ସମ୍ପାଦକ ସତ୍ୟସ୍ୱରୂପ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ଦେହାନ୍ତରେ ସାଂସଦ ରୁଦ୍ରନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପୂର୍ବତନ ବିଧାୟକ ସୁଧୀର ସାମଲ, ପୂର୍ବତନ ସାଂସଦ ମହେଶ ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## କଲେଜରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




ଖଜୁରିଆକଟା,୧୯ ।୮ (ସମିସ): ହିନ୍ଦୋଳ ରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର ଉଦଘାଟିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଅନିତା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇଂରାଜୀ ଅଧ୍ୟାପକ ରବିନାରାୟଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଆତ୍ମରକ୍ଷା ପ୍ରଶିକ୍ଷଣର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ନୀଳକଣ୍ଠ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆତ୍ମରକ୍ଷା କୌଶଳ ଶିକ୍ଷା ବାଳିକାମାନଙ୍କ ନିମନ୍ତେ ଅତ୍ୟାବଶ୍ୟକ ବୋଲି ବକ୍ତବ୍ୟ କରିଥିଲେ। ଅଧ୍ୟାପକ ତ୍ରିଲୋଚନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାରୀ ସଶକ୍ତୀକରଣ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟକ୍ଷା ପଣ୍ଡା ଆତ୍ମରକ୍ଷା ପ୍ରଶିକ୍ଷଣ ଦ୍ୱାରା ନିଜକୁ ସୁରକ୍ଷିତ ରଖିହେବ ବୋଲି କହିଥିଲେ। ଏହି ଶିବିର ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ଏଥିରେ ସ୍ନାତକ ତୃତୀୟବର୍ଷ ଛାତ୍ରୀମାନେ ଅଂଶଗ୍ରହଣ କରିଛନ୍ତି। ମାଷ୍ଟର ଟ୍ରେନର୍ ଭାବେ ପୂଜା ବେହେରା ତାଲିମ ପ୍ରଦାନ କରୁଛନ୍ତି। ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ସସ୍ମିତା ଶତପଥୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଶକ୍ତିଶ୍ରୀ ସଦସ୍ୟା ଇପ୍ସିତା ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

# 'ସମସ୍ତଙ୍କ କଥା ଶୁଣିବା ହେଉଛି ପ୍ରଭାବଶାଳୀ ଯୋଗାଯୋଗର ଆବଶ୍ୟକତା'


ଢେଙ୍କାନାଳ,୧୯ ।୮ (ସମିସ)

ସମସ୍ତଙ୍କ କଥାକୁ ଧ୍ୟାନଦେଇ ଶୁଣିବା ଏବଂ ଲୋକଙ୍କ ମତାମତକୁ ଗୁରୁତ୍ୱ ଦେବା ହେଉଛି ପ୍ରଭାବଶାଳୀ ଯୋଗାଯୋଗର ମୁଖ୍ୟ ଆଧାର ବୋଲି କହିଛନ୍ତି ପ୍ରେସ୍ ଇନଫର୍ମେସନ୍ ବ୍ୟୁରୋର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର। ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି), ଢେଙ୍କାନାଳରେ ଆୟୋଜିତ ବିଶେଷ ଅଧିବେଶନରେ ଯୋଗଦେଇ ମିଶ୍ର 'ସରକାରୀ ଯୋଗାଯୋଗ ଏବଂ ସାର୍ବଜନୀନ ଯୋଗାଯୋଗ: ବିଶ୍ୱାସ ଗଠନ ଯୋଗାଯୋଗକୁ ସୁଦୃଢ଼ କରିବା' ବିଷୟରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ସେ କହିଥିଲେ ଯେ ସରକାରୀ ଯୋଗାଯୋଗ ଓ ଜନସମ୍ପର୍କ କ୍ଷେତ୍ରରେ



କେବଳ ନିଜର କଥା କହିବା ଯଥେଷ୍ଟ ନୁହେଁ। ଅନ୍ୟମାନଙ୍କ କଥାକୁ ଧ୍ୟାନଦେଇ ଶୁଣିବା, ସ୍ୱଚ୍ଛତା ବଜାୟ ରଖିବା ଏବଂ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ଦ୍ୱାରା ଲୋକଙ୍କ ବିଶ୍ୱାସ ହାସଲ କରାଯାଇପାରିବ। ଛାତ୍ରଛାତ୍ରୀଙ୍କୁ ବିଷୟଟିକୁ ସହଜ ଓ ପ୍ରାୟୋଗିକ ଭାବେ ବୁଝାଇବା ପାଇଁ ସେ ତିନୋଟି ଭିଡିଓ ଉଦାହରଣ ପ୍ରଦର୍ଶନ କରିଥିଲେ। ଏହି ଭିଡିଓଗୁଡ଼ିକ ମାଧ୍ୟମରେ ପ୍ରଭାବଶାଳୀ ଯୋଗାଯୋଗ, ଶୁଣିବାର ଗୁରୁତ୍ୱ ଏବଂ ପରିସ୍ଥିତିକୁ ବୁଝି ପ୍ରତିକ୍ରିୟା ଦେବାର ଆବଶ୍ୟକତା ସମ୍ପର୍କରେ ସେ ବୁଝାଇଥିଲେ। ଏହା ସହିତ ଶ୍ରୀ ମିଶ୍ର ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଏକ ସମସ୍ୟାପୂର୍ଣ୍ଣ ପରିସ୍ଥିତି ଉପସ୍ଥାପନ କରିଥିଲେ। ଯୋଗାଯୋଗର ବିଭିନ୍ନ ପଦ୍ଧତି ଓ ଠିକ୍ ଆଭିମୁଖ୍ୟ ଅବଲମ୍ବନ କରି ସେହି ପରିସ୍ଥିତିରୁ କିପରି ବାହାରି ଆସିହେବ, ସେନେଇ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହା ମାଧ୍ୟମରେ ସେ ଛାତ୍ରଛାତ୍ରୀଙ୍କୁ ବାସ୍ତବ ପରିସ୍ଥିତିରେ ଯୋଗାଯୋଗ କୌଶଳର ପ୍ରୟୋଗ ସମ୍ପର୍କରେ ମଧ୍ୟ ଅବଗତ କରାଇଥିଲେ। ଅଧିବେଶନରେ ବିଶ୍ୱାସ ଗଠନ, ସ୍ୱଚ୍ଛତା, ସହାନୁଭୂତି, ମତାମତ ଏବଂ ନିରନ୍ତର ଅନୁସରଣ ଭଳି ବିଷୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମ ଆରମ୍ଭ ସିସିବିଏମର ପ୍ରଥମ ବର୍ଷର ଛାତ୍ରୀ ଭି.ଅମୃତା ମଞ୍ଚ ପରିଚାଳନା କରିଥିବାବେଳେ ଆଇ ଆଇ ଏମ ସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡ଼ ଆନନ୍ଦ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ସଭା ଶେଷରେ ପ୍ରଫେସର ପାରସ ଯାଦବ ଧନ୍ୟବାଦ ଜ୍ଞାପନ କରିଥିଲେ। ଆଇ ଆଇ ଏମ ସି ଢେଙ୍କାନାଳର ଛାତ୍ରଛାତ୍ରୀମାନେ ଅଧିବେଶନରେ ଯୋଗଦେଇ ବିଭିନ୍ନ ପ୍ରଶ୍ନ ଓ ଆଲୋଚନା ମାଧ୍ୟମରେ ସରକାରୀ ଯୋଗାଯୋଗ ଓ ଜନସମ୍ପର୍କର ବ୍ୟବହାରିକ ଦିଗ ସମ୍ପର୍କରେ ଜାଣିଥିଲେ।

# ସମ୍ପାଦକୀୟ



ବିଳାସ ନୁହେଁ, ଭଲ ପାଇବା ହିଁ ମାନବ ସଭ୍ୟତାର ସୁସ୍ଥ ଭବିଷ୍ୟତ ପାଇଁ ଜରୁରୀ।

-ଦଲାଇ ଲାମା

ସକାଳ
THE SAKALA

## ଭଗବାନ ଭରସା

ଇତିମଧ୍ୟରେ ବ୍ୟବସ୍ଥା ଏତେ ବିଗିଡ଼ି ଗଲାଣି ଯେ ଲୋକେ ଆଉ ସରକାରୀ କଳ ଓ ବଳ ଉପରେ ଭରସା କରିପାରୁନାହାନ୍ତି। ବିଶେଷକରି ଜୀବନ-ମରଣ ସମସ୍ୟା ସହିତ ଜଡ଼ିତ ଥାନା ଓ ଡାକ୍ତରଖାନାରେ କେବଳ ଭାଗ୍ୟ ଓ ଭଗବାନ ଭରସା ବୋଲି ଧାରଣା କ୍ରମଶଃ ବଳବତ୍ତର ହେଉଛି। ଏହି ଧାରଣା ସତ୍ୟ ବୋଲି ପ୍ରମାଣ କରିଛି ସର୍ବୋତ୍ତମ ସରକାରୀ ଡାକ୍ତରଖାନା ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)। ଆଦୌ ପରୀକ୍ଷା ନକରି ଜନୈକ ରୋଗୀଙ୍କୁ ଏଚ୍ଆଇଭି ପଜିଟିଭ୍ ରିପୋର୍ଟ ଦେଇଥିବା ଅଭିଯୋଗ ପ୍ରମାଣିତ ହେବା ପରେ ଉତ୍ତରାଖଣ୍ଡ ଖାଉଟି ବିବାଦ ସମାଧାନ ଆୟୋଗ ଏମ୍ସ-ଋଷିକେଶକୁ ୬୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିବା ପରେ ଡାକ୍ତରଖାନାଗୁଡ଼ିକର ବିଶ୍ୱସନୀୟତା ଉପରେ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, ଜନୈକ ବ୍ୟକ୍ତି ୨୦୧୪ ଜୁଲାଇ ୧୫ ତାରିଖରେ ଚିକିତ୍ସା ପାଇଁ ଋଷିକେଶ ସ୍ଥିତ ଏମ୍ସ୍‌ରେ ଭର୍ତ୍ତି ହେଲେ। ପରୀକ୍ଷା ନିରୀକ୍ଷା ପରେ ସେ ଏଚ୍ଆଇଭି ପଜିଟିଭ୍ ବା ଏଡ୍ସ ଆକ୍ରାନ୍ତ ବୋଲି ପ୍ରମାଣପତ୍ର ଦେଇ ୧୬ ତାରିଖରେ ତାଙ୍କୁ ଡିସ୍‌ଚାର୍ଜ କରିଦିଆଗଲା। କିଛିଦିନ ପରେ ସେ ଆଉ ଏକ ବଡ଼ ଡାକ୍ତରଖାନାରେ ପରୀକ୍ଷା କରିବା ପରେ ଉପରୋକ୍ତ ପ୍ରମାଣପତ୍ର ଭୁଲ୍ ବା ସେ ଏଡ୍ସ ପୀଡ଼ିତ ନୁହନ୍ତି ବୋଲି ଜଣାପଡ଼ିଲା। ଦୁଇଟି ରିପୋର୍ଟରେ ସମ୍ପୂର୍ଣ୍ଣ ବିପରୀତ ତଥ୍ୟ ଥିବାରୁ ସମ୍ପୃକ୍ତ ବ୍ୟକ୍ତିଜଣକ ଆଉ ଏକ ବଡ଼ ଡାକ୍ତରଖାନାରେ ପରୀକ୍ଷା କରାଇବା ପରେ ସେ ଏଡ୍ସ ଆକ୍ରାନ୍ତ ନୁହନ୍ତି ବୋଲି ପ୍ରମାଣିତ ହେଲା। ଏହାପରେ ସେ ଖାଉଟି ଅଦାଲତର ଦ୍ୱାରସ୍ଥ ହେଲେ। ଅଦାଲତ ଉଭୟ ପକ୍ଷର ଜବାବ ସୁଆଲ୍ ଶୁଣିବା ପରେ ତଥ୍ୟ ଓ ପ୍ରମାଣ ଆଧାରରେ ଏମ୍ସ-ଋଷିକେଶକୁ ୬୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି।

ଏଡ୍ସ ବା ଏଚ୍ଆଇଭି ପଜିଟିଭ୍ ଚିହ୍ନଟ ବ୍ୟକ୍ତିମାନେ ଶାରୀରିକ ଓ ମାନସିକ ଯନ୍ତ୍ରଣା ସହିତ ସାମାଜିକ ବାସନ୍ଦ ଭଳି ନିର୍ଯାତନାରେ ପ୍ରତିମୁହୂର୍ତ୍ତ ପୀଡ଼ିତ ହୁଅନ୍ତି। ଏପରିକି ସେମାନଙ୍କ ପାରିବାରିକ ଜୀବନ ମଧ୍ୟ ଦୁର୍ବିସହ ହୋଇପଡ଼େ। ତେଣୁ ଏଚ୍ଆଇଭି ପରୀକ୍ଷା ବା ନିଦାନରେ ଅତିମାତ୍ରାରେ ସତର୍କତା ଓ ଯତ୍ନଶୀଳତା ଅବଲମ୍ବନ କରାଯାଏ। କିନ୍ତୁ ଏଚ୍ଆଇଭି ପୀଡ଼ିତ ନଥାଇ ମଧ୍ୟ ଯଦି କାହାକୁ ସେହି ପ୍ରାଣଘାତୀ ଭୂତାଣୁ ଆକ୍ରାନ୍ତ ବୋଲି ପ୍ରମାଣପତ୍ରଟିଏ ଦେଇଦିଆଯାଏ ଏବଂ ପରବର୍ତ୍ତୀ ସମୟରେ ସେହି ପ୍ରମାଣପତ୍ର ଭୁଲ୍ ବୋଲି ଜଣାପଡ଼େ ତେବେ ସମ୍ପୃକ୍ତ ବ୍ୟକ୍ତିଜଣକ ଭୋଗିଥିବା ଜୀବନଯନ୍ତ୍ରଣାର ମୂଲ୍ୟ କିଏ ଦେବ? ପୁଣି ଯଦି ସେହି ଭୁଲ୍ ପ୍ରମାଣପତ୍ର ଏମ୍ସ ଭଳି ଭରସାଯୋଗ୍ୟ ଡାକ୍ତରଖାନା ପକ୍ଷରୁ ଦିଆଯାଏ ଏବଂ ସାମଗ୍ରିକ ବ୍ୟବସ୍ଥା ଉପରୁ ଭରସା ତୁଟି ଯାଏ ତାହାର ମୂଲ୍ୟ କେତେ ହେବ? ସମ୍ପୃକ୍ତ ପୀଡ଼ିତ ଭୋଗିଥିବା ଜୀବନଯନ୍ତ୍ରଣାର ମୂଲ୍ୟ କ'ଣ ମାତ୍ର ୬୦ ହଜାର ଟଙ୍କା? ଏଭଳି ଅନେକ ପ୍ରଶ୍ନ ଉଠିଛି। ଆହୁରି ମଧ୍ୟ ବିଭିନ୍ନ ଏମ୍ସର ବହିର୍ବିଭାଗରେ ଏବେ କେବଳ ବ୍ୟାଟେରି ଚାଳିତ ରକ୍ତଚାପ ମାପକ ଯନ୍ତ୍ରମାନ ଦେଖିବାକୁ ମିଳୁଛି। ଉକ୍ତ ଯନ୍ତ୍ରର ଗୁଣବତ୍ତା ବା ସଠିକତା ଭେଷଜ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯାଞ୍ଚ ହେଉଛି କି ନାହିଁ ତାହାର ପ୍ରମାଣ ନାହିଁ। ଉକ୍ତ ଯନ୍ତ୍ରରେ ଉଚ୍ଚରକ୍ତଚାପ ଚିହ୍ନଟ ହୋଇଥିବା ରୋଗୀଟିଏ ବାହାରେ ପରୀକ୍ଷା ପରେ ସ୍ୱାଭାବିକ ଥିବାର ଅଭିଯୋଗ ମଧ୍ୟ ହେଉଛି। ଯନ୍ତ୍ରର ଭୁଲ୍ ଯୋଗୁଁ ଯଦି ରୋଗୀଟିଏ ଔଷଧ ଖାଇଚାଲେ ତେବେ ସେଥିରେ ସେ ସୁସ୍ଥ ହେବ ନା ଅଧିକ ରୋଗାକ୍ରାନ୍ତ ହେବ? ତେଣୁ ଭାଗ୍ୟ ଓ ଭଗବାନ ଭରସାରେ ଡାକ୍ତରଖାନା ଯିବା ହିଁ ସାର ହୋଇଛି।

## ଆମେରିକାର ଶୈନ୍ୟ ଦୃଷ୍ଟି

ଇରାନ୍ ଆକ୍ରମଣ ପଛରେ ଥିବା ଆମେରିକାର ଅସଲ ଉଦ୍ଦେଶ୍ୟ କ୍ରମେ ସ୍ପଷ୍ଟ ହୋଇଆସୁଛି। ଇରାନ୍‌କୁ ପରମାଣୁ ଅସ୍ତ୍ରବିହୀନ କରିବା ପାଇଁ ଆମେରିକା-ଇସ୍ରାଏଲ୍ ପକ୍ଷରୁ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ସ୍ପଷ୍ଟୀକରଣ ଦିଆଯାଇଥିଲା। କିନ୍ତୁ ଏବେ ହର୍ମୁଜ୍ ସମୁଦ୍ର ପଥକୁ ଆମେରିକା ନିଜର ବୋଲି ଘୋଷଣା କରିବା ପରେ ଏହି ରାଷ୍ଟ୍ରର ଉପନିବେଶ ଆଭିମୁଖ୍ୟ ସାମ୍ନାକୁ ଆସିଛି। ଉଲ୍ଲେଖଯୋଗ୍ୟ, ୬୦ଦିନିଆ ଯୁଦ୍ଧବିରତି ଚୁକ୍ତିରେ ଇରାନ୍‌ର ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମକୁ ଆମେରିକା ସେତେଟା ଅଗ୍ରାଧିକାର ନ ଦେବା ପରେ ବିଶ୍ୱ କୂଟନୀତି ମହଲରେ ଯେଉଁ ସନ୍ଦେହର ବଳୟ ସୃଷ୍ଟି ହୋଇଥିଲା ତା' ଉପରୁ ଏବେ ଆମେରିକା ହିଁ ପରଦା ଉଠାଇଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରୁ ଆମେରିକାର ପ୍ରତ୍ୟକ୍ଷ ଓ ପରୋକ୍ଷ ନେତୃତ୍ୱରେ ଯେତେସବୁ ଯୁଦ୍ଧ ସଂଘଟିତ ହୋଇଛି ସେ ସବୁ ପଛରେ ମୁଖ୍ୟ ଲକ୍ଷ୍ୟ ରହିଛି ବିଶ୍ୱ ତୈଳ ବଜାରରେ ଆଧିପତ୍ୟ ବିସ୍ତାର। ବିଶେଷକରି ବିଗତ ଶତାବ୍ଦୀର ଶେଷ ଦଶକରୁ ଇରାକ୍ ଉପରେ ଆକ୍ରମଣରୁ ଆରମ୍ଭ କରି ଚଳିତ ବର୍ଷ ଆରମ୍ଭରେ ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ଅପହରଣ ଘଟଣାକ୍ରମରୁ ଏହା ହିଁ ପ୍ରମାଣିତ ହୋଇଛି। ଆମେରିକାର ଶୈନ୍ୟ ଦୃଷ୍ଟିର ସଦ୍ୟତମ ଶିକାର ହୋଇଛି ଇରାନ୍। ମୋଟ ବିଶ୍ୱ ତୈଳବାଣିଜ୍ୟର ୨୦-୨୫ % ଏବଂ ପ୍ରାକୃତିକ ବାଷ୍ପ ପରିବହନର ୨୦% ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଜରିଆରେ ସମ୍ପନ୍ନ ହେଉଛି। ଏହି ପଥରେ କର୍ତ୍ତୃତ୍ୱ ରହିଲେ ବାଣିଜ୍ୟ ଓ ପରିବହନ ଟିକସ ଆକାରରେ ଆମେରିକା ବିପୁଳ ପରିମାଣର ଡଲାର ରୋଜଗାର କରିପାରିବ। ଏଥିସହିତ ଇରାନ୍‌ର ତୈଳକୂପ ଓ ତୈଳଭଣ୍ଡାରଗୁଡ଼ିକୁ ମଧ୍ୟ ଦଖଲକୁ ନେଇହେବ। ଏହି ଯୋଜନାକୁ ଶେଷରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପରୋକ୍ଷ ମୋହର ମାରିଛନ୍ତି।

ଆମେରିକାର ଶୈନ୍ୟ ଦୃଷ୍ଟିକୁ ନିଷ୍ପ୍ରଭ କରିବାକୁ ହେଲେ ତା'କୁ କୃଷି ବାଣିଜ୍ୟରେ ଏକଘରକିଆ କରିବାକୁ ପଡ଼ିବ। ଆମେରିକା ସର୍ବବୃହତ୍ ସାମରିକ ଓ ଅର୍ଥନୈତିକ ଶକ୍ତି ହେଲେ ମଧ୍ୟ କୃଷି ବା ଖାଦ୍ୟଶସ୍ୟରେ ସ୍ୱାବଲମ୍ବୀ ନୁହେଁ। ତେଣୁ ଆମେରିକାକୁ କୃଷି ବଜାରରେ ବାସନ୍ଦ କଲେ ତା'ର ବଳ ଭାଙ୍ଗିଯିବ। ଏଥିପାଇଁ କିନ୍ତୁ ଅବଶିଷ୍ଟ ବିଶ୍ୱକୁ ଏକଜୁଟ୍ ହେବାକୁ ପଡ଼ିବ। ଏ ଦିଗରେ ବ୍ରିକ୍ସ ନେତୃତ୍ୱ ନେବାର ସମୟ ଉପଗତ।

## ବିଜ୍ଞାପନରେ ସୀମିତ ଭିଭି ଜୀ ରାମ୍ ଜୀ

ବିଭୂତି ଭୂଷଣ କର

ପ୍ରତିଦିନର କାମ ଗୁରୁତ୍ୱପୂର୍ଣ୍ଣ। କାମ ଦାବି କରୁଥିବା ପ୍ରତି ପରିବାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହି ଜୀବନ୍ତ ବାସ୍ତବତାକୁ ତଥ୍ୟ ଓ ପରିସଂଖ୍ୟାନରେ ପରିଣତ କରିଦେଲେ ଲୋକଙ୍କ ଯନ୍ତ୍ରଣାକୁ କାଗଜ ତଳେ ଲୁଚାଇ ଦିଆଯାଇପାରେ, କିନ୍ତୁ ଜନକଲ୍ୟାଣର ଆଭିମୁଖ୍ୟ ସାଧିତ ହୋଇପାରେ ନାହିଁ। 'ବିକଶିତ ଭାରତ-ଗ୍ୟାରେଣ୍ଟି ରୋଜଗାର ଓ ଆଜୀବିକା ମିଶନ୍ (ଗ୍ରାମୀଣ) ଯୋଜନା(ଭିଭି ଜୀ-ରାମ୍ ଜୀ) ପ୍ରଣୟନ କଲାବେଳେ କେନ୍ଦ୍ର ସରକାର ଦାବି କରିଥିଲେ ଯେ ରଦ୍ଦ ହୋଇଥିବା 'ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ନିଶ୍ଚିତତା ଆଇନ(ଏମ୍‌ନରେଗା' ତୁଳନାରେ ଏହା ଏକ 'ଉନ୍ନତ' ସଂସ୍କରଣ। ସରକାରଙ୍କ ଦାବି ଅନୁଯାୟୀ, ଏଥିରେ ନିଶ୍ଚିତ ରୋଜଗାରର ଦିନ ବୃଦ୍ଧି କରାଯାଇଛି, ସମଗ୍ର ଗ୍ରାମୀଣ ଭାରତରେ ଏହାକୁ ଲାଗୁ କରାଯାଇଛି ଏବଂ କେନ୍ଦ୍ର ପକ୍ଷରୁ ସର୍ବାଧିକ ଅର୍ଥ ବରାଦ କରାଯାଇଛି। ଏହାସହିତ ରାଜ୍ୟଗୁଡ଼ିକ ପକ୍ଷରୁ ଅତିରିକ୍ତ ୪୦ ପ୍ରତିଶତ ଅର୍ଥ ଯୋଗାଣର ବ୍ୟବସ୍ଥା ମଧ୍ୟ ରହିଛି। ଏହା ଦେଖି ସ୍ୱାଭାବିକ ଭାବେ ମନେ ହେବ ଯେ ଶ୍ରମିକମାନେ ନିଜର ପୂରା ୧୨୫ ଦିନର କାମ ପାଇବା ପାଇଁ କାର୍ଯ୍ୟସ୍ଥଳକୁ ଧାଇଁ ଆସୁଥିବେ। କିନ୍ତୁ ବାସ୍ତବତା ଏହାର ସମ୍ପୂର୍ଣ୍ଣ ବିପରୀତ।

'ଭିଭି ଜୀ-ରାମ୍ ଜୀ' ଲାଗୁ ହେବାର ପ୍ରଥମ ମାସରେ ସରକାରଙ୍କ ନିଜସ୍ୱ ତଥ୍ୟରୁ ଜଣାପଡ଼ିଛି ଯେ ଯୋଗାଇ ଦିଆଯାଇଥିବା କାମରେ ହ୍ରାସ ଘଟିଛି। ଗତବର୍ଷର ସମାନ ସମୟ ତୁଳନାରେ ଏହା ପ୍ରାୟ ୫୦ ପ୍ରତିଶତ କମ୍। ୨୦୨୫ ଡିସେମ୍ବର ୧୯ରେ 'ଏମ୍‌ନରେଗା'କୁ ରଦ୍ଦ କରି ତା' ସ୍ଥାନରେ 'ଭିଭି ଜୀ-ରାମ୍ ଜୀ' ଆଣିବା ପରଠାରୁ ପ୍ରତିମାସରେ ସୃଷ୍ଟି ହେଉଥିବା ରୋଜଗାର ଏକ ଗୁରୁତ୍ୱପୂର୍ଣ୍ଣ ମାପକ ଭାବେ ଗ୍ରହଣ କରାଯାଏ। ଗତ ଜୁନ୍ ମାସରେ 'ଏମ୍‌ନରେଗା' କୃଷି ଶ୍ରମିକ ସଂଗଠନ ସମେତ ଅନ୍ୟାନ୍ୟ କୃଷି ଶ୍ରମିକ ଅଧିକାର ସଂଗଠନଗୁଡ଼ିକ ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ ତଥ୍ୟ ଦେଖାଇ କହିଥିଲେ ଯେ, ୨୦୨୫ ମସିହା ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ପ୍ରାୟ ୩୩୫.୪ ନିୟୁତ ମାନବ ଦିବସ ଥିବା ବେଳେ ୨୦୨୬ର ସମାନ ସମୟରେ ତାହା ୨୧୫.୨ ନିୟୁତକୁ ଖସିଆସିଛି। ଅର୍ଥାତ୍ ପ୍ରାୟ ୩୫.୮ ପ୍ରତିଶତ ହ୍ରାସ ଘଟିଛି। ପୂର୍ବର ତିନିବର୍ଷର ହାରାହାରି ସହ ତୁଳନା କଲେ ମଧ୍ୟ ସମାନ ହ୍ରାସର ଚିତ୍ର ଦେଖିବାକୁ ମିଳୁଛି। ଏହାର ପ୍ରତିକ୍ରିୟାରେ ସରକାର କହିଥିଲେ ଯେ, ଜୁଲାଇ ୧ରୁ ନୂଆ ଆଇନ ଲାଗୁ ହେବା ପରେ ସବୁକିଛି ଠିକ୍ ହୋଇଯିବ। କିନ୍ତୁ ପରବର୍ତ୍ତୀ ରିପୋର୍ଟ ଦର୍ଶାଉଛି ଯେ ଜୁଲାଇରେ ପରିସ୍ଥିତି ଆହୁରି ଖରାପ ହୋଇଛି। ଗତବର୍ଷର ସମାନ ସମୟ ତୁଳନାରେ ରୋଜଗାର ଦିଆଯାଇଥିବା ମାନବ ଦିବସ ପ୍ରାୟ ୫୦ ପ୍ରତିଶତ କମିଯାଇଛି। କାମ ପାଇଁ ଆସୁଥିବା ପରିବାର ସଂଖ୍ୟା ମଧ୍ୟ ପ୍ରାୟ ୫୦ ପ୍ରତିଶତ ହ୍ରାସ ପାଇଛି। ଏହି ସମୟରେ ଦେଶ ବ୍ୟାପକ ବେକାରି ଏବଂ ମରୁଡ଼ିଜନିତ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି। ୧୨୫ ଦିନର ନିଶ୍ଚିତ ରୋଜଗାରର ଧାରଣା ଏକ ଭ୍ରାନ୍ତିରେ ପରିଣତ ହୋଇଛି।

ଶାସକ ଦଳ ବ୍ୟତୀତ ଅନ୍ୟ କେହି ଏହି ନୂଆ ଆଇନକୁ ସ୍ୱାଗତ କରିନଥିଲେ। ଶ୍ରମିକ, ନିର୍ବାଚିତ ରାଜ୍ୟ ସରକାର, ରାଜନୈତିକ ଦଳ, ସଂସଦୀୟ ସ୍ଥାୟୀ କମିଟି କିମ୍ବା ସଂସଦ ଭିତରେ ମଧ୍ୟ ଆବଶ୍ୟକ ପରାମର୍ଶ କିମ୍ବା ଗଭୀର ବିଚାର ବିମର୍ଶ ବିନା ଏହି ଆଇନ ଗୃହୀତ କରାଯାଇଥିଲା। ବିରୋଧୀ ଦଳଗୁଡ଼ିକ ଏହାକୁ ପ୍ରତ୍ୟାହାର କରିବା କିମ୍ବା ଅନ୍ତତଃ ଆଲୋଚନା ଓ ପୁନଃପରୀକ୍ଷା ପାଇଁ ଦାବି କରିଥିଲେ। କିନ୍ତୁ ସରକାର ନିଜର ସଂଖ୍ୟାଗତ ଅଧିକତା ବ୍ୟବହାର କରି ଏହି ଆପତ୍ତିଗୁଡ଼ିକୁ ଅଣଦେଖା କରିଥିଲେ। ସରକାର ଜୋର ଦେଇ କହିଥିଲେ ଯେ, 'ଭିଭି ଜୀ-ରାମ୍ ଜୀ' ବାସ୍ତବରେ ଐତିହାସିକ ଏବଂ 'ଏମ୍‌ନରେଗା'ର ଏକ ଉନ୍ନତ ସଂସ୍କରଣ। ଏହା ଅଧିକ ମଜୁରି ସହିତ ୧୨୫ ଦିନର ନିଶ୍ଚିତ ରୋଜଗାର ଦେବ ଏବଂ ଉନ୍ନତ ଡିଜିଟାଲ୍ ଓ ପ୍ରଯୁକ୍ତିଭିତ୍ତିକ ନିରୀକ୍ଷଣ ବ୍ୟବସ୍ଥା ରହିବ। ଶ୍ରମିକ ସଂଗଠନ, ନାଗରିକ ସମାଜ ଏବଂ ବିରୋଧୀ ଦଳଗୁଡ଼ିକର ତୀବ୍ର ଆପତ୍ତି ସତ୍ତ୍ୱେ କେନ୍ଦ୍ର ସରକାର ଏହି ନୂଆ ଆଇନକୁ ଜୁଲାଇ ୧ରୁ ଲାଗୁ କରିଥିଲେ। ପ୍ରାୟ ୨୦ ବର୍ଷ ଧରି ଭାରତର ଗ୍ରାମୀଣ ଶ୍ରମିକମାନଙ୍କ ପାଇଁ ଏକ ଅସମ୍ପୂର୍ଣ୍ଣ, କିନ୍ତୁ ଅତ୍ୟନ୍ତ ଜରୁରୀ ଜୀବନଧାରଣର ଆଶ୍ରୟ ଭାବେ କାମ କରିଥିବା ରୋଜଗାର ନିଶ୍ଚିତତା ବ୍ୟବସ୍ଥାକୁ ନୂଆ ଆଇନ କିପରି ପ୍ରଭାବିତ କରୁଛି, ତାହା ବୁଝିବା ପାଇଁ ଏହାର ବ୍ୟବସ୍ଥା ଓ କାର୍ଯ୍ୟକାରିତାକୁ ଦେଖିବା ଆବଶ୍ୟକ।

କେନ୍ଦ୍ର ସରକାର ଏପରି ଏକ ଆଇନ କରିଛନ୍ତି, ଯେଉଁଥିରେ ରାଜ୍ୟ ସରକାରଙ୍କୁ ୧୨୫ ଦିନର କାମ 'ନିଶ୍ଚିତ' କରିବାକୁ ବାଧ୍ୟ କରାଯାଇଛି। କିନ୍ତୁ ଏହି ନିଶ୍ଚିତତାକୁ ବାସ୍ତବରେ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ବିପୁଳ ଆର୍ଥିକ ସମ୍ବଳ ଯୋଗାଇବାର ଦାୟିତ୍ୱ କେନ୍ଦ୍ର ନିଜ ଉପରକୁ ନେଇନାହିଁ। କେନ୍ଦ୍ର ସରକାର କହିଛନ୍ତି ଯେ ଚଳିତ ବର୍ଷ ସର୍ବାଧିକ ୯୫, ୬୯୨.୩୧ କୋଟି ଟଙ୍କା ବରାଦ କରାଯାଇଛି। ଏହାସହିତ ରାଜ୍ୟଗୁଡ଼ିକର ବାଧ୍ୟତାମୂଳକ ୪୦ ପ୍ରତିଶତ ଅବଦାନ ମିଶିଲେ ମୋଟ ସମ୍ବଳ ୧, ୫୫, ୦୦୦ କୋଟି ଟଙ୍କା ହେବ। କିନ୍ତୁ ଏହା କେବଳ କାଗଜରେ ଥିବା ଏକ ହିସାବ ମାତ୍ର। ଯଦି ଆବଶ୍ୟକୀୟ କାମ ଦିଆଯାଉନାହିଁ ଏବଂ ରାଜ୍ୟଗୁଡ଼ିକୁ ଏହି କାର୍ଯ୍ୟକ୍ରମ ଚଳାଇବା ପାଇଁ ଆବଶ୍ୟକ ପ୍ରୋତ୍ସାହନ ଦିଆଯାଉନାହିଁ, ତେବେ କାଗଜରେ ଯେତେ ଅର୍ଥ ବରାଦ ହେଲେ ମଧ୍ୟ ତାହାର କୌଣସି ବାସ୍ତବ ଅର୍ଥ ରହିବ ନାହିଁ। କେନ୍ଦ୍ର ସରକାର ଦିନକୁ ୩୦୦ ଟଙ୍କାର ଏକ ନ୍ୟୂନତମ ସ୍ତରର ମଜୁରି ଧାର୍ଯ୍ୟ କରିଛନ୍ତି। କିନ୍ତୁ ଏହି ମଜୁରି ଅଧିକାଂଶ ରାଜ୍ୟର ନ୍ୟୂନତମ ମଜୁରିଠାରୁ ମଧ୍ୟ କମ୍। ଏପରିକି ବିଜେପି ସରକାର ଦ୍ୱାରା ନିଯୁକ୍ତ 'ଶତପଥୀ କମିଟି' ଜୁନ୍ ୨୦୧୮ ମୂଲ୍ୟସ୍ତର ଆଧାରରେ ଦିନକୁ ୩୭୫ ଟଙ୍କା ନ୍ୟୂନତମ ମଜୁରି ସୁପାରିସ କରିଥିଲା। ତେଣୁ ୩୦୦ ଟଙ୍କାର ମଜୁରି ମଧ୍ୟ ଏହି ସୁପାରିସଠାରୁ ବହୁତ କମ୍।

ସେହିପରି ପ୍ରଯୁକ୍ତିଭିତ୍ତିକ 'ଭିଭି ଜୀ-ରାମ୍ ଜୀ' କାର୍ଯ୍ୟକାରିତା ବ୍ୟବସ୍ଥା ସାରା ଦେଶର ଶ୍ରମିକମାନଙ୍କ ପାଇଁ ବହୁତ ବଡ଼ ପ୍ରବଞ୍ଚନା ଓ ଯନ୍ତ୍ରଣା ସୃଷ୍ଟି କରିଛି। ଇ-କେୱାଇସି ବାଧ୍ୟତାମୂଳକ କରାଯିବା ଫଳରେ କୋଟି କୋଟି ଜବ୍ କାର୍ଡ ବାତିଲ୍ ହୋଇଛି। କାମ ପାଇଁ ଆସୁଥିବା ପରିବାର ସଂଖ୍ୟା ଏତେ ନାଟକୀୟ ଭାବେ କମିବାର ଏହା ଏକ ପ୍ରମୁଖ କାରଣ ହୋଇପାରେ। ଏହା ସହିତ ଏନ୍ଏମ୍ଏମ୍ଏସ୍ ମାଧ୍ୟମରେ ମୁହଁ ଚିହ୍ନଟ ବ୍ୟବସ୍ଥା ମଧ୍ୟ ଅନେକ ଶ୍ରମିକଙ୍କୁ କାମ ପାଇବା ପରେ ମଧ୍ୟ ବଞ୍ଚିତ କରୁଛି। ପ୍ରାୟ ୧୧ କୋଟି ପଞ୍ଜୀକୃତ ସକ୍ରିୟ ଶ୍ରମିକଙ୍କ ପ୍ରତ୍ୟେକଙ୍କର ଦିନକୁ ଦୁଇଥର ଫଟୋ ନେବା, ତାହାକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ସହିତ 'ଜିଓଟ୍ୟାଗ୍' ଓ 'ଜିଓଫେନ୍ସଡ୍' କରିବା କେତେ କଷ୍ଟକର, ତାହା ବୁଝିବା ପାଇଁ ବିଶେଷ କଳ୍ପନାଶକ୍ତିର ଆବଶ୍ୟକତା ନାହିଁ। ଏମ୍‌ନରେଗାର ଶ୍ରମିକମାନେ ନିଜେ ଦାବି କରିଛନ୍ତି ଯେ, ଏହି ନିରୀକ୍ଷଣ ଓ ଉପସ୍ଥାନ ବ୍ୟବସ୍ଥା ସମସ୍ତ ସରକାରୀ କର୍ମଚାରୀଙ୍କ ଉପରେ ମଧ୍ୟ ଲାଗୁ କରାଯାଉ। ତାହାହେଲେ ସେମାନେ ବୁଝିପାରିବେ ଯେ ପ୍ରଯୁକ୍ତି ନାମରେ ହେଉଥିବା ଏପରି ହଇରାଣ ହରକତ ଏବଂ ଦରମା-ମଜୁରି ହରାଇବାର ଯନ୍ତ୍ରଣା କ'ଣ।

ସାମ୍ବିଧାନିକ ବ୍ୟବସ୍ଥା ଅନ୍ତର୍ଗତ କେନ୍ଦ୍ର ସରକାରଙ୍କ କୌଣସି ଆଇନ କାର୍ଯ୍ୟକାରୀ କରିବା ଫଳରେ ଯଦି ରାଜ୍ୟଗୁଡ଼ିକ ଉପରେ ଅତିରିକ୍ତ ଆର୍ଥିକ ଭାର ପଡ଼େ, ତେବେ ସେହି ଆର୍ଥିକ ଭାର ପାଇଁ କେନ୍ଦ୍ରକୁ ଅର୍ଥ ଯୋଗାଇବାକୁ ପଡ଼ିବ। ଆରମ୍ଭରେ ବିରୋଧୀ ଦଳ ଶାସିତ ରାଜ୍ୟଗୁଡ଼ିକ ଏହାକୁ ବିରୋଧ କରିଥିଲେ। କିନ୍ତୁ ପରେ ସେମାନେ ମଧ୍ୟ ଏହି ବ୍ୟବସ୍ଥାକୁ ଗ୍ରହଣ କରିନେଇଥିବା ଭଳି ଦେଖାଯାଉଛି। ରାଜନୈତିକ ବିରୋଧୀ ଶକ୍ତିମାନେ ମଧ୍ୟ କାମ କରୁଥିବା ଗରିବ ଲୋକଙ୍କ ସହିତ ଠିଆ ହେବାର ନୈତିକ ଦାୟିତ୍ୱରୁ ନିଜକୁ ଦୂରେଇ ରଖିଥିବା ଭଳି ଲାଗୁଛି। କେବଳ ପ୍ରତିବାଦର ସ୍ୱର ଉଠାଇବା ବ୍ୟତୀତ ସେମାନେ ପ୍ରତିବାଦକୁ ନିର୍ଣ୍ଣାୟକ ଭୂମିକାରେ ପରିବର୍ତ୍ତିତ କରିପାରି ନାହାନ୍ତି। ରାଜ୍ୟଗୁଡ଼ିକ ମଧ୍ୟ ଏହା ବିରୋଧରେ ଆବଶ୍ୟକ ଭାବରେ ସଂଗଠିତ ହୋଇନାହାନ୍ତି। ସେମାନେ 'ଭିଭି ଜୀ-ରାମ୍ ଜୀ' ବିରୋଧରେ ଆଇନଗତ ଆହ୍ୱାନ ମଧ୍ୟ କରିନାହାନ୍ତି। ନିଜ ନିଜ ରାଜ୍ୟରେ ଲୋକଙ୍କୁ କାମର ନିଶ୍ଚିତତା ଦେବା ପାଇଁ କୌଣସି ବିକଳ୍ପ ଆଇନ ଆଣିବାର ଚେଷ୍ଟା ମଧ୍ୟ କରାଯାଇନାହିଁ।

ଏହି ସମୟରେ ଭାରତର ସବୁଠାରୁ ଅସୁରକ୍ଷିତ ଶ୍ରମିକ ବର୍ଗ, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ମହିଳା, ଏହାର ମୂଲ୍ୟ ଦେଉଛନ୍ତି। କାମ କରିବାର ଅଧିକାର ମାଧ୍ୟମରେ ମିଳୁଥିବା ଏହି ଅସମ୍ପୂର୍ଣ୍ଣ କିନ୍ତୁ ଅତ୍ୟନ୍ତ ଜରୁରୀ ଜୀବନଧାରଣର ଆଶ୍ରୟଟି ମଧ୍ୟ ସେମାନଙ୍କ ହାତରୁ ଖସିଯାଉଛି। ଶାସକ ଦଳ ଏହା ମନେ ରଖିବା ଉଚିତ ଯେ, ରାସ୍ତାରେ ପ୍ରତିବାଦ କରୁଥିବା ଯୁବପିଢ଼ିର ଅସନ୍ତୋଷ ପଛରେ କେବଳ ରାଜନୈତିକ କିମ୍ବା ସାମାଜିକ ପ୍ରଶ୍ନ ନାହିଁ। ତାହାର ମୂଳରେ ରହିଛି ନିଯୁକ୍ତି ଓ ରୋଜଗାରର ଆବଶ୍ୟକତା। 'ଭିଭି ଜୀ-ରାମ୍ ଜୀ' ଭାରତରେ ଥିବା ଏକମାତ୍ର ନିଶ୍ଚିତ ରୋଜଗାର ବ୍ୟବସ୍ଥାକୁ ଦୁର୍ବଳ କରିଦେଇଛି। ଏଥିରୁ କିଏ ଲାଭବାନ ହେଉଛି ଏହା ଭାରତର ରାଜନୈତିକ ଓ ଆର୍ଥିକ ଶାସକ ବର୍ଗ ନିଜକୁ ପଚାରିବାକୁ ପଡ଼ିବ।

(ସଭାପତି, ଉତ୍କଳ ସାମ୍ବାଦିକ ସଂଘ)
ଭୁବନେଶ୍ୱର, ମୋ: ୯୪୩୭୦୦୬୩୬୩

## ଅପରାଧ ବଢ଼ୁଛି ନା ଆମେ ମଣିଷତ୍ୱ ହରାଉଛୁ?

ଦେବଦତ୍ତ ଦାଶ

ଓଡ଼ିଶା ବଦଳୁଛି। ରାସ୍ତା ବଢ଼ୁଛି, ସହର ବଢ଼ୁଛି, ଶିକ୍ଷାର ହାର ବଢ଼ୁଛି, ପ୍ରଯୁକ୍ତି ହାତପାଆନ୍ତାରେ ପହଞ୍ଚିଛି। ଆମେ ବିକାଶର କଥା କହୁଛୁ। କିନ୍ତୁ ଏହି ବିକାଶର ଭିଡ଼ ଭିତରେ ଏକ ପ୍ରଶ୍ନ ନିରବରେ ଆମ ପଛରେ ଚାଲିଛି - ଆମ ସମାଜ କ'ଣ ସତରେ ଆଗକୁ ବଢ଼ୁଛି? ଅପରାଧର ଖବର ଆଜି ଆଉ କେବଳ ସହରରେ ସୀମିତ ନାହିଁ। ଗ୍ରାମାଞ୍ଚଳରୁ ମଧ୍ୟ ହିଂସା, ନିଶା, ଚୋରି, ଠକେଇ ଓ ବିଭିନ୍ନ ଅପରାଧ ସମ୍ପର୍କିତ ଘଟଣା ସାମ୍ନାକୁ ଆସୁଛି। କେବଳ ପୁଲିସକୁ ଦୋଷ ଦେଇ ଆମେ ଆମ କର୍ତ୍ତବ୍ୟ ସାରିଦେଉଛୁ। ସମସ୍ୟାର ମୂଳକୁ ଆମେ ଛୁଇଁପାରୁନାହୁଁ। ଅପରାଧୀ ତିଆରି ହେଉଛି କେଉଁଠି? - ଏବେ ଏହି ପ୍ରଶ୍ନ ଅଧିକ ପ୍ରାସଙ୍ଗିକ।

ଆଜି ପଡ଼ୋଶୀ ଆଉ ପଡ଼ୋଶୀ ନୁହେଁ। ଆଜି ଆମଭିତରୁ ମାନବିକତା ଓ ସାମାଜିକତା ହଜିଯାଉଛି। ଦିନେ ଯେଉଁ ଗାଁରେ ଜଣଙ୍କ ଘରେ ଦୁଃଖ ହେଲେ ସାରା ଗାଁ ଠିଆ ହେଉଥିଲା, ଆଜି ସେଠାରେ ପଡ଼ୋଶୀ ଘରେ କ'ଣ ଘଟୁଛି ଜାଣିବାକୁ ଅନେକଙ୍କ ସମୟ ନାହିଁ। ସମ୍ପର୍କ ଭାଙ୍ଗୁଛି, ଭରସା କମୁଛି ଓ ସାମାଜିକ ଦାୟିତ୍ୱର ଭାବନା ଦୁର୍ବଳ ହେଉଛି। ଏହି ଶୂନ୍ୟସ୍ଥାନରେ ଅପରାଧୀ ମାନସିକତା ମୂଳ ଧରିବାର ସୁଯୋଗ ପାଉଛି। ଆମ ସମାଜର ଆଉ ଏକ ଗଭୀର ରୋଗ ଅସହିଷ୍ଣୁତା। ଜଣେ ଉଠିଲେ ଅନ୍ୟଜଣ ଗୋଡ଼ ଟାଣୁଛି। ଜଣେ ଯୁବକ ନିଜ ଉଦ୍ୟମରେ ବ୍ୟବସାୟ ଆରମ୍ଭ କଲେ, ଅନ୍ୟଜଣକ ତାଙ୍କ ବିଫଳତା ଚାହେଁ। କେହି ଚାକିରି ପାଇଲେ ଈର୍ଷା ଆରମ୍ଭ ହୁଏ। କେହି ସମାଜରେ ନାଁ କଲେ ତାଙ୍କୁ ତଳକୁ ଟାଣିବା ପାଇଁ ଚେଷ୍ଟା ହୁଏ। ଏହି ମାନସିକତା ଯଦି ପରିବାରରୁ ସମାଜ ଏବଂ ସମାଜରୁ କାର୍ଯ୍ୟକ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚେ, ତେବେ ସେଠାରେ ସୁସ୍ଥ ପ୍ରତିଯୋଗିତା ରହେ ନାହିଁ; ରହିଯାଏ ଅସହିଷ୍ଣୁତା।

ଆଜି ଶିକ୍ଷିତ ଯୁବକଙ୍କ ସଂଖ୍ୟା ବଢ଼ିଛି। କିନ୍ତୁ ଶିକ୍ଷା କେବଳ ମାର୍କସିଟ୍ ଓ ସାର୍ଟିଫିକେଟରେ ସୀମିତ ହୋଇଯାଇଛି। ଶିକ୍ଷା ଯଦି ମଣିଷକୁ ମଣିଷ ଭଳି ସମ୍ମାନ କରିବା ଶିଖାଇ ପାରୁନାହିଁ, ତେବେ ସେହି ଶିକ୍ଷାର ମୂଲ୍ୟ କେଉଁଠି? ଡିଗ୍ରୀ ବଢ଼ୁଛି, କିନ୍ତୁ ଚାକିରିର ସୁଯୋଗ ସେହି ଅନୁପାତରେ ବଢ଼ୁନାହିଁ। ଯୁବପିଢ଼ିର ଏକ ଅଂଶ ଦୀର୍ଘ ସମୟର ବେକାରି ଓ ଅନିଶ୍ଚିତତାରେ ହତାଶ ହେଉଛି। ଏହି ହତାଶାକୁ ଯଦି ସଠିକ୍ ଦିଗ ଦିଆ ନ ଯାଏ, ତେବେ ତାହାର ପରିଣାମ ସମାଜକୁ ଭୋଗିବାକୁ ପଡ଼ିପାରେ। ନିଶା ଆଗାମୀ ପିଢ଼ି ପାଇଁ ସବୁଠାରୁ ବଡ଼ ବିପଦ। ନିଶା ବିରୋଧରେ ଯେତେ ଅଭିଯାନ ହେଉ, ଯଦି ଗାଁର ଗଳିରେ ନିଶା ସହଜରେ ମିଳୁଛି, ତେବେ ଆମକୁ ଆତ୍ମସମୀକ୍ଷା କରିବାକୁ ହେବ। ଏହା କେବଳ ପୁଲିସର ସମସ୍ୟା ନୁହେଁ। ଏହା ଘରର ସମସ୍ୟା, ବିଦ୍ୟାଳୟର ସମସ୍ୟା, ସମାଜର ସମସ୍ୟା। ଯେଉଁ ଯୁବକଙ୍କ ହାତରେ ପୁସ୍ତକ, କମ୍ପ୍ୟୁଟର କିମ୍ବା ରୋଜଗାରର ସାଧନ ରହିବା କଥା, ତାଙ୍କ ହାତ ଯଦି ନିଶାରେ ବନ୍ଧା ପଡ଼େ, ତେବେ ଏହା କେବଳ ଜଣେ ଯୁବକର ପତନ ନୁହେଁ, ଏହା ଏକ ପରିବାର, ଏକ ପିଢ଼ି ଓ ଏକ ସମାଜର ପରାଜୟ।

ଅପରାଧ ରୋକିବା ପାଇଁ କଠୋର ଆଇନ ଆବଶ୍ୟକ। କିନ୍ତୁ ଆଇନ ଥିବା ଯଥେଷ୍ଟ ନୁହେଁ। ଆଇନର ନିଷ୍ପକ୍ଷ ଓ ଦ୍ରୁତ ପ୍ରୟୋଗ ଉପରେ ଲୋକଙ୍କ ଆସ୍ଥା ରହିବା ମଧ୍ୟ ଆବଶ୍ୟକ। ଅନ୍ୟପଟେ, ଅପରାଧର ସାକ୍ଷୀମାନେ ଯଦି ଭୟରେ ଚୁପ୍ ରହନ୍ତି, ତେବେ ନ୍ୟାୟ ପ୍ରକ୍ରିୟା ଦୁର୍ବଳ ହୋଇପାରେ। ତେଣୁ ପ୍ରଶ୍ନ କେବଳ 'ପୁଲିସ କ'ଣ କରୁଛି?' ନୁହେଁ। ପ୍ରଶ୍ନ ହେଉଛି ସାକ୍ଷୀ କାହିଁକି ଭୟ କରୁଛନ୍ତି? ଲୋକେ ଆଇନ ଉପରେ କେତେ ଭରସା କରୁଛନ୍ତି? ଏବଂ ଅପରାଧୀଙ୍କ ମନରେ ଆଇନର ଭୟ କେତେ ଅଛି? କେବଳ ସରକାରକୁ ଦୋଷ ଦେଲେ ହେବ ନାହିଁ। ଅପରାଧ ବଢ଼ିଲେ ସରକାରଙ୍କୁ ପ୍ରଶ୍ନ କରିବା ଗଣତନ୍ତ୍ରର ଅଧିକାର। ପୁଲିସ ବ୍ୟବସ୍ଥାକୁ ପ୍ରଶ୍ନ କରିବା ମଧ୍ୟ ଆବଶ୍ୟକ। କିନ୍ତୁ ସମାଜ ନିଜକୁ ମଧ୍ୟ ପ୍ରଶ୍ନ କରିବା ଦରକାର। ଅପରାଧୀ ଜନ୍ମରୁ ଅପରାଧୀ ହୁଏ ନାହିଁ। ପରିବାର, ପରିବେଶ, ନିଶା, ବେକାରି, ଅସାମାଜିକ ସଙ୍ଗତି, ଲୋଭ, ଅସହିଷ୍ଣୁତା ଓ ଅନେକ ସାମାଜିକ କାରଣ ତାର ମାନସିକତାକୁ ପ୍ରଭାବିତ କରିପାରେ। ତେଣୁ ସମାଧାନ ମଧ୍ୟ ବହୁମୁଖୀ ହେବା ଦରକାର।

ଓଡ଼ିଶାକୁ କେବଳ ଭୌତିକ ଭାବେ ବିକଶିତ ରାଜ୍ୟ କରିବା ଯଥେଷ୍ଟ ନୁହେଁ। ଆମକୁ ଏକ ସୁରକ୍ଷିତ, ସମ୍ବେଦନଶୀଳ, ଦାୟିତ୍ୱବାନ ଓ ମାନବିକ ସମାଜ ଗଢ଼ିବାକୁ ପଡ଼ିବ। ଯୁବକଙ୍କୁ ନିଶାରୁ ଦୂରେଇ ଦକ୍ଷତା ଓ ରୋଜଗାରର ସୁଯୋଗ ଦେବାକୁ ହେବ। ଶିକ୍ଷାକୁ କେବଳ ପରୀକ୍ଷା ଓ ପାସ୍-ଫେଲ୍‌ରେ ସୀମିତ ନରଖି ଚରିତ୍ର ଗଠନ ସହ ଯୋଡ଼ିବାକୁ ହେବ। ନିଶା କାରବାର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହିତ ପୁନର୍ବାସ ଓ ସଚେତନତାକୁ ମଧ୍ୟ ଗୁରୁତ୍ୱ ଦେବାକୁ ହେବ। ସାକ୍ଷୀଙ୍କ ସୁରକ୍ଷା ଓ ଆଇନ ପ୍ରତି ଆସ୍ଥାକୁ ମଜବୁତ କରିବାକୁ ହେବ। ସବୁଠାରୁ ବଡ଼ କଥା - ଆମ ମାନସିକତା ବଦଳାଇବାକୁ ହେବ। ଜଣେ ଆଗକୁ ବଢ଼ିଲେ ତାଙ୍କ ଗୋଡ଼ ଟାଣିବା ନୁହେଁ, ତାଙ୍କ ହାତ ଧରିବାକୁ ହେବ। ପଡ଼ୋଶୀର ଦୁଃଖରେ ପଡ଼ୋଶୀ ଠିଆ ହେବାକୁ ହେବ। ଅନ୍ୟାୟ ଦେଖି ଚୁପ୍ ରହିବା ନୁହେଁ, ନିରାପଦ ଭାବେ ତାହାର ପ୍ରତିବାଦ କରିବାକୁ ହେବ। କାରଣ ଆଜି ଯେଉଁ ଅପରାଧ ଅନ୍ୟ ଜଣଙ୍କ ଘରେ ଘଟୁଛି, କାଲି ସେହି ଅପରାଧ ଆମ ଦ୍ୱାରରେ ପହଞ୍ଚିପାରେ। ଓଡ଼ିଶାର ଭବିଷ୍ୟତ କେବଳ ସରକାରଙ୍କ ହାତରେ ନୁହେଁ, ଆମ ସମସ୍ତଙ୍କ ହାତରେ। ଆଜି ଯଦି ସମାଜ ଚୁପ୍ ରହିବ, କାଲି ଇତିହାସ ଆମକୁ ପଚାରିବ - 'ସମସ୍ୟା ଆସୁଥିବା ବେଳେ ତୁମେ କେଉଁଠି ଥିଲ?'

କେନ୍ଦ୍ରାପଡ଼ା, ମୋ: ୯୯୩୭୨୨୭୯୯୪

## ନବୀନ କୁମାରଙ୍କ ପ୍ରାଚୀନ-ଚିନ୍ତନ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠିତ 'ଡକ୍ଟର ନବୀନ କୁମାର ସାହୁ ମ୍ୟୁଜିୟମ' ମଧ୍ୟକୁ ପ୍ରବେଶ କରିବାର ଅନୁଭୂତି କି ଅପୂର୍ବ! ଶତସହସ୍ର ବର୍ଷ ତଳର 'ମାଟି, ମଣିଷ ଓ ସମୟ'ର କମ୍ପନରେ ଥରି ଉଠେ ଛାତି। ନବୀନ କୁମାର ସାହୁ କେବଳ ଓଡ଼ିଶାର ନୁହନ୍ତି ସମଗ୍ର ଭାରତବର୍ଷର ଜଣେ ସୁବିଖ୍ୟାତ ଐତିହାସିକ, ପ୍ରତ୍ନତତ୍ତ୍ୱବିତ ଓ ଶିକ୍ଷାବିତ - ଏକଥା ଜାଣନ୍ତି ସମସ୍ତେ; ମାତ୍ର ତାଙ୍କ 'ଐତିହାସିକ'ର ପରିଚୟ ଭିତରେ ସାହିତ୍ୟିକ ପ୍ରତିଭା କିପରି ପ୍ରଚ୍ଛନ୍ନ ଓ ପରିଚ୍ଛନ୍ନ - ତାହା ହିଁ ଏ ପ୍ରସଙ୍ଗରେ ତାତ୍ପର୍ଯ୍ୟପୂର୍ଣ୍ଣ।

ବିଭିନ୍ନ ଅଞ୍ଚଳରୁ ସଂଗୃହୀତ ପ୍ରାଗୈତିହାସିକ ହାତହତିଆର, ମୃତ୍ପାତ୍ର ଓ ପ୍ରତ୍ନତାତ୍ତ୍ୱିକ ସାମଗ୍ରୀ, ମୁଦ୍ରା, ଭାସ୍କର୍ଯ୍ୟ, ତାମ୍ରପଟ୍ଟ, ପ୍ରସ୍ତର ଅଭିଲେଖ ଏଠାରେ କିପରି କଥା କହି ଉଠନ୍ତି, ତାହା ଅନୁଭବୀ ଦର୍ଶକ ହିଁ ବୁଝିପାରେ। ଆଦିବାସୀ ଜନଜୀବନ ସହ ସମ୍ପୃକ୍ତ ବାଦ୍ୟଯନ୍ତ୍ର ହେଉ କି ବିଶିଷ୍ଟ ବ୍ୟକ୍ତିଙ୍କ ତୈଳଚିତ୍ର ପ୍ରତି ଦୃଷ୍ଟି ନିକ୍ଷେପ କଲେ ଅନୁଭୂତ ହୁଏ ସେମାନେ ସତେଯେମିତି ହୋଇ ଉଠୁଛନ୍ତି ଜୀବନ୍ତ। ଆଉ ଦର୍ଶକ ବିସ୍ମୟାଭିଭୂତ ହୋଇ ପରିଣତ ହୋଇଯାଉଛି ନିର୍ବାକ ପ୍ରସ୍ତରମୂର୍ତ୍ତିରେ। ପରମକାରୁଣିକ ବୁଦ୍ଧଦେବ, ମହାତ୍ମା ଗାନ୍ଧୀ, ବୀର ସୁରେନ୍ଦ୍ର ସାଏ, କବି ଗଙ୍ଗାଧର ମେହେରଙ୍କ ସହିତ ଅବାଧ ଭାବାଳାପରେ ଧ୍ୟାନମଗ୍ନ ହୋଇଯିବାର ସ୍ୱତନ୍ତ୍ର ଏକ ଜଗତ ଏହା। ଇତିହାସର ସତେ କି ସୁସଜ୍ଜିତ ସାହିତ୍ୟିକ ରୂପାୟନ! ପ୍ରତିଟି ସଂଗ୍ରହ ଓ ସଂରକ୍ଷଣ ମଧ୍ୟରେ ଶୁଣିହୁଏ ଡକ୍ଟର ସାହୁଙ୍କ ଦଶନ୍ଧି ଦଶନ୍ଧି ବ୍ୟାପୀ ନିରବଚ୍ଛିନ୍ନ ସାଧନାର ସ୍ପନ୍ଦନ।

'ଓଡ଼ିଶାରେ ବୌଦ୍ଧ ଧର୍ମ' ସମ୍ପର୍କରେ ସେ ଜଣେ ଶ୍ରେଷ୍ଠ ଗବେଷକ। ସୁବୃହତ ଇଂରାଜୀ ଗ୍ରନ୍ଥର ସଂକ୍ଷିପ୍ତ ରୂପ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ। ଅନେକ ପ୍ରବନ୍ଧ ତାଙ୍କର ଓଡ଼ିଶାର ପତ୍ରପତ୍ରିକାର ପୃଷ୍ଠାମଣ୍ଡନ କରିଛି। ତା' ମଧ୍ୟରେ ପୁଣି ଅନ୍ତର୍ଭୁକ୍ତ ଅନେକ ରଚନା, ଯାହା ଐତିହାସିକ ସତ୍ୟ ସହ ସାହିତ୍ୟିକ ସୌନ୍ଦର୍ଯ୍ୟର ଅପୂର୍ବ ସମନ୍ୱୟ। ବୁଦ୍ଧଦେବଙ୍କ ପ୍ରଥମ ଦୁଇଶିଷ୍ୟ ହେଉଛନ୍ତି ଓଡ଼ିଶାର-'ତପସୁ' ଓ 'ବହ୍ଲିକ'। ଉଭୟଙ୍କୁ ନେଇ ସେ ଯେଉଁ କ୍ଷୁଦ୍ରଗଳ୍ପ ରଚନା କରିଛନ୍ତି ତାହା ପାଠକଲେ ଅନୁଭୂତ ହୁଏ ତାଙ୍କ ପ୍ରାଣରେ ଭରି ରହିଛି ବୌଦ୍ଧ-ଚେତନା-ସିକ୍ତ ଶାଶ୍ୱତ ସ୍ୱଚ୍ଛତା। ସତେ କି ସେ ଥିଲେ ବୁଦ୍ଧ-ଶିଷ୍ୟ ଆନନ୍ଦ! ସେଥିପାଇଁ ବୁଦ୍ଧପୂର୍ଣ୍ଣିମା ଦିନ ପ୍ରତିବର୍ଷ ଉପବାସ ଓ ପ୍ରାର୍ଥନାରେ ବିତାଉଥିଲେ। ଓଡ଼ିଶାର ମହିମାକୁ ସେ ନାନା ଭାବରେ କରି ଦେଇଛନ୍ତି ସମୁଜ୍ଜ୍ୱଳ। 'ଓଡ଼ିଶା ସହିତ ସମ୍ବଲପୁର ମିଶ୍ରଣ' ପ୍ରବନ୍ଧଟି ଏ ଦୃଷ୍ଟିରୁ ଉଲ୍ଲେଖନୀୟ।

ଡକ୍ଟର ସାହୁଙ୍କ ଏକାନ୍ତ ସ୍ମରଣୀୟ ଲେଖା ମଧ୍ୟରେ ରହିଛି, 'ଜାତୀୟ ବୀର ସୁରେନ୍ଦ୍ର ସାଏ', 'ପ୍ରଥମ ବୌଦ୍ଧ' ଗଳ୍ପ, 'ହୀରାଖଣ୍ଡ' ଗଳ୍ପ, 'କୀର୍ତ୍ତିଶାଳିନୀ ନାରୀ', ପ୍ରାଚୀନ ଭାରତରେ ଗଣତନ୍ତ୍ର ଶାସନ, 'ମଧୁସୂଦନ ଦାସ ' 'ଉତ୍କଳ', 'ଭାରତୀୟ ପରମ୍ପରା: କଳା ଓ ସ୍ଥାପତ୍ୟ', 'ପଦ୍ମସମ୍ଭବ', 'ଆଦିନାଥ ଋଷଭ କି ଜଗନ୍ନାଥ?', 'କାଳିଦାସଙ୍କ କାବ୍ୟରେ ଓଡ଼ିଶା', 'ସହିଦ ମାଧୋ ସିଂହ', 'ପଶ୍ଚିମ ଓଡ଼ିଶାର ରମଣୀୟ ସ୍ଥାନ', 'ଓଡ଼ିଶାରେ ବୌଦ୍ଧ ସଂସ୍କୃତି', 'ବୁଢ଼ାରଜା ମନ୍ଦିର', ' କଳିଙ୍ଗ ସମ୍ରାଟ ଖାରବେଳଙ୍କ ସମୟ ନିରୂପଣ' ଆଦି।

ସୁରେନ୍ଦ୍ର ମହାନ୍ତିଙ୍କ ସହିତ ମିଶି ସେ ରଚନା କରନ୍ତି 'ସିନ୍ଧୁ ସଭ୍ୟତା ଓ ଜୈନଧର୍ମ'। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଥିବା ସମୟରେ 'ସପ୍ତର୍ଷି' ପତ୍ରିକାର ମୁଖ୍ୟ ସମ୍ପାଦକ ଭାବରେ ସେ ରଚନା କରିଥିବା ସମ୍ପାଦକୀୟଗୁଡ଼ିକ ଚିନ୍ତା ଉଦ୍ରେକକାରୀ ପ୍ରବନ୍ଧର ମର୍ଯ୍ୟାଦା ଲାଭ କରିବା ସ୍ୱାଭାବିକ। ଡକ୍ଟର ସାହୁଙ୍କ ମଧ୍ୟରେ ଯେଉଁ ଆବେଗାତ୍ମକ ଅନୁଭବ ଥିଲା ସଂରକ୍ଷିତ, ତାହା ଏହିସବୁ ସାହିତ୍ୟିକ ରଚନାରେ ପ୍ରତିଫଳିତ ହୋଇଛି ମର୍ମସ୍ପର୍ଶୀ ଭାବରେ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଯେଉଁଦିନ ଗୁଳିବିଦ୍ଧ କରାଯାଇଥିଲା, ସେତେବେଳେ ଡକ୍ଟର ସାହୁ ଥିଲେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀର ଛାତ୍ର। ତାଙ୍କ ହୃଦୟର ଗଭୀର ବ୍ୟଥା ବ୍ୟକ୍ତ କରି ଜନ୍ମଭୂମିର ପ୍ରିୟ କବି ଗଙ୍ଗାଧର ମେହେରଙ୍କ ସୁପୁତ୍ର ଭଗବାନ ମେହେରଙ୍କ ନିକଟକୁ ସେ ଲେଖିଛନ୍ତି ଏକ ଦୀର୍ଘ ପତ୍ର।

ଡକ୍ଟର ସାହୁଙ୍କ ବାହ୍ୟ ଗାଠନିକ ରୂପଟି ଐତିହାସିକର। ଅନ୍ତଃରୂପ ସାହିତ୍ୟ ଶିଳ୍ପୀର। ଶ୍ରେଣୀ କକ୍ଷରେ ଶିକ୍ଷା ଦାନ ବେଳେ ସେ ଇତିହାସକୁ ଏତେ ପ୍ରାଞ୍ଜଳ, ଚିତ୍ତସମ୍ମୋହକ ଶୈଳୀରେ ବ୍ୟାଖ୍ୟା କରନ୍ତି ଯେ, ତାହା ରୂପାନ୍ତରିତ ହୋଇଯାଏ ସାହିତ୍ୟରେ। ଚରମ ଆର୍ଥିକ ଦାରିଦ୍ର୍ୟ ମଧ୍ୟରୁ ସେ ଆରୋହଣ କରିପାରିଥିଲେ ପ୍ରଜ୍ଞାର ପରମ ଐଶ୍ୱର୍ଯ୍ୟ ମଧ୍ୟକୁ। ପ୍ରାଚୀନ ସ୍ମୃତି ସଂରକ୍ଷଣ ଓ ବିଶ୍ଳେଷଣ ହିଁ ଯେ ନବୀନ ଚେତନାର ପରିଚୟ - ତାହା ପ୍ରମାଣିତ କରିଦେଲେ ସ୍ୱକୀୟ ସୁଦୃଢ଼ ସଂକଳ୍ପ ଆଉ ସାଧନା ବଳରେ। ଯାହା ପାଖରେ ପୁରୁଣା ଜିନିଷ ନାହିଁ ତା'ର ବୁନିୟାଦି ନାହିଁ ବୋଲି ଚକ୍ରବର୍ତ୍ତୀ ରାଜଗୋପାଳଚାରୀଙ୍କ ଉଚ୍ଚାରିତ ବାକ୍ୟଟି ଆମ ହୃଦୟରେ ତେଣୁ ପ୍ରତିଧ୍ୱନିତ ହୋଇଉଠେ ମହିମ୍ନ ନବୀନ କୁମାର ସାହୁ ସଂଗ୍ରହାଳୟ ଦର୍ଶନମାତ୍ରେ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପାରାଦୀପ ବନ୍ଦରରେ ଜାହାଜ ଗିରଫ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୯।୮(ସମିସ): ପାରାଦୀପ ବନ୍ଦରରେ ଏମଟି ୟୁନିଟି (ଆଇଏମଓ ୯୩୮୮୭୯୨) ଜାହାଜକୁ ଗିରଫ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୋଗ୍‌ଲାସି ଇନସ୍ୟୁରାନ୍ସ କମ୍ପାନି ଲିମିଟେଡ ପକ୍ଷରୁ ଦାୟର ସାମୁଦ୍ରିକ ବିବାଦ ସଂପର୍କିତ ଅନ୍ତରୀଣ ଆବେଦନର ହାଇକୋର୍ଟ ଶୁଣାଣି କରି ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ପକ୍ଷରେ ଏ ସଂକ୍ରାନ୍ତ ମୂଳ ସାମୁଦ୍ରିକ ବିବାଦ ମାମଲାରେ ପ୍ରତିପକ୍ଷ ଏମଟି ୟୁନିଟି (ଆଇଏମଓ ୯୩୮୮୭୯୨) କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ସେପ୍ଟେମ୍ବର ୯କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ଜାହାଜଠାରୁ ୩କୋଟି ୧ଲକ୍ଷ ୯୮ ହଜାର ୪୮୩ ଟଙ୍କା ଦାବି କରି ଆବେଦନକାରୀ ସଂସ୍ଥା ଏହି ମାମଲା ଦାୟର କରିଛି। ମୂଳ ସାମୁଦ୍ରିକ ବିବାଦ ମାମଲା ବିଚାରାଧୀନ ଥିବା ବେଳେ ଜାହାଜକୁ ଗିରଫ କରାଯାଉ ବୋଲି ଦର୍ଶାଇ ଆବେଦନକାରୀ ଅନ୍ତରୀଣ ଆବେଦନ ଦାୟର କରିଥିଲେ। ପ୍ରତିପକ୍ଷ ଜାହାଜଟି ଖୁବ ଶୀଘ୍ର ପାରାଦୀପ ବନ୍ଦର ଛାଡି ଚାଲିଯାଇ ପାରେ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଯଦି ପାରାଦୀପ ବନ୍ଦରରୁ ଜାହାଜ ଅନ୍ୟତ୍ର ଚାଲିଯାଏ ତେବେ ଏହି ମାମଲା ଅପ୍ରାସଂଗିକ ହୋଇଯିବ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଏହାପରେ ହାଇକୋର୍ଟ ଜାହାଜକୁ ପାରଦୀପ ବନ୍ଦରରେ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**୩୦ ବର୍ଷ ପରେ ବି ରାଜ୍ୟରେ କାର୍ଯ୍ୟକାରୀ ହେଉନି ପେସା ଆଇନ**

## ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୯।୮(ସମିସ): ପଞ୍ଚାୟତ ଏକ୍ସଟେନସନ ଟୁ ସିଡ୍ୟୁଲ୍ଡ ଏରିଆଜ ଆକ୍ଟ ବା ପେସା ଆଇନ-୧୯୯୬ ରାଜ୍ୟରେ କାର୍ଯ୍ୟକାରୀ କରାଯାଉ ନଥିବା ପ୍ରସଂଗକୁ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ପୁରୁଷୋତ୍ତମ ହିକକା ଓ ଅନ୍ୟ ତିନି ଜଣଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେପ୍ଟେମ୍ବର ୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀ ଦର୍ଶାଇଛନ୍ତି ଯେ ଅନୁସୂଚିତ ଅଞ୍ଚଳ ଓ ଅନୁସୂଚିତ ଜନଜାତିଙ୍କ ପାଇଁ ସମ୍ବିଧାନ ସ୍ୱତନ୍ତ୍ର ସୁରକ୍ଷା ପ୍ରଦାନ କରିଛି। ଏଥିପାଇଁ ୧୯୯୬ରେ ପେସା ଆଇନ ପ୍ରଣୟନ ହୋଇଥିଲା। ଦୀର୍ଘ ୩୦ବର୍ଷ ପରେ ମଧ୍ୟ ରାଜ୍ୟ ସରକାର ପେସା ଆଇନ କାର୍ଯ୍ୟକାରୀ ପାଇଁ ନିୟମାବଳୀ ପ୍ରଣୟନ କରି ନାହାନ୍ତି। ପେସା ଆଇନରେ ଗ୍ରାମସଭାକୁ ଅନୁସୂଚିତ ଜନଜାତିଙ୍କ ପରମ୍ପରା, ପ୍ରଥା, ସାଂସ୍କୃତିକ ପରିଚୟ, ଗୋଷ୍ଠୀ ସମ୍ବଳ ସୁରକ୍ଷା ଓ ସଂରକ୍ଷଣ ପାଇଁ କ୍ଷମତା ଦିଆଯାଇଛି। ଅନୁସୂଚିତ ଅଞ୍ଚଳରେ ବେଆଇନ ଜମି ହସ୍ତାନ୍ତର ଉପରେ ଗ୍ରାମସଭା ଅଙ୍କୁଶ ଜାରି କରି ପାରିବ ବୋଲି ଆଇନରେ କୁହାଯାଇଛି। ମୟୂରଭଞ୍ଜ, ସୁନ୍ଦରଗଡ, କୋରାପୁଟ, ମାଲକାନଗିରି, ରାୟଗଡା, କେନ୍ଦୁଝର ସଂପୂର୍ଣ୍ଣ ଭାବେ ଓ ସମ୍ବଲପୁର, ବୌଦ୍ଧ, କନ୍ଧମାଳ, ଗଞ୍ଜାମ, କଳାହାଣ୍ଡି, ବାଲେଶ୍ୱର ଜିଲ୍ଲାର ଆଂଶିକ ଭାବେ ଅନୁସୂଚିତ ଅଞ୍ଚଳ ହୋଇଥିବା ବେଳେ ଏହି ଅଞ୍ଚଳବାସୀ ଉକ୍ତ ଆଇନର ସୁଫଳରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ କରାଯାଇଛି। ମାମଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହିତ ନ୍ୟାସନାଲ କମିସନ ଫର ଏସଟିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

---

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 1103, dated 13.08.2026, I, KAMALA BHATRA, Daughter of - Kamallochan Bhatra & Wife of - Sanu Bhatra, permanent resident of Village - Makaput, PO - Chitra, PS - Kotpad, Dist - Koraput, Odisha, Pin - 764056, declare that I have changed my name from KAMALA CHAN BHATARA to KAMALA BHATRA. Henceforth, I shall be known as **KAMALA BHATRA** for all purposes.

**Sd/- Kamala Bhatra**

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 920, dated 11.08.2026, I, DURYADHAN MALI, Son of - Pitabas Mali, permanent resident of Village- Siuni, PO - Bhatrasiuni, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed my name from DURJYAN MALI to DURYADHAN MALI. Henceforth, I shall be known as **DURYADHAN MALI** for all purposes.

**Sd/- Duryadhan Mali**

### AFFIDAVIT

By virtue of an affidavit sworn before the Executive Magistrate, Pipili, dated 19.08.2026, I, Suban Khan, S/o Rahematul Khan, resident of Vill-Baunsachali, PO-Odia Bazar, PS-Dargha Bazar, Dist-Cuttack, PIN-753002, declare that I have changed my name from Shashibhusan Bhoi to Suban Khan. Henceforth, I shall be known as **Suban Khan** for all purposes.

**Sd/- Suban Khan**

### Lost of Original Land ROR / Patta

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଯାଉଛି ଯେ ମୌଜା-ପଟିଆ ଅବସ୍ଥିତ ପ୍ଲଟ୍ ନଂ- ୩୯୪/୩୨୮୮, ଖାତା ନଂ- ୪୭୪/୪୯୬୨ ଏବଂ ପ୍ଲଟ୍ ନଂ- ୩୯୪/୩୨୮୯, ଖାତା ନଂ- ୪୭୪/୪୯୬୩, ପିପୁଲ୍ସ ଫୋରମ୍ (ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ) ନାମରେ ଥିବା ମୂଳ ପଟ୍ଟା, ତଥା ମୌଜା-ପଟିଆ ଅବସ୍ଥିତ ପ୍ଲଟ୍ ନଂ-୩୯୪/୩୨୮୯, ଖାତା ନଂ-୪୭୪/୩୯୯୫ ଏବଂ ପ୍ଲଟ୍ ନଂ- ୩୯୪/୩୨୮୮, ଖାତା ନଂ- ୪୭୪/୪୦୬୬, ସଜଳ ଶିବଦର୍ଶନଙ୍କ ନାମରେ ଥିବା ମୂଳ ପଟ୍ଟା ତା. ୦୩.୦୭.୨୦୨୬ରିଖ ପ୍ରାୟ ସକାଳ ୧୧.୦୦ଘଟିକା ସମୟରେ ଖଣ୍ଡଗିରି, ଭୁବନେଶ୍ୱର ଅଞ୍ଚଳରେ ହଜିଯାଇଛି। ଏହି ସମ୍ପର୍କରେ ଖଣ୍ଡଗିରି ଥାନାରେ ଅଭିଯୋଗ ଦାଖଲ କରାଯାଇଛି, (G.D. No. 014, Dated: 07/08/2026) ଉକ୍ତ ଦସ୍ତାବିଜ କାହାରି ନିକଟରେ ଥିଲେ କିମ୍ବା ମିଳିଥିଲେ ନିମ୍ନଲିଖିତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ।

ପ୍ରମୋଦ କୁମାର ପଣ୍ଡା
ମୋବାଇଲ: ୯୯୩୭୧୧୫୧୧୧

### PUBLIC NOTICE

The original Title Deed bearing no. 10061108960 dt. 11.11.2011 executed before R.O., Balasore, with respect to Plot no. 768/1785, Khatian no. 476/1714, A.O.05 dc, Mouza: Sahadebkhunta, P.S.: Balasore Town, P.S. no. 2, Dist: Balasore, Executed in favour of Smt. Sanjulata Nayak, W/O: Bijay Kumar Nayak, is lost. No Equitable Mortgage / Charge with any Bank / Financial Institution is created by depositing the said original Regd. Sale Deed as security against any loan. If any Individual / Bank / Financial Institution is holding the said original Sale Deed, is requested to inform State Bank of India, F.M. Square Branch, Balasore (Mobile no. 7978013993) within 7 days from the date of this notice, where the present title holder thereof Prabir Kumar Das proposed to avail a loan against mortgage of Khatian no. 476/2083, Plot no. 768/1785, A.O.05 dc. by depositing the said deed as link document. Sri Prabir Kumar Das, S/o: Late Prasanta Kumar Das, resident of Village/ P.O.: Gopalgaon, P.S.: Balasore Town, Dist. Balasore. Mobile no. 9338704122.

### ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-LHS-02-KUR-582, ତା.13.08.2026 ରିଖ

**କାର୍ଯ୍ୟର ନାମ :** Siemens ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ (EI) କାର୍ଯ୍ୟ ସହିତ ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳର ବିଭିନ୍ନ ଷ୍ଟେସନ/ସେକ୍ସନଗୁଡ଼ିକ ମଧ୍ୟରେ କି.ମି. 140/29-31 ସ୍ଥିତ ଅନଧିକୃତ ପ୍ରବେଶ ସ୍ଥାନଗୁଡ଼ିକ ଠାରେ ଏବଂ କି.ମି. 424/14-16 ସ୍ଥିତ ବର୍ତ୍ତମାନର ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍ ନଂ. CT-29, କି.ମି. 473/29-31 ସ୍ଥିତ ସଂ. CT-65, କି.ମି.438/14-16 ସ୍ଥିତ ସଂ. JB-12, କି.ମି. 449/9-11 ସ୍ଥିତ ସଂ. CT-42 ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା ଏବଂ ନିର୍ମାଣ।

**ଟେଣ୍ଡର ମୂଲ୍ୟ (₹) :** 2,14,33,436.10, EMD(₹) : 4,28,700.00।

ବିଡିଙ୍ଗ୍ ଆରମ୍ଭ ତାରିଖ : ତା.21.08.2026 ରିଖ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.09.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍ସରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର)/ ଖୋର୍ଦ୍ଧା ରୋଡ୍

PR-376/R/26-27

### AFFIDAVIT

By virtue of an affidavit sworn before Executive Magistrate, Sukinda, Jajpur Affidavit S.L.No. 1465 on dated 08/06/2026, I **KARTIKA OJHA**, S/o Bidyadhar Ojha resident of At:- Rajagola, Po- Atta, P.S: Sukinda, Dist: Jajpur, Odisha, PIN: 755018, declare that I have changed my minor son's name from **SAI SUBHASISH OJHA (Old Name)** to **SAIASISHE OJHA (New Name)**. Henceforth, he shall be known as **SAIASISHE OJHA** for all future purposes.

Sd- KARTIKA OJHA

### AFFIDAVIT

I, **Rekharani Panda**, W/o- Birendra Prasad Mishra, residing currently at Plot No.16, 1st Floor, Versha High School, Near Damana High School, Pin-751016, Odisha and Permanent Resident of At/Po- Arei, PS-Binjharpur, Dist-Jajpur, Pin-755027, Odisha declare by this Affidavit, dtd-03/08/2026 that **Rekharani Panda** and **Rekha Rani Mishra** is one and same person. Now onwards I shall be known as **Rekharani Panda** for all future purposes.

### ପୂର୍ବ ତଟ ରେଳପଥ

**ଶୁଦ୍ଧିପତ୍ର**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. 40266092

**ବିବରଣୀ :** ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ପ୍ରକାଶିତ ଅନୁଯାୟୀ: ତା.17.08.2026 ରିଖ 1500 ଘଟିକା। ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ତା.24.08.2026 ରିଖ 1500 ଘଟିକା।

ବିସ୍ତୃତ ବିବରଣୀ ପାଇଁ ଟେଣ୍ଡରଦାତାଙ୍କୁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ / ସମ୍ବଲପୁର

PR-377/R/26-27

### ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ

**ଟେଣ୍ଡର ବିଜ୍ଞପ୍ତି**

ଡିଭିଜନାଲ୍ ରେଳୱେ ମ୍ୟାନେଜର୍ (ଇଲେକ୍ଟ୍ରିକାଲ୍ / ପାୱାର), ରତଲାମଙ୍କ ପକ୍ଷରୁ www.ireps.gov.in ୱେବସାଇଟ୍‌ରେ ଇ-ଟେଣ୍ଡର ମାଧ୍ୟମରେ "ଖୋଲା ଟେଣ୍ଡର" ଆମନ୍ତ୍ରଣ କରାଯାଉଛି। ବିବରଣୀ ନିମ୍ନରୂପ:- କ୍ରମିକ ନଂ. ୧ - ଇ-ଟେଣ୍ଡର ନଂ.: EL-2025-26-26R2, କାର୍ଯ୍ୟର ନାମ: ରତଲାମ ଡିଭିଜନ୍: ରତଲାମ ଡିପୋରେ ପ୍ଲାଟଫର୍ମ ନଂ. ୦୪ ଏବଂ ପ୍ଲାଟଫର୍ମ ନଂ. ୦୭ରେ ୦୬ଟି ଏସ୍କାଲେଟର୍ ଏବଂ ଇନ୍ଦୋର ଷ୍ଟେସନର P F - ୦୫/୦୬ର ସର୍କୁଲେଟିଂ ଏରିଆରେ ୦୧ଟି ଏସ୍କାଲେଟର୍ ବ୍ୟବସ୍ଥା। (ଇଲେକ୍ଟ୍ରିକାଲ୍ + ସିଭିଲ୍), ଆନୁମାନିକ ମୂଲ୍ୟ: ଟ. ୪୦,୫୯,୪୧୭.୭୮, ଜମା କରିବାକୁ ଥିବା ବନ୍ଧନା ରାଶି: ଟ. ୧୪,୮୧,୨୦୦.୦୦, କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୪.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୮.୦୯.୨୦୨୬। କ୍ରମିକ ନଂ. ୨ - ଇ-ଟେଣ୍ଡର ନଂ.: EL-2026-27-14, କାର୍ଯ୍ୟର ନାମ: ରତଲାମ ଡିଭିଜନ୍‌ରେ ଷ୍ଟାଫ୍ କ୍ୱାର୍ଟର୍ସଗୁଡ଼ିକର ପୁନଃ ତାରଯୋଗ (Rewiring) ସହିତ ପଙ୍ଖା ବ୍ୟବସ୍ଥାର ଉନ୍ନତି ସମ୍ବନ୍ଧୀୟ ବିଦ୍ୟୁତ କାର୍ଯ୍ୟ। ଆନୁମାନିକ ମୂଲ୍ୟ: ଟ. ୧,୯୭,୮୭,୫୫୬.୭୧, ଜମା କରିବାକୁ ଥିବା ବନ୍ଧନା ରାଶି: ଟ. ୩,୯୫,୮୦୦.୦୦, କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୪.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୮.୦୯.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ଟେଣ୍ଡର ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ। ଟେଣ୍ଡର ଫର୍ମର ମୂଲ୍ୟ ଶୂନ୍ୟ (NIL)।

Apex/211

Like us on: facebook.com/WesternRly

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 934, dated 12.08.2026, I, Smt. DAIMATI PAIKA, W/o TIKI CHARAN PAIKA, resident of - Bhatisaguda, Nabarangpur, PO/PS/ Dist - Nabarangpur, Odisha, declare that I have changed my name from DAMAYANTI RANA to DAIMATI PAIKA. Both names refer to one and the same person, i.e., myself. Henceforth, I shall be known as DAIMATI PAIKA for all purposes.

**Sd/- Daimati Paika**

### AFFIDAVIT

I, **Laxmikanta Giri**, S/o Purna Chandra Giri, At./Po. Kushadiha, P.S. Basta, Dist. Balasore-756029, Odisha declare by this affidavit sl No. 3441 DT. 08.05.2026 that I want to change my mother's name from **Basanti Mani Giri** to **Basanti Giri** for issuance of Passport. Henceforth, I shall be known and called as **Basanti Giri** for all purposes.

### AFFIDAVIT

By virtue of an affidavit (SL No. A/35, dtd- 03/08/2026) sworn before The Executive Magistrate, Panposh, Rourkela. I, **Phoolmoti** (new name), W/o Late Ramavatar, permanent & presently resident of At- House No. C/29, Diesel Colony, K Cabin Basti, Bondamunda, Dist: Sundargarh, Odisha, PIN-770032 declare that I have changed my name from **Fulamati Devi** (old name) to **Phoolmoti** (new name). Henceforth, I shall be known as **Phoolmoti** (new name) for all purposes.

**Phoolmoti**

### AFFIDAVIT

By virtue of an affidavit sworn before the Executive Magistrate, Titilagarh, dated 19.08.2026, We, Madhusudan Behera and Truptimayee Behera, At-Titilagarh (Sargiguda), P.S. Titilagarh, Dist. Balangir declare that we have changed the name of our minor daughter from MANOSWINI BEHERA to MANASWINE BEHERA. Henceforth, she shall be known as **MANASWINE BEHERA** for all purposes.

**Sd/- Madhusudan Behera**
**Sd/- Truptimayee Behera**

### AFFIDAVIT

By virtue of an affidavit before the **Notary Public, Malkangiri**, dated 07th July, 2026, I, **Jeetu Burudi**, residing at village: **Chitapari-I, Po.: Balimela Chowk, Ps.: Orkel, Dist.: Malkangiri- 764051** declare that I have changed the name of my son from **Jitendra Burudi** to **Jaidev Burudi**. Henceforth, he shall be known as **Jaidev Burudi** for all purposes.

Sd/- Jeetu Burudi

### AFFIDAVIT

I, SHAIKH NABIRUDDIN, aged about 42 years /O-SHAIKH MANGALU, AT-DEVOG,PO-GOPINATHPUR,SINGLA,DIST-BALESWAR-756030, ODISHA, declared by this Affidavit No.943, Dated.18.06.2026, That now onwards I shall Be Known as **SK.NABIRUDDIN** for all future Purposes.

### AFFIDAVIT

I, Niaz Ahammad, aged about 64 years, S/o- **Md. Kalan**, Resident of AT/PO- Lane No-2 Gandhinagar, Belpahar, Lakhanpur, Jharsuguda,768217, ODISHA, declared by this Affidavit No.890 /2026, Dated. 09.08.2026, That now onwards I shall Be Known as **NIAZ AHMAD** for all future Purposes.

---

GOVERNMENT OF ODISHA — 34001/659/2627

## OFFICE OF THE SUPERINTENDING ENGINEER NATIONAL HIGHWAY DIVISION, KATAKA-I

E-mail Id: nhcuttack@gmail.com

No: 3425 // — Dated: 18/08/2026

**INVITATION FOR BIDS (IFB)**

**Identification No. 01 / SE NH, KATAKA of 2026-27**

1. The Superintending Engineer, NH Division, Kataka on behalf of Governor of Odisha invites **percentage rate bid** in **single cover system on online mode** for construction of works detailed in the table given below from **Bidders as mentioned in column-8** registered with the State Government and Contractors of equivalent grade/class registered with other State Govt. / MES/ Railways / CPWD for execution of Civil works on production of definite proof from the appropriate authority. The successful bidder who has not registered under State Government has to register under the State PWD in appropriate class of eligibility before signing of the agreement.

| SL No | Name of work | Value of work (Approx.) (Rs. in lakh) (Excluding GST) | Concern-ed T.I.A. | Concern-ed Division | Bid Security Amount (Rs.) (Online) | Cost of Bid documents (Rs.) (Online) | Class of Bidder | Period of completion |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 01 | Construction of Pedestrian Guard railing with paver block and safety kerb on canal Embankment between Manasapolo to Chek Gate on NH-20 Ch. 189/680 to Ch. 190/093 Km. for the year 2026- 27 | 26.80 | SE, NH DIVISION, KATAKA | NH Division Kataka | 26800/- | 6,000/- | 'C' & 'B' | 1 (One) Calendar Month |

2. Bid documents will be available in website **www.tendersodisha.gov.in** from **10.00 hours of 21.08.2026 to 17.30 hours of 31.08.2026** for online bidding. The bidders must possess compatible Digital Signature Certificate (DSC) of Class-I or Class-III.
3. The Addendum/ Corrigendum of tender, if required subsequently shall be available in above mentioned website.
4. The authority reserves the right to cancel any/all bids without assigning any reason / reasons thereof.

Sd/-
**Superintending Engineer,**
NH Division kataka.

OIPR-34001/34194/1/26-27/0001

---

13001/1578/2627

## OFFICE OF THE NOTIFIED AREA COUNCIL, DHARMAGADA (Dt.)-KALAHANDI

No. 2966 /DMH — Dated: 18.08.2026

**QUOTATION CALL NOTICE**

| | |
|---|---|
| Name of the work | Supply, transportation, fixing of all 11 (Eleven) no's of Lifesize sculptures as per Quotation Call Notice. |
| No. of works | 01 No. |
| Tender notice No. & Date | 2962/DMH, Dt. 18.08.2026 |
| Agency | As per eligibility |
| Period of Tender | 3 Months |
| Availability of Documents | Dt. 18.08.2026 to Dt. 02.09.2026 (In Office Hours) at NAC Office, Dharmagada |
| Tender Paper Cost | Rs. 5000.00 |
| Last date of receipt of bid documents | Up to 1:00 PM of Dt 02.09.2026 |
| Date of opening of Bid | 03:00 PM of Dt 02.09.2026 |
| Name and address of the Officer inviting the notice | Executive Officer, NAC, Dharmagada, Kalahandi |

**Executive Officer**
NAC, Dharmagada

OIPR-13001/13163/1/26-27/0012

---

34001/655/2627 — E-mail ID: eepwddeogarh@gmail.com

## OFFICE OF THE SUPERINTENDING ENGINEER DEBAGADA (R&B) DIVISION, DEBAGADA

**INVITATIONS FOR BIDS (IFB)**

Letter No. 2981 — Dtd. 17.08.2026

**Invitation for Bids**

**Bid Identification No. SE PWD DGR No. 05 of 2026-27**

1. The Superintending Engineer, Debagada (R&B) Division, Debagada, on behalf of Government of Odisha, invites percentage rate bids in Double cover system in ONLINE MODE only, for STMC Road Work as detailed below.

| | | | |
|---|---|---|---|
| 2. | Nature of work | : | Road work |
| 3. | No. of works | : | Road 01 No. |
| 4. | Bid Cost. | : | Rs.10,000/- |
| 5. | Class of Contractor | : | "B" Class |
| 6. | Availability of Bid Documents in the website | : | From dt. 24.08.2026 to 17:00 hours of dt. 07.09.2026 |
| 7. | Date of Opening of Technical Bid | : | Dt. 08.09.2026 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website: http://www.tendersorissa.gov.in. Any addendum / corrigendum / cancellation of tender can also be seen in the said website only. | | |

**Superintending Engineer**
Debagada (R&B) Division

OIPR-34001/34061/1/26-27/0005

---

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି

## (ଭୂ- ଅର୍ଜନ ଉପବିଭାଗ)

(ଭାରତ ସରକାରଙ୍କ ରାଜପତ୍ର , ଅସାଧାରଣ ଭାଗ -୨ , ଖଣ୍ଡ -୩ (ii)ରେ ପ୍ରକାଶ ନିମନ୍ତେ)

## ଭାରତ ସରକାର

(ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ)

## ଅଧିସୂଚନା

ନୂଆଦିଲ୍ଲୀ ୧୦.୦୭ .୨୦୨୬

ସଂଖ୍ୟା: ୭୫୮୪ /୨୦୨୬ — ତାରିଖ:୦୬ / ୦୮ /୨୦୨୬

S.O. ୩୮୩୯ (E).- ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ବିଜ୍ଞପ୍ତି S.O. ନମ୍ବର 3733 (E), ତାରିଖ ୧୩.୦୮.୨୦୨୫, ଭାରତର ଅସାଧାରଣ ରାଜପତ୍ର, ଭାଗ-II, ଧାରା-୩, ଉପଧାରା-(ii) ରେ ପ୍ରକାଶିତ ହୋଇଥିବା ଏବଂ ଜାତୀୟ ରାଜପଥ ଅଧିନିୟମ, 1956 (1956 ର 48) (ପରବର୍ତ୍ତୀରେ 'ଉକ୍ତ ଅଧିନିୟମ' ଭାବେ ଅଭିହିତ) ର ଧାରା 3A ର ଉପଧାରା (୧) ଅନୁଯାୟୀ ଜାରି କରାଯାଇଥିବା ଉକ୍ତ ବିଜ୍ଞପ୍ତି ମାଧ୍ୟମରେ, ଭାରତ ସରକାର ଓଡ଼ିଶାରେ 'NH-326 (ମାଲକାନଗିରି-ମୋଟୁ ରୋଡ୍) ର ଚେନେଜ୍ 379/00 କି.ମି. ଠାରେ ଗାରିଆ ନଦୀ ଉପରେ (ପାଙ୍ଗାମ ବ୍ରିଜ୍), କି.ମି. 439/410 ଠାରେ ପୋଟେରୁ ନଦୀ ଉପରେ ଏବଂ କି.ମି. 444/237, କି.ମି. 457/075 ଓ କି.ମି. 468/150 ଠାରେ ଥିବା ୦୫ ଗୋଟି ଉଚ୍ଚସ୍ତରୀୟ ସେତୁ (H.L. Bridges) ର ପୁନଃନିର୍ମାଣ' ଉଦ୍ଦେଶ୍ୟରେ, ଉକ୍ତ ବିଜ୍ଞପ୍ତି ସହ ସଂଲଗ୍ନ ଅନୁସୂଚୀରେ ଉଲ୍ଲେଖିତ ଜମି ଅଧିଗ୍ରହଣ କରିବା ପାଇଁ ନିଜର ଅଭିପ୍ରାୟ ଘୋଷଣା କରିଥିଲେ।

ଏବଂ, ଉକ୍ତ ବିଜ୍ଞପ୍ତିର ବିଷୟବସ୍ତୁ ଉକ୍ତ ଅଧିନିୟମର ଧାରା 3A ର ଉପଧାରା (3) ଅନୁଯାୟୀ ଉଭୟ 'ପ୍ରମେୟ' ଏବଂ 'ସମାଜ' ଦୈନିକ ସମ୍ବାଦପତ୍ରରେ ତାରିଖ ୦୭.୦୯.୨୦୨୫ ରେ ପ୍ରକାଶିତ ହୋଇଥିଲା।

ଏବଂ, ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ ଧାରା 3-C ଅନୁଯାୟୀ କୌଣସି ଆପତ୍ତି ଦାଖଲ ହୋଇନାହିଁ।

ଏବଂ, ଉକ୍ତ ଅଧିନିୟମର ଧାରା ୩ଡ ର ଉପଧାରା (1) ଅନୁଯାୟୀ, ସକ୍ଷମ କର୍ତ୍ତୃପକ୍ଷ ନିଜର ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିଛନ୍ତି।

ଏଣୁ, ସକ୍ଷମ କର୍ତ୍ତୃପକ୍ଷଙ୍କ ଉକ୍ତ ରିପୋର୍ଟ ପ୍ରାପ୍ତ ହେବା ପରେ ଏବଂ ଉକ୍ତ ଅଧିନିୟମର ଧାରା ୩ଡ ର ଉପଧାରା (1) ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି, କେନ୍ଦ୍ର ସରକାର ଏତଦ୍ୱାରା ଘୋଷଣା କରୁଛନ୍ତି ଯେ, ଉକ୍ତ ଅନୁସୂଚୀରେ ନିର୍ଦ୍ଦିଷ୍ଟ ଜମିକୁ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବ।

ଏବଂ, ଉକ୍ତ ଅଧିନିୟମର ଧାରା 3D ର ଉପଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏତଦ୍ୱାରା ଘୋଷଣା କରୁଛନ୍ତି ଯେ, ଏହି ବିଜ୍ଞପ୍ତି ସରକାରୀ ରାଜପତ୍ରରେ ପ୍ରକାଶିତ ହେବା ମାତ୍ରେ, ଉକ୍ତ ଅନୁସୂଚୀରେ ନିର୍ଦ୍ଦିଷ୍ଟ ଜମି ସମସ୍ତ ପ୍ରକାରର ଦାୟବଦ୍ଧତାରୁ ମୁକ୍ତ ଭାବରେ ସମ୍ପୂର୍ଣ୍ଣରୂପେ କେନ୍ଦ୍ର ସରକାରଙ୍କ ନିକଟରେ ନ୍ୟସ୍ତ ହେବ।

ସ୍ୱା/-
**ଡେପୁଟି କଲେକ୍ଟର ତଥା କ୍ଷମତା ପ୍ରାପ୍ତ ଭୂ -ଅର୍ଜନ ଅଧିକାରୀ,**
**ଉଚ୍ଚସ୍ତରୀୟ ସେତୁ,ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି**

## ଅନୁସୂଚୀ

ଓଡ଼ିଶା ରାଜ୍ୟରେ 'NH-326 (ମାଲକାନଗିରି-ମୋଟୁ ରୋଡ୍) ର ଚେନେଜ୍ 379/00 କି.ମି. ଠାରେ ଗାରିଆ ନଦୀ ଉପରେ (ପାଙ୍ଗାମ ବ୍ରିଜ୍), କି.ମି. 439/410 ଠାରେ ପୋଟେରୁ ନଦୀ ଉପରେ ଏବଂ କି.ମି. 444/237, କି.ମି. 457/075 ଓ କି.ମି. 468/150 ଠାରେ ଥିବା 5ଟି ଉଚ୍ଚସ୍ତରୀୟ ସେତୁର ପୁନଃନିର୍ମାଣ' ପ୍ରକଳ୍ପ ଅଧୀନରେ ଅଧିଗ୍ରହଣ କରାଯିବାକୁ ଥିବା ଜମିର ସଂକ୍ଷିପ୍ତ ବିବରଣୀ, ଯେଉଁଥିରେ ଗଠନାବଳୀ (Structures) / ଗଛ ସହିତ କିମ୍ବା ବିନା ଗଠନାବଳୀ / ଗଛ ଥିବା ଜମି, ଯାହା NH-326 ଅଧୀନସ୍ଥ ଉକ୍ତ ଭୂଖଣ୍ଡରେ ଅବସ୍ଥିତ।

**ସମ୍ପୂର୍ଣ୍ଣ ବିବରଣୀ ପାଇଁ ନିମ୍ନଲିଖିତ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରି ଦେଖନ୍ତୁ।**

---

UNITY Small Finance Bank

## ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍

କର୍ପୋରେଟ୍ କାର୍ଯ୍ୟାଳୟ: ସେଣ୍ଟ୍ରମ୍ ହାଉସ୍, ବିଦ୍ୟାନଗରୀ ମାର୍ଗ, କାଲିନା, ସାନ୍ତାକ୍ରୁଜ୍ (ପୂର୍ବ), ମୁମ୍ବାଇ - ୪୦୦ ୦୯୮

**ସର୍ବସାଧାରଣ ବିଜ୍ଞପ୍ତି**

**ଇଚ୍ଛାକୃତ ଋଣ ଖିଲାପକାରୀଙ୍କ ଫଟୋ ଓ ବିବରଣୀ ପ୍ରକାଶନ**

ଭାରତୀୟ ରିଜର୍ଭ ବ୍ୟାଙ୍କ (Small Finance Banks – Treatment of Wilful Defaulters and Large Defaulters) ନିର୍ଦ୍ଦେଶାବଳୀ, ତାରିଖ ୨୮ ନଭେମ୍ବର ୨୦୨୫, ଏବଂ ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍‌ର ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ଅନୁମୋଦିତ ନୀତି ଅନୁଯାୟୀ, ଯଥାବିଧି ପ୍ରକ୍ରିୟା ସମ୍ପନ୍ନ କରିବା ପରେ ନିମ୍ନଲିଖିତ ଋଣଗ୍ରାହକ ଏବଂ ସହ-ଋଣଗ୍ରାହକମାନଙ୍କୁ ଇଚ୍ଛାକୃତ ଋଣ ଖିଲାପକାରୀ (Wilful Defaulters) ଭାବେ ଘୋଷଣା କରାଯାଇଛି। ଏହି ପ୍ରକ୍ରିୟାରେ କାରଣ ଦର୍ଶାଅ ନୋଟିସ୍ ପ୍ରଦାନ ଏବଂ ବ୍ୟକ୍ତିଗତ ଶୁଣାଣିର ସୁଯୋଗ ଦେବା ସହିତ R B I ନିର୍ଦ୍ଦେଶାବଳୀ ପାଳନ କରାଯାଇଛି। ଏହି ସାର୍ବଜନୀନ ବିଜ୍ଞପ୍ତି ସାଧାରଣ ଜନତାଙ୍କୁ ଅବଗତ କରାଇବା ଏବଂ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାଗୁଡ଼ିକୁ ସତର୍କ କରାଇବା ଉଦ୍ଦେଶ୍ୟରେ ପ୍ରକାଶ କରାଯାଉଛି।

**ଋଣଗ୍ରାହକଙ୍କ ନାମ: ମେସର୍ସ ଆଦିତ୍ୟ ଟ୍ରେଡର୍ସ**
**ଠିକଣା: ପ୍ଲଟ୍ ନଂ. ୧୦୮୧, ଲେନ୍ ନମ୍ବର ଆର୍‌୨, ଭୁବନେଶ୍ୱର, ଓଡ଼ିଶା - ୭୫୧୦୩୦**

| | |
|---|---|
| **ଋଣଗ୍ରହୀତାଙ୍କ ନାମ: ମେସର୍ସ ଆଦିତ୍ୟ ଟ୍ରେଡର୍ସ, ଏହାର ପ୍ରୋପ୍ରାଇଟର ଶ୍ରୀ ସତ୍ୟବ୍ରତ ନାୟକଙ୍କ ମାଧ୍ୟମରେ** ଠିକଣା: ପ୍ଲଟ୍ ନଂ. ୧୦୩୪, ଜଗମୋହନ ନଗର, ଖଣ୍ଡଗିରି, ଭୁବନେଶ୍ୱର, ଖଣ୍ଡଗିରି, ଖୋର୍ଦ୍ଧା, ଓଡ଼ିଶା – ୭୫୧୦୩୦ |  |
| **ସହ-ଋଣଗ୍ରହୀତାଙ୍କ ନାମ: ଶ୍ରୀମତୀ ସୁଦୀପ୍ତା ଜେନା** ଠିକଣା: ପ୍ଲଟ୍ ନଂ. ୧୦୩୪, ଜଗମୋହନ ନଗର, ଖଣ୍ଡଗିରି, ଭୁବନେଶ୍ୱର, ଖଣ୍ଡଗିରି, ଖୋର୍ଦ୍ଧା, ଓଡ଼ିଶା – ୭୫୧୦୩୦ |  |
| **ସହ-ଋଣଗ୍ରହୀତାଙ୍କ ନାମ: ଶ୍ରୀ ପର୍ଶୁରାମ ନାୟକ** ଠିକଣା: ପ୍ଲଟ୍ ନଂ. ୧୦୩୪, ଜଗମୋହନ ନଗର, ଖଣ୍ଡଗିରି, ଭୁବନେଶ୍ୱର, ଖଣ୍ଡଗିରି, ଖୋର୍ଦ୍ଧା, ଓଡ଼ିଶା – ୭୫୧୦୩୦ |  |
| **ସହ-ଋଣଗ୍ରହୀତାଙ୍କ ନାମ: ଶ୍ରୀ ପୁରୁଷୋତ୍ତମ ନାୟକ** ଠିକଣା: ପ୍ଲଟ୍ ନଂ. ୧୦୩୪, ଜଗମୋହନ ନଗର, ଖଣ୍ଡଗିରି, ଭୁବନେଶ୍ୱର, ଖଣ୍ଡଗିରି, ଖୋର୍ଦ୍ଧା, ଓଡ଼ିଶା – ୭୫୧୦୩୦ |  |

| କ୍ର.ନଂ. | ଋଣ ଆକାଉଣ୍ଟ ନଂ. | ୩୧.୦୭.୨୦୨୬ ସୁଦ୍ଧା ବକେୟା ଦେୟ ଏବଂ ସେବାବନ୍ଦ ସୁଧ |
|---|---|---|
| ୧ | USFBBHUMSME000000972 | ଟ.୨୭,୩୧,୩୦୦/- |

**ଇଚ୍ଛାକୃତ ଋଣ ଖିଲାପକାରୀ ଭାବେ ଘୋଷଣା ତାରିଖ: ୨୪.୦୭.୨୦୨୬**
**ଶାଖା/ଅଞ୍ଚଳ: ଓଡ଼ିଶା**

ଏହି ପ୍ରକାଶନ ଭାରତୀୟ ରିଜର୍ଭ ବ୍ୟାଙ୍କର Small Finance Banks – Treatment of Wilful Defaulters and Large Defaulters ନିର୍ଦ୍ଦେଶାବଳୀ ସର୍କୁଲାର RBI/DoR/2025-26/197 (DoR. FIN. REC.No. 116/20.16.003/2025-26), ତାରିଖ ୨୮ ନଭେମ୍ବର ୨୦୨୫, ଅନୁଯାୟୀ କରାଯାଇଛି।

**ଜାରି କର୍ତ୍ତା: ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍**

**ପଞ୍ଜିକୃତ ଠିକଣା:** ୟୁନିଟ୍ ନଂ. ୧୨୦୧, ୧୨୦୨ ଏବଂ ୧୨୦୩, ୧୨ତମ ମହଲା, ଅନସଲ୍ ଭବନ, ୧୬, କେ.ଜି. ମାର୍ଗ, ନୂଆଦିଲ୍ଲୀ-୧୧୦୦୦୧।

**କର୍ପୋରେଟ୍ ଠିକଣା:** ସେଣ୍ଟ୍ରମ୍ ହାଉସ୍, CST ରୋଡ୍, ବିଦ୍ୟାନଗରୀ ମାର୍ଗ, କାଲିନା, ସାନ୍ତାକ୍ରୁଜ୍ (ପୂର୍ବ), ମୁମ୍ବାଇ–୪୦୦୦୯୮।

(କୌଣସି ସ୍ପଷ୍ଟୀକରଣ ପାଇଁ: ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍–କର୍ପୋରେଟ୍ ରିକଭରି ଟିମ୍ ସହ ଯୋଗାଯୋଗ କରନ୍ତୁ।)

# ଖରିଫ୍ ଋତୁ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ

ଜଗତସିଂହପୁର,୧୯।୮ (ସମିସ)




ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ଖରିଫ୍ ଋତୁ-୨୦୨୬ ନିମନ୍ତେ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଜେ. ସୋନାଲ ଯୋଗଦେଇ ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ କୃଷି ବିଭାଗ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସିଏମ୍ କିଷାନ ଯୋଜନା, ପିଏମ୍‌କେୱାଇ ଯୋଜନାରେ ଜିଲ୍ଲାର ଅଧିକରୁ ଅଧିକ ଚାଷୀ ଯେପରି ନିଜ ନିଜର ନାମ ପଞ୍ଜୀକରଣ କରିବେ ସେଥିପ୍ରତି ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ ଏବଂ ସମବାୟ ବିଭାଗ ଅଧିକାରୀ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ଚାଷୀ ମାନଙ୍କୁ ଠିକ୍ ସମୟରେ ବିହନ ସାର ଯୋଗାଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଭୁଦତ୍ତ ସାହୁ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲା। ୨୦୨୫-୨ ୬ ରବି ଋତୁରେ ୭୩୮୩୫ ହେକ୍ଟର ଜମିରେ ହାଇବ୍ରିଡ ଧାନ, ମକା, ମୁଗ, ବିରି, କୋଳଥ, ମଟର, ବାଦାମ, ରାଶି ଆଦି ଚାଷ କରାଯାଇଥିଲା। ମୋଟ୍ ୬୮,୨୯୭ ହେକ୍ଟର ଜମିରେ ଡାଲିଯାତୀୟ ଫସଲ କରାଯାଇଥିଲା। ଏତଦ୍ ବ୍ୟତୀତ ସୂର୍ଯ୍ୟମୁଖୀ, ଆଳୁ, ପିଆଜ, ଅନ୍ୟାନ୍ୟ ପନିପରିବା, ଲଙ୍କା, ରସୁଣ, ଧନିଆ, ଆଖୁଚାଷ ହୋଇଥିଲା। ଚଳିତ ଖରିଫ ଋତୁରେ ସମସ୍ତ ଫସଲକୁ ମିଶାଇ ମୋଟ ୮୧,୮୧୦ ହେକ୍ଟର ଜମିରେ କୃଷିକାର୍ଯ୍ୟ ନିର୍ଦ୍ଧାରଣ କରାଯାଇଛି। ସେଥିମଧ୍ୟରୁ ୮୦,୨୫୦ ହେକ୍ଟରରେ ଧାନ, ମାଣ୍ଡିଆ, ଜୱାର ଆଦି ଖାଦ୍ୟଶସ୍ୟ, ୧୭୦ ହେକ୍ଟର ରେ ଡାଲି ଜାତୀୟ ଫସଲ, ୭୦ ହେକ୍ଟରରେ ଝୋଟ, ୧୧୨୦ ହେକ୍ଟରରେ ମସଲା ଜାତୀୟ ଫସଲ, ୨୦ ହେକ୍ଟର ସବୁଜ ଗୋଖାଦ୍ୟ, ୧୮୦ ହେକ୍ଟରରେ ଆଖୁ ଚାଷ ନିମନ୍ତେ ଲକ୍ଷ ଧାର୍ଯ୍ୟ ରହିଛି। ତାଳଦଣ୍ଡା, ମାଛଗାଁ, ମହାନଦୀ ବ୍ୟାରେଜ୍ ଡିଭିଜନ, ଉଠା ଜଳସେଚନ ପଏଣ୍ଟ, ନଳକୂପ ମାଧ୍ୟମରେ ୭୭,୩୫୬ ହେକ୍ଟର ଜମିରେ ଜଳସେଚନର ସୁବିଧା ରହିଛି। ୩୩୭୦ କ୍ୱିଣ୍ଟାଲ ଧାନ ବିହନ, ୩୧୨ କ୍ୱିଣ୍ଟାଲ ଧଣିଚା ମଞ୍ଜି, ମଞ୍ଜି ପାଇଁ ଇଣ୍ଡେଣ୍ଟ ଦିଆଯାଇଛି। ଜିଲ୍ଲାର ଚାଷୀମାନଙ୍କୁ ସମବାୟ ଓ ବିଭିନ୍ନ ବ୍ୟାଙ୍କ୍ ଜରିଆରେ ୨୭୪୨୭୮.୬୭ ଲକ୍ଷ ଋଣ ଟଙ୍କା ପ୍ରଦାନ କରାଯିବାର ଧାର୍ଯ୍ୟ ଲକ୍ଷ ରହିଛି। ବୈଠକରେ ବିହନ ଯୋଗାଣ, ରାସାୟନିକ ସାର,ଫସଲ ସୁରକ୍ଷା, ମୃତ୍ତିକା ପରୀକ୍ଷଣ, ସୌର ଜଳବିଧି, ଜାତୀୟ ଖାଦ୍ୟ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା। ଏହା ବ୍ୟତୀତ ନଡ଼ିଆ, ଆମ୍ବ, କାଜୁ, ଲେମ୍ବୁ, ଅମୃତଭଣ୍ଡା, ପଣସ, କଦଳୀ, ପାନ ଚାଷ ଆଦି ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଉପ-ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଅଗ୍ରଣୀ ଜିଲ୍ଲା ବ୍ୟାଙ୍କ ପ୍ରବନ୍ଧକ ନାବାର୍ଡର ଡିଡିଏମ୍, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ସମସ୍ତ ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ ଏବଂ ସଂପୃକ୍ତ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମେଡ଼ିକାଲରୁ ଚୋରି ବାଇକ ଜବତ; ୨ ଗିରଫ

ଜଗତସିଂହପୁର,୧୯।୮ (ସମିସ): ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଗତ ୧୦ ତାରିଖରେ ଚୋରି ହୋଇଥିବା ବାଇକ୍ ସମେତ ୩ଟି ବାଇକ ଜବତ କରିଛି ସଦର ଥାନା ପୁଲିସ। ସେହିପରି ଏହି ବାଇକ୍ ଚୋରି ରାକେଟର ୨ ଜଣ ଅଭିଯୁକ୍ତଙ୍କୁ ମଧ୍ୟ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ବୁଧବାର ଅପରାହ୍ନରେ ଏସଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଦିବ୍ୟରଞ୍ଜନ ନାଥ ଏହି ସୂଚନା ଦେଇଛନ୍ତି। ଗତ ୧୦ ତାରିଖରେ ବାଲିକୁଦା ଥାନା ତିହୁଡ଼ି ଅଞ୍ଚଳର ପ୍ରଦୀପ କୁମାର ଖଟୁଆଙ୍କ ବାଇକ୍ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଚୋରି ହୋଇଥିବା ସଦର ଥାନାରେ ଅଭିଯୋଗ କରିଥିଲେ ଶ୍ରୀ ଖଟୁଆ। ଆଇଆଇସି ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ପୁଲିସର ଏକ ଟିମ ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜକୁ ଆଧାର କରି ତିର୍ତ୍ତୋଲ ଥାନା ତାଳପଡା ଗ୍ରାମର ବିଶ୍ୱଜିତ ସ୍ୱାଇଁକୁ ପ୍ରଥମେ ହେପାଯତକୁ ନେଇଥିଲା ପୁଲିସ। ଚୋରି ହୋଇଥିବା ବାଇକ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ଅରୁହା ଗ୍ରାମର ରଞ୍ଜନ ବେହେରାକୁ ବିକ୍ରି କରିଥିବା ସୂଚନା ପାଇବା ପରେ ପୁଲିସ ସେଠାରେ ପହଞ୍ଚି ବାଇକ ଉଦ୍ଧାର ସହିତ ରଞ୍ଜନକୁ ଗିରଫ କରିଥିଲା। ଛାନଭିନ ପରେ ଆଉ ଦୁଇଟି ଚୋରା ବାଇକ ମଧ୍ୟ ପୋଲିସ ଜବତ କରିଥିଲା। ବିଶ୍ୱଜିତ ନାମରେ ପୂର୍ବରୁ ଏକାଧିକ ଚୋରି ମାମଲା ରହିଥିବା ବେଳେ ଉଭୟଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି ବୋଲି ଏସଡିପିଓ ଶ୍ରୀ ନାଥ ସୂଚନା ଦେଇଛନ୍ତି।

## ଭୂତତ୍ତ୍ୱ ବିଜ୍ଞାନ ବିଭାଗର ସେମିନାର

ତିର୍ତ୍ତୋଲ,୧୯।୮ (ସମିସ): ତିର୍ତ୍ତୋଲ ସ୍ଥିତ ଆଦିକବି ସାରଳା ଦାସ ଡିଗ୍ରୀ ମହାବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ପକ୍ଷରୁ ଜିଓ କେମିଷ୍ଟ୍ରୀ ବିଷୟକୁ ନେଇ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଅଧ୍ୟାପକ ଭାବେ ଇସ୍ରାଏଲ ଏରିଏଲ ବିଶ୍ୱବିଦ୍ୟାଳୟର ଡକ୍ଟରେଟ୍ ଫେଲୋ ରାକେଶ କୁମାର ରାଉତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଜିଓ କେମିଷ୍ଟ୍ରୀ ବିଷୟରେ ଅଧିକ ଗବେଷଣାତ୍ମକ ତଥ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ଶୁଭେନ୍ଦୁ ରାୟ ଏହି ସେମିନାରଟି ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ଦିଗରେ ଉପାଦେୟ ହେବ ବୋଲି କହିଥିଲେ। ଏହି ସେମିନାରଟି ଜିଓଲୋଜି ଆଲୁମିନି ଆସୋସିଏସନ୍ ତିର୍ତ୍ତୋଲର ଦ୍ୱିତୀୟ ଅଫ୍ ଲାଇନ ସେମିନାର ଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଅନନ୍ତ ଚରଣ ଆଚାର୍ଯ୍ୟ, ଅଧ୍ୟାପକ ଶୁଭେନ୍ଦୁ ରାୟ, ଅଧ୍ୟାପିକା ସାୟମ ଶିଖା ଦାସ, ଅଧ୍ୟାପିକା ତାରିଣୀ ପ୍ରଭା ରାଉତରାୟ, ପ୍ରୟୋଗଶାଳା ସହକାରୀ ସତ୍ୟବାନ୍ ତ୍ରିପାଠୀ, ପ୍ରହରାଜ ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ।

● ଘର ବାଡ଼ି ତଳ ଚକରେ ଜଙ୍ଘେ ପାଣି

## ଧାନ ବିଲରେ ଜାଲ ବସୁଛି



କୁଜଙ୍ଗ,୧୯।୮ (ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତର ବାଣିକୁନ୍ଦ ଗ୍ରାମ ଏକ କୃଷି ପ୍ରଧାନ ଗ୍ରାମ। ଏହି ଅଞ୍ଚଳର ଆତପୁର ଚକ ଧାନ ଚାଷ ସହ ପରିବା ଅନ୍ୟାନ୍ୟ ଫସଲ ପାଇଁ ସୁନାମ ରହିଛି। ବ୍ଲକ୍‌ର ଏହି ଅଞ୍ଚଳରେ ପ୍ରଥମେ ତରଭୁଜ ଚାଷ ହୋଇ ଏକଦା ଅଞ୍ଚଳ ଚାଷୀଙ୍କ ଅର୍ଥିକ ମେରୁଦଣ୍ଡକୁ ଶକ୍ତ କରୁଥିଲା। ମାତ୍ର ଜଳ ନିଷ୍କାସନ ପଥ ଅବରୋଧ, ବହୁଳ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ଯୋଗୁ ଏବେ ଏହି ଜମିରେ କୃତ୍ରିମ ବନ୍ୟା ସ୍ଥିତି ଉପୁଜିଛି। ଆଜି ଯେଉଁ ଜମିରେ ରୁଆ ଧାନ ଲହଡ଼ି ଭାଙ୍ଗୁଥିବା କଥା ସେଠି ଆଜି ଚାଷ ଜମିରେ ପାଣି ଯୋଗୁ ମାଛ ପାଇଁ ଜାଲ ବସୁଛି ବୋଲି ଅଭିଯୋଗ କରିଛନ୍ତି ଯୁବ ଚାଷୀ ଅଭିମନ୍ୟୁ ଦାସ। କେବଳ ଅଭିମନ୍ୟୁ ନୁହନ୍ତି, ଚାଷୀ ଫକୀର ଦାସ, ସୁବାସ ଦାସ, ଅଶୋକ ଦାସ, ରବି ଚୌଧୁରୀ, ସୁବଳ ମଲ୍ଲ ପ୍ରମୁଖ ଶତାଧିକ ଚାଷୀ ଏବେ ଧାନ ରୋଇବାକୁ ଅସୁବିଧା ଭୋଗୁଛନ୍ତି ବୋଲି ଅଭିଯୋଗ ହୋଇଛି। କୃଷି ଋଣ କରି ତଳି ଘେରା ଜମି ହଳ କରୁଥିବା ବେଳେ ଏବେ ତଳି ପାଚିବା ସହ ଜମି ପଡ଼ିଆ ପଡ଼ି ରହିବା ଚାଷୀଙ୍କୁ ବ୍ୟଥିତ କରିଛି। କୃଷି ବିଭାଗ ଓ ଡ୍ରେନେଜ୍ ବିଭାଗ ସହ ସରପଞ୍ଚ ସ୍ଥିତି ଅନୁଧ୍ୟାନ କରି ଚାଷୀଙ୍କ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଅନୁରୋଧ କରାଯାଇଛି।

## ପାରାଦୀପ ବନ୍ଦରକୁ ସ୍ୱତନ୍ତ୍ର ମେଗା ପୋର୍ଟ ମାନ୍ୟତା ଦାବି



ପାରାଦୀପ,୧୯।୮ (ସମିସ): ପାରାଦୀପ ବନ୍ଦରକୁ ଭାରତ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର 'ମେଗା ପୋର୍ଟ' ମାନ୍ୟତା ପ୍ରଦାନ କରିବା ପାଇଁ ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି। ୧୯୭୭ ମସିହାରେ ଭାରତ ସରକାରଙ୍କ ମଞ୍ଜୁରୀ ପ୍ରାପ୍ତ ପାରାଦୀପ ବନ୍ଦର ଦେଶର ଏକ ପ୍ରମୁଖ ବୃହତ ବନ୍ଦର ଭାବେ ମାନ୍ୟତା ହାସଲ କରିଆସିଛି। ଏହା କେବଳ ଏକ ସହରଭିତ୍ତିକ ବନ୍ଦର ନୁହେଁ; ବରଂ ବନ୍ଦରକୁ କେନ୍ଦ୍ର କରି ଏକ ସମ୍ପୂର୍ଣ୍ଣ ଶିଳ୍ପ ଓ ସହରାଞ୍ଚଳର ବିକାଶ ଘଟିଛି। ପଣ୍ୟ କାରବାର କ୍ଷେତ୍ରରେ ପାରାଦୀପ ବନ୍ଦର ଦେଶର ଅନ୍ୟାନ୍ୟ ବୃହତ ବନ୍ଦରକୁ ପଛରେ ପକାଇ ଅଗ୍ରଣୀ ସ୍ଥାନ ହାସଲ କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବନ୍ଦରଟି ପ୍ରାୟ ୧୫୦.୪୧ ମିଲିୟନ ଟନ୍ ପଣ୍ୟ କାରବାର କରି ଦେଶର ସର୍ବାଧିକ ପଣ୍ୟ ପରିଚାଳନା କରୁଥିବା ବନ୍ଦର ଭାବେ ଗୌରବ ହାସଲ କରିଛି। ପାରାଦୀପ ବନ୍ଦରର ବିଶାଳ ହିଣ୍ଟରଲ୍ୟାଣ୍ଡ ଓଡ଼ିଶା ସମେତ ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ବିହାର ଏବଂ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ବିସ୍ତୃତ। ଏହି ରାଜ୍ୟଗୁଡ଼ିକର ଖଣିଜ, ଶିଳ୍ପ, କୃଷି ଓ ବନଜାତ ପଣ୍ୟର ଆମଦାନୀ-ରପ୍ତାନୀ ଏବଂ ପରିବହନରେ ପାରାଦୀପ ବନ୍ଦରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ସହିତ ପାରାଦୀପ ଓ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ବୃହତ୍ ଶିଳ୍ପ ଓ ପ୍ରକଳ୍ପର ବିକାଶ ହେଉଛି। ଏହି ପରିପ୍ରେକ୍ଷୀରେ ପାରାଦୀପ ବନ୍ଦରର ଭବିଷ୍ୟତ ବିସ୍ତାର, ଆଧୁନିକୀକରଣ, ଅତ୍ୟାଧୁନିକ ଯନ୍ତ୍ରପାତି ଓ ପରିଚାଳନା ବ୍ୟବସ୍ଥାର ବିକାଶ ଏବଂ ବଢୁଥିବା ପଣ୍ୟ କାରବାରକୁ ସୁଚାରୁ ଭାବେ ପରିଚାଳନା ପାଇଁ ଦୀର୍ଘମିଆଦୀ ଯୋଜନା ଆବଶ୍ୟକ। ପାରାଦୀପ ବନ୍ଦରର ଏହି ଦୂରଦୃଷ୍ଟିସମ୍ପନ୍ନ ବିକାଶ ଯୋଜନାକୁ ଜାତୀୟ ସ୍ତରରେ ଅଗ୍ରାଧିକାର ଦେବା ଆବଶ୍ୟକ। ଏହି କାରଣରୁ ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ ପକ୍ଷରୁ ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥି, ସହସାଧାରଣ ସମ୍ପାଦକ ବିପ୍ଳବ କୁମାର ଜେନା, କୋଷାଧ୍ୟକ୍ଷ ବ୍ରିଜେଶ କୁମାର ଲେଙ୍କା ଏବଂ ସଚିବ ସଦାନନ୍ଦ ପାଲ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦଙ୍କ ଜରିଆରେ ଭାରତ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିଛନ୍ତି।

## ସିପିଆଇର ଜନସଂପର୍କ ଯାତ୍ରା

ଏରସମା,୧୯।୮ (ସମିସ): ଏରସମା ଜୋନାଲ କମିଟି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଜନସଂପର୍କ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ବୁଧବାର ସିପିଆଇ ନେତୃମଣ୍ଡଳୀ ଓ କର୍ମୀ ମାନେ ବ୍ଲକ୍ ଅଞ୍ଚଳର ବିଭିନ୍ନ ପଞ୍ଚାୟତକୁ ପଦଯାତ୍ରାରେ ଯାଇ ଜନସମ୍ପର୍କ ସ୍ଥାପନ କରିଛନ୍ତି। ଜନସଂପର୍କ ଯାତ୍ରାରେ କୃଷକ ସଭା ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ ଦାସ, ଜିଲ୍ଲା ସଂପାଦକ ଅଜୟ ବେହେରା, ଜିଲ୍ଲା ସହ ସମ୍ପାଦକ ରାମଚନ୍ଦ୍ର ମୁଦୁଲି, ପିତାମ୍ବର ଦାସ, ଏଆଇୱାଇଏଫ୍ ଜିଲ୍ଲା ସମ୍ପାଦକ ମାନସ ମୁଦୁଲି ଓ ମାଗୁଣି ସ୍ୱାଇଁ ପ୍ରମୁଖ ସାମିଲ ହୋଇ ଭିତର ଅନ୍ଧାରି, କୁଞ୍ଜକୋଠି, ବାଲିତୁଠ, ଗଡକୁଜଙ୍ଗ, ନୂଆଗାଁ, ଚଟୁଆ ଓ ବଳେଇପୁର ପ୍ରଭୃତି ପଞ୍ଚାୟତରେ ଜନ ସଂପର୍କ ଯାତ୍ରା କରିଥିଲେ। ଆଜିର ଜନସଂପର୍କ ଯାତ୍ରା ଭିତର ଅନ୍ଧାରି ପଞ୍ଚାୟତରୁ ଆରମ୍ଭ ହୋଇ ତାହା ବଳେଇପୁର ପଞ୍ଚାୟତରେ ଶେଷ ହୋଇଛି। ଏହି ଅବସରରେ ବାଲିତୁଠ ଠାରେ ଆୟୋଜିତ ଏକ ପଥପ୍ରାନ୍ତ ସଭାରେ ନେତୃମଣ୍ଡଳୀ ଉଦ୍‌ବୋଧନ ଦେଇଥିଲେ।

## ଲୋକନାଥ ଶିକ୍ଷାଶ୍ରମରେ ଖାଦ୍ୟ ଓ ବସ୍ତ୍ର ବଣ୍ଟନ




ପାରାଦୀପ,୧୯।୮ (ସମିସ): ପୋର୍ଟ କ୍ଲବ୍ ପାରାଦୀପ ମହିଳା କକ୍ଷ ତରଫରୁ ପାରାଦ୍ୱୀପଗଡ ନିକଟସ୍ଥ ଶ୍ରୀଲୋକନାଥ ଶିକ୍ଷାଶ୍ରମ ଅନ୍ତେବାସୀମାନଙ୍କୁ ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ କ୍ଲବର ସଭାନେତ୍ରୀ ପ୍ରିୟଙ୍କା ମଲ୍ଲିକ୍, ଉପ ସଭାନେତ୍ରୀ ରିଲିଶ୍ରୀ ସେଠୀ, ସମ୍ପାଦିକା ମନୀଷା ଦିବ୍ୟଦର୍ଶିନୀ ସାହୁ ଓ କୋଷାଧକ୍ଷା ପୁଷ୍ପାଞ୍ଜଳି ମାଣିକ ସଫଳତାର ସହିତ ଆୟୋଜନ କରିଥିଲେ। ଆଗକୁ ଏହିଭଳି ଅନେକ ଉଚ୍ଚମାନର କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି କ୍ଲବର ସଭାନେତ୍ରୀ ଏବଂ ସମ୍ପାଦିକା ପ୍ରକାଶ କରିଛନ୍ତି।

## କୁଜଙ୍ଗ ବ୍ଲକ୍ ସମ୍ମୁଖରେ ମହିଳାଙ୍କ ଧାରଣା



କୁଜଙ୍ଗ,୧୯।୮ (ସମିସ): ବାଲିଆ ପଞ୍ଚାୟତ ମହାସଂଘର ସମସ୍ତ କାଗଜପତ୍ର ଭିଜିଲାନ୍ସ ହାତରେ ଥିବା ବେଳେ ବିନା ବୈଠକ ଓ ବିନା କାଗଜପତ୍ରରେ ପଞ୍ଚାୟତ ମହାସଂଘର ସଭାନେତ୍ରୀ, ଇସି ସଭ୍ୟା ଓ ପାନପଲ୍ଲି- ଏ ଆଞ୍ଚଳିକ ମଞ୍ଚର ସିଆର୍‌ପିଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ନେଇ କୁଜଙ୍ଗ ବ୍ଲକ୍ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି ଶତାଧିକ ସଂଖ୍ୟାରେ ମହିଳା। ବାଲିଆ ପଞ୍ଚାୟତ ମହାସଂଘର ସଭାନେତ୍ରୀ, ଇସି ସଭ୍ୟା ଓ ପାନପଲ୍ଲି- ଏ ଆଞ୍ଚଳିକ ମଞ୍ଚର ସିଆର୍‌ପି ସୁଲୋଚନା ସ୍ୱାଇଁଙ୍କୁ ପଞ୍ଚାୟତ ମହାସଂଘରୁ ନିଲମ୍ବିତ କରିଥିବା ନେଇ କୁଜଙ୍ଗ ବିଡିଓଙ୍କ ଜରିଆରେ ଜଗତସିଂହପୁର ଜିଲ୍ଲାପାଳ, ଡିଷ୍ଟ୍ରିକ୍ ପ୍ରୋଜେକ୍ଟ ମ୍ୟାନେଜର ଜଗତସିଂହପୁର, କୁଜଙ୍ଗ ଥାନା ଓ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ କରାଯାଇଛି। ମାତ୍ର ମହାସଂଘର ଅଭିଯୋଗକୁ କୌଣସି ଅଧିକାରୀ କର୍ଣ୍ଣପାତ ନ କରିବାରୁ ବାଲିଆ ପଞ୍ଚାୟତ ମହାସଂଘ ପକ୍ଷରୁ ମହିଳା ମାନେ ଧାରଣାରେ ବସିଛନ୍ତି। ଉତ୍ତର ନ ମିଳିବା ପର୍ଯ୍ୟନ୍ତ ମହିଳା ମାନେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ସୁବାଷିନୀ ମଲ୍ଲ, ଶୁଭଲକ୍ଷ୍ମୀ ସ୍ୱାଇଁ।

## ଛାତ୍ରଛାତ୍ରୀଙ୍କ ଦ୍ୱାରା ନିଶାମୁକ୍ତ ଜୀବନ ପାଇଁ ଶପଥ ଗ୍ରହଣ

ନାଉଗାଁ,୧୯।୮ (ସମିସ): ସ୍ୱାଧୀନତା ଦିବସରେ ନାଉଗାଁ ବ୍ଲକ ସ୍ଥିତ ରୋହିଆ ସରକାରୀ ଉଚ୍ଚବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଆଗାମୀ ଜୀବନରେ ସମସ୍ତ ପ୍ରକାର ନିଶା ଠାରୁ ଦୂରେଇ ରହି ନିଜ ପରିବେଶକୁ ନିଶାମୁକ୍ତ ରଖିବା ପାଇଁ ଶପଥ ଗ୍ରହଣ କରିଛନ୍ତି। ଐତିହାସିକ ଅଳକା ଆଶ୍ରମ ଆନୁକୂଲ୍ୟରେ ଶିକ୍ଷାବିତ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଗତ ତିନି ବର୍ଷ ଧରି ନିଶାମୁକ୍ତ ଯୁବଶକ୍ତି କାର୍ଯ୍ୟକ୍ରମ ଜିଲ୍ଲାର ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଆୟୋଜନ କରାଯାଇ ଏକ ସୁସ୍ଥ ଓ ସଶକ୍ତ ଯୁବ ଗୋଷ୍ଠୀ ପ୍ରସ୍ତୁତ କରିବା ପାଇଁ ପ୍ରୟାସ ଜାରି ରହିଛି। ଚଳିତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ଏହି ବିଦ୍ୟାଳୟ ପ୍ରାଙ୍ଗଣରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତ ଫେରି ସମାପ୍ତ ପରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ପରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମାପ୍ତି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଳକା ଆଶ୍ରମର ଆବାହକ ତଥା ବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦର ଆବାହକ ଦେବେନ୍ଦ୍ର ନାଥ ରାଉତ ପିଲାମାନଙ୍କୁ ନିଶା ଠାରୁ ଦୂରେଇ ରହି ଏକ ସୁସ୍ଥ ଓ ସମୃଦ୍ଧ ଜୀବନ ଅତିବାହିତ କରିବା ପାଇଁ ବାର୍ତ୍ତା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ରାଉତ, ପୂର୍ବତନ ଛାତ୍ର ତଥା ଶିକ୍ଷାବିତ ବିକ୍ରମ କିଶୋର ମହାନ୍ତି ଓ ପୂର୍ବତନ ସରପଞ୍ଚ ପଦ୍ମ ଚରଣ ରାଉତ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ପିଲାମାନଙ୍କୁ ସ୍ୱାଧୀନତାର ଗୁରୁତ୍ୱ ବିଷୟରେ ଅଭିବ୍ୟକ୍ତି ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଅତ୍ୟନ୍ତ ଉତ୍ସାହର ସହିତ ପରିଚାଳନା କରିଥିଲେ।

## ଚଳଚ୍ଚିତ୍ର ପ୍ରଯୋଜକ ସୁରେନ୍ଦ୍ର ରାଉତଙ୍କ ସ୍ମୃତି ସଭା



ଜଗତସିଂହପୁର,୧୯।୮ (ସମିସ): ଜଗତସିଂହପୁର ଜିଲ୍ଲା ଫଟୋ ଭିଡିଓଗ୍ରାଫିକ ଟ୍ରେଡର୍ସ ଆସୋସିଏସନ୍ ପକ୍ଷରୁ ବରିଷ୍ଠ ଫଟୋଗ୍ରାଫର ତଥା ଚଳଚ୍ଚିତ୍ର ପ୍ରଯୋଜକ ସୁରେନ୍ଦ୍ର ରାଉତଙ୍କ ସ୍ମୃତିରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ ଅନ୍ତର୍ଗତ ସିଦ୍ଧଳ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ଏହି ସଭାରେ ଜିଲ୍ଲାର ବହୁ ଫଟୋଗ୍ରାଫର ଓ ଆସୋସିଏସନର ବରିଷ୍ଠ ସଦସ୍ୟମାନେ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଆସୋସିଏସନର ସଭାପତି ମହେଶର ମହାନ୍ତିଙ୍କ ସଭାପତିତ୍ୱରେ ଏହି ଶୋକସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସାଧାରଣ ସମ୍ପାଦକ ଶୁଭଙ୍କର ଜେନା, ଉପସଭାପତି ଲାଲା ସଂଗ୍ରାମ କେଶରୀ ରାୟ, କୋଷାଧ୍ୟକ୍ଷ ଅତନୁ କୁମାର ସ୍ୱାଇଁ, ସହ ସମ୍ପାଦକ ଗଗନ ମଲ୍ଲିକ, ବିଷ୍ଣୁ ଚରଣ ରାୟ, ନରେନ୍ଦ୍ର କୁମାର ସ୍ୱାଇଁ, ଅରୁଣ କୁମାର ସୁତାର କାର୍ଯ୍ୟକାରୀ ସଦସ୍ୟ ନନ୍ଦ କିଶୋର ଦାସ, ଆଶୁତୋଷ ମହାନ୍ତି ସାଇପ୍ରକାଶ ଦାସଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଫଟୋଗ୍ରାଫର ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ଅଶୀ ଦଶକରେ ସେ "ଜେମିନି ଷ୍ଟୁଡିଓ' ନାମରେ ଏକ ଷ୍ଟୁଡିଓ ପ୍ରତିଷ୍ଠା କରି ଫଟୋଗ୍ରାଫି କ୍ଷେତ୍ରରେ ନିଜର ଯାତ୍ରା ଆରମ୍ଭ କରିଥିଲେ। ସେହି ସମୟରେ ଫଟୋଗ୍ରାଫରମାନଙ୍କୁ ଏକତ୍ରିତ କରି ଏକ ସଂଗଠନ ଗଠନ କରିବାରେ ମଧ୍ୟ ସେ ଅନ୍ୟ ବରିଷ୍ଠ ଫଟୋଗ୍ରାଫରଙ୍କ ସହ ମିଶି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ସୁରେନ୍ଦ୍ର ରାଉତ ଚଳଚ୍ଚିତ୍ର ଜଗତରେ ମଧ୍ୟ ପାଦ ଦେଇଥିଲେ। ପ୍ରଯୋଜକ ଭାବେ ସେ ଏକାଧିକ ସିନେମା ନିର୍ମାଣ କରି ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନିଜର ପରିଚୟ ସୃଷ୍ଟି କରିଥିଲେ। ଚଳଚିତ୍ର ମଧ୍ୟରେ ଛମାଣ ଆଠଗୁଣ୍ଠ, ଦଇବ ଦଉଡ଼ି ଅନ୍ୟତମ, ତାଙ୍କର ପ୍ରତିଭା, ପରିଶ୍ରମ ଓ ନିଷ୍ଠା ତାଙ୍କୁ ଫଟୋଗ୍ରାଫି ସହିତ ଚଳଚ୍ଚିତ୍ର କ୍ଷେତ୍ରରେ ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଥିଲା ବୋଲି ଉପସ୍ଥିତ ବ୍ୟକ୍ତିମାନେ କହିଥିଲେ। ତାଙ୍କ କାର୍ଯ୍ୟ ଓ ଅନୁଭବ ଆଜିର ନୂତନ ପିଢ଼ିର ଫଟୋଗ୍ରାଫରମାନଙ୍କୁ ପ୍ରେରଣା ଯୋଗାଉଛି ବୋଲି ଅତିଥିମାନେ କହିଥିଲେ।

## ଏବିଭିପିର ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ଯାତ୍ରା




ଜଗତସିଂହପୁର,୧୯।୮ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଜଗତସିଂହପୁର ଜିଲ୍ଲା ଶାଖା ତରଫରୁ ଆଜି ଏକ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କଲେଜ ଛକରୁ ଆରମ୍ଭ ହୋଇଥିବା ଏହି ତ୍ରିରଙ୍ଗା ଯାତ୍ରା ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆରେ ସମାପନ ହୋଇଥିଲା। ଏଥିରେ ପାଖାପାଖି ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଜିଲ୍ଲା ସଂଯୋଜକ ସତ୍ୟପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସହ ପ୍ରମୁଖ ତଥା ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଏବଂ ନାଉଗାଁ ନଗର ସଭାପତି ଶ୍ରୀକାନ୍ତ ପ୍ରଧାନ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ। ସେହିପରି ଜ୍ୟୋତିରଞ୍ଜନ ପରିଡ଼ା, ଅଭିନାଶ ଲେଙ୍କା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅପରାଜିତା ସ୍ୱାଇଁ, ମଧୁସ୍ମିତା ବେହେରା ଏବଂ ଜ୍ୟୋତିକା ତ୍ରିପାଠୀ ପ୍ରମୁଖ ଏଥିରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଜିଲ୍ଲା ସଂଯୋଜକ ଶ୍ରୀ ମହାନ୍ତି ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରପ୍ରେମ ଓ ରାଷ୍ଟ୍ରଭକ୍ତିର ଭାବନାରେ ପ୍ରେରିତ ହୋଇ କାର୍ଯ୍ୟ କରିବା ସହ ରାଷ୍ଟ୍ର ପୁନଃନିର୍ମାଣ ଦିଗରେ ନିଜକୁ ସମର୍ପିତ କରିବା ପାଇଁ ଆହ୍ୱାନ ଦେଇଥିଲେ।

## ବାଲିକୁଦାରେ ତ୍ରିରଙ୍ଗା ଶୋଭାଯାତ୍ରା



ବାଲିକୁଦା,୧୯।୮ (ସମିସ): ବାଲିକୁଦାରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା କାଠଗୋଲା ଛକଠାରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇ ଈଶ୍ୱରପୁର ଛକ ପର୍ଯ୍ୟନ୍ତ ଯାଇଥିଲା। ବରିଷ୍ଠ ବିଜେପି ନେତା ସଞ୍ଜୟ ମହାନ୍ତି, ବିଜେପି ଜିଲ୍ଲା ଉପସଭାପତି ମୋହିତ ମହାନ୍ତି, ସମାଜସେବୀ ସଞ୍ଜୀବ ବିଶ୍ୱାଳ, ମାନବାଧିକାର କର୍ମୀ ଡ. ଦିଲ୍ଲୀପ କୁମାର ବିଶ୍ୱାଳ, ସାଂସଦ ପ୍ରତିନିଧି ପ୍ରଶାନ୍ତ କୁମାର ସ୍ୱାଇଁ, ବିଜେପି ନେତ୍ରୀ ଶୁଚିସ୍ମିତା ମହାନ୍ତି, ପୁଷ୍ପାଞ୍ଜଳି ରାଉତ, ତପନ ବେହେରା, ଶ୍ରୀକାନ୍ତ ଦାସ, ଆଦିତ୍ୟ ଓଝା, ଲଲାଟ କେଶରୀ ମହାନ୍ତି, ପ୍ରଫେସ ଦଳାଇ, ଆରତ ଦଳାଇ, ସ୍ୱସ୍ତି ସାଗର ଦଳାଇ ଓ ଗଣେଶ ସ୍ୱାଇଁଙ୍କ ସମେତ ଶତାଧିକ ମହିଳା, ବୁଦ୍ଧିଜୀବୀ ଓ ସାଧାରଣ ଜନତା ଯୋଗ ଦେଇଥିଲେ।

## ଏସ୍ଆଇଆର୍‌କୁ ନେଇ ବିଜେଡିର ଅଭିଯୋଗ | ଭୋଟରଙ୍କ ନାମ ବାଦ ଦେବାକୁ ଉଦ୍ୟମ

ବାଲିକୁଦା,୧୯।୮ (ସମିସ)

ଏସ୍ଆଇଆର୍ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପରେ କିଛି ଭୋଟରଙ୍କ ନାମ ବାଦ ଦେବାକୁ ଉଦ୍ୟମ ହେଉଥିବା ନେଇ ବାଲିକୁଦା ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ ଅଭିଯୋଗ କରିଛନ୍ତି। ଘଟଣାର ସତ୍ୟାସତ୍ୟ ଯାଞ୍ଚ କରି ଯଦି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ଶ୍ରୀ ନାୟକଙ୍କ ଅଭିଯୋଗ ଅନୁଯାୟୀ, ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପରେ ବାଲିକୁଦାର କିଛି ବିଜେପି ନେତା କେତେକ ବ୍ୟକ୍ତିଙ୍କୁ ନିଜ ଦଳର କର୍ମୀ ନୁହନ୍ତି ବୋଲି ଦର୍ଶାଇ ସେମାନଙ୍କ ନାମ ଭୋଟର ତାଲିକାରୁ ବାଦ ଦେବା ପାଇଁ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ନିକଟରେ ଏକ ଲମ୍ବା ତାଲିକା ଦାଖଲ କରିଥିଲେ। ପରେ ଉକ୍ତ ତାଲିକା ବିଡିଓଙ୍କ ନିକଟକୁ ଆସିଥିବା ଏବଂ ସେଠାରୁ ବିଏଲ୍‌ଓମାନଙ୍କୁ ମଧ୍ୟ ପ୍ରଦାନ କରାଯାଇଥିବା ସେ ଦାବି କରିଛନ୍ତି। ତେବେ ତାଲିକାରେ ଥିବା କେତେକ ବ୍ୟକ୍ତି ଜୀବିତ ଥିବା ସହ ଦୀର୍ଘବର୍ଷ ଧରି ନିୟମିତ ଭାବେ ଭୋଟ ଦେଇଆସୁଥିବାରୁ ସେମାନଙ୍କ ନାମ କେଉଁ ଆଧାରରେ ବାଦ ଦିଆଯିବ ବୋଲି ଆପତ୍ତି ଉଠିବା ପରେ ଉକ୍ତ ତାଲିକାକୁ ବିଡିଓ ଫେରାଇ ନେଇଥିବା ଶ୍ରୀ ନାୟକ ଅଭିଯୋଗ କରିଛନ୍ତି। ଏହି ପ୍ରସଙ୍ଗରେ ଶ୍ରୀ ନାୟକ କହିଛନ୍ତି ଯେ, ଭୋଟର ତାଲିକା ଏକ ସମ୍ବେଦନଶୀଳ ସରକାରୀ ଦସ୍ତାବିଜ। ରାଜନୈତିକ ଚାପ କିମ୍ବା ଦଳୀୟ ସ୍ୱାର୍ଥରେ କୌଣସି ଯୋଗ୍ୟ ଭୋଟରଙ୍କ ନାମ ବାଦ ଦେବା ଉଦ୍ୟମ ହେଲେ ତାହା ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଗୁରୁତର ଆଘାତ ହେବ। ତେଣୁ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ସତ୍ୟାସତ୍ୟ ସାମ୍ନାକୁ ଆଣିବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି। ଯଦି ଏପରି ଅଭିଯୋଗ ସତ୍ୟ ହୋଇଥାଏ, ତେବେ ଏହାକୁ ସାଙ୍ଘାତିକ ଘଟଣା ବୋଲି ଦର୍ଶାଇ ବିଜେଡି ପକ୍ଷରୁ ବ୍ଲକ ଓ ଜିଲ୍ଲାସ୍ତରରେ ଏହାର ପ୍ରତିବାଦ କରାଯିବା ସହ ଆବଶ୍ୟକ ପଡ଼ିଲେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ବିକ୍ଷୋଭ କରାଯିବ ବୋଲି ଶ୍ରୀ ନାୟକ ଚେତାବନୀ ଦେଇଛନ୍ତି। ସେହିପରି ଏଭଳି ରାଜନୀତିରୁ ଦୂରେଇ ରହିବାକୁ ବିଜେପି ନେତାଙ୍କୁ ସେ ଆହ୍ୱାନ ଦେଇଥିବା ବେଳେ ସରକାରୀ ଅଧିକାରୀମାନେ ନିରପେକ୍ଷ ଭାବେ ସାଧାରଣ ଲୋକଙ୍କ ସେବା କରିବାକୁ ଅନୁରୋଧ କରିଛନ୍ତି। ଏହି ପ୍ରସଙ୍ଗରେ ବାଲିକୁଦା ବ୍ଲକର ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟମାନେ ମଧ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଘଟଣାର ତଦନ୍ତ ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ ଏ ସମ୍ପର୍କରେ ବାଲିକୁଦା ବିଡିଓ ବିଦ୍ୟାଧର ଦଣ୍ଡପାଟଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଅଭିଯୋଗର ସତ୍ୟାସତ୍ୟ ଓ ଭୋଟର ତାଲିକା ସମ୍ପର୍କିତ ପ୍ରକ୍ରିୟା ଉପରେ ପ୍ରଶାସନର ସ୍ପଷ୍ଟୀକରଣ ମିଳିବା ପରେ ଘଟଣାର ପ୍ରକୃତ ଚିତ୍ର ସାମ୍ନାକୁ ଆସିପାରିବ।

# ବନ୍ୟାଞ୍ଚଳରେ ରିଲିଫ ବାଣ୍ଟିଲେ ବିଧାୟକ ଧ୍ରୁବ ସାହୁ



ପଟ୍ଟାମୁଣ୍ଡାଇ,୧୯।୮(ସମିସ): ଚଳିତ ବ୍ରାହ୍ମଣୀ ନଦୀର ୩ୟ ବନ୍ୟାରେ ଶ୍ରୀରାମପୁର ପଞ୍ଚାୟତ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ଏହି ପଞ୍ଚାୟତରେ ବନ୍ୟା ବିଭୀଷିକାର ଚରମ ରୂପ ଦେଖିବାକୁ ମିଳିଛି। ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ଶ୍ରୀରାମପୁର ପଞ୍ଚାୟତର ପାଳପାଟଣା, ଶ୍ରୀରାମପୁର କଦମଦାଣ୍ଡି ଗ୍ରାମକୁ ଯାଇ ବନ୍ୟା ବିପନ୍ନଙ୍କ ସ୍ଥିତି ଅନୁଧ୍ୟାନ କରିବା ସହିତ ବିପନ୍ନମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ନିଜ ପକ୍ଷରୁ ରିଲିଫ ବଣ୍ଟନ କରିଥିଲେ ବିଧାୟକ ଶ୍ରୀ ସାହୁ। ତାଙ୍କ ସହିତ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଶ୍ରୀରାମପୁର ସରପଞ୍ଚ ସସ୍ମିତା ସେଠୀ, ଯୁବନେତା ପ୍ରତାପ ସେଠୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଲୋକପ୍ରତିନିଧି ବନ୍ୟା ବିପନ୍ନ ପାଳପାଟଣା, ଶ୍ରୀରାମପୁର କଦମଦାଣ୍ଡି ଗସ୍ତ କରିଥିଲେ।

# ଯୁବନେତା ସୁବୋଧ ଲେଙ୍କାଙ୍କ ପରଲୋକ

ମହାକାଳପଡ଼ା,୧୯।୮(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ଅଞ୍ଚଳର ଟାଣୁଆ ଯୁବନେତା ତଥା ୨୦ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟ ସୁବୋଧ କୁମାର ଲେଙ୍କାଙ୍କର ବୁଧବାର ପରଲୋକ ଘଟିଛି। ଦୀର୍ଘଦିନ ଧରି କିଡ୍‌ନୀଜନିତ ସମସ୍ୟାରେ ପୀଡ଼ିତ ସୁବୋଧଙ୍କ ଅକାଳ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସମସ୍ତଙ୍କ ନିକଟରେ ସେ "ଟୁଟୁଭାଇ' ଭାବେ ପରିଚିତ ଥିଲେ। ବିଜୟ ମହାପାତ୍ରଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି ସୁବୋଧ ରାଜନୈତିକ ଜୀବନରେ ପ୍ରବେଶ କରିଥିଲେ। ମହାବାତ୍ୟା ପୂର୍ବରୁ ୧୯୯୯ ମସିହାରେ ସେ କରଞ୍ଜି ପଞ୍ଚାୟତର ସରପଞ୍ଚ ଭାବେ ବିଜୟୀ ହୋଇ ନିଜର ରାଜନୈତିକ ଜୀବନର ଆରମ୍ଭ କରିଥିଲେ। ୨୦୦୨ ମସିହାରେ ସେ ପ୍ରଥମଥର ପାଇଁ ଜିଲ୍ଲା ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ବିଜେଡି ସହ ସମ୍ପର୍କ ସ୍ଥାପନ କରି ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ସହଯୋଗରେ କରଞ୍ଜି ଓ ଦଶମୌଜୀ ଅଞ୍ଚଳର ବିକାଶ ପାଇଁ ବହୁ କାର୍ଯ୍ୟ କରିଥିଲେ। ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ସେ ବିଜେଡି ସମର୍ଥନରେ ପଞ୍ଚାୟତ ସମିତି ସଭ୍ୟ ରହିଥିବା ବେଳେ ୨୦୨୨ରେ ୨୦ ନଂ ଜୋନରୁ ବିପୁଳ ଭୋଟରେ ଜିଲ୍ଲା ପରିଷଦ ସଦସ୍ୟ ଭାବେ ବିଜୟୀ ହୋଇଥିଲେ।



**ବିଭିନ୍ନ ପଞ୍ଚାୟତ ପରିକ୍ରମା ପରେ ଶେଷକୃତ୍ୟ ସମ୍ପନ୍ନ**

ଆଜି ସୁବୋଧଙ୍କ ପାର୍ଥିବ ଶରୀରକୁ କରଞ୍ଜି ପଞ୍ଚାୟତ କାର୍ଯ୍ୟାଳୟଠାରୁ ବିଭିନ୍ନ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ପରେ ତାଙ୍କର ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା। ଭ୍ରାତୃପୁତ୍ର ଚାନ୍ଦ୍ରାୟଣ ଲେଙ୍କା ମୁଖାଗ୍ନି ଦେଇଥିଲେ। ସୁବୋଧ ଲେଙ୍କାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପ୍ରକାଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହିପରି ବିଜେପି ନେତା ତଥା ଗୋଗୁଆ ପଞ୍ଚାୟତ ସମିତି ସଭ୍ୟ ପ୍ରତାପ କୁମାର ଦାସ (ହାଲୁ), ସମାଜସେବୀ ଶାନ୍ତନୁ କୁମାର ନାୟକ, କଂଗ୍ରେସ ଜିଲ୍ଲା ସମ୍ପାଦକ ପ୍ରମୋଦ ଚନ୍ଦ୍ର ସ୍ୱାଇଁ, ମାର୍ଶାଘାଇ ୨୬ ନଂ ଜୋନର ଜିଲ୍ଲା ପରିଷଦ ସଦସ୍ୟ ପ୍ରତାପ କୁମାର ମଲିକ, ଜିଲ୍ଲା ପରିଷଦ ସଦସ୍ୟ ରଶ୍ମି ରଞ୍ଜନ ରାଉତ, ୨୧ ନଂ ଜୋନର ଜିଲ୍ଲା ପରିଷଦ ସଦସ୍ୟା ଅନୁରାଧା ସ୍ୱାଇଁ, ଶୈଳେନ ମଣ୍ଡଳ, ଖୁରୁଷିଆର ପୂର୍ବତନ ସରପଞ୍ଚ ଧୀରେନ୍ଦ୍ର ଚୌଧୁରୀ, ବିଜେଡି ଜିଲ୍ଲା ସଭାପତି ଶିବ ପ୍ରସାଦ ବଳ, କରଞ୍ଜି ସମିତିସଭ୍ୟଙ୍କ ପ୍ରତିନିଧି ମନୋଜ କୁମାର ନାୟକ ପ୍ରମୁଖ ଶେଷ ସମ୍ମାନ ଜଣାଇଥିଲେ।

## ଡେରାବିଶ ବିଡିଓଙ୍କୁ ବିଜେପି ନେତାଙ୍କ ଦୁର୍ବ୍ୟବହାର ଘଟଣା

# କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଭେଟିବେ ପ୍ରତିନିଧି ଦଳ

ଡେରାବିଶ,୧୯।୮(ସମିସ): ଡେରାବିଶ ବ୍ଲକରେ ଗତ ଶୁକ୍ରବାର ବିଜେପି ନେତା ଉମାକାନ୍ତ ପଟ୍ଟନାୟକ ଓ ତାଙ୍କ ସମର୍ଥକମାନେ ବିଡିଓଙ୍କ ଚାମ୍ବରରେ ପଶି ବିଡିଓ ନମିତା ବାରିକଙ୍କୁ ଦୁର୍ବ୍ୟବହାର ଓ ମାନସିକ ଯନ୍ତ୍ରଣା ଦେଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ବିଡିଓ ଶ୍ରୀମତୀ ବାରିକ ଅଭିଯୋଗ କରିବା ସହ ବ୍ଲକ କର୍ମଚାରୀ ସଂଘ ପକ୍ଷରୁ ମଧ୍ୟ ଜିଲ୍ଲାପାଳଙ୍କୁ ଏ ନେଇ ଏକ ଅଭିଯୋଗ କରାଯାଇଥିଲା।



ଏହି ଘଟଣାରେ ବିଡିଓ ତାଙ୍କ ଚାମ୍ବରରେ ଅଚେତ ହେବା ସହ ଗୁରୁତର ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଆଜି ଏକ ଜରୁରୀ ବୈଠକ ଡକାଇଥିଲେ। ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ଦେବାଶିଷ ଗିରିଜା ଭୂଷଣ ନାୟକ, ପାଟକୁରା ବିଧାୟକଙ୍କ ପ୍ରତିନିଧି ସୁକାନ୍ତ ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଏବିଡ଼ିଓ ମୃଣ୍ମୟ ରାଉତ ଆଜିର ବୈଠକ ସମ୍ପର୍କରେ ସୂଚନା ଦେବା ପରେ ବ୍ଲକ ସରପଂଚ ସଂଘ ସଭାପତି ସୁଧିର କୁମାର ଖଟୁଆ ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ଘଟିଥିବା ଅଭାବନୀୟ ଘଟଣାର ଦୃଢ଼ ନିନ୍ଦା କରିବା ସହ ପଂଚାୟତ ସମିତି ପକ୍ଷରୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କୁ ଭେଟିବେ ବୋଲି ପ୍ରକାଶ କରିଥିଲେ। ବୈଠକରେ ଉପସ୍ଥିତ ରହିଥିବା ସମସ୍ତ ଲୋକପ୍ରତିନିଧିମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି ସେଠାରେ ଉପସ୍ଥିତ ଥିବା ବ୍ଲକର କନିଷ୍ଠ ସହାୟକ ଆକାଶ ନାୟକ ଘଟଣା ସମୟରେ ଉପସ୍ଥିତ ଥିବାରୁ ତାଙ୍କୁ ଘଟଣା ସମ୍ପର୍କରେ କହିବା ପାଇଁ କହିଥିଲେ। ତେବେ ଘଟଣା ସମ୍ପର୍କରେ ଆକାଶ ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶ କରିନଥିଲେ। ଏହାପରେ ପଂଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଆଲୋଚନାରେ ଭାଗନେଇ ଏହି ଘଟଣାକୁ ସମ୍ପୂର୍ଣ୍ଣ ନିନ୍ଦା କରିବା ସହ ସମଗ୍ର ରାଜ୍ୟରେ ସର୍ବଶ୍ରେଷ୍ଠ ବ୍ଲକ ଭାବେ ପୁରସ୍କୃତ ହୋଇଥିବା ବେଳେ ଆଜି ବ୍ଲକରେ ଏଭଳି ଅଭାବନୀୟ ଘଟଣା ସମସ୍ତଙ୍କୁ ଚକିତ କରିଛି। ଅନ୍ୟମାନଙ୍କ ମଧ୍ୟରେ ସରପଂଚ ଶିଶିର କୁମାର ସାମଲ, ଅକ୍ଷୟ କୁମାର ସାହୁ, ଶଙ୍କର୍ଷଣ ପରିଡ଼ା, ପ୍ରବିର କୁମାର ସିଂ, ଅରକ୍ଷିତ କାଣ୍ଡି, ସମିତିସଭ୍ୟ ନିରନ କର, ଅକ୍ଷୟ ନାୟକ, ନିତ୍ୟାନନ୍ଦ ଭଦ୍ର, ସୁବାଷ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମାର ସେଠୀ, ଫନିନ୍ଦ୍ର ବେହେରା, ପ୍ରମୁଖ ଆଲୋଚନାରେ ଭାଗ ନେଇ ଏଭଳି ଅଭାବନୀୟ ଘଟଣାର ତିବ୍ର ନିନ୍ଦା କରିବା ସହ ବ୍ଲକର ଗାରିମା ରକ୍ଷା କରିବା ପାଇଁ ଏବଂ ସମସ୍ତ ଲୋକପ୍ରତିନିଧି ଓ କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ଗୃହ ତରଫରୁ ଏକ କମିଟି ଗଠନ କରାଯିବାକୁ ପ୍ରସ୍ତାବ ଆଗତ କରିଥିଲେ। ଏହି କମିଟି ଜିଲ୍ଲାପାଳଙ୍କୁ ଭେଟି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଭବିଷ୍ୟତରେ ଯେପରି ଏଭଳି ଘଟଣା ନଘଟେ ସେ ନେଇ ଜିଲ୍ଲାପାଳଙ୍କ ନିକଟରେ ଦାବି କରିବାକୁ ସଭ୍ୟମାନେ କହିଥିଲେ।

## ବ୍ଲକ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ



ଡେରାବିଶ,୧୯।୮(ସମିସ): ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କ ଚାମ୍ବରରେ ଧସେଇ ପଶି ବିଜେପି ନେତା ଉମାକାନ୍ତ ପଟ୍ଟନାୟକ ଓ ତାଙ୍କ ସମର୍ଥକମାନେ ବିଡିଓ ନମିତା ବାରିକଙ୍କୁ ଦୁର୍ବ୍ୟବହାର କରିବା ଘଟଣାର ପ୍ରତିବାଦରେ ଆଜି ବ୍ଲକ ସମସ୍ତ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ୭ ଦଫା ଦାବି ନେଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଛନ୍ତି। ଶୁକ୍ରବାର ଘଟଣା ଘଟିବା ପରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା ନେଇ ଶନିବାର ଜିଲ୍ଲାପାଳଙ୍କୁ କର୍ମଚାରୀ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ବେଳେ ବୁଧବାର କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ସୋମବାର ସନ୍ଧ୍ୟାରେ କର୍ମଚାରୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଘଟଣା ଘଟିବା ୫ ଦିନ ବିତିଯାଇଥିଲେ ମଧ୍ୟ ଏ ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାରୁ କାର୍ଯ୍ୟବନ୍ଦ ଭଳି ନିଷ୍ପତ୍ତି ନିଆଯାଇଥିବା ସଂଘର କାର୍ଯ୍ୟକାରୀ ସଭାପତି ଦୁଲାଶିଷ ଗୁପ୍ତା କହିଛନ୍ତି। ତେବେ ନିଉଜ ଲେଖାହେବା ପର୍ଯ୍ୟ" ସମସ୍ତ କର୍ମଚାରୀ ଏହି ଆନ୍ଦୋଳନ ଚାଲୁ ରହିଥିବା ଦେଖିବାକୁ ମିଳିଥିଲା। ତେବେ ଏହି ଆନ୍ଦୋଳନ କେତେଦିନ ଚାଲିବ ସେ ବିଷୟରେ ଆଜି ରାତିରେ ସଂଘର କର୍ମକର୍ତାଙ୍କ ବୈଠକ ପରେ ନିଷ୍ପତି ନିଆଯିବ ବୋଲି ଶ୍ରୀ ଗୁପ୍ତା କହିଛନ୍ତି। ଏହି ଆନ୍ଦୋଳନରେ ଏବିଡ଼ିଓ ମୃଣ୍ମୟ ରାଉତ, ସଂଘ ସମ୍ପାଦକ ଶଶିଭୂଷଣ ରଣା, ଜିପିଡିଓ ଡାଙ୍ଗି ମୁର୍ମୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ରାଉତ, ଚନ୍ଦ୍ରକାନ୍ତ କର, ଏଡିଇଓ ବଳଦେବ ପାଇଦା, କଲ୍ୟାଣୀ ପ୍ରଭା ବେହେରା ପ୍ରମୁଖଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ସାମିଲ ହୋଇଛନ୍ତି। ତେବେ ଏହି ଆନ୍ଦୋଳନକୁ ନେଇ ବ୍ଲକରେ ସମ୍ପୂର୍ଣ୍ଣ ଅଚଳାବସ୍ଥା ସୃଷ୍ଟି ହୋଇଛି।

# କୁଳସାହି ଆଶ୍ରମ ବିଦ୍ୟାଳୟରୁ ୨୫୦ ଛାତ୍ରଛାତ୍ରୀ ସୁରକ୍ଷିତ ସ୍ଥାନାନ୍ତର

କେନ୍ଦ୍ରାପଡ଼ା,୧୯।୮(ସମିସ): ବିପଦ ସମୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ତତ୍ପର ହୋଇଛି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ। ପଟ୍ଟାମୁଣ୍ଡାଇ ବ୍ଲକ ପେଣ୍ଠପଡ଼ା ଗ୍ରାମପଞ୍ଚାୟତର କୁଳସାହି ଆଶ୍ରମ ବିଦ୍ୟାଳୟରୁ ପ୍ରାୟ ୨୫୦ ଜଣ ଛାତ୍ରଛାତ୍ରୀଙ୍କୁ ବୁଧବାର ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ବିପଦପୂର୍ଣ୍ଣ ପରିସ୍ଥିତି ମଧ୍ୟରେ ଛାତ୍ରଛାତ୍ରୀଙ୍କୁ ଏକାଥରକେ ନୁହେଁ, ପର୍ଯ୍ୟାୟକ୍ରମେ ସୁରକ୍ଷିତ ଭାବେ ବିଦ୍ୟାଳୟରୁ ବାହାରକୁ ଅଣାଯାଇଥିଲା। ଏହି ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟରେ ଓଡ୍ରାଫ୍ ଟିମ୍ ସହ ଅଗ୍ନିଶମ ସେବା ବିଭାଗର କର୍ମଚାରୀମାନେ ସକ୍ରିୟ ଭାବେ ସାମିଲ ହୋଇଥିଲେ। ଉଦ୍ଧାର ପରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ମହାଦେଇପାଟଣା ଆଶ୍ରମ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ଉଦ୍ଧାର କାର୍ଯ୍ୟର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ରଘୁରାମ ଆର. ଆୟର ନିଜେ ଘଟଣାସ୍ଥଳରେ ଉପସ୍ଥିତ ରହି ସମଗ୍ର ଉଦ୍ଧାର ଓ ସ୍ଥାନାନ୍ତର ପ୍ରକ୍ରିୟାର ତଦାରଖ କରିଥିଲେ। ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ସ୍ଥାନାନ୍ତର, ଯାତାୟାତ ବ୍ୟବସ୍ଥା ଓ ଆବଶ୍ୟକ ସମନ୍ୱୟ ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନଜର ରଖାଯାଇଥିଲା। ଏହି ସମୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ତହସିଲଦାର ପଞ୍ଚାନନ ନାୟକ, ବିଡିଓ ଶୀତଲ ଅଗ୍ରୱାଲ ଓ ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ ମଧ୍ୟ ଘଟଣାସ୍ଥଳରେ ରହି ଉଦ୍ଧାର ଏବଂ ସ୍ଥାନାନ୍ତର କାର୍ଯ୍ୟର ସମନ୍ୱୟ ଓ ତଦାରଖ କରିଥିଲେ। ପ୍ରଶାସନ, ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗର ସମନ୍ୱିତ ପ୍ରୟାସ ଯୋଗୁଁ ଆଶ୍ରମ ବିଦ୍ୟାଳୟରେ ଥିବା ପ୍ରାୟ ୨୫୦ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇପାରିଛି। ବିପଦ ସମୟରେ ପ୍ରଶାସନର ଏଭଳି ତ୍ୱରିତ ପଦକ୍ଷେପ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଆଶ୍ୱାସନ ସୃଷ୍ଟି କରିଛି।




**ଉଦ୍ଧାର କାର୍ଯ୍ୟର ତଦାରଖ କଲେ ଜିଲ୍ଲାପାଳ**

# ରିଲିଫ ଓ ଉଦ୍ଧାର କାର୍ଯ୍ୟ ନେଇ ସାଂସଦଙ୍କ ସମୀକ୍ଷା

ପଟ୍ଟାମୁଣ୍ଡାଇ,୧୯।୮(ସମିସ): ସାଂସଦ ବୈଜୟନ୍ତ ପଣ୍ଡା ପଟ୍ଟାମୁଣ୍ଡାଇ ବନ୍ୟାଞ୍ଚଳ ଆକାଶମାର୍ଗରୁ ପରିଦର୍ଶନ କରିବା ସହିତ ରିଲିଫ ବଣ୍ଟନ କରି ଫେରିବା ପରେ ପଟ୍ଟାମୁଣ୍ଡାଇ ଏମ୍‌ଏନ ହାଇସ୍କୁଲ ପଡ଼ିଆରେ ଏକ ଉଚ୍ଚସ୍ତରୀୟ ବୈଠକରେ ବନ୍ୟାଞ୍ଚଳର ରିଲିଫ ବଣ୍ଟନ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିରେ ସାଂସଦଙ୍କ ସହିତ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲାପାଳ ରଘୁରାମ ଆର ଆୟାର, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ପଟ୍ଟାମୁଣ୍ଡାଇ ବିଡିଓ ଶୀତଲ ଅଗ୍ରୱାଲ କେନ୍ଦ୍ରାପଡ଼ା ବିଜେପି ବିଧାୟିକା ପ୍ରାର୍ଥୀ ଗୀତାଞ୍ଜଳି ସେଠୀ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।



# ଇଟାଭାଟି ଶ୍ରମିକଙ୍କୁ ଗୁଳିମାଡ଼

ଡେରାବିଶ,୧୯।୮(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି ଅଞ୍ଚଳରେ ଜଣେ ଇଟାଭାଟି ଶ୍ରମିକଙ୍କୁ ଗୁଳିମାଡ଼ ହୋଇଛି। ନରସିଂହପୁର ଗ୍ରାମ ନିକଟ ଅନୂଆପଡ଼ା ଛକରେ ଆଜି ସକାଳେ ଏହି ଘଟଣା ଘଟିଛି। ଗୁଳି ତାଙ୍କ ଡାହାଣ ଗୋଡ଼ର ଆଣ୍ଠୁ ତଳକୁ ବାଜିଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସାଲେପୁର ଥାନା ଅଧୀନ ଛାଣିପୁର ଅଞ୍ଚଳର କେଦାର ରାଉତ ତାଙ୍କ ସ୍ତ୍ରୀଙ୍କ ସହ ନରସିଂହପୁର ଗ୍ରାମର ଏକ ଇଟାଭାଟିରେ କାମ କରୁଥିଲେ। ଇଟାଭାଟି ବନ୍ଦ ଥିବାରୁ ତାଙ୍କ ସ୍ତ୍ରୀ ନିକଟସ୍ଥ ବିଲକୁ କାମ କରିବାକୁ ଯାଇଥିବା ସମୟରେ କେଦାର ଏକାକୀ ଥିଲେ। ଏହି ସମୟରେ ଅଜଣା ବ୍ୟକ୍ତିମାନେ ତାଙ୍କ ଉପରକୁ ଗୁଳି ଚଳାଇଥିବା ଜଣାପଡ଼ିଛି। ଚାରିଜଣ ବ୍ୟକ୍ତି ଦୁଇଟି ବାଇକ୍‌ରେ ଆସି ଏଭଳି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ଗୁଳିମାଡ଼ରେ ଆହତ କେଦାରଙ୍କୁ ପ୍ରଥମେ ବାଲିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରବର୍ତ୍ତୀ ସମୟରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାର ଖବର ପାଇ ଚାନ୍ଦୋଳ ଫାଣ୍ଡି ଅଧିକାରୀ ହରେକୃଷ୍ଣ ନନ୍ଦ ଓ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗୁଳିମାଡ଼ର କାରଣ ଏବଂ ଆକ୍ରମଣକାରୀଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।



## ବୈତରଣୀରେ ରେକର୍ଡ ବନ୍ୟା

# କନପୁର, ଗୁଣ୍ଠଳ ଓ ଗହମପାଳରେ ବ୍ୟାପକ କ୍ଷତି

ରାଜକନିକା,୧୯।୮(ସମିସ): ବୈତରଣୀ ବନ୍ୟାରେ ଉବୁଟୁବୁ ହୋଇଛି ରାଜକନିକା ଅଞ୍ଚଳ। ରାଜକନିକା ବ୍ଲକ୍‌ର ୧୫ ପଞ୍ଚାୟତର ୪୬ ଗାଁ ପ୍ରଭାବିତ ହୋଇଛି। ସବୁଠୁ ବିପଦରେ କନପୁର। ୬ ଦିନ ହେବ ଖାଇବା ପିଇବା ନାହିଁ। ଲୋକଙ୍କ ହାତଟେକା ସାହାଯ୍ୟର ଶୁଖିଲା ଖାଦ୍ୟ ଭାବରେ ଚୁଡା, ଗୁଡ଼ ଓ ବିସ୍କୁଟ। ଗୁହାଳରେ ଥିବା ଗୋରୁଙ୍କୁ ଫିଟାଇ ଦେଇଛନ୍ତି। ଜୀବନ ବାରହାଦୋମଣ୍ଡା, ପଧାନପଡା, ପାରିନୂଆପଡ଼ା, ତ୍ରୈଲୋକ୍ୟପୁର, ସିକୋ, କାଟଣା ବଣିଆ ଆଦି ପଞ୍ଚାୟତର ୪୦ରୁ ଅଧିକ ଗାଁରେ ଏବେ ବନ୍ୟା ବିପଦ ଦେଖାଦେଇଛି। କନପୁରର ଶହେରୁ ଉର୍ଦ୍ଧ୍ୱ ଘରେ ପାଣି ପଶିଛି, ଘର ଭୁଶୁଡ଼ିଛି। କାଏମା କନପୁର ଓ ବାର୍‌ହା କନପୁରରେ ଆଜି ଅପରାହ୍ଣରୁ ବନ୍ୟା ପାଇଁ ଆତଙ୍କ ଖେଳିଛି। ବନ୍ୟା ବନ୍ଧ ଉପର ଦେଇ ପାଣି ପ୍ରବାହିତ ହେବାରୁ ତା' ଉପରେ ବାଲିବସ୍ତା ଦିଆଯିବା ପରେ ବି ପାଣି ଅଧା ରାସ୍ତା ଧୋଇ ନେଇଛି। ରାଜକନିକାର ସବୁ ବନ୍ୟାଞ୍ଚଳରେ ସ୍ଥିତି ସଙ୍ଗୀନ ରହିଛି। ରାଜକନିକାର ୧୫ ପଞ୍ଚାୟତର ୧୦ ହଜାର ବନ୍ୟା ବିପନ୍ନଙ୍କ ମଧ୍ୟରେ ଆତଙ୍କ ଖେଳାଇଛି ବନ୍ୟା। ଘରେ, ଚୁଲିରେ ପାଣି ପଶିଛି। ଗୁହାଳରେ ପାଣି ପଶିବାରୁ ଗାଈ ଗୋରୁଙ୍କୁ ଫିଟାଇ ଦେଇଛନ୍ତି ଲୋକେ। ଖାଇବା ପିଇବା ଦୂରର କଥା ଠିଆ ହେବାକୁ ଘରେ ସ୍ଥାନ ନାହିଁ। କେତେକ ଘରେ ୪ ଫୁଟର ପାଣି ରହିଛି। ଦଶ ହଜାରରୁ ଅଧିକ ଲୋକେ ଏବେ ଦୁର୍ଦ୍ଦଶାରେ। ୨୦୧୧ ମସିହାର ଭୟଙ୍କର ବନ୍ୟାକୁ ଟପି ଯାଇଛି ଏହି ବନ୍ୟା ସ୍ଥିତି। ଗତ ୬ଦିନ ହେଲାଣି ବୈତରଣୀ ବନ୍ୟାରେ ବୁଡିଛି କନପୁର ଗାଁ,ସେହିପର ଗୁଣ୍ଠଳ ଗାଁରେ ମଧ୍ୟ ସମାନ ସ୍ଥିତି। କୁମ୍ଭୀର ଓ ସାପଙ୍କ ଆତଙ୍କ ସହ ଆଜି ବନ୍ୟାର ସୁଅ ପ୍ରଖର ରହିଛି। ସାନହଳପଡ଼ା ଗାଁରେ ବୁବୁନ ମଲିକ (୨୪) ବନ୍ୟାରେ ଭାସି ଯାଇଥିବା ବେଳେ ରାଜକନିକା ପୁଲିସ ଟିମ ତାଙ୍କୁ ଏକ ଗଛରେ ଲାଗିଥିବା ବେଳେ ଉଦ୍ଧାର କରିଛି।



# ଯୁବକଙ୍କୁ ଉଦ୍ଧାର କଲେ ଥାନା ଅଧିକାରୀ

ରାଜକନିକା,୧୯।୮(ସମିସ): ବୈତରଣୀ ନଦୀରେ ବନ୍ୟା ଆସିବାରୁ ବିପନ୍ନଙ୍କୁ ତିନିଦିନ ହେବ ରାଜକନିକା ଥାନା ଅଧିକାରୀ ଓ ତାଙ୍କ ସହଯୋଗୀ ଶୁଖିଲା ଖାଦ୍ୟ ବଣ୍ଟନ କରୁଛନ୍ତି। ତେବେ ଜଣେ ଯୁବକ ବନ୍ୟା ପାଣିରେ ନିଖୋଜ ଖବର ଥାନା ଅଧିକାରୀ ପାଇବା ପରେ ଯୁବକଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣପଡ଼ିଛି। ରାଜକନିକା ଥାନା ଅଧିକାରୀ ସଞ୍ଜୟ କୁମାର ମଲିକ ଓ ତାଙ୍କ ସହପାଠୀ ତିନିଦିନ ହେବ ରିଲିଫ କାର୍ଯ୍ୟ ଜାରି ରଖିଛନ୍ତି। ଆଜି ସାନହଲୁପଡା ବାଲିସାହିର ବନ୍ୟା ପୀଡ଼ିତାଙ୍କୁ ଶୁଖିଲା ଖାଦ୍ୟ ବାଣ୍ଟି ଫେରୁଥିବା ବେଳେ ବଡହଲୁପଡା ଗାଁର ପୁନା ନାୟକଙ୍କ ପୁଅ ବୁନା ନାୟକ ବନ୍ୟା ପାଣିରେ ନିଖୋଜ ହୋଇ ଯାଇଥିବା ଖବର ପାଇଥିଲେ। ଥାନା ଅଧିକାରୀଙ୍କ ଟିମ ସହିତ ଗ୍ରାମବାସୀ ଦୁଇଟି ଡଙ୍ଗା ସାହାଯ୍ୟରେ ଦୁଇ ଘଣ୍ଟା ଖୋଜାଖୋଜି କରିବା ପରେ ବୁନାକୁ ଉଦ୍ଧାର କରି ତାଙ୍କ ପରିବାର ଲୋକଙ୍କୁ ଜିମା ଦେଇଥିଲେ।

## ବନ୍ୟାରେ ବେହାଲ କେନ୍ଦ୍ରାପଡ଼ା

# ୬ ବ୍ଲକ୍‌ର ୨.୪୦ ଲକ୍ଷ ଲୋକ ପ୍ରଭାବିତ

କେନ୍ଦ୍ରାପଡ଼ା,୧୯।୮(ସମିସ)

ଗୋଟିଏ ପଟେ ବନ୍ୟାଜଳ, ଅନ୍ୟପଟେ ଅନିଶ୍ଚିତତା। କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତି ଲୋକଙ୍କ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ପ୍ରଶାସନ ପକ୍ଷରୁ ଉଦ୍ଧାର, ସ୍ଥାନାନ୍ତରଣ ଓ ରିଲିଫ୍ କାର୍ଯ୍ୟ ଚାଲିଥିବା କୁହାଯାଉଥିଲେ ମଧ୍ୟ ବନ୍ୟାର ବାସ୍ତବ ଚିତ୍ର ଅନେକ ଗ୍ରାମରେ ଏବେ ବି ଚିନ୍ତାଜନକ। ଜିଲ୍ଲାର ଆଳି, ଡେରାବିଶ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ରାଜନଗର ଓ ରାଜକନିକାମୋଟ ୬ଟି ବ୍ଲକ୍‌ର ୬୮ଟି ଗ୍ରାମପଞ୍ଚାୟତ ଓ ୧୫୫ଟି ଗ୍ରାମ ବନ୍ୟା ପ୍ରଭାବିତ। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡ ମଧ୍ୟ ବନ୍ୟାର ଶିକାର ହୋଇଛି। ସରକାରୀ ଆକଳନ ଅନୁସାରେ ୨ ଲକ୍ଷ ୪୦ ହଜାର ୪୬୦ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି। ବନ୍ୟା ବଢ଼ିବା ସହିତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ୨୮ ଟି ଆଶ୍ରୟ କେନ୍ଦ୍ରକୁ ୫,୦୯୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ତେବେ ଏବେ ବି ବହୁ ଲୋକ ନିଜ ଘର ଛାଡ଼ିବାକୁ ଅନିଚ୍ଛୁକ ଥିବାରୁ ଅନେକ ବନ୍ୟାପ୍ରବଣ ଅଞ୍ଚଳରେ ବିପଦ ଟଳିନଥିବା ଆଶଙ୍କା ରହିଛି। ରିଲିଫ୍ ବଣ୍ଟନ ପାଇଁ ଚାଉଳ, ଚୁଡ଼ା, ଗୁଡ଼/ଚିନି, ବିସ୍କୁଟ ଓ ପାଣି ଯୋଗାଇ ଦିଆଯାଉଛି। ୨୨ଟି ମାଗଣା ରନ୍ଧନ ଓ ରିଲିଫ୍ କେନ୍ଦ୍ର ଖୋଲାଯାଇଥିବା ବେଳେ ବର୍ତ୍ତମାନ ୧୦ଟି କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ହେଲେ ଏତେ ବଡ଼ ସଂଖ୍ୟକ ଲୋକ ପ୍ରଭାବିତ ହୋଇଥିବା ବେଳେ ରିଲିଫ୍ ବ୍ୟବସ୍ଥା କେତେ ଲୋକଙ୍କ ନିକଟରେ ଠିକ୍ ସମୟରେ ପହଞ୍ଚୁଛି, ତାହା ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ଚାଷଜମି କ୍ଷୟକ୍ଷତି। ପ୍ରାଥମିକ ଆକଳନରେ ପ୍ରାୟ ୧୪,୨୬୮ ହେକ୍ଟର ଫସଲ ଅଞ୍ଚଳ ପ୍ରଭାବିତ ହୋଇଛି। ବନ୍ୟାରେ ୧୨୭ଟି ରାସ୍ତା ଜଳମଗ୍ନ ହୋଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଉଦ୍ଧାର କାର୍ଯ୍ୟ ପାଇଁ ୭ଟି ଏସ୍‌ଆର୍‌ସି ପାୱାର ବୋଟ୍, ୧୨୧ଟି ଦେଶୀ ଡଙ୍ଗା ଓ ୧୨ଟି ଯାନ୍ତ୍ରିକ ଡଙ୍ଗା ନିୟୋଜିତ ହୋଇଛି। ୧୨ଟି ମେଡିକାଲ ଟିମ୍ ଓ ୬ଟି ଭେଟେରିନାରୀ ଟିମ୍ ମଧ୍ୟ କାର୍ଯ୍ୟରତ ଅଛନ୍ତି। ଅନ୍ୟପଟେ ଅଲଭାଠାରେ ବ୍ରାହ୍ମଣୀ ନଦୀର ଜଳସ୍ତର ବିପଦ ସଙ୍କେତଠାରୁ ଯଥେଷ୍ଟ ଉପରେ ରହିଛି। ଆଖୁଆପଦାଠାରେ ବୈତରଣୀ ନଦୀର ଜଳସ୍ତର ମଧ୍ୟ ବିପଦ ସଙ୍କେତ ଅତିକ୍ରମ କରିଛି। ମୁଣ୍ଡଳୀରୁ ୨,୦୯,୫୨୬ କ୍ୟୁସେକ୍ ଜଳ ନିଷ୍କାସନ ହେଉଥିବାରୁ ଆଗକୁ ପରିସ୍ଥିତି ନେଇ ଚିନ୍ତା ରହିଛି। ପ୍ରଶାସନ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ଥିବା କହୁଛି।




**୧୨୭ ରାସ୍ତାରେ ପ୍ରବାହିତ ହୋଇଛି ବନ୍ୟାଜଳ**

**୧୪ ହଜାର ହେକ୍ଟରରୁ ଅଧିକ ଜମିର ଫସଲ କ୍ଷତିଗ୍ରସ୍ତ**



# ଜଳ ଘେରରେ ୬ ପଞ୍ଚାୟତର ୩୦ ହଜାର ଲୋକ

ରାଜନଗର,୧୯।୮(ସମିସ): ଦ୍ୱିତୀୟ ବନ୍ୟା ଆସିବାରୁ ରାଜନଗର ବ୍ଲକ୍‌ର ୬ ପଞ୍ଚାୟତବାସୀ ୫ ଦିନ ହେଲା ବନ୍ୟା ପାଣି ଘେରରେ ରହିଛନ୍ତି। ରାଜନଗର ବ୍ଲକ ଧୋୟା ଅଞ୍ଚଳର ୬ଟି ପଞ୍ଚାୟତର ଛତିଶି ହଜାର ଲୋକ ବିପନ୍ନ ଥିବାବେଳେ ବାହ୍ୟ ଜଗତ ଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛନ୍ତି। କେବଳ ମଣିଷ ନୁହନ୍ତି ୩୪ ଟି ଗାଁର ୮ ହଜାର ୨୨୭ ଟି ଗୃହପାଳିତ ପଶୁ ଭୋକ ଉପାସରେ ରହିଛନ୍ତି। ଆଜି ବ୍ଲକ ପ୍ରଶାସନ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲଇଫ୍ ଯୋଗାଇ ଦିଆ ଯାଉଥିବା ନେଇ ରାଜନଗର ବିଡିଓ ଅଶୋକ କୁମାର ମହାନ୍ତି ସୂଚନା ଦେଇଛନ୍ତି। ବ୍ଲକ୍‌ର ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ରାଜପୁର, କେରଡ଼ାଗଡ଼, ବାଲିସାହିପାଟଣା ପ୍ରଭୃତି ବନ୍ୟା ବିପନ୍ନ ଲୋକମାନଙ୍କୁ ଶୁଖିଲା ଖାଦ୍ୟ, ପାଣି ଓ ଗୋରୁ ଗାଈଙ୍କ ପାଇଁ ଗୋଖାଦ୍ୟ ଦିଆଯାଇଛି। ରାଜନଗର ତହସିଲଦାର ଯୀଶୁକୃଷ୍ଣ ଦାସ ଉପସ୍ଥିତ ରହି ରିଲିଫ କାର୍ଯ୍ୟକୁ ତଦାରଖ କରୁଛନ୍ତି। ବନ୍ୟା ବିପନ୍ନ ଲୋକଙ୍କୁ ସହାୟତା ପାଇଁ ୨୫ଟି ହୁଲି ଡ଼ଙ୍ଗା ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି। ବର୍ତ୍ତମାନ ବନ୍ୟା ଜଳରେ କୁମ୍ଭୀର ଓ ସାପଙ୍କ ଭୟ ଲୋକଙ୍କ ନିଦ ହଜାଇ ଦେଲାଣି। ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ବର୍ତ୍ତମାନ ବନ୍ୟା ବିପନ୍ନ ଲୋକଙ୍କୁ ଭେଟି ସେମାନଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିବା ସହ ବିପନ୍ନ ମାନଙ୍କୁ କିପରି ପର୍ଯ୍ୟାପ୍ତ ପରିମାଣରେ ରିଲିଫ ସାମଗ୍ରୀ ମିଳିବ ସେନେଇ ପ୍ରଶାସନ ସହିତ ଆଲୋଚନା କରିଥିବା ଜଣାପଡ଼ିଛି।



**ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬**

# ଶେଷ ହେଲା ଦାବି, ଆପତ୍ତି ସମୟସୀମା

## ସେପ୍ଟେମ୍ବର ୨୧ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା

ଭୁବନେଶ୍ୱର,୧୯।୮(ସମିସ): ରାଜ୍ୟରେ ଭୋଟର ତାଲିକା ର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପଞ୍ଜୀକରଣ ଓ ସଂଶୋଧନ ପାଇଁ ନିର୍ଦ୍ଧାରିତ ଦାବି ଓ ଆପତ୍ତି ଦାଖଲ ସମୟସୀମା ବୁଧବାର ସମାପ୍ତ ହୋଇଛି। ଆସନ୍ତା ସେପ୍ଟେମ୍ବର ୧୭ ତାରିଖ ସୁଦ୍ଧା ନୋଟିସ ପର୍ଯ୍ୟାୟ ସହ ସମସ୍ତ ଦାବି ଓ ଆପତ୍ତିର ଅନ୍ତିମ ଫଇସଲା କରାଯିବ। ସେପ୍ଟେମ୍ବର ୨୧ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଆସନ୍ତା ସେପ୍ଟେମ୍ବର ୧୭ ତାରିଖ ସୁଦ୍ଧା ସମସ୍ତ ନୋଟିସ ପର୍ଯ୍ୟାୟ ଶେଷ ହେବା ସହ ଦାଖଲ ହୋଇଥିବା ସମସ୍ତ ଦାବି ଓ ଆପତ୍ତିଗୁଡ଼ିକର ଅନ୍ତିମ ଫଇସଲା କରାଯିବ। ଏହି ସମସ୍ତ ଶୁଣାଣି ଓ ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ସେପ୍ଟେମ୍ବର ୨୧ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇବ। ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତଥ୍ୟ ଅନୁଯାୟୀ ଆଜି ସୁଦ୍ଧା ମୋଟ ୫୮ ଲକ୍ଷ ୩୬ ହଜାର ୪୩୦ ଜଣ ଭୋଟରଙ୍କ ନାମରେ ନୋଟିସ ଜାରି କରାଯାଇଥିଲା। ସେଥିମଧ୍ୟରୁ ପ୍ରଶାସନିକ ତତ୍ପରତା ଯୋଗୁଁ ୫୮ ଲକ୍ଷ ୩୬ ହଜାର ୩୭୪ ଜଣ ଭୋଟରଙ୍କ ନିକଟରେ ସଫଳତାର ସହ ନୋଟିସ ପହଞ୍ଚାଯାଇ ସାରିଛି। ବର୍ତ୍ତମାନ ସୁଦ୍ଧା ନୋଟିସ ପାଇଥିବା ଭୋଟରମାନଙ୍କ ଶୁଣାଣି ଶେଷ କରାଯାଇ, ସେଥି ମଧ୍ୟରୁ ୫୪ ଲକ୍ଷ ୨୧ ହଜାର ୮୭୨ ଜଣ ଭୋଟରଙ୍କୁ ଭୋଟର ତାଲିକାରେ ବଜାୟ ରଖାଯାଇଛି। ଏବେ ସୁଦ୍ଧା ରାଜ୍ୟରେ ମୋଟ ୩କୋଟି ୯ଲକ୍ଷ ୭୧ହଜାର ୯୪୧ ଜଣ ଯୋଗ୍ୟ ଭୋଟର ଚୂଡ଼ାନ୍ତ ଭୋଟର ତାଲିକାରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ,ଯେହେତୁ ଶୁଣାଣି ପ୍ରକ୍ରିୟା ଚାଲୁରହିଛି ଆଗକୁ ଶୁଣାଣି କରାଯାଇ ଯୋଗ୍ୟ ଭୋଟରଙ୍କ ସଂଖ୍ୟା ଆହୁରି ବଢ଼ିବ। ନୋଟିସ ଜାରି କରାଯାଇଥିବା ଭୋଟରମାନଙ୍କ ମଧ୍ୟରୁ ଯେଉଁମାନେ ଆବଶ୍ୟକୀୟ ବୈଧ ପ୍ରମାଣପତ୍ର କିମ୍ବା ସଠିକ ତଥ୍ୟ ଦାଖଲ କରିବାରେ ଅସମର୍ଥ ହୋଇଛନ୍ତି, ସେମାନଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯିବ। ଯୋଗ୍ୟ ନୂତନ ନାଗରିକ ଓ ଯୁବ ଭୋଟରମାନଙ୍କୁ ଭୋଟର ତାଲିକାରେ ଯୋଡ଼ିବା ପାଇଁ ବ୍ୟାପକ ଉତ୍ସାହ ଦେଖିବାକୁ ମିଳିଛି। ଫର୍ମ-୬ ଜରିଆରେ ମୋଟ ୨,୭୯,୩୧୫ ଜଣ ନୂତନ ନାମ ପଞ୍ଜୀକରଣ ପାଇଁ ଆବେଦନ କରିଛନ୍ତି। ଯେଉଁ ଭୋଟର ମାନଙ୍କ ନାମ ଦୁଇଟି ସ୍ଥାନରେ ଅଛି ସେମାନେ ଗୋଟିଏ ସ୍ଥାନରୁ ନାମ ହଟାଇ ଅନ୍ୟ ସ୍ଥାନରେ ରଖିବା, ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ନାମ ବାଦ୍ ଦେବା ପାଇଁ ଫର୍ମ-୭ ଜରିଆରେ ୫୩,୬୨୫ ଟି ଆବେଦନ ପ୍ରାପ୍ତ ହୋଇଛି। ଭୋଟର ତାଲିକାରେ ଥିବା ନାମ, ଠିକଣା, ବୟସ କିମ୍ବା ଅନ୍ୟାନ୍ୟ ସଂଶୋଧନ ସହ ଗୋଟିଏ ପରିବାରର ସମସ୍ତ ସଦସ୍ୟଙ୍କ ନାମକୁ ଏକାଠି ଗୋଟିଏ ମତଦାନ କେନ୍ଦ୍ରରେ ରଖିବା ପାଇଁ ଫର୍ମ-୮ ମାଧ୍ୟମରେ ୧,୯୭,୯୫୨ ଜଣ ଭୋଟର ଆବେଦନ କରିଛନ୍ତି।

## ଏସଆଇଆର ଆପତ୍ତି ଅବଧି ବୃଦ୍ଧି ଲାଗି ବିଜେଡିର ଦାବି

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କଲେ ବିଜେଡି ପ୍ରତିନିଧି

ଭୁବନେଶ୍ୱର,୧୯।୮(ସମିସ): ଓଡ଼ିଶାରେ ବର୍ତ୍ତମାନ ବନ୍ୟା, ଲଗାଣ ବର୍ଷା ପରିସ୍ଥିତି ଜାରି ରହିଛି। ଯାହାକୁ ନେଇ ଜନଜୀବନ ବ୍ୟାହତ ହୋଇଥିବା ବେଳେ ପରିସ୍ଥିତିକୁ ଧ୍ୟାନରେ ରଖି ବିଜେଡି ଏସଆଇଆର-୨୦୨୬ ପ୍ରକ୍ରିୟା ଅବଧି ଅନ୍ୟୂନ ୩୦ ଦିନ ବୃଦ୍ଧି ପାଇଁ ଦାବି କରିଛି। ପ୍ରତ୍ୟେକ ଯୋଗ୍ୟ ମତଦାତା ଯେପରି ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ନ୍ୟାୟସଙ୍ଗତ ସୁଯୋଗ ପାଇବେ ଏବଂ କୌଣସି ପ୍ରକୃତ ମତଦାତା ତାଙ୍କର ମତଦାନ ଅଧିକାରରୁ ବଞ୍ଚିତ ନ ହେବେ, ସେଥିପାଇଁ ଏହି ସମୟସୀମା ବୃଦ୍ଧି ଜରୁରୀ ବୋଲି ଦଳ ଅନୁରୋଧ କରିଛି।

ବିଜେଡି ପ୍ରଦାନ କରିଥିବା ସ୍ମାରକପତ୍ରରେ କୁହାଯାଇଛି ଯେ ଏସ୍ଆଇଆର-୨୦୨୬ର ପ୍ରକ୍ରିୟା ଜାରି ରହିଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁଁ ଯାଞ୍ଚ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଛି। ଏହି ପରିସ୍ଥିତିରେ ନିର୍ବାଚନ ଅଧିକାରୀ, ମତଦାତା ଓ ବୁଥ୍ ଲେଭେଲ୍ ଏଜେଣ୍ଟମାନଙ୍କ ପକ୍ଷରେ ବର୍ତ୍ତମାନର ସମୟସୀମା ମଧ୍ୟରେ ଯାଞ୍ଚ ସମ୍ପୂର୍ଣ୍ଣ କରି ଦାବି ଓ ଆପତ୍ତି ଦାଖଲ କରିବା ଅତ୍ୟନ୍ତ କଷ୍ଟସାଧ୍ୟ। ବନ୍ୟା ସ୍ଥିତି ନେଇ ଅବଧି ବୃଦ୍ଧି ପାଇଁ ପୂର୍ବରୁ ବିଜେଡି



ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି ଉପସ୍ଥାପନ କରିଥିଲେ। ଯାହାକୁ ନେଇ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। କିନ୍ତୁ ବର୍ତ୍ତମାନର ପ୍ରାକୃତିକ ବିପର୍ଯ୍ୟୟ ପରିସ୍ଥିତି ଯୋଗୁଁ ହଜାର ହଜାର ଭୋଟର, ବିଏଲଏ ଓ ନିର୍ବାଚନ ଅଧିକାରୀଙ୍କ ପାଇଁ ଆବଶ୍ୟକୀୟ ଯାଞ୍ଚ ଓ ଦାଖଲ କାର୍ଯ୍ୟ କରିବା ଅସମ୍ଭବ ହୋଇପଡ଼ିଛି। ରାଜ୍ୟର ଅନେକ ଜିଲ୍ଲାରେ ନିରନ୍ତର ପ୍ରବଳ ବର୍ଷା, ବନ୍ୟା ଯୋଗୁଁ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି। ଏଭଳି ଗମ୍ଭୀର ପରିସ୍ଥିତିରେ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି । ନିରପେକ୍ଷତା ଓ ନ୍ୟାୟସଙ୍ଗତାକୁ ଦୃଷ୍ଟିରେ ରଖି ଦାବି ଓ ଆପତ୍ତି ଦାଖଲ ସମୟସୀମାକୁ ଅତି କମରେ ୩୦ ଦିନ ବୃଦ୍ଧି କରାଯାଉ। ଯାହାଦ୍ୱାରା ବୁଥ୍ ଲେଭେଲ୍ ଏଜେଣ୍ଟ

### ଯୋଗ୍ୟ ମତଦାତା ପ୍ରକ୍ରିୟାରେ ନ୍ୟାୟସଙ୍ଗତ ସୁଯୋଗ ଦେବାକୁ ଦାବି

ମାନେ ପ୍ରତ୍ୟେକ ମାମଲାର ଯାଞ୍ଚ କରି ପ୍ରକୃତ ମତଦାତାଙ୍କ ଅଧିକାରର ସୁରକ୍ଷା କରିପାରିବେ ବୋଲି ଦଳ କହିଛି। ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନି ଛୁରିଆ, ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ସାଧାରଣ ସମ୍ପାଦକ ବିଜୟ କୁମାର ନାୟକ, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ମିହିର ରାୟ, ନାରାୟଣ ଜେନା ଓ ନନ୍ଦଲାଲ ସିଂ ପ୍ରମୁଖ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି।

## ରାଉରକେଲା ସର୍କିଟ ହାଉସ୍‌ରୁ ୨ ଅପରାଧୀ ଗିରଫ ସହ ବନ୍ଧୁକ ଜବତ ମାମଲା

# ଗିରଫ ୩ ଜଣଙ୍କୁ ରିମାଣ୍ଡରେ ନେଲା ପୁଲିସ

ରାଉରକେଲା,୧୯।୮(ସମିସ): ବହୁ ଚର୍ଚ୍ଚିତ ରାଉରକେଲା ସର୍କିଟ ହାଉସରୁ ୨ ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ ସହ ରିଭଲଭର ଜବତ ମାମଲାରେ ରଘୁନାଥପାଲି ପୁଲିସ ପୂର୍ବରୁ ଗିରଫ ହୋଇଥିବା ୭ ଦୁର୍ଦ୍ଧାନ୍ତ ଅପରାଧୀଙ୍କ ମଧ୍ୟରୁ ଆଜି ୩ ଜଣଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରୁଛି। ପୁଲିସର ଏହି ତଦନ୍ତ ବେଳେ ପାନପୋଷ ସର୍କିଟ ହାଉସ୍‌ର ୧୦୭ ଓ ୧୧୧ ନମ୍ବର ରୁମ ବୁକ୍ କରିଥିବା ବିଜେପି ଯୁବନେତା ତଥା ଅନ୍ୟ ବିଜେପି ନେତାଙ୍କ ଲିଙ୍କ୍‌ର ଗୁମର ପଦାକୁ ଆସିପାରେ। ସେପଟେ ପାନପୋଷ ସର୍କିଟ ହାଉସର ସିସିଟିଭି ଫୁଟେଜ ଓ ଚେକ୍ ଆଉଟ, ଚେକ୍ ଇନ୍ ଲଗ୍ ରେକର୍ଡ ବୁକକୁ ପୁଲିସ ଜବତ କରିବା ସହ ସମ୍ପୃକ୍ତ ଦଳୀୟ ଯୁବ ନେତାଙ୍କୁ କିପରି ୨୫ ଦିନରୁ ଅଧିକ ଦିନ ଧରି ଏହି ରୁମ୍ ଦିଆଗଲା ଓ ସେଠାରେ ରହୁଥିବା ଅସାମାଜିକ ଯୁବକଙ୍କୁ କିପରି ଏବଂ କିଏ ଖାଇବା, ପିଇବା ତଥା ଅନ୍ୟାନ୍ୟ ଆତିଥ୍ୟ ଯୋଗାଇ ଆସୁଥିଲେ ତାର ତଦନ୍ତ ଆରମ୍ଭ କରିଛି ପୁଲିସ।

ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ଭିଭିଆଇପି ସରକାରୀ ବାବୁଙ୍କ ବିଶ୍ରାମ ଲାଗି ନିର୍ମିତ ରାଉରକେଲାର ପାନପୋଷ ସର୍କିଟ ହାଉସ୍‌ର ଏକ ରୁମରୁ ଗତ ୧୧/୧୨ ରାତିରେ ବିକାଶ ଡୁଙ୍ଗୁରି ଏବଂ ନାରାୟଣ ନାମକ ୨ ଜଣ ହାର୍ଡକୋର୍ ଅପରାଧୀଙ୍କୁ ୨ଟି ଲୋଡେଡ୍ ମାଉଜର ସହ ଗିରଫ କରାଯାଇଥିଲା। ଏହି ଘଟଣା ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ବିଜେପି ସରକାର ଗୁଣ୍ଡା ଓ ଅପରାଧୀମାନଙ୍କୁ ପ୍ରଶ୍ରୟ ଦେଇଥିବା ସ୍ପଷ୍ଟ ହୋଇଛି। ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସାମାଜିକ ଗଣମାଧ୍ୟମରେ ଚାରିଆଡୁ ଚାପ ସୃଷ୍ଟି ହେବା ପରେ ଏ ସଂକ୍ରାନ୍ତରେ ମୋଟ ୭ ଜଣଙ୍କୁ ମଧ୍ୟରୁ ୩ ଜଣଙ୍କୁ ପୁଲିସ ଆଜି ରିମାଣ୍ଡରେ ଆଣି ପଚରାଉଚରା ଚଳାଇଛି। ରିମାଣ୍ଡରେ ଆସିଥିବା ଅପରାଧୀ ୩ ଜଣ ହେଉଛନ୍ତି ପ୍ଲାଣ୍ଟସାଇଟ୍ ଅଞ୍ଚଳର ବିକାଶ ଡୁଙ୍ଗୁରି, ରାଜେଶ ସାହୁ ଏବଂ ସାଗର ସାହୁ।

ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ର ମନ୍ତ୍ରୀଙ୍କର ଅତ୍ୟନ୍ତ ସହଯୋଗୀ, ପ୍ରତିନିଧି ତଥା ସହରର ଜଣାଶୁଣା ବିଜେପି ଯୁବ ନେତାଙ୍କ ଜରିଆରେ ପାନପୋଷ ସ୍ଥିତ ସମ୍ଭ୍ରାନ୍ତ ସରକାରୀ ଗେଷ୍ଟ ହାଉସ ସର୍କିଟ ହାଉସରେ ଦୁଇ ଜଣ କୁଖ୍ୟାତ ଅପରାଧୀ ଦୀର୍ଘ ୨୫ ଦିନ ଧରି ଅବାଧରେ ଗୁଳିଗୋଳା ଏବଂ ବନ୍ଧୁକ ନେଇ ରହିବା ଏବେ ଅପରାଧୀମାନଙ୍କୁ ସର୍କିଟ ହାଉସରେ ଦୀର୍ଘ ୨୫ ଦିନ ଧରି ରହିବାକୁ ଅନୁମତି ଦେଇଥିଲେ ତାକୁ ନେଇ ଉଠିଛି ପ୍ରଶ୍ନ।

ସୂଚନାଯୋଗ୍ୟ ଯେ ରାଉରକେଲା ପାନପୋଷ ସର୍କିଟ ହାଉସର ୧୦୭ ନମ୍ବର ରୁମରୁ ଗତ ୧୨ ତାରିଖ ରାତିରେ ଦୁଇଜଣ ଅପରାଧୀ ଦୁଇଟି ବନ୍ଧୁକ ସହ ଗିରଫ ହେବା ପରେ ପୁଲିସ ପକ୍ଷରୁ ରାକେଟ୍‌କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ପରେ ଏହି ଲିଙ୍କରେ ବନ୍ଧୁକ ଚୋରା କାରବାର କରୁଥିବା ଓ ବନ୍ଧୁକ ରଖି ଅପରାଧୀକ କାର୍ଯ୍ୟକଳାପ କରିବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗରେ ମୋଟ ୭ ଜଣଙ୍କୁ ଗିରଫ

**■ ବାହାରି ପାରେ ବିଜେପି ଯୁବନେତା ତଥା ଅନ୍ୟ ନେତାଙ୍କ ଲିଙ୍କ୍ ଗୁମର**
**■ ସର୍କିଟ ହାଉସ୍‌ର ସିସିଟିଭି ଫୁଟେଜ ଓ ରେକର୍ଡ ବୁକ୍ ଜବତ କଲା ପୁଲିସ**

ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୨୫ ଦିନ ଧରି ଦୁଇ ଅପରାଧୀ ରାଉରକେଲା ସର୍କିଟ ହାଉସ ରେ ରହିଥିଲେ ମଧ୍ୟ ପାନପୋଷ ଉପଜିଲ୍ଲାପାଳ ଓ ଆଉଟସୋର୍ସିଂ ଦାୟିତ୍ୱରେ ଥିବା ଯୁଟେକ ସର୍ଭିସେସ୍ ସଂସ୍ଥା କିପରି ଜାଣି ପାରିଲେ ନାହିଁ ସେନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ବିଶେଷ କରି ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ମୁଖ୍ୟ ବିଚାରପତି, ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ଭିଭିଆଇପି ମାନଙ୍କ ସରକାରୀ ଗସ୍ତ ସମୟରେ ସାମୟିକ ରହଣି ପାଇଁ ଉଦ୍ଦିଷ୍ଟ ପାନପୋଷ ସର୍କିଟ ହାଉସ କିପରି ନିର୍ଭୟ ଏବଂ ଅବାଧରେ ଦୁର୍ଦ୍ଧାନ୍ତ ଅପରାଧୀମାନେ ମାରଣାସ୍ତ୍ର ଧରି ୨୫ ଦିନ ରହିଥିଲେ ତାକୁ ନେଇ ଖୋଳତାଡ ଆରମ୍ଭ କରିଛି ପୁଲିସ। କେଉଁ ବରିଷ୍ଠ ବିଜେପି ନେତାଙ୍କ ଚାପରେ ରହି ପାନପୋଷ ଉପଜିଲ୍ଲାପାଳ ଦଳୀୟ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କ ନିକଟରୁ ୪ଟି ବନ୍ଧୁକ ଓ ୧୧ଟି ଗୁଳି ଜବତ କରାଯାଇଥିଲା। ପାନପୋଷ ସର୍କିଟ ହାଉସରୁ ଗୁଳି ଭର୍ତ୍ତି ବନ୍ଧୁକ ସହ ଅପରାଧୀ ଗିରଫ ହେବା ପରେ ଏବେ ସର୍କିଟ ହାଉସ ଅପରାଧୀଙ୍କ ପେଣ୍ଠସ୍ଥଳୀ ପାଲଟିଥିବା ଅଭିଯୋଗ ହୋଇଛି। ଯାହାକି ସରକାରୀ ଭିଭିଆଇପିଙ୍କ ପାଇଁ ଅସୁରକ୍ଷିତ ସ୍ଥାନ ପାଲଟି ଯାଇଛି ବୋଲି ଅଭିଯୋଗ ହୋଇଛି। କୌଣସି ମୁହୂର୍ତ୍ତରେ ଜାତୀୟ ସ୍ତରର ଅପରାଧୀ, ମାଓବାଦୀ ଓ ଆତଙ୍କବାଦୀ ମଧ୍ୟ ସର୍କିଟ ହାଉସରେ ରହିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଅପରାଧୀଙ୍କୁ ସର୍କିଟ ହାଉସରେ ରହିବା ପାଇଁ ସହାୟତା କରିଥିବା ବିଜେପି ଯୁବନେତା ଙ୍କୁ ବଞ୍ଚାଇବାକୁ ଉଦ୍ୟମ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି।

## କେନ୍ଦ୍ରମନ୍ତ୍ରୀଙ୍କ ସମେତ ବିଜେପି ନେତା ଚୁପ୍

ରାଉରକେଲାର ପାନପୋଷ ସ୍ଥିତ ସରକାରୀ ସର୍କିଟ୍ ହାଉସ୍‌ରୁ ମାରଣାସ୍ତ୍ର ସହ ଅପରାଧୀ ଗିରଫ ହେବା ତା ପୁଣି ଏଥିରେ ବିଜେପି ଯୁବନେତାଙ୍କ ଲିଙ୍କ ସାମ୍ନାକୁ ଆସୁଥିବା ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଜୋରସୋରରେ ଆରମ୍ଭ ହୋଇଥିଲା ବେଳେ ଏ ନେଇ କେନ୍ଦ୍ରମନ୍ତ୍ରୀ କିମ୍ବା କୌଣସି ବିଜେପି ନେତା ମୁହଁ ନ ଖୋଲିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଜେପି ସରକାରର ଶାସନରେ ଓଡ଼ିଶା ପରି ଶାନ୍ତିପୂର୍ଣ୍ଣ ରାଜ୍ୟରେ ଏଭଳି ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ଚିନ୍ତିତ କରିଛି।

ସରକାରୀ ସର୍କିଟ୍ ହାଉସ୍ ଭଳି ଏକ ସୁରକ୍ଷିତ ସରକାରୀ ଅତିଥିଗୃହରେ ଅପରାଧୀମାନେ ଦୀର୍ଘଦିନ ଧରି କିପରି ରହିପାରିଲେ? କିଏ ସେମାନଙ୍କୁ ପ୍ରବେଶ ଓ ରହିବାର ସୁଯୋଗ ଦେଲା? ସରକାରୀ ବ୍ୟବସ୍ଥାର ଦାୟିତ୍ୱରେ ଥିବା ଅଧିକାରୀମାନେ କ'ଣ କରୁଥିଲେ ? ତାକୁ ନେଇ ଏବେ ନାନା ପ୍ରଶ୍ନ ଉଠିଛି।

ଏହି ଘଟଣା ପରେ ରାଉରକେଲାରେ ସାଧାରଣ ଲୋକଙ୍କ ସୁରକ୍ଷା ନେଇ ଗମ୍ଭୀର ପ୍ରଶ୍ନ ଉଠୁଛି। ସରକାରୀ ଅତିଥିଗୃହ ଯଦି ଅପରାଧୀମାନଙ୍କ ଆଶ୍ରୟସ୍ଥଳୀରେ ପରିଣତ ହୁଏ, ତେବେ ସାଧାରଣ ଲୋକ କାହା ଉପରେ ଭରସା କରିବେ ବୋଲି ମତ ପ୍ରକାଶ ପାଇଛି। ତେବେ ରିମାଣ୍ଡରେ ଆସିଥିବା ୩ ଅପରାଧୀଙ୍କୁ ପଚରାଉଚରା ପରେ ହିଁ ଘଟଣା ଉପରୁ ପର୍ଦ୍ଦା ଉଠିବ ବୋଲି କୁହାଯାଉଛି।

**■ କୁଆଁରୀକୁ ନେଇ ବଢ଼ିଲା ବିବାଦ**

# ବିଜେପି ନେତ୍ରୀ ବଟି ମାଗୁଥିବା ଅଭିଯୋଗ

ପୋଲସରା,୧୯।୮(ସମିସ): ପଥର କୁଆଁରୀକୁ ନେଇ ପୋଲସରା ଅଞ୍ଚଳରେ ବିବାଦ ତୀବ୍ର ହୋଇଛି। ଢୁଙ୍କାପଡ଼ା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେପି ନେତ୍ରୀ ଆରତୀ ଦେବୀ (ଭୂୟାଁ)ଙ୍କ ନାମରେ ପୋଲସରା ଥାନାରେ ଅଭିଯୋଗ ହୋଇଛି। ବଟି ଦାବି, କୁଆଁରୀରେ ଭଙ୍ଗାରୁଜା, ଶ୍ରମିକଙ୍କ ସହ ମାରପିଟ ଓ ଟଙ୍କା ନେଇଯିବା ଭଳି ଅଭିଯୋଗ ରହିଛି। ଅଭିଯୋଗକାରିଣୀ ଅନୀତା ନାହାକଙ୍କ ଏତଲା ଅନୁଯାୟୀ, ଢୁଙ୍କାପଡା ମୌଜାର ଦହିମୁଣ୍ଡିଆ ପାହାଡ଼ରେ ପଥର କୁଆଁରୀ ପାଇଁ ଏମ୍/ଏସ୍ ଅନ୍ନପୂର୍ଣ୍ଣା ଡେକୋରେଟରକୁ ୮ ସେପ୍ଟେମ୍ବର ୨୦୨୨ରେ ଲିଜ୍ ପ୍ରଦାନ କରାଯାଇଥିଲା। ଏହାପରେ ସେଠାରେ କୁଆଁରୀ କାର୍ଯ୍ୟ ଚାଲିଥିଲା। ଏତଲାରେ ଉଲ୍ଲେଖ ଅନୁଯାୟୀ, ଅଗଷ୍ଟ ୧୫ ତାରିଖରେ ଆରତୀ ପ୍ରାୟ ୩୦ ଜଣ ଯୁବକଙ୍କ ସହ କୁଆଁରୀକୁ ଯାଇ ପରିଚାଳକ ପ୍ରଭାକର ପଣ୍ଡାଙ୍କୁ ଖୋଜିଥିଲେ। ସେ ନମିଳିବାରୁ କର୍ମଚାରୀ ଅନୀତା ନାହାକଙ୍କୁ କୁଆଁରୀ ମାଲିକଙ୍କୁ ମାସିକ ୨ ଲକ୍ଷ ଟଙ୍କା ଦେବାକୁ କହିଥିବା ଅଭିଯୋଗ ରହିଛି। ପରେ କୁଆଁରୀରେ ଭଙ୍ଗାରୁଜା କରାଯିବା ସହ ପ୍ରାୟ ୪୦୦ ଲିଟର ଡିଜେଲ ଢାଳି ଦିଆଯାଇଥିବା ଏତଲାରେ ଦର୍ଶାଯାଇଛି। ଏହାକୁ ଶ୍ରମିକମାନେ ବିରୋଧ କରିବାରୁ ସେମାନଙ୍କ ସହ ମାରପିଟ ହୋଇଥିବା ଅଭିଯୋଗ ହୋଇଛି। ଏଥିସହ ମଜୁରି ପ୍ରଦାନ ପାଇଁ ରଖାଯାଇଥିବା ୩ ଲକ୍ଷ ଟଙ୍କା ନେଇଯିବାର ଅଭିଯୋଗ ମଧ୍ୟ ରହିଛି। ଅନୀତାଙ୍କ ଅଭିଯୋଗ ଆଧାରରେ ପୋଲସରା ଥାନାରେ ୪୭୨/୨୦୨୬ ନମ୍ବର ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଘଟଣାରେ ପୋଲିସ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ, ଦହିମୁଣ୍ଡିଆ ପାହାଡ଼ରେ ପଥର କୁଆଁରୀ ଯୋଗୁଁ ପରିବେଶ ପ୍ରଦୂଷଣ ଓ ଜଙ୍ଗଲୀ ପଶୁପକ୍ଷୀଙ୍କ ଉପରେ ପ୍ରଭାବ ପଡ଼ିବା ଆଶଙ୍କା କରି ଆରତୀ ଦେବୀ ଉଚ୍ଚ ନ୍ୟାୟାଳୟରେ ମାମଲା କରିଥିବା ତାଙ୍କ ସମର୍ଥକମାନେ କହିଛନ୍ତି। ଉକ୍ତ ମାମଲା ବିଚାରାଧୀନ ଥିବା ସୂଚନା ମିଳିଛି।ତେବେ ଥାନାରେ ହୋଇଥିବା ଅଭିଯୋଗର ସତ୍ୟାସତ୍ୟ ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ। ମାମଲାକୁ ନେଇ ଉଭୟ ପକ୍ଷର ମତାମତ ଓ ତଦନ୍ତର ଫଳାଫଳ ଉପରେ ଏବେ ନଜର ରହିଛି। ଅନ୍ୟପଟେ କିନ୍ତୁ ବିଜେପି ନେତ୍ରୀ ଆରତୀ ଦେବୀ ଏଭଳି ଘଟଣା ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ମୋ ବିରୁଦ୍ଧରେ ଜାଣିଶୁଣି ମିଥ୍ୟା ଅଭିଯୋଗ କରାଯାଇଥିବା କହିବା ସହ ପୋଲସରା ଥାନାରେ ପାଲଟା ଅଭିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି। ଗାଁ ମାଟି ଏବଂ ବନ୍ୟ ଜନ୍ତୁଙ୍କ ସୁରକ୍ଷା ପାଇଁ ନିସ୍ୱାର୍ଥପର ଭାବେ କାମ କରିବି ବୋଲି କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କୋଲକାତା ହୋଟେଲରେ...

ହୋଇପଡ଼ିଥିବା ୯ ଜଣଙ୍କୁ ହସ୍ପିଟାଲକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପ୍ରାଥମିକ ତଦନ୍ତରୁ ହୋଟେଲରେ ଅଗ୍ନି ନିର୍ବାପକ ସୁରକ୍ଷା ବ୍ୟବସ୍ଥାର ଅଭାବ ଥିବା ଜଣାପଡ଼ିଛି। ବର୍ତ୍ତମାନ ଫେରାର ଥିବା ହୋଟେଲ ମାଲିକ ଏବଂ କର୍ମଚାରୀଙ୍କୁ ପୁଲିସ ଖୋଜିବା ଆରମ୍ଭ କରିଛି। ପଶ୍ଚିମବଙ୍ଗ ପ୍ରଶାସନ ପକ୍ଷରୁ ଏହି ଘଟଣାର ଏକ ବିସ୍ତୃତ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଅନୁସନ୍ଧାନ ଦଳ (ଏସ୍ଆଇଟି) ଗଠନ କରାଯାଇଛି। ଦୁଇ ଦିନ ମଧ୍ୟରେ ରାଜ୍ୟରେ ଏପରି ଦ୍ୱିତୀୟ ବଡ଼ ହୋଟେଲ ଅଗ୍ନିକାଣ୍ଡ ଘଟିଥିବାରୁ ହୋଟେଲଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନ ଏହି ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି।

### ଦିଲ୍ଲୀରେ ସିଏନ୍‌ଜି...

ଅନୁଯାୟୀ, ବିସ୍ଫୋରଣ ପରେ ମନୀଷ ପ୍ରାୟ ୩୦ ମିନିଟ୍ ପର୍ଯ୍ୟନ୍ତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିଲେ। ସେ ଦାବି କରିଛନ୍ତି ଯେ ଦୁର୍ଘଟଣା ପରେ ପମ୍ପର ଅନ୍ୟ ସମସ୍ତ କର୍ମଚାରୀ ଭୟରେ ସେଠାରୁ ପଳାଇ ଯାଇଥିଲେ। ତାଙ୍କୁ ଡାକ୍ତରଖାନା ନେବା ପାଇଁ କେହି ଆଗେଇ ଆସିନଥିଲେ। ପ୍ରଚୁର ରକ୍ତସ୍ରାବ ଯୋଗୁଁ ହିଁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି। ଦିଲ୍ଲୀ ଅଗ୍ନିଶମ ସେବା ଘଟଣାସ୍ଥଳକୁ ୬ଟି ଦମକଳ ଗାଡ଼ି ପଠାଇଥିଲା। ଆହତ ସୁରଜିତ, ସଞ୍ଜୟ ଏବଂ ବିପିନଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେଠାରେ ସୁରଜିତ ଏବଂ ସଞ୍ଜୟଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ପୁଲିସର ବରିଷ୍ଠ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି। ବିସ୍ଫୋରଣର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି।

### ଶେଷ ନିଶ୍ୱାସ ଯାଏଁ...

ବର୍ଷ ଧରି ମୁଁ ଓଡ଼ିଶାର ସ୍ୱାର୍ଥକୁ ଜଗିଥିଲି। କେନ୍ଦ୍ରରେ ବିଭିନ୍ନ ଦଳର ସରକାର ଥିଲେ ମଧ୍ୟ ଓଡ଼ିଶାର ଅଧିକାରରେ କ୍ଷତି ଆଣିବାକୁ କେହି ସାହସ କରି ନଥିଲେ। ଆପଣମାନେ ୨୦୨୪ରେ ପରିବର୍ତ୍ତନ କରି ନୂଆ ବିଜେପି ସରକାର ଆଣିଲେ। ମାତ୍ର ଦୁଇ ବର୍ଷ ଭିତରେ ସବୁ ପରିବର୍ତ୍ତନ ହୋଇଗଲା। ଓଡ଼ିଶାକୁ ଏବେ କେନ୍ଦ୍ରର ଦୟା ଉପରେ ନିର୍ଭର କରିବାକୁ ହେବ। ଆପଣମାନେ ଓଡ଼ିଶାରୁ ଲୋକସଭାକୁ ୨୦ ଜଣ ବିଜେପି ସାଂସଦ ଦେଲେ; କିନ୍ତୁ ଏ ମାଟି ପାଇଁ କେହିବି ପାଟି ଖୋଲିଲେନି। ରାଜ୍ୟ ପ୍ରତି ନିଜର ଦାୟିତ୍ୱ ଏବଂ କର୍ତ୍ତବ୍ୟ ନିର୍ବାହ କରିବାରେ ସେମାନେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। କେବଳ ବିଜେଡି ହିଁ ରାଜ୍ୟସଭାରେ ଏ ସଂଶୋଧନ ବିଲକୁ ଦୃଢ଼ ବିରୋଧ କରିଥିଲା। ନବୀନ କହିଛନ୍ତି ଯେ ବିଜୁ ବାବୁ ସବୁବେଳେ ରାଜ୍ୟର ବିକାଶ ପାଇଁ ଆର୍ଥିକ ସ୍ୱାୟତ୍ତତା ଉପରେ ଜୋର ଦେଉଥିଲେ । ମାତ୍ର ଏବେ ଖଣି ଆଇନ ସଂଶୋଧନ ଦ୍ୱାରା ଓଡ଼ିଶାର ରାଜସ୍ୱ ଉତ୍ସ ବହୁତ କମିଯିବ। ପ୍ରତି ବର୍ଷ ଆମେ ହଜାର ହଜାର କୋଟି ଟଙ୍କାର କ୍ଷତି ସହିବା।ଏହି ଟଙ୍କାରେ ଓଡ଼ିଶାରେ ଅନେକ ସ୍କୁଲ, କଲେଜ ଓ ହସ୍ପିଟାଲ ହୋଇଥାନ୍ତା। ରାସ୍ତା, ସେତୁ ବିଦ୍ୟୁତ୍ ଓ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ ହୋଇଥାନ୍ତା। ନୂଆ ନୂଆ କଲ୍ୟାଣ କାମ ହୋଇଥାନ୍ତା। ଚାଷୀ ଉପକାର ପାଇଥାନ୍ତା, ଗରିବ ଲୋକଙ୍କର ଉପକାର ହୋଇଥାଆନ୍ତା। ଏତେବଡ଼ କ୍ଷତି ଓଡ଼ିଶା ସହି ପାରିବ ତ? ଆମ ପିଲାମାନଙ୍କୁ, ଆମ ଭବିଷ୍ୟତ ପିଢ଼ିକୁ ଆମେ କଣ ଜବାବ ଦେବା? ଜେନ-ଜିର ଭବିଷ୍ୟତ କଣ ହେବ? ଓଡ଼ିଶାକୁ ଦୁର୍ବଳ କରିବାକୁ ଚାଲିଥିବା ଏହି ଭୟଙ୍କର ଚକ୍ରାନ୍ତକୁ ଓଡ଼ିଶାବାସୀ କେବେ ବରଦାସ୍ତ କରିବେନି ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି।

### ସୂତାରଙ୍କୁ ୧୦...

କରାଯାଇଥିଲା। ଟେଷ୍ଟ କ୍ରିକେଟ୍ ଇତିହାସରେ ଭାରତର ଏହା ୬୦୦ତମ ମ୍ୟାଚ୍ ଥିଲା। ଏହି ମ୍ୟାଚକୁ ବିଜୟୀ ହୋଇ ଟିମ୍ ଇଣ୍ଡିଆ ଏହାକୁ ସ୍ମରଣୀୟ କରିନେଇଛି। ଦୁଇ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜରେ ଅନ୍ତିମ ତଥା ଦ୍ୱିତୀୟ ମ୍ୟାଚ୍ ଅଗଷ୍ଟ ୨୩ରୁ କଲମ୍ବୋର ସିଂହଳୀଜ ସ୍ପୋର୍ଟ୍ସ କ୍ଲବରେ ଆରମ୍ଭ ହେବ।

### ଡ. ଆଶୁତୋଷ ପରିଡ଼ା...

ଉତ୍ସବରେ ଲେଖକଙ୍କୁ ମାନପତ୍ର, ତାମ୍ରଫଳକ ଏବଂ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ।

ଏହି ବିଚାର ପ୍ରକ୍ରିୟାର ଚୂଡ଼ାନ୍ତ ପର୍ଯ୍ୟାୟକୁ ସ୍ଥାନ ପାଇଥିବା ସାତୋଟି ବହି ହେଉଛି-ଅପର୍ଣ୍ଣା ମହାନ୍ତିଙ୍କ 'ଅପର୍ଣ୍ଣା ମହାନ୍ତିଙ୍କ ପାଇଁ କବିତା', ପଦ୍ମଜା ପାଳଙ୍କ 'ଡାହାଣ ପାଦ ବାମ ପାଦ', ଆଶୁତୋଷ ପରିଡ଼ାଙ୍କ 'ବିଶ୍ୱାସ ଦେ ପୃଥିବୀ', ଅର୍ଚ୍ଚନା ନାୟକଙ୍କ 'ସୀତା', ବିଜୟ ନାୟକଙ୍କ 'ମାୟାବାର୍ତ୍ତା', ପ୍ରକାଶ ମହାପାତ୍ରଙ୍କ 'ମୋକ୍ଷ ମୁଦ୍ରା' ଏବଂ ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'କବିଙ୍କ ନାମ ବେଦବ୍ୟାସ'। ୨୦୨୬ ମସିହାର ଏହି ମନୋନୟନ ପ୍ରକ୍ରିୟାରେ କବିତା, ଗଳ୍ପ, ଉପନ୍ୟାସ, କ୍ଷୁଦ୍ରଗଳ୍ପ ଏବଂ ନାଟକ ଭଳି ବିଭିନ୍ନ ବିଭାଗର ପୁସ୍ତକ ସାମିଲ ରହିଥିଲା। ପୁସ୍ତକ ମନୋନୟନ କମିଟିରେ ଡ. ଇନ୍ଦିରା ଦାଶ, ପ୍ରତୀକ୍ଷା ଜେନା, ଅମିୟ ବେଜ, ପ୍ରଦୀପ କୁମାର ପଣ୍ଡା ଏବଂ ଶ୍ରୀ ଅଭୟ ନାୟକ ସଦସ୍ୟ ଥିବାବେଳେ ବିଚାରକ ମଣ୍ଡଳୀରେ ଡ. ସୁଚେତା ମିଶ୍ର, ଡ. ହୃଷୀକେଶ ମଲ୍ଲିକ, ସଂଗ୍ରାମ ଜେନା,ସ୍ୱପ୍ନା ମିଶ୍ର, ପ୍ରଫେସର ଡ. ନଟବର ଶତପଥୀ, ଡ. ସରୋଜିନୀ ସାହୁ ଏବଂ ଅଜୟ କୁମାର ମହାପାତ୍ର ସାମିଲ ଥିଲେ।

ସେହିପରି କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଶୀ ନୃତ୍ୟ ଗୁରୁ ତଥା ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀର ଏବଂ ଭାସ୍କର ଓ କଳା ଶିକ୍ଷାବିତ୍ ଦାମୋଦର ବେହେରାଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ପ୍ରଦାନ କରାଯିବ। ଉଭୟଙ୍କୁ ମାନପତ୍ର, ତାମ୍ରଫଳକ ସହ ଅଢ଼େଇ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯିବ। ପ୍ରଦର୍ଶନୀ କଳା ପାଇଁ ଗୁରୁ ପୁଷ୍ପିତା ମିଶ୍ର, ଡ. ନାଜିଆ ଆଲାମ ଓ ସୁରମଣି ଅଭିରାମ ନନ୍ଦ ବିଚାରକ ଥିବା ବେଳେ ଦୃଶ୍ୟ କଳା ପାଇଁ ପଞ୍ଚମୀ ମାନୁ ଉକିଲ, ସଙ୍ଗୀତା ପଟ୍ଟନାୟକ ଏବଂ ବୈଜୟନ୍ତ କୁମାର ଦାଶ ବିଚାରକ ଭାବେ ଚୟନ ପ୍ରକ୍ରିୟା ପରିଚାଳନା କରିଥିଲେ। ସୂଚନା ଅନୁସାରେ, ୧୯୮୦ ମସିହାରେ ଶ୍ରୀମତୀ ଇଲା ପଣ୍ଡା ଏବଂ ଡ. ବଂଶୀଧର ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଇମ୍ପାକ୍ଟ, ଓଡ଼ିଆ ସାହିତ୍ୟ ଏବଂ ରାଜ୍ୟର ସମୃଦ୍ଧ ସାଂସ୍କୃତିକ କଳା, ସଙ୍ଗୀତ ଓ ନୃତ୍ୟର ପ୍ରସାର ଦିଗରେ ନିରନ୍ତର କାର୍ଯ୍ୟ କରିଆସୁଛି। ଏହା ସହିତ ୧୯୯୩ ମସିହାରେ ଟ୍ରଷ୍ଟ ପକ୍ଷରୁ 'ଏକଲବ୍ୟ ପୁରସ୍କାର' ମଧ୍ୟ ପ୍ରତିଷ୍ଠା କରାଯାଇଥିଲା, ଯାହା ଜାତୀୟ ସ୍ତରର ପୁରସ୍କାର ଭଳି ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ କ୍ରୀଡ଼ା ପୁରସ୍କାର ଭାବେ ପରିଗଣିତ ହୋଇଛି।

### ବାଲେଶ୍ୱରକୁ ଚିନ୍ତା...

ମଧ୍ୟମଧରଣର ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି ବୋଲି ରାଜ୍ୟ ସରକାର କହିଛନ୍ତି। ବର୍ଷା କମିଥିଲେ ବି ଝାଡ଼ଖଣ୍ଡ କ୍ୟାଚ୍‌ମେଣ୍ଟରୁ ପାଣି ରିଲିଜ ହେଉଛି। ଫଳରେ ସୁବର୍ଣ୍ଣରେଖା ନଦୀର ଅନେକ ସ୍ଥାନରେ ଜଳପତ୍ତନ ବଢ଼ିବ। ମଧ୍ୟରାତିରେ ଆହୁରି ଅଧିକ ପାଣି ବଢ଼ିବା ଆଶଙ୍କା ରହିଛି।

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀ ଓ ଜଳଭଣ୍ଡାରର ଜଳସ୍ତର ଉପରେ ନଜର ରଖାଯାଇଛି। ତେବେ ଝାଡ଼ଖଣ୍ଡର ଜଳଗ୍ରହଣ ଅଞ୍ଚଳରେ ପ୍ରବଳ ବର୍ଷା ହେବାରୁ ଗାଲୁଡିହି ବ୍ୟାରେଜରୁ ସୁବର୍ଣ୍ଣରେଖା ନଦୀକୁ ବହୁ ପରିମାଣରେ ଜଳ ଛଡ଼ାଯାଇଛି। ଗାଲୁଡିହିରୁ ପ୍ରତି ସେକେଣ୍ଡରେ ୬,୬୧୬.୦୧ କ୍ୟୁସେକ୍ ଜଳ ଛଡ଼ାଯାଉଥିବା ରେକର୍ଡ ହୋଇଛି। ସନ୍ଧ୍ୟା ସୁଦ୍ଧା ରାଜଘାଟଠାରେ ଜଳସ୍ତର ୧୧.୨୨ ମିଟର ରହିଛି। ଏଠାରେ ବିପଦ ସଙ୍କେତ ସ୍ତର ୧୦.୩୬ ମିଟର ରହିଛି। ଏଠାରେ ରାତି ସୁଦ୍ଧା ଜଳସ୍ତର ୧୧.୪୦ ମିଟର ପର୍ଯ୍ୟନ୍ତ ପହଞ୍ଚିବାର ସମ୍ଭାବନା ରହିଛି। ପ୍ରଭାବରେ ବାଲେଶ୍ୱର ଜିଲ୍ଲାର ତଳମୁଣ୍ଡ ଅଞ୍ଚଳରେ ସନ୍ଧ୍ୟା ସମୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ନଦୀକୂଳବର୍ତ୍ତୀ ଓ ତଳିଆ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ସତର୍କ ନଜର ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଜଳକା ନଦୀ ମଥାନୀ ନିକଟରେ ଏବେ ବି ବିପଦସଂକେତ ଉପରେ ପ୍ରବାହିତ ହେଉଛି। ଯଦିଓ ବୈତରଣୀରେ ବନ୍ୟା ସ୍ଥିତି ହ୍ରାସ ପାଉଛି; ତଥାପି ଆଖୁଆପଦାଠାରେ ଏବେ ସତର୍କ ସଂକେତ ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି। ରାଜ୍ୟରେ ଅନ୍ୟ ଜିଲ୍ଲାରେ ବନ୍ୟା ପରିସ୍ଥିତିରେ ସୁଧାର ଆସିଛି ବୋଲି ମନ୍ତ୍ରୀ କହିଛନ୍ତି।

ଏବେ ସୁଦ୍ଧା ବନ୍ୟାରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଜିଲ୍ଲାର ୬୮ଟି ବ୍ଲକ, ୪୬୯ଟି ଗ୍ରାମପଞ୍ଚାୟତ, ୧,୫୬୯ଟି ଗାଁ, ୧୦ଟି ସହରାଞ୍ଚଳର ୬୪ଟି ୱାର୍ଡ ପ୍ରଭାବିତ ହୋଇଛି। ବନ୍ୟା ଯୋଗୁଁ ୬ଟି ଜିଲ୍ଲାରେ ମୋଟ ୧୧,୬୫,୮୩୭ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ବାଲେଶ୍ୱରରେ ୨,୧୮,୫୬୬, ଭଦ୍ରକରେ ୨,୭୯,୭୦୪, ଯାଜପୁରରେ ୩,୯୮,୧୩୮, କେନ୍ଦୁଝରରେ ୧,୨୭,୯୫୫, ମୟୂରଭଞ୍ଜରେ ୩୩,୧୦୪ ଏବଂ କେନ୍ଦ୍ରାପଡ଼ାରେ ୨,୩୫,୧୫୯ ଜଣ ପ୍ରଭାବିତ ହୋଇଛନ୍ତି। ୪.୨୭ ଲକ୍ଷ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ଏବେ ବି ୨୩୫ଟି ଗାଁ ଜଳବନ୍ଦୀ ହୋଇ ରହିଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଜଣାପଡ଼ିଛି।

### ଓଡ଼ିଶାକୁ ୭୨୨୧...

ମା' ଭଦ୍ରକାଳୀ ମନ୍ଦିର, ମା' ଧାମରାଇ ମନ୍ଦିର, ପଞ୍ଚଲିଙ୍ଗେଶ୍ୱର ମନ୍ଦିର, ତାଳସରୀ-ଉଦୟପୁର ଏବଂ ଚାନ୍ଦିପୁର ବେଳାଭୂମି, ଗଡ଼ କୁଜଙ୍ଗ ଜଗନ୍ନାଥ ମନ୍ଦିର, ସାରଳା ମନ୍ଦିର, ଧବଳେଶ୍ୱର ମନ୍ଦିର, ଲଳିତ ଗିରି ବୌଦ୍ଧ ଐତିହ୍ୟ ସ୍ଥଳୀକୁ ରେଳ ଯୋଗାଯୋଗରେ ସୁଧାର ଆସିବ ।

ଏସବୁ ପ୍ରକଳ୍ପ ପାଇଁ ମୋଟ୍ ୯,୪୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନର ଅଂଶବିଶେଷ, ଯାହାର ଲକ୍ଷ୍ୟ ହେଉଛି ସମନ୍ୱିତ ଯୋଜନା ପ୍ରସ୍ତୁତି ଏବଂ ଅଂଶୀଦାରଙ୍କ ପରାମର୍ଶ ମାଧ୍ୟମରେ ବହୁମୁଖୀ ଯୋଗାଯୋଗ ଓ ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି କରିବା। ଏହି ପ୍ରକଳ୍ପଗୁଡ଼ିକ ସାଧାରଣ ଯାତ୍ରୀ, ସାମଗ୍ରୀ ଏବଂ ସେବାର ସୁଗମ ପରିବହନ ସୁନିଶ୍ଚିତ କରିବ। ଏହି ୪ଟି ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କକୁ ପ୍ରାୟ ୪୧୦ କିଲୋମିଟର ପର୍ଯ୍ୟନ୍ତ ବିସ୍ତାର କରିବ। ପ୍ରସ୍ତାବିତ ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକ ପ୍ରାୟ ୬୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପ୍ରାୟ ୬,୪୪୮ ଗ୍ରାମକୁ ଯୋଗାଯୋଗରେ ସୁଧାର ଆଣିବ। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ କୋଇଲା, ଲୁହାପଥର, ସିମେଣ୍ଟ, ଲୁହା ଏବଂ ଇସ୍ପାତ, କଣ୍ଟେନର, ଅଟୋମୋବାଇଲ, ଶସ୍ୟ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଅତ୍ୟାବଶ୍ୟକ ମାର୍ଗ ହୋଇଥିବା କାରଣରୁ ଏହାର ନିର୍ମାଣ ଦ୍ୱାରା ବାର୍ଷିକ ୭୬ ନିୟୁତ ଟନ୍ ଅତିରିକ୍ତ ମାଲ ପରିବହନ କ୍ଷମତା ବୃଦ୍ଧି ପାଇବ। ଭାରତୀୟ ରେଳବାଇର ପରିବେଶ ଅନୁକୂଳ ଏବଂ ଶକ୍ତି-ଦକ୍ଷ ପରିବହନ ପଦ୍ଧତି ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ। ଏଥିସହିତ ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବାରେ ସାହାଯ୍ୟ କରିବ। ଏହାଦ୍ୱାରା ତୈଳ ଆମଦାନୀ ପ୍ରାୟ ୧୩୦ ନିୟୁତ ଲିଟର ଏବଂ ଅଙ୍ଗାରକାମ୍ଳ ନିର୍ଗମନ ପ୍ରାୟ ୬୫୦ ନିୟୁତ କିଲୋଗ୍ରାମ ହ୍ରାସ ପାଇବ। ଏହା ୨ କୋଟି ୬୦ ଲକ୍ଷ ଗଛ ଲଗାଇବା ସହିତ ସମାନ।

### କେଉଁଠି ବଢ଼ି ତ...

ଭୟଙ୍କର ବଢ଼ି ହେବ ତ କେଉଁଠି ସ୍ୱଳ୍ପ ବର୍ଷା କାରଣରୁ ମରୁଡ଼ି ଦେଖାଦେବ। ଏଥିସହିତ ଗ୍ରୀଷ୍ମ ଋତୁରେ ମଧ୍ୟ ତାପମାତ୍ରାରେ ଗଭୀର ତାରତମ୍ୟ ଦେଖାଦେବା ନେଇ ଆକଳନ କରାଯାଇଛି। ସିଇଇଡବ୍ଲୁ ଦ୍ୱାରା ବିକଶିତ 'କ୍ରାଭିସ୍.ଏଆଇ, ଜଳବାୟୁ ଇଣ୍ଟେଲିଜେନ୍ସ ପ୍ଲାଟଫର୍ମ ୪୦ ବର୍ଷର ଐତିହାସିକ ଜଳବାୟୁ ତଥ୍ୟ ସହ ୨୦୩୦-୨୦୫୦ ଏବଂ ୨୦୫୧-୨୦୭୦ ପର୍ଯ୍ୟନ୍ତର ଆକଳନକୁ ଏକତ୍ର କରାଯାଇଛି। ବିଭିନ୍ନ ଗ୍ୟାସ୍ ନିର୍ଗମନ ଓ ବିଶ୍ୱ ଉଷ୍ମାୟନ ପରିସ୍ଥିତି ଅନୁଯାୟୀ, ୨୭୯ଟି ସୂଚକ ମାଧ୍ୟମରେ ଜିଲ୍ଲାସ୍ତରୀୟ ବିଶ୍ଲେଷଣ କରାଯାଇ ଏପରି ଏକ ନିର୍ଯ୍ୟାସ ମିଳିଛି।

ବୁଧବାର ଭୁବନେଶ୍ୱରଠାରେ ସଂସ୍ଥା ପକ୍ଷରୁ "ଏଆଇ-ଚାଳିତ ଜଳବାୟୁ ନିଷ୍ପତ୍ତି ଓ କାର୍ଯ୍ୟ ପଦକ୍ଷେପ ମାଧ୍ୟମରେ ଜଳବାୟୁ ସହନଶୀଳତା ସୁଦୃଢ଼ କରିବା" ଶୀର୍ଷକ ଏକ ଜ୍ଞାନ ଆଦାନପ୍ରଦାନ ଗୋଲ୍‌ଟେବୁଲ୍ ବୈଠକରେ ସିଇଇଡବ୍ଲୁର ଗବେଷକମାନେ କହିଛନ୍ତି ଯେ ଓଡ଼ିଶାରେ ହାରାହାରି ମୌସୁମୀ ବର୍ଷାର ପରିମାଣ ବୃଦ୍ଧି ପାଇଛି। ତେବେ ପରିବର୍ତ୍ତିତ ଜଳବାୟୁ ପରିସ୍ଥିତି ଯୋଗୁଁ ଓଡ଼ିଶାର ମୌସୁମୀ ବର୍ଷାର ସାମଗ୍ରିକ ଧାରାରେ ବ୍ୟାଘାତ ଦେଖାଦେଇପାରେ। କେତେକ ଜିଲ୍ଲାରେ ମୌସୁମୀ ବର୍ଷା ଅନିୟମିତ ହୋଇପାରେ, ଅନ୍ୟ କେତେକ ଜିଲ୍ଲାରେ ତୁଳନାତ୍ମକ ଭାବେ ଅଧିକ ବର୍ଷା ଜାରି ରହିପାରେ। ଆଉ କେତେକ ଅଞ୍ଚଳରେ ଜଳବାୟୁର ମୂଳ ଅବସ୍ଥା ତୁଳନାରେ ବର୍ଷା ପରିମାଣରେ ଅପେକ୍ଷାକୃତ ସ୍ଥିରତା ରହିପାରେ।

### ଶିକ୍ଷା ପାଇଁ...

ଦେଖାଇ କଡ଼ା ସମାଲୋଚନା କରୁଥିବାରୁ ସରକାର ହରଡ଼ଘଣାରେ ପଡ଼ିଛନ୍ତି। ଅଧିକାରୀଙ୍କ ସହ ଆଲୋଚନା ପରେ ମଧ୍ୟ ଶିକ୍ଷକ ଓ ଅଧ୍ୟାପକମାନେ ଆନ୍ଦୋଳନ ସ୍ଥଗିତ ରଖିବାକୁ ନାରାଜ ହେଉଥିବାରୁ ମନ୍ତ୍ରୀଙ୍କ ଉପରେ ମଧ୍ୟ ଚାପ ବଢ଼ିଛି।

ପିଲାଙ୍କ ପଢ଼ାବହିରେ ମାଳମାଳ ତ୍ରୁଟି ଘଟଣାରେ ଗଣଶିକ୍ଷା ମନ୍ତ୍ରୀଙ୍କ ଅଡୁଆ ଦିନକୁଦିନ ବଢୁଥିବାବେଳେ ପିଲାଙ୍କୁ ତ୍ରୁଟିଶୂନ୍ୟ ପୁସ୍ତକ ଯୋଗାଇଦେବାକୁ ଓଡ଼ିଶା ଅଭିଭାବକ ମହାସଂଘ ଧାରଣା ଦେଇଛି। ସଂଘର ସଭାପତି ବାସୁଦେବ ଭଟ୍ଟ ଆମରଣ ଅନଶନରେ ବସିଛନ୍ତି। ଅଭିଭାବକଙ୍କ ଆନ୍ଦୋଳନ ମଧ୍ୟ ଆଜି ତୃତୀୟ ଦିନରେ ପହଞ୍ଚିଥିବାବେଳେ ବହୁ ଅଭିଭାବକ ଆନ୍ଦୋଳନ ସହ ଯୋଡ଼ି ହେଉଛନ୍ତି।



## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** ଦିନଟି ଚିନ୍ତାଜନକ ରହିବ। କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ଜମି ବିବାଦ ମାମଲା ସମାଧାନ ହେବ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଅଫିସ୍‌ରେ ନୂଆ ପ୍ରୋଜେକ୍ଟରେ ସାମିଲ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। କମ୍ ସମୟରେ ଅଧିକ କାମ କରିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ।

**ମକର:** ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।


**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ


- ୧୫୯୭-ପୂର୍ବ ଏସିଆରୁ ଡଚ୍ ଇଷ୍ଟ ଇଣ୍ଡିଆ କମ୍ପାନି ତା'ର ପ୍ରଥମ ଜାହାଜ ଫେରାଇ ନେଲା।
- ୧୬୪୧- ଇଂଲଣ୍ଡ ଓ ସ୍କଟ୍‌ଲାଣ୍ଡ ମଧ୍ୟରେ ଶାନ୍ତି ବୁଝାମଣା।
- ୧୯୨୧- କେରଳର ମାଲାବାରରେ ମୋପଲା ବିଦ୍ରୋହ ଆରମ୍ଭ।
- ୧୯୭୯- ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ ତାଙ୍କ ପଦବୀରୁ ଇସ୍ତଫା ଦେଲେ।
- ୨୦୧୧- ଐତିହାସିକ ରାମଶରଣ ଶର୍ମାଙ୍କ ବିୟୋଗ।

## ଜାତୀୟ ସଦ୍‌ଭାବନା ଦିବସ



ପ୍ରତିବର୍ଷ ଅଗଷ୍ଟ ୨୦ରେ ଦେଶବ୍ୟାପୀ ସଦ୍‌ଭାବନା ଦିବସ ପାଳନ କରାଯାଇଥାଏ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମ ଦିବସକୁ ୨୦୦୮ଠାରୁ ସଦ୍‌ଭାବନା ଦିବସ ଭାବେ ପାଳନ କରାଯିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାପରେ ଏହି ଦିବସ ପାଳିତ ହୋଇଆସୁଛି। ଜାତୀୟ ଏକତା ସୃଷ୍ଟି ସଦ୍‌ଭାବନା ଦିବସର ମୁଖ୍ୟ ଲକ୍ଷ୍ୟ। ଏହି ଦିନ ସାରା ଦେଶର ଲୋକମାନେ ଏକାଠି ହୋଇ ଜାତି, ଧର୍ମ, ବର୍ଣ୍ଣ ଏବଂ ଭାଷାଗତ ଭେଦଭାବ ଭୁଲି ଦେଶର ପ୍ରଗତି ପାଇଁ କାମ କରିବାକୁ ସଦ୍‌ଭାବନା ଶପଥ ନିଅନ୍ତି । ରାଜୀବ ଗାନ୍ଧୀ ୧୯୪୪ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ଜବାହରଲାଲ ନେହରୁଙ୍କ ପରେ ତାଙ୍କ ଝିଅ ଇନ୍ଦିରା ଗାନ୍ଧୀ ମଧ୍ୟ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ ଏବଂ କଂଗ୍ରେସର ଦାୟିତ୍ୱ ଗ୍ରହଣ କରିଥିଲେ । ରାଜୀବଙ୍କର କିନ୍ତୁ ରାଜନୀତିରେ ଆଗ୍ରହ ନ ଥିଲା। ରାଜନୀତିରେ ଯୋଗଦେବା ପୂର୍ବରୁ ସେ ଜଣେ ପେସାଦାର ପାଇଲଟ୍ ଥିଲେ। ୧୯୮୪ ମସିହା ଅକ୍ଟୋବର ମାସରେ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଯିବା ପରେ ସାରା ଦେଶରେ ଏକପ୍ରକାର ବିଷାଦର ଛାୟା ଖେଳିଯାଇଥିଲା। ଲୋକମାନେ ଏପରି ପରିସ୍ଥିତିରୁ ବାହାରିବା ପାଇଁ ଚେଷ୍ଟା କରୁଥିଲେ ଏବଂ ସେ ସମୟରେ ଲୋକସଭା ନିର୍ବାଚନର ଫଳାଫଳ କଂଗ୍ରେସ ପକ୍ଷରେ ଆସିଥିଲା । ଦେଶବାସୀ ରାଜୀବ ଗାନ୍ଧୀଙ୍କୁ ଇନ୍ଦିରା ଗାନ୍ଧୀଙ୍କ ଉତ୍ତରାଧିକାରୀ ତଥା ପ୍ରଧାନମନ୍ତ୍ରୀ ଭାବେ ବାଛିଥିଲେ। ୪୦ ବର୍ଷ ବୟସରେ ପ୍ରଧାନମନ୍ତ୍ରୀ ପଦ ସମ୍ଭାଳି ସେ ଦେଶର ସବୁଠାରୁ କମ୍ ବୟସ୍କ ପ୍ରଧାନମନ୍ତ୍ରୀ ପାଲଟିଥିଲେ। ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବା ପରେ ୫ ବର୍ଷରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାତକୁ ନେଇଥିଲେ। ନିର୍ବାଚନରେ ମତଦାନ କରିବାର ବୟସ ସୀମାକୁ ୨୧ବର୍ଷରୁ ୧୮ବର୍ଷକୁ କମାଇବା ହେଉ କି ପଞ୍ଚାୟତିରାଜ ମାଧ୍ୟମରେ ଶାସନର ବିକେନ୍ଦ୍ରୀକରଣ ଦ୍ୱାରା ଯୁବକ ଆଉ ମହିଳାମାନଙ୍କୁ ଶାସନକଳର ଅଭିନ୍ନ ଅଙ୍ଗ ଭାବେ ସ୍ଥାପିତ କରିବାର ସମସ୍ତ ଶ୍ରେୟ ରାଜୀବ ଗାନ୍ଧୀଙ୍କୁ ଯାଏ। ରାଜୀବ ଗାନ୍ଧୀ ଭାରତର ସୂଚନା କ୍ରାନ୍ତିର ଜନକ ଭାବେ ପରିଚିତ । ଦେଶର କମ୍ପ୍ୟୁଟରାଇଜେସନ୍ ଏବଂ ଟେଲିକମ୍ୟୁନିକେସନ୍ କ୍ରାନ୍ତିର ଶ୍ରେୟ ତାଙ୍କୁ ମଧ୍ୟ ଯାଏ । ୧୯୯୧ ମେ' ୨୧ରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରଠାରେ ନିର୍ବାଚନ ପ୍ରଚାର ସମୟରେ ଏଲ୍‌ଟିଟିଇର ଆତ୍ମଘାତୀ ବୋମା ବିସ୍ଫୋରଣରେ ତାଙ୍କର ପ୍ରାଣହାନି ଘଟିଥିଲା। ସେହିପରି ବାୟୋଗ୍ୟାସ, ସୋଲାର ଶକ୍ତି, ପବନ ବା ୱିଣ୍ଡ ପାୱାର ଭଳି ଅକ୍ଷୟ ଶକ୍ତିର ମହତ୍ତ୍ୱ ଏହାର ବ୍ୟବହାର ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମଧ୍ୟ ରାଜୀବ ଗାନ୍ଧୀଙ୍କ ଜନ୍ମ ବାର୍ଷିକୀକୁ ଅକ୍ଷୟ ଉର୍ଜା ଦିବସ ଭାବେ ମଧ୍ୟ ପାଳନ କରାଯାଇଥାଏ। ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରେ ସଦ୍‌ଭାବନାକୁ ନେଇ ଆଲୋଚନା ସଭା, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୁଏ ।

## 'ପ୍ରଳୟ'ର ସୁଟିଂ ଆରମ୍ଭ କଲେ ରଣବୀର



ଅଭିନେତା ରଣବୀର ସିଂ ନିକଟରେ ମୁମ୍ବାଇରେ ତାଙ୍କର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ପ୍ରଳୟ'ର ସୁଟିଂ ଆରମ୍ଭ କରିଛନ୍ତି। ଚଳଚ୍ଚିତ୍ରର କାହାଣୀ ମୁମ୍ବାଇ ସହରର ପୃଷ୍ଠଭୂମି ଉପରେ ଆଧାରିତ, ଯେଉଁଥିରେ ମହାବିନାଶ ମଧ୍ୟରେ ମାନବ ଜୀବନକୁ ବଞ୍ଚାଇବାର ସଂଘର୍ଷ ଦେଖାଯିବ। ଏହି ପ୍ରୋଜେକ୍ଟରେ ରଣବୀର ଲିଡ୍ ରୋଲରେ ନଜର ଆସିବା ସହିତ ସହ-ପ୍ରଯୋଜକର ଦାୟିତ୍ୱ ମଧ୍ୟ ତୁଲାଇବେ। ଏଥିରେ ରଣବୀରଙ୍କ ବିପକ୍ଷରେ ସାଉଥ୍‌ର ଲୋକପ୍ରିୟ ଅଭିନେତ୍ରୀ କଲ୍ୟାଣୀ ପ୍ରିୟଦର୍ଶନ ନଜର ଆସିବେ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦାୟିତ୍ୱରେ 'ସ୍କାମ ୧୯୯୨: ଦ ହର୍ଷଦ ମେହେଟ୍ଟା ଷ୍ଟୋରୀ' ଏବଂ 'ଲୁଟେରେ' ଫେମ୍ ନିର୍ଦ୍ଦେଶକ ଜୟ ମେହେଟ୍ଟା ଅଛନ୍ତି। ଚଳଚ୍ଚିତ୍ରକୁ ରିଅଲିଷ୍ଟିକ ରୂପ ଦେବା ପାଇଁ ମୁମ୍ବାଇ ଏବଂ ଏହାର ଆଖପାଖର ସ୍ଥାନଗୁଡ଼ିକରେ ସୁଟିଂ କରାଯାଉଛି। ଏହାର ପ୍ରଥମ ପର୍ଯ୍ୟାୟର ସୁଟିଂ ଦୀପାବଳି ପୂର୍ବରୁ ଶେଷ କରିବାକୁ ନିର୍ଦ୍ଦେଶକ ଲକ୍ଷ୍ୟ ରଖିଛନ୍ତି। କାରଣ ଏହାପରେ ରଣବୀର ପିତୃତ୍ୱ ଅବକାଶରେ ଯିବେ। 'ଧୁରନ୍ଧର' ଓ 'ଧୁରନ୍ଧର: ଦ ରିଭେଞ୍ଜ' ପରେ ରଣବୀରଙ୍କର ଏହା ପରବର୍ତ୍ତୀ ବଡ଼ ଫିଲ୍ମ ଅଟେ। 'ପ୍ରଳୟ'ର କାହାଣୀ ବହୁ ପରିମାଣରେ ଭିଜୁଆଲ୍ ଇଫେକ୍ଟସ୍ ଉପରେ ନିର୍ଭର କରିବ। ଏଥିରେ ଜବରଦସ୍ତ ଆକ୍ସନ୍ ସିନ୍ ମଧ୍ୟ ରହିବ। ପ୍ରାୟ ୩୦୦ କୋଟି ଟଙ୍କାର ବଜେଟ୍‌ରେ ତିଆରି ହେବାକୁ ଥିବା 'ପ୍ରଳୟ', ରଣବୀର ସିଂଙ୍କ କ୍ୟାରିୟରର ସବୁଠାରୁ ମହଙ୍ଗା ଏକକ ଚଳଚ୍ଚିତ୍ର ହୋଇପାରେ।

## ବିଶ୍ୱ ମଶା ଦିବସ



ମଶା କାମୁଡ଼ିବା ଦ୍ୱାରା ହେଉଥିବା ମାରାତ୍ମକ ରୋଗଗୁଡ଼ିକ ବିଷୟରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୨୦ ତାରିଖକୁ ବିଶ୍ୱ ମଶା ଦିବସ ଭାବେ ପାଳନ କରାଯାଏ । ୧୮୯୭ ଅଗଷ୍ଟ ୨୦ରେ ସାର୍ ରୋନାଲ୍ଡ ରସ୍ ମାଇ ଏନୋଫିଲିସ୍ ମଶା କାମୁଡ଼ିଲେ ହିଁ ମ୍ୟାଲେରିଆ ରୋଗ ହୋଇଥାଏ ବୋଲି ଆବିଷ୍କାର କରିଥିଲେ। ଏହି ତଥ୍ୟ ଆବିଷ୍କାର ପାଇଁ ତାଙ୍କୁ ୧୯୦୨ ମସିହାରେ ତାଙ୍କୁ ସମ୍ମାନଜନକ ନୋବେଲ ପୁରସ୍କାର ମିଳିଥିଲା। ତାଙ୍କ ଅବଦାନକୁ ମନେ ପକାଇବା ପାଇଁ ବିଶ୍ୱ ମଶା ଦିବସ ପାଳନ କରାଯାଉଛି। ମଣିଷ ପାଇଁ ବିଶ୍ୱର ସବୁଠାରୁ ବିପଜ୍ଜନକ କୀଟ ହେଉଛି ମଶା। ସାରା ବିଶ୍ୱ ଏହାର ବାସସ୍ଥାନ। ମଶାମାନେ କାମୁଡ଼ିବାର ଏକ ସମୟ ଏବଂ କୌଶଳ ରହିଥାଏ । ମାଈ ମଶାମାନେ ରକ୍ତକୁ ଖାଦ୍ୟ ଭାବେ ଗ୍ରହଣ କରିଥାଆନ୍ତି । ତେଣୁ ମଣିଷ ଏବଂ ପଶୁମାନଙ୍କଠାରୁ ରକ୍ତ ଶୋଷି ଥାଆନ୍ତି । ଅନ୍ୟପଟେ ଅଣ୍ଡିରା ମଶା ଫୁଲର ପରାଗକୁ ଖାଦ୍ୟ ଭାବେ ଗ୍ରହଣ କରିଥାଆନ୍ତି। ମାଈ ଏନୋଫିଲିସ୍ ମଶା କାମୁଡ଼ିବା ଦ୍ୱାରା ମ୍ୟାଲେରିଆ ହୋଇଥାଏ। ତେବେ ଏହି ମଶା କାମୁଡ଼ିବାର ଏକ ନିର୍ଦ୍ଦିଷ୍ଟ ସମୟ ରହିଥାଏ । ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ମଧ୍ୟରେ ଏହି ମଶା କାମୁଡ଼ିଥାଏ। ଏଡିସ୍ ମଶା ସୂର୍ଯ୍ୟୋଦୟ ପୂର୍ବରୁ କିମ୍ବା ସନ୍ଧ୍ୟାରେ କାମୁଡ଼ନ୍ତି । ମାଈ ମଶାଙ୍କ ମାଧ୍ୟମରେ ମ୍ୟାଲେରିଆ, ଚିକନଗୁନିଆ, ଡେଙ୍ଗୁ, ଜିକା ଭଳି ଏକାଧିକ ରୋଗ ବ୍ୟାପିଥାଏ। ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ଏଥିଯୋଗୁଁ ମଣିଷଙ୍କ ପ୍ରାଣ ଯାଉଛି। ମଶାମାନଙ୍କ ଦ୍ୱାରା ହେଉଥିବା ରୋଗଗୁଡ଼ିକର ମୁଖ୍ୟତଃ ବର୍ଷାଦିନେ ଦେଖାଯାଏ। ଏହି ସମୟରେ ମଶାମାନେ ଜନ୍ମ ନେଇଥାନ୍ତି । ଏହାଛଡ଼ା ଘର ଆଖପାଖରେ ପାଣି ଜମି ରହିଲେ ମଶା ସଂଖ୍ୟା ବୃଦ୍ଧି ପାଏ। ମଶାଜନିତ ରୋଗରୁ ରକ୍ଷା ପାଇବା ପାଇଁ ଘର ଚାରିପଟକୁ ସଫାସୁତୁରା ରଖିବା ସହ ପାଣି ଜମା ହେବାକୁ ଦେବା ଉଚିତ୍ ନୁହେଁ। ଏହାଛଡ଼ା ଘରେ ନିମ୍ବପତ୍ରର ଧୂଆଁ ଦେଇ ମଶା ନିବାରଣ କରାଯାଇ ପାରିବ। ସବୁଠୁ ବଡ଼ କଥା ହେଉଛି ରାତିରେ ଶୋଇବାବେଳେ ମଶାରି ଟାଣି ଶୋଇବା ଉଚିତ। ମଶାମାନଙ୍କ କବଳରୁ ବଞ୍ଚିବା ପାଇଁ ସଚେତନତା ହିଁ ଏକମାତ୍ର ଶ୍ରେଷ୍ଠ ଉପାୟ।

## ରୁପା ଚଟଣୀ

ଲୋକେ ଧନିଆ, ପୁଦିନା, ଟମାଟୋ ଭଳି ଅନେକ ଚଟଣୀ ପ୍ରସ୍ତୁତ କରିଛନ୍ତି ଓ ଖାଇଛନ୍ତି। ହେଲେ କେହି କେବେ ରୁପା ଚଟଣୀ ବାବଦରେ ଜାଣି ନ ଥିବେ। ରିଆଲିଟି ଶୋ' ମାଷ୍ଟରସେଫ୍ ମଞ୍ଚରେ ଜଣେ ପ୍ରତିଯୋଗୀ ରୁପା ଚଟଣୀ ପ୍ରସ୍ତୁତ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜୟପୁରର ସବୁଠାରୁ ମହଙ୍ଗା ଏବଂ ଦୁର୍ଲଭ ରୁପା ଚଟଣି ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କୁ ପରଷା ଯାଇଥିଲା। ଯାହାର ନାଁ ଶୁଣି ହିଁ ସେ ପ୍ରଥମେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। କେବଳ ସେତିକି ନୁହେଁ, ଏହାର ନିଆରା ରେସିପି ପଛରେ ରାଜକୀୟ ଶୈଳୀ ଥିବା ଜାଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ। ଜୟପୁର ସିଟି ପ୍ୟାଲେସର ସେଫ୍ ଚାରୁ ସୋନି ରୁପା ଚଟଣୀ ବାବଦରେ କହିଛନ୍ତି। ଏହି ଚଟଣୀର ଇତିହାସ ରାଜସ୍ଥାନର ରାଜା ମହାରାଜାଙ୍କ ସହିତ ଜଡ଼ିତ। ସେଫ୍ ଚାରୁଙ୍କ ମତରେ ତାଙ୍କୁ ଏହି ଚଟଣୀ ପ୍ରସ୍ତୁତ କରିବାର ପ୍ରେରଣା ଜଣେ ବୈଦ୍ୟଙ୍କଠାରୁ ମିଳିଥିଲା। ପୁରାତନ କାଳରେ ରାଜପ୍ରାସାଦରେ ରାଜାମାନଙ୍କର ସ୍ୱାସ୍ଥ୍ୟ, ଶକ୍ତି ଏବଂ ପାଚନକ୍ରିୟାକୁ ଧ୍ୟାନରେ ରଖି ଏହି ସ୍ୱତନ୍ତ୍ର ଚଟଣି ପ୍ରସ୍ତୁତ କରାଯାଉଥିଲା। ତେବେ ଚାରୁ ଏହି ପାରମ୍ପରିକ ଚଟଣୀକୁ ଆଧୁନିକ ଶୈଳୀରେ ତିଆରି କରିଥିଲେ। ଏହି ଚଟଣିକୁ ତିଆରି କରିବା ପାଇଁ କିଲୋପ୍ରତି ୬୦ରୁ ୭୦ ହଜାର ଟଙ୍କା ଲାଗିଥାଏ। ତେଣୁ ଏହା ବଜାରରେ ସାଧାରଣ ଦୋକାନରେ ବିକ୍ରି ହୋଇ ନ ଥାଏ, ବରଂ ଏହାକୁ ବିଶେଷ ରାଜକୀୟ ଅବସରରେ ପ୍ରସ୍ତୁତ କରାଯାଏ। ଏଥିରେ ରୁପା ଏବଂ ସୁନାର ଭସ୍ମକୁ ବ୍ୟବହାର କରାଯାଏ। ସେଥିପାଇଁ ଏହା ଆୟୁର୍ବେଦିକ ଦୃଷ୍ଟିକୋଣରୁ ଲାଭଦାୟକ ଓ ସ୍ୱାସ୍ଥ୍ୟକର ବୋଲି ବିଚାର କରାଯାଏ। ସାଧାରଣ ମସଲା ପରିବର୍ତ୍ତେ ଏଥିରେ ଆଲମଣ୍ଡ, କିସ୍‌ମିସ୍ ଏବଂ ଅନ୍ୟ ଡ୍ରାଏଫ୍ରୁଟ୍ ମିଶାଯାଏ। ଏହି ଚଟଣିକୁ କେବଳ ରୂପା ଜିନିଷରେ ତିଆରି କରାଯାଏ ତାହା ନୁହେଁ, ଏହାକୁ ରୁପା ପାତ୍ରରେ ରଖାଯାଏ ଓ ପରଷା ଯାଏ।

# ସୁଶ୍ରୀ

## ମିନିମଲ୍ ମେକ୍‌ଅପ୍ ଲୁକ୍



**ମେକ୍‌ଅପ୍ ତ୍ୱଚାର ପ୍ରାକୃତିକ ସୁନ୍ଦରତା ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଏଥିରେ ହାଲ୍‌କା ଫାଉଣ୍ଡେସନ, ଟିଣ୍ଟେଡ୍ ମଏଶ୍ଚରାଇଜର, ନ୍ୟୁଡ୍ ଲିପ୍ସ ଏବଂ ଆଖିରେ ହାଲ୍‌କା ମେକ୍‌ଅପ୍ କରାଯାଏ। ଭାରି ମେକ୍‌ଅପ୍ ବଦଳରେ ମହିଳାମାନେ ଏବେ ଏହି ସହଜ ସରଳ ଲୁକ୍ ଆପଣାଉଛନ୍ତି।**

- ଭାରି ମେକ୍‌ଅପ୍‌ରେ ତ୍ୱଚାରେ ଲୋମଛିଦ୍ର ବନ୍ଦ ହୋଇଯାଏ। ଫଳରେ ବ୍ରଣ, ଦାଗ, ବ୍ରେକ୍‌ଆଉଟ୍ସ ଭଳି ସମସ୍ୟା ଦେଖାଯାଏ। ତ୍ୱଚାକୁ ନେଇ ସମ୍ବେଦନଶୀଳ ଥିବା ମହିଳାଙ୍କ ପାଇଁ ଏହି ମିନିମଲ୍ ମେକ୍‌ଅପ୍ ଲୋକପ୍ରିୟ ରହିଛି।
- ଏହି ମେକ୍‌ଅପ୍ ସୁନ୍ଦର ଏବଂ କମ୍ ସମୟ ମଧ୍ୟରେ ହୋଇଥାଏ। ମଏଶ୍ଚରାଇଜର୍, ଲିପ୍‌ବାମ, କନ୍ସିଲର୍, ମସ୍କାରା ସାହାଯ୍ୟରେ ସତେଜ ଏବଂ ଆକର୍ଷଣୀୟ ଲୁକ୍ ମିଳିଥାଏ।
- ସୋସିଆଲ ମିଡିଆ ଇନ୍‌ଫ୍ଲୁଏନସର୍‌ଠୁ ନେଇ ସିନେ ତାରକା ସମସ୍ତେ ଏହି ମେକ୍‌ଅପ୍ ଆପଣାଉଛନ୍ତି। ସେମାନଙ୍କ ଫଟୋ ଭିଡିଓ ଲକ୍ଷ ଲକ୍ଷ ଲୋକ ପ୍ରେରିତ ହେଉଛନ୍ତି।

## ବବ୍ କଟ୍ ଟ୍ରେଣ୍ଡ



ମେକ୍‌ଅପ୍ ଭଳି ହେୟାର୍‌କଟ୍‌କୁ ନେଇ ମହିଳାମାନେ ବହୁ ପରୀକ୍ଷାନିରୀକ୍ଷା କରିଥାନ୍ତି। ଏହି କ୍ରମରେ ଏବେ ବବ୍ ହେୟାରକଟ୍ ଲୋକପ୍ରିୟ ରହିଛି। ଏହା ଉଭୟ ପାରମ୍ପରିକ ଏବଂ ଆଧୁନିକ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ। ସେହିପରି ଏହା ଅଫିସ୍, ପାର୍ଟି ଫଙ୍କସନ୍ ତଥା ଶାଢ଼ି ଲୁକ୍‌କୁ ଆକର୍ଷଣୀୟ କରିଥାଏ।

**ଗୋଲ ଚେହେରାକୁ ସଫ୍ଟ ଲେୟାର୍**

ଗୋଲାକାର ମୁହଁକୁ ବିଶେଷ କରି ହାଲ୍‌କା ଲେୟାର୍ ବବ୍ ସୁନ୍ଦର ଦିଶିଥାଏ। ଏହା ଷ୍ଟାଇଲିଶ୍ ଦିଶିବା ସହ ଭଲ ମାନିଥାଏ।

**ଅଣ୍ଡାକୃତିକୁ ସବୁ ବବ୍ କଟ୍**

ଅଣ୍ଡାକୃତି ଚେହେରାକୁ ପାଖାପାଖି ସବୁ ପ୍ରକାର ବବ୍ କଟ୍ ଭଲ ମାନେ। କ୍ଲାସିକ୍, ଫ୍ରେଞ୍ଚ, ବେବି ବବ୍ ଆଦି ସୁନ୍ଦର ଲାଗିଥାଏ। ତେବେ ପ୍ରଥମ ଥର ବବ୍ କଟ୍ କରୁଥିଲେ ଥୋଡ଼ି ଯାଏ କେଶ ପଡ଼ିଲେ ଏହା ସୁନ୍ଦର ଦିଶିଥାଏ।

**ଲମ୍ବା ତ୍ୱଚା ପାଇଁ ଚିନ୍- ଲେଙ୍ଗ୍‌ଥ ବବ୍**

ଲମ୍ବା ତ୍ୱଚାକୁ ଲମ୍ବା ବବ୍ ହେୟାର ଭଲ ଲାଗେନି। ଏଥିପାଇଁ ଥୋଡ଼ି ଲେଙ୍ଗ୍‌ଥ ଅନୁସାରେ କେଶ କାଟିବା ଭଲ। ଏଥିରେ ଚେହେରାର ସନ୍ତୁଳନ ବଜାୟ ରହିବା ସହ କେଶରେ ଭଲ୍ୟୁମ୍ ଆସିଥାଏ।

## ପିଆଜରେ ଚମକିବ ଝରକା କାଚ

**ସାମାଜିକ ଗଣମାଧ୍ୟମରେ ସଫା ସହ ଜଡ଼ିତ ଅନେକ ଖବର ଦେଖିବାକୁ ମିଳିଥାଏ। କେହି ବେକିଂ ସୋଡ଼ା ଉପଯୋଗ କରି ଘର ପରିଷ୍କାର କରିଥାନ୍ତି ତ ପୁଣି କେହି ଲେମ୍ବୁରେ ଭିନେଗାର ମିଶାଇ ପରିଷ୍କାର କରନ୍ତି। ସେହିପରି ପିଆଜରୁ ଝରକା କାଚ ସଫା କରିପାରିବେ। ଏହା ଝରକା କାଚକୁ ଚମକାଇ ଥାଏ।**



- ଏଥିପାଇଁ ପିଆଜ ନେଇ ଏଥିରୁ ଚୋପା ଛଡ଼େଇ ମଝିରୁ ଦୁଇଫାଳ କରି କାଟନ୍ତୁ। ଏହି କଟା ଅଂଶକୁ ଦାଗ ଥିବା କାଚରେ ଧୀରେ ଧୀରେ ଘଷନ୍ତୁ।
- ଏହାପରେ ମାଇକ୍ରୋ ଫାଇବର୍ କପଡ଼ାକୁ ଓଦା କରି କାଚକୁ ପୋଛନ୍ତୁ। ଏହାକୁ ଏକ ଶୁଖିଲା କପଡ଼ାରେ ପୋଛନ୍ତୁ।
- ଏପରି କରିବା ଦ୍ୱାରା କାଚରେ ଲାଗିଥିବା ପାଣି ଦାଗ ମଧ୍ୟ ଦୂର ହୋଇଥାଏ।

## ରୋଜଗାର ଦେଇଛି ତାଳପତ୍ର ରାକ୍ଷୀ



**ଦିନ କେଇଟା ପରେ ରାକ୍ଷୀ ପୂର୍ଣ୍ଣିମା। ଓଡ଼ିଆ ସଂସ୍କୃତି, ପରମ୍ପରାରେ ଏହିଦିନ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧି ତା'ର ମଙ୍ଗଳ କାମନା କରିଥାଏ। ଏଥିସହ ଭାଇ ଭଉଣୀକୁ ସୁରକ୍ଷାର ପ୍ରତିଶ୍ରୁତି ଦେଇଥାଏ। ଏହି ରାକ୍ଷୀ ବିଶ୍ୱାସ, ଭଲପାଇବାର ବନ୍ଧନ ହେବା ସହ ଏବେ ରୋଜଗାରର ମାଧ୍ୟମ ପାଲଟିଛି। ଏହାଦ୍ୱାରା ଛତିଶଗଡ଼ ଦନ୍ତେୱାଡ଼ାର ମହିଳାମାନେ ତାଳପତ୍ରରୁ ଭଳିକି ଭଳି ପାରମ୍ପରିକ ରାକ୍ଷୀ ପ୍ରସ୍ତୁତ କରି ରୋଜଗାରକ୍ଷମ ହୋଇଛନ୍ତି।**



ତାରା ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ି ହୋଇ ମହିଳାମାନେ ରାକ୍ଷୀ ପ୍ରସ୍ତୁତ କରୁଛନ୍ତି। ଗୋଷ୍ଠୀରେ ସାମିଲ ହେବା ପରେ ମହିଳାମାନେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏଥିରେ ଖଜୁରୀ, ତାଳପତ୍ରରୁ ଭଳିକି ଭଳି ଜିନିଷ ପ୍ରସ୍ତୁତି ପ୍ରକ୍ରିୟା ଶିଖିଥିଲେ। ପରବର୍ତ୍ତୀ ସମୟରେ ଏହାକୁ ଋତୁକାଳୀନ ବ୍ୟବସାୟ ଏବଂ କୁଟୀର ଶିଳ୍ପ କରିଥିଲେ। ପର୍ବପର୍ବାଣି, ବଜାର ଚାହିଦା ଅନୁସାରେ ଭିନ୍ନ ଉତ୍ପାଦ ପ୍ରସ୍ତୁତ କରି ବାରମାସ ରୋଜଗାରରେ ରୂପାନ୍ତର କରିଛନ୍ତି। ଏଥିପାଇଁ ପ୍ରଥମେ ମହିଳାମାନେ କଞ୍ଚା ତାଳ ପତ୍ର ସଂଗ୍ରହ କରନ୍ତି। ଏହାକୁ ଧୋଇ ଶୁଖାଇ ପତ୍ରକୁ ମୋଡ଼ି ସେଥିରେ ବେଣୀ କରି ପାରମ୍ପରିକ ରାକ୍ଷୀ ପ୍ରସ୍ତୁତ କରନ୍ତି। ଏହି ରାକ୍ଷୀ ସୁନ୍ଦର, ଆକର୍ଷଣୀୟ ହେବା ସହ ବଜାରରେ ଏହାର ଖୁବ୍ ଚାହିଦା ରହିଛି। ଛତିଶଗଡ଼ ଦାନ୍ତେୱାଡ଼ା ସମେତ ବିଭିନ୍ନ ଜିଲ୍ଲାରେ ଏହି ରାକ୍ଷୀ ଲୋକପ୍ରିୟ। ଏଥିରେ ସଂସ୍କୃତି ଓ ପରମ୍ପରାର ଝଲକ୍ ଦେଖିବାକୁ ମିଳିଥାଏ। ଏହା ପ୍ଲାଷ୍ଟିକ୍ ଭଳି ପରିବେଶ ପାଇଁ କ୍ଷତିକାରକ ହୋଇ ନ ଥାଏ।

କେବଳ ସେତିକି ନୁହେଁ ଦିଲ୍ଲୀରେ ମଧ୍ୟ ଏହି ରାକ୍ଷୀ ଲୋକପ୍ରିୟ। ପ୍ରତିବର୍ଷ ଗୋଷ୍ଠୀର ମହିଳାମାନେ ଏହାକୁ ଦିଲ୍ଲୀ ପଠାନ୍ତି। ଏହି ପତ୍ରରୁ ରାଖି ସମେତ ଦନା, ଫୁଲଦାନୀ ମଧ୍ୟ ପ୍ରସ୍ତୁତ ହୋଇଥାଏ। ଏହା ସମ୍ପୂର୍ଣ୍ଣ ପ୍ରାକୃତିକ ହୋଇଥିବାବେଳେ ପରିବେଶ ଉପରେ କୌଣସି ନକାରାତ୍ମକ ପ୍ରଭାବ ପଡ଼େନି। ଏହା ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହ ନୂଆ ପରିଚୟ ଦେଇଛି। ପର୍ବପର୍ବାଣିରେ ରାକ୍ଷୀ ପ୍ରସ୍ତୁତ କରି ମହିଳାମାନେ ଭଲ ବ୍ୟବସାୟ କରୁଛନ୍ତି। ଗୋଷ୍ଠୀର ମୁଖ୍ୟ ରାମବତୀ ଏହି ବ୍ୟବସାୟକୁ ଆଗାମୀ ଦିନରେ ବଡ଼ କରିବା ପାଇଁ ଆଶା ରଖିଛନ୍ତି। ତାଳ ଏବଂ ଖଜୁରୀ ପତ୍ର ଆଦିବାସୀ ଲୋକଙ୍କ ପାଇଁ ରୋଜଗାରର ମାଧ୍ୟମ। ଏହାର ପ୍ରତ୍ୟେକ ଅଂଶ କାର୍ଯ୍ୟରେ ଲାଗିଥାଏ। ଏଥିରୁ ମହିଳା ଗୃହସାଜପୋକରଣ ସହ ଝାଡ଼ୁ ପ୍ରସ୍ତୁତ କରିଥାନ୍ତି। ତାଳପତ୍ରରୁ ଏହି ରାଖି ପ୍ରସ୍ତୁତି କାର୍ଯ୍ୟ ତିନି ଚାରିବର୍ଷ ଧରି କରି ଆସୁଛନ୍ତି। ଏହା ରୋଜଗାରର ମାଧ୍ୟମ ସହ ସ୍ଥାନୀୟ ଅଞ୍ଚଳର ପରିଚୟ ପାଲଟିଛି।

## ହଜିଯାଉଥିବା ସ୍ୱାଦ

## ନଡ଼ିଆ ବରଫି



**ଆବଶ୍ୟକ ସାମଗ୍ରୀ**

ଖଜୁରୀ – ଏକ କପ୍, ଶୁଖିଲା ନଡ଼ିଆ – ଦୁଇ ଫାଳ, ଦୁଗ୍ଧ – ଏକ ଲିଟର, ପିସ୍ତା, କାଜୁ– ଅଧା କପ୍, ସୁଜି – ତିନି, ଚାରି କପ୍, ଅଳେଇଚ ଗୁଣ୍ଡ- ଅଧା ଚାମଚ, ଚିନି – ଅଧା କପ୍, ମିଲ୍କ ପାଉଡର୍ – ଚାରି ଚାମଚ, ଘିଅ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ପ୍ରଥମେ ଖଜୁରୀରୁ ମଞ୍ଜି ବାହାର କରନ୍ତୁ। ଏହାପରେ ନଡ଼ିଆକୁ ଦୁଇଫାଳ କରି ଖଣ୍ଡ ଖଣ୍ଡ କରି କାଟନ୍ତୁ। ଗ୍ୟାସ୍ ଲଗାଇ କଡ଼େଇ ବସାଇ ସେଥିରେ କ୍ଷୀର ଦେଇ ମିଡିୟମ୍ ଆଞ୍ଚରେ ବସାନ୍ତୁ। ଦୁଇତିନି ଫୁଟଣ ଆସିବା ପରେ ଖଜୁରୀ, ନଡ଼ିଆ ଦେଇ ଢାଙ୍କୁଣି ଘୋଡ଼ାନ୍ତୁ। ୧୦ ମିନିଟ୍ ପରେ ଢାଙ୍କୁଣି ଖୋଲି ମିଶ୍ରଣକୁ ଚଳାନ୍ତୁ। କ୍ଷୀର ମରିଗଲେ ଗ୍ୟାସ୍ ବନ୍ଦ କରନ୍ତୁ। ଥଣ୍ଡା ହୋଇଗଲେ ଜାର୍‌ରେ ଦେଇ ଗ୍ରାଇଣ୍ଡିଂ କରନ୍ତୁ। ଏହାପରେ କଡ଼େଇ ବସାଇ ଘିଅ ଗରମ କରନ୍ତୁ। ଏଥିରେ ସୁଜି ଦେଇ ହାଲୁକା ସୁନେଲି ରଙ୍ଗ ହେବା ଯାଏ ଭାଜନ୍ତୁ। ପରେ ଏଥିରେ ଗୁଜରାତି ଗୁଣ୍ଡ, ଚିନି, ଡ୍ରାଏଫ୍ରୁଟ୍ସ ଏବଂ ମିଲ୍‌କ ପାଉଡର୍ ଗୋଳାଇ ଗ୍ୟାସ ବନ୍ଦ କରନ୍ତୁ। ଗୋଟିଏ ଥାଳିରେ ଘିଅ ଲଗାଇ ମିଶ୍ରଣ ଢାଳି ସମାନ୍ତରାଳ କରନ୍ତୁ। ଏହାପରେ ଏଥିରେ କଟା ଡ୍ରାଏଫ୍ରୁଟ୍ସ ଦେଇ ପସନ୍ଦ ଅନୁସାରେ କାଟନ୍ତୁ। ଉପରେ ନଡ଼ିଆ କୋରା ଦେଇ ପରଷନ୍ତୁ ସ୍ୱାଦିଷ୍ଟ 'ନଡ଼ିଆ ବରଫି'।

## ଗଲ୍ ଟେଷ୍ଟରେ ଶ୍ରୀଲଙ୍କାର ବୃହତ୍ ପରାଜୟ

# ୬୦୦ତମ ଟେଷ୍ଟରେ ଭାରତର ସ୍ମରଣୀୟ ବିଜୟ




ଗଲ୍, ୧୯ ।୮ (ଏଜେନ୍ସି)

ସ୍ଥାନୀୟ ଗଲ୍ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟରେ ଭାରତ ୧୬୫ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ଫଳରେ ଦୁଇ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଛି। ସିରିଜର ଅନ୍ତିମ ତଥା ଦ୍ୱିତୀୟ ମ୍ୟାଚ୍ ଅଗଷ୍ଟ ୨୩ରୁ କଲମ୍ବୋର ସିଂହଳୀଜ ସ୍ପୋର୍ଟ୍ସ କ୍ଲବରେ ଆରମ୍ଭ ହେବ। ଅପରପକ୍ଷରେ ଟେଷ୍ଟ କ୍ରିକେଟ୍ ଇତିହାସରେ ଭାରତର ଏହା ୬୦୦ତମ ମ୍ୟାଚ୍ ଥିଲା। ଏହି ମ୍ୟାଚକୁ ବଡ଼ ବ୍ୟବଧାନରେ ବିଜୟୀ ହୋଇ ଟିମ୍ ଇଣ୍ଡିଆ ଏହାକୁ ସ୍ମରଣୀୟ କରିନେଇଛି।

ଏହି ମ୍ୟାଚରେ ଭ୍ରମଣକାରୀ ଭାରତ ପକ୍ଷରୁ ୩୭୨ ରନର ଚ୍ୟାଲେଞ୍ଜିପୂର୍ଣ୍ଣ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଶ୍ରୀଲଙ୍କା ଦଳ ବୁଧବାର ଅନ୍ତିମ ତଥା ପଞ୍ଚମ ଦିବସରେ ୨୦୬ ରନ କରି ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପୂର୍ବ ଦିନର ସ୍କୋର (୮୪/୪)ରେ ଶ୍ରୀଲଙ୍କା ଆଜି ଆଉ ୧୨୨ ରନ ଯୋଡ଼ି ବଳକା ୬ ୱିକେଟ ହରାଇଥିଲା। ବାମହାତୀ ସ୍ପିନର ମାନବ ସୁତାର ସର୍ବାଧିକ ୬ଟି ୱିକେଟ ନେଇ ଭାରତକୁ ବଡ଼ ବିଜୟ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସିଂହଳୀ ଦଳ ପକ୍ଷରୁ ପ୍ରଥମ ପାଳି ଭଳି ସୋନାଲ ଦିନୁଶା ଦ୍ୱିତୀୟ ପାଳିରେ ମଧ ଏକାକୀ ଲଢ଼େଇ କରିଥିଲେ। ସେ ସର୍ବାଧିକ ୮୪ ରନ କରିଥିଲେ ମଧ ଦଳକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଧନଞ୍ଜୟ ଡି ସିଲଭା ୧୫୧ ବଲରେ ୫୯ ରନ କରି ଲଢ଼େଇ କରିଥିଲେ। ପଞ୍ଚମ ୱିକେଟ ଯୋଡ଼ିରେ ଏହି ଦୁଇ ବ୍ୟାଟର୍ ୨୦୨ ବଲରେ ୯୫ ରନର ଭାଗୀଦାରି କରି ବିଜୟକୁ ବିଳମ୍ବ କରିଥିଲେ। ଏହି ଦୁଇଜଣ ବ୍ୟାଟରଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଆଖିଦୃଶିଆ ସ୍କୋର କରିପାରି ନ ଥିଲେ। ଏପରିକି ୪ଜଣ ବ୍ୟାଟର ଖାତା ଖୋଲିପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଶରା ନୁୱାନ୍ଥା ୨୦, ଲାହିରୁ ଉଦରା ୧୬, କାମିନ୍ଦୁ ମେଣ୍ଡିସ ୨, ନିରୋଶାନ ଡିକୱେଲା ୧୦ ରନ କରିଥିଲେ।

ଭାରତ ପକ୍ଷରୁ ମାନବ ସୁତାର ୨୩.୪ ଓଭର ବୋଲିଂ କରି ୨ ମେଡେନ ସହ ୫୫ ରନ ବ୍ୟୟରେ ସର୍ବାଧିକ ୬ଜଣ ସିଂହଳୀ ବ୍ୟାଟରଙ୍କୁ ଆଉଟ୍ କରିଥିଲେ। ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୨ଟି ଏବଂ ମହମ୍ମଦ ସିରାଜ ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଥିଲା। ସୁତାର ଏଥିସହ ଗଲ୍ ଟେଷ୍ଟରେ ମୋଟ୍ ୧୦ ୱିକେଟ୍ ସଫଳତା ପାଇଛନ୍ତି। ପୂର୍ବରୁ ସେ ଶ୍ରୀଲଙ୍କାର ପ୍ରଥମ ଇନିଂସରେ ୪ଟି ୱିକେଟ ନେଇଥିଲେ। କ୍ୟାରିୟରର ଦ୍ୱିତୀୟ ଟେଷ୍ଟ ଖେଳୁଥିବା ସୁତାର ପ୍ରଥମଥର ଲାଗି ଏକ ଟେଷ୍ଟରେ ୧୦ ୱିକେଟ ନେବାର ସୌଭାଗ୍ୟ ଲାଭ କରିଛନ୍ତି। ତେବେ ମ୍ୟାଚରେ ମୋଟ୍ ୨୧୧ (୧୬୭+୪୪) ରନ କରିଥିବା ଦେବଦତ୍ତ ପାଡିକଲଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବରୁ ଭାରତ ପ୍ରଥମ ପାଳିରେ ୪୬୨ ରନ କରିଥିବାବେଳେ ଶ୍ରୀଲଙ୍କା ୨୮୪ ରନରେ ସୀମିତ ରହିଥିଲା। ଏହାପରେ ୧୭୮ ରନରେ ଆଗୁଆ ରହିଥିବା ଭାରତ ଦ୍ୱିତୀୟ ପାଳିରେ ୧୯୩ ରନରେ ସୀମିତ ରହିଥିଲା।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ପାଳି**: ୪୬୨/୧୦ (ପାଡିକଲ- ୧୬୭, ପ୍ରବାଥ- ୪/୧୦୯)
ଶ୍ରୀଲଙ୍କା: ୨୮୪/୧୦ (ସୋନାଲ- ୧୦୦, ସୁତାର- ୪/୭୬)।

**ଭାରତ ଦ୍ୱିତୀୟ ପାଳି**: ୧୯୩/୧୦ (ପନ୍ତ- ୬୬, ଫର୍ଣ୍ଣାଣ୍ଡୋ- ୪/୩୧)।
ଶ୍ରୀଲଙ୍କା ଦ୍ୱିତୀୟ ପାଳି: ୨୦୬/୧୦ (ସୋନାଲ- ୮୪, ସୁତାର- ୬/୫୫)।

### ■ ଭାରତର ୬୦୦ ଟେଷ୍ଟ ଯାତ୍ରା

## ୧୮୭ ବିଜୟ; ୧୮୮ ପରାଜୟ

ଗଲ୍ : ପ୍ରଥମ ଟେଷ୍ଟରେ ଶ୍ରୀଲଙ୍କାକୁ ୧୬୫ ରନରେ ପରାସ୍ତ କରି ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଗଲ୍ ବିଜୟକୁ ସ୍ମରଣୀୟ କରିଛି। ଟେଷ୍ଟ କ୍ରିକେଟ୍ ଇତିହାସରେ ଭାରତର ଏହା ୬୦୦ତମ ମ୍ୟାଚ୍ ଥିଲା। ତେଣୁ ଏହି ମାଇଲଖୁଣ୍ଟ ମ୍ୟାଚରେ ବିଜୟୀ ହେବା ଭାରତ ପାଇଁ ବଡ଼ ସଫଳତା ଥିଲା। ଗଲ୍ ଗ୍ରାଉଣ୍ଡରେ ମଧ ଏହା ୫୦ତମ ଟେଷ୍ଟ ମ୍ୟାଚ୍ ଥିଲା। କ୍ରିକେଟ୍ ଇତିହାସରେ ଭାରତ ତୃତୀୟ ଦଳ ଭାବେ ୬୦୦ କିମ୍ବା ଏହାଠାରୁ ଅଧିକ ଟେଷ୍ଟ ଖେଳିବାର ସୌଭାଗ୍ୟ ଲାଭ କରିଛି। ୧୦୯୭ ଟେଷ୍ଟ ସହ କ୍ରିକେଟ୍‌ର ଜନକ ଇଂଲଣ୍ଡ ଏହି ତାଲିକାର ଶୀର୍ଷରେ ରହିଛି। ସେହିଭଳି କ୍ରିକେଟ୍‌ର ପାୱାରହାଉସ ଭାବେ ପରିଚିତ ଅଷ୍ଟ୍ରେଲିଆ ଦଳ ୮୮୩ଟି ଟେଷ୍ଟ ମ୍ୟାଚ୍ ଖେଳିଛି। ୫୯୬ ଟେଷ୍ଟ ସହ ୱେଷ୍ଟଇଣ୍ଡିଜ ତାଲିକାରେ ଭାରତ ପଛକୁ ୪ର୍ଥ ସ୍ଥାନରେ ରହିଛି। ଅର୍ଥାତ ୬୦୦ ଟେଷ୍ଟ ମ୍ୟାଚ ମାଇଲଖୁଣ୍ଟ ଛୁଇଁବାରେ ୱେଷ୍ଟଇଣ୍ଡିଜ ବିଶ୍ୱର ଚତୁର୍ଥ ଦଳ ହେବ। ନ୍ୟୁଜିଲାଣ୍ଡ ଦଳ ୪୮୭ଟି ଟେଷ୍ଟ ମ୍ୟାଚ୍ ଖେଳିଛି।

୧୯୩୨ ମସିହାରେ ଇଂଲଣ୍ଡ ବିପକ୍ଷରେ ଖେଳି ଭାରତ ଟେଷ୍ଟ କ୍ରିକେଟ୍‌ରେ ପାଦ ଥାପିଥିଲା। ୯୪ ବର୍ଷର ଏହି ଲମ୍ବା ଯାତ୍ରାରେ ଭାରତ ଖେଳିଥିବା ୬୦୦ଟି ଟେଷ୍ଟରୁ ୧୮୭ଟି ବିଜୟ ଲାଭ କରିଛି। ସେହିଭଳି ୧୮୮ ଟେଷ୍ଟରେ ଟିମ୍ ଇଣ୍ଡିଆ ହାରିଥିବାବେଳେ ୨୨୪ଟି ମ୍ୟାଚ୍ ଅମୀମାଂସିତ ରହିଛି। ୧୯୮୬ରେ ଚେନ୍ନଇରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ମ୍ୟାଚକୁ ଭାରତ ଟାଇ ରଖିଥିଲା। ଇଂଲଣ୍ଡ ବିପକ୍ଷରେ ଭାରତ ସର୍ବାଧିକ ୧୪୧ଟି ଟେଷ୍ଟ ଖେଳି ୫୧ଟି ଜିତିଛି। ସେହି ସମାନ ଇଂଲଣ୍ଡ ବିପକ୍ଷରେ ମଧ ଭାରତ ସର୍ବାଧିକ ୫୩ଟି ଟେଷ୍ଟ ହାରିଛି। ଭାରତ ଅନ୍ୟ ଦୁଇ ଦେଶ ଅଷ୍ଟ୍ରେଲିଆ (୧୧୨) ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ (୧୦୨) ଶହେରୁ ଊର୍ଦ୍ଧ୍ୱ ଟେଷ୍ଟ ମ୍ୟାଚ୍ ଖେଳିବାର ରେକର୍ଡ ରହିଛି।

**ଭାରତର ମାଇଲଖୁଣ୍ଟ ଟେଷ୍ଟ ମ୍ୟାଚ୍**

| ନମ୍ବର | ପ୍ରତିପକ୍ଷ | ଫଳାଫଳ | ବର୍ଷ |
|---|---|---|---|
| ପ୍ରଥମ | ଇଂଲଣ୍ଡ | ୧୫୮ ରନରେ ପରାସ୍ତ | ୧୯୩୨ |
| ୧୦୦ତମ | ଇଂଲଣ୍ଡ | ୧୩୨ ରନରେ ପରାସ୍ତ | ୧୯୬୭ |
| ୨୦୦ତମ | ପାକିସ୍ତାନ | ଡ୍ର | ୧୯୮୨ |
| ୩୦୦ତମ | ଦ.ଆଫ୍ରିକା | ୬୪ ରନରେ ବିଜୟୀ | ୧୯୯୬ |
| ୪୦୦ତମ | ୱେଷ୍ଟଇଣ୍ଡିଜ | ୪୯ ରନରେ ବିଜୟୀ | ୨୦୦୬ |
| ୫୦୦ତମ | ନ୍ୟୁଜିଲାଣ୍ଡ | ୧୯୭ ରନରେ ବିଜୟୀ | ୨୦୧୬ |
| ୬୦୦ତମ | ଶ୍ରୀଲଙ୍କା | ୧୬୫ ରନରେ ବିଜୟୀ | ୨୦୨୬ |

## ମହିଳା ହକି ବିଶ୍ୱକପ୍: ଇଶିକାଙ୍କ ମୁଣ୍ଡ ଫାଟିଲା



ଆମଷ୍ଟେଲଭିନ୍, ୧୯ ।୮ (ଏଜେନ୍ସି): ମହିଳା ହକି ବିଶ୍ୱକପ୍‌ରେ ଭାରତ ଦମଦାର ପ୍ରଦର୍ଶନ କରି ଗତକାଲି ଦକ୍ଷିଣ ଆଫ୍ରିକାକୁ ୬-୧ ଗୋଲରେ ପରାସ୍ତ କରିଛି। ବିଶ୍ୱକପ୍ ଇତିହାସରେ ଏହା ଭାରତୀୟ ମହିଳା ଦଳର ସବୁଠାରୁ ବଡ଼ ବିଜୟ ଥିଲା। ତେବେ ମ୍ୟାଚ୍‌ର ଶେଷ ମୁହୂର୍ତ୍ତରେ ଭାରତୀୟ ଡିଫେଣ୍ଡର ଇଶିକା ଚୌଧୁରୀଙ୍କ ଆଘାତ ଚିନ୍ତା ବଢ଼ାଇଛି। ମ୍ୟାଚ୍ ଶେଷ ହେବାକୁ ମାତ୍ର ୧୫ ସେକେଣ୍ଡ ବାକି ଥିବାବେଳେ ବଲ୍‌କୁ ଅଟକାଇବାକୁ ଯାଉଥିବା ସମୟରେ ଜଣେ ଆଫ୍ରିକୀୟ ଖେଳାଳିଙ୍କ ହକି ଷ୍ଟିକ୍‌ର ପଛପଟ ଇଶିକାଙ୍କ ମୁଣ୍ଡରେ ଜୋରରେ ବାଜିଥିଲା। ଆଘାତ ପରେ ଇଶିକାଙ୍କ ମୁଣ୍ଡରୁ ଧାର ଧାର ରକ୍ତସ୍ରାବ ହୋଇଥିଲା ଓ ସେ ତଳେ ପଡ଼ିଯାଇଥିଲେ। ତାଙ୍କର ଏହି ଆଘାତ ସମସ୍ୟା ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ତରଫରୁ କୌଣସି ସୂଚନା ଦିଆଯାଇନାହିଁ। ଆଗାମୀ ମ୍ୟାଚ୍ ପୂର୍ବରୁ ସେ ଫିଟ୍ ହୋଇଯାଇଥିବେ ବୋଲି ଆଶା କରାଯାଉଛି।

## ୨୮ ଥର ଫାଇନାଲ ଖେଳିବ ଇଷ୍ଟ ବେଙ୍ଗଲ

**ଡୁରାଣ୍ଡ କପ୍**

କୋଲକାତା, ୧୯ ।୮ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୫ତମ ସଂସ୍କରଣରେ ପ୍ରଥମ ଦଳ ଭାବେ ଇଷ୍ଟ ବେଙ୍ଗଲ ଫାଇନାଲରେ ପ୍ରବେଶ କରିଛି। ବୁଧବାର ସ୍ଥାନୀୟ ସଲ୍ଟ ଲେକ୍ ଷ୍ଟାଡିୟମରେ ଖେଳାଯାଇଥିବା କଡ଼ା ସଂଘର୍ଷପୂର୍ଣ୍ଣ ପ୍ରଥମ ସେମିଫାଇନାଲ ମ୍ୟାଚରେ ଇଷ୍ଟ ବେଙ୍ଗଲ ପେନାଲ୍ଟି ସୁଟ୍ ଆଉଟ୍‌ରେ ୫-୩ ଗୋଲ୍‌ରେ ସ୍ପୋର୍ଟିଂ କ୍ଲବ ଦିଲ୍ଲୀକୁ ହରାଇଥିଲା। ଏହି ମ୍ୟାଚର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଫଳରେ ପେନାଲ୍ଟି ସୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ବିଜୟୀ ହୋଇ ଇଷ୍ଟ ବେଙ୍ଗଲ୍ସ ରେକର୍ଡ ୨୮ ଥର ଲାଗି ଡୁରାଣ୍ଡ କପ୍ ଫାଇନାଲରେ ପ୍ରବେଶ କରିଛି। ରବିବାର ଫାଇନାଲ ମ୍ୟାଚ ଖେଳାଯିବ। ଏଥିପୂର୍ବରୁ ଗୁରୁବାର ମୋହନ ବାଗାନ ଓ ନର୍ଥଇଷ୍ଟ ୟୁନାଇଟେଡ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ।

## ପାକିସ୍ତାନ ୧୭୧ରେ ଅଲଆଉଟ୍

ହେଡିଂଲୀ, ୧୯ ।୮ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ତିନି ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ବୁଧବାରଠାରୁ ଆରମ୍ଭ ହୋଇଛି। ହେଡିଂଲୀରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚରେ ଭ୍ରମଣକାରୀ ପାକିସ୍ତାନ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପାକିସ୍ତାନ ଘରୋଇ ଦଳର ଦୁଇ ଦ୍ରୁତ ବୋଲର ଓଲି ରବିନସନ ଓ ଜୋଶ୍ ଟଙ୍ଗ୍‌ଙ୍କୁ ସାମ୍ନା କରି ନ ପାରି ପ୍ରଥମ ପାଳିରେ ମାତ୍ର ୧୭୧ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଦଳ ପକ୍ଷରୁ ଅବଦୁଲ୍ ସଫିକ ସର୍ବାଧିକ ୬୧ ଓ ଇମାମ ଉଲ୍-ହକ୍ ୪୨ ରନ କରିଥିଲେ। ରବିନସନ ଓ ଟଙ୍ଗ୍ ୫ଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ ଇଂଲଣ୍ଡ ଶେଷ ଖବର ସୁଦ୍ଧା ୧୫ ଓଭରରେ ୨ ୱିକେଟ ହରାଇ ୭୦ ରନ କରିଛି।

## ୧୦ ଦିନ ଧରି ଖେଳାଯିବ ଓଡ଼ିଶା ଟି-୨୦ ଲିଗ୍

ଭୁବନେଶ୍ୱର, ୧୯ ।୮ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଓଡ଼ିଶା ଟି-୨୦ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ସେପ୍ଟେମ୍ବର ୧୮ ତାରିଖରୁ ଆରମ୍ଭ ହେବ। ଆଇକନିକ ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ଦ୍ୱିତୀୟ ସଂସ୍କରଣ ୧୦ଦିନ ଧରି ଚାଲିବ। ସେପ୍ଟେମ୍ବର ୨୭ ତାରିଖରେ ଗ୍ରାଣ୍ଡ ଫାଇନାଲ ଖେଳାଯିବ। ପ୍ରଥମ ସଂସ୍କରଣ ଭଳି ଏଥର ମଧ ୬ଟି ଫ୍ରାଞ୍ଚାଇଜ ମଧ୍ୟରେ ଲଢ଼େଇ ଦେଖିବାକୁ ମିଳିବ। ଲିଗ୍ ମ୍ୟାନେଜମେଣ୍ଟ କମ୍ପାନୀ 'ଜିଅସ୍ ୱାର୍ଲ୍ଡକାଷ୍ଟ ପ୍ରାଇଭେଟ୍ ଲିମିଟେଡ' ଟୁର୍ଣ୍ଣାମେଣ୍ଟ ପରିଚାଳନାର ଦାୟିତ୍ୱ ନେଇଛି। ଓଟିଟି ଓ ଟେଲିଭିଜନ ପ୍ଲାଟଫର୍ମରେ ସମସ୍ତ ମ୍ୟାଚର ସିଧାପ୍ରସାରଣ କରାଯିବ ବୋଲି ଓସିଏ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି।

## ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍

# ସିନ୍ଧୁ ଆଗେଇଲେ; ଲକ୍ଷ୍ୟ, ଉନ୍ନତିଙ୍କ ଅଭିଯାନ ଶେଷ



ନୂଆଦିଲ୍ଲୀ, ୧୯ ।୮ (ଏଜେନ୍ସି): ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଏରେନାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନର ବିଶ୍ୱକପ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍‌ର ତୃତୀୟ ଦିବସ ଭାରତ ପାଇଁ ମିଶ୍ରିତ ଫଳାଫଳ ଆଣିଥିଲା। ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁଙ୍କ ସମେତ ଆୟୁଷ ସେଟ୍ଟୀ ବିଜୟୀ ହୋଇ ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ତେବେ ୨୦୨୧ ସଂସ୍କରଣ କାଂସ୍ୟ ପଦକ ବିଜେତା ଲକ୍ଷ୍ୟ ସେନଙ୍କୁ ନିରାଶ ହେବାକୁ ପଡ଼ିଛି। ସେହିଭଳି ଉଦୟମାନ ଖେଳାଳି ଉନ୍ନତି ହୁଦାଙ୍କ ଅଭିଯାନ ମଧ ରାଉଣ୍ଡ-୩୨ରେ ଅଭିଯାନ ଶେଷ ହୋଇଛି।

ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ରାଉଣ୍ଡ-୩୨ ମ୍ୟାଚରେ ସିନ୍ଧୁ ୨୧-୧୬, ୨୧-୧୭ ସିଧାସଳଖ ଗେମରେ କାନାଡାର ୱେନ ୟୁ ଝାଙ୍ଗଙ୍କୁ ହରାଇଛନ୍ତି। ବିଶ୍ୱ ମାନ୍ୟତାର ୪୯ତମ ସ୍ଥାନରେ ରହିଥିବା ଝାଙ୍ଗଙ୍କୁ ହରାଇବାକୁ ସିନ୍ଧୁଙ୍କୁ ମାତ୍ର ୩୪ ମିନିଟ ସମୟ ଲାଗିଥିଲା। ତେବେ ମହିଳା ବିଭାଗର ଦ୍ୱିତୀୟ ରାଉଣ୍ଡର ଅନ୍ୟ ଏକ ମ୍ୟାଚରେ ଉନ୍ନତି ହୁଦାଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ୧୮ ବର୍ଷୀୟା ଉନ୍ନତି ୨୧-୧୧, ୯-୨୧, ୨୩-୨୧ରେ ୧୩ତମ ସିଡ୍ କାନାଡାର ମିଚେଲ ଲି'ଙ୍କ ନିକଟରୁ ହାରିଯାଇଥିଲେ। ଅପରପକ୍ଷରେ ପୁରୁଷ ବିଭାଗରେ ବିଶ୍ୱର ୨୨ ନମ୍ବର ଖେଳାଳି ଆୟୁଷ ସେଟ୍ଟୀ ୨୧-୮, ୨୧-୧୦ ସିଧାସଳଖ ଗେମରେ ଶ୍ରୀଲଙ୍କାର ଦୁମିନ୍ଦୁ ଆବେବିକ୍ରମାଙ୍କୁ ପରାସ୍ତ କରି ଆଗେଇଛନ୍ତି। ତେବେ ୧୪ତମ ସିଡ୍ ଲକ୍ଷ୍ୟ ସେନ୍ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡରେ ଲକ୍ଷ୍ୟ ୨୧-୧୯, ୧୯-୨୧, ୧୭-୨୧ ଗେମରେ ୯୨ତମ ମାନ୍ୟତାର ଆମେରିକାର ଗାରେଟ ତାନଙ୍କ ନିକଟରୁ ହାରିଯାଇଥିଲେ। ପୁରୁଷ ଡବଲ୍ସରେ ଚିରାଗ ସେଟ୍ଟୀ ଓ ସାତ୍ୱିକସାଇରାଜ ରାନକୀରେଡ୍ଡୀ ଯୋଡ଼ି ପ୍ରଥମ ମ୍ୟାଚରେ ୱାକଓଭର ପାଇଛନ୍ତି। ମିକ୍ସଡ ଡବଲ୍ସରେ ତନିଷା କ୍ରାଷ୍ଟୋ ଓ ଧ୍ରୁବ କପିଳା ଯୋଡ଼ି ରାଉଣ୍ଡ-୩୨ରେ ବିଜୟୀ ହୋଇ ଆଗେଇଛନ୍ତି।

**ଏସିଆନ୍ ଯୁବ ହ୍ୟାଣ୍ଡବଲ**

## ଭାରତୀୟ ଦଳରେ ସ୍ୱସ୍ତିକ



ଭୁବନେଶ୍ୱର, ୧୯ ।୮ (ସମିସ): ଜୋର୍ଡାନର ରାଜଧାନୀ ଆମନ ସହରରେ ଗୁରୁବାରଠାରୁ ୧୧ତମ ଯୁବ ଏସିଆନ ହ୍ୟାଣ୍ଡବଲ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଭାରତୀୟ ଦଳରେ ଓଡିଶାର ସ୍ୱସ୍ତିକ ପତି ସ୍ଥାନ ପାଇଛନ୍ତି। ଏହାର ଚୟନ ଶିବିର ଜୁଲାଇ ୧୮-୧୯ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ସେହିଭଳି ପ୍ରଶିକ୍ଷଣ ଶିବିର ଜୁଲାଇ ୨୦ରୁ ପାବନା ହ୍ୟାଣ୍ଡବଲ ଏକାଡେମୀ ହାଥରସଠାରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ସ୍ୱସ୍ତିକ ଉନ୍ନତ ଖେଳ ପ୍ରଦର୍ଶନ କରି ୧୮ ଜଣିଆ ଭାରତୀୟ ଦଳରେ ସ୍ଥାନ ପକ୍କା କରିଥିଲେ। ସ୍ୱସ୍ତିକ ବର୍ତ୍ତମାନ ଗୌରୀ ଶଙ୍କର ମିଶ୍ରଙ୍କ ପାଖରେ ପ୍ରଶିକ୍ଷଣ ନେଉଛନ୍ତି। ଓଡିଶା ହ୍ୟାଣ୍ଡବଲ ସଙ୍ଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଙ୍ଗ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, ଭୁବନେଶ୍ୱର ସଙ୍ଘ ସମ୍ପାଦକ ପ୍ରଶାନ୍ତ ନାୟକ ସ୍ୱସ୍ତିକଙ୍କୁ ଶୁଭକାମନା ଜଣାଇଛନ୍ତି।

**● ଜୁନିଅର ମହିଳା ଏସିଆ କପ୍ ହକି**

## ଭାରତୀୟ ଦଳରେ ଓଏନ୍‌ଟିଏଚ୍‌ର ହର୍ଷାରାଣୀ



ଭୁବନେଶ୍ୱର, ୧୯ ।୮ (ସମିସ): ଚୀନର ମୋକିଠାରେ ଅଗଷ୍ଟ ୩୦ରୁ ମହିଳା ଜୁନିଅର ଏସିଆ କପ୍ ହକି ଆରମ୍ଭ ହେବାକୁ ଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଘୋଷିତ ୨୦ ଜଣିଆ ଭାରତୀୟ ଦଳରେ ଓଡ଼ିଶା ନାଭାଲ ଟାଟା ହକି (ଓଏନ୍‌ଟିଏଚ୍) ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ର କ୍ୟାଡେଟ ଏଞ୍ଜିଲ୍ ହର୍ଷାରାଣୀ ମିଞ୍ଜ ସ୍ଥାନ ପାଇଛନ୍ତି। ଗୋଲକିପର ହର୍ଷାରାଣୀ ମନୋନୀତ ହେବା, ଓଏନ୍‌ଟିଏଚ୍ ଏଚ୍‌ପିସି ପାଇଁ ଆଉ ବଡ଼ ସଫଳତା। ଏନେଇ ଓଏନ୍‌ଟିଏଚ୍‌ଏଚ୍‌ପିସିର ପ୍ରକଳ୍ପ ନିର୍ଦ୍ଦେଶକ ଗୁରମିତ୍ ସିଂହ ରାଓ କହିଛନ୍ତି, "ହର୍ଷାରାଣୀ ଭାରତୀୟ ଦଳରେ ସ୍ଥାନ ପାଇବା ଓଏନ୍‌ଟିଏଚ୍‌ପିସି ପାଇଁ ଏକ ଗର୍ବର ବିଷୟ। କଠିନ ପରିଶ୍ରମ, ଅନୁଶାସନ ଓ ଦୃଢ଼ ସଂକଳ୍ପ ଯୋଗୁ ଆଜି ତାଙ୍କର ଏହି ସ୍ୱପ୍ନ ସତ ହୋଇଛି। ଆମେ ହର୍ଷାରାଣୀ ଏବଂ ଭାରତୀୟ ଦଳକୁ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଶୁଭକାମନା ଜଣାଉଛୁ ଏବଂ ସେମାନଙ୍କର ସଫଳତା କାମନା କରୁଛୁ।' ଓଡ଼ିଶା ସରକାରଙ୍କ ସହଭାଗିତା ଓ ଟାଟା ଷ୍ଟିଲ୍ ଏବଂ ଟାଟା ଟ୍ରଷ୍ଟର ମିଳିତ ଉଦ୍ୟମରେ ପରିଚାଳିତ "ହକି ଏସ୍ ଫାଉଣ୍ଡେସନ୍' (ଏଚ୍‌ଏଏଫ୍)ର ଏକ ଅଂଶ ଭାବରେ, ଓଏନ୍‌ଟିଏଚ୍‌ଏଚ୍‌ପିସି ଜାମସେଦପୁରସ୍ଥିତ ନାଭାଲ ଟାଟା ହକି ଏକାଡେମୀ ସହ ମିଶି ଉଦୀୟମାନ ହକି ପ୍ରତିଭାମାନଙ୍କୁ ଚିହ୍ନଟ ଓ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟ କରୁଛି।

## ଜାତୀୟ ଜୁନିଅର ଜଳକ୍ରୀଡ଼ା

# କର୍ଣ୍ଣାଟକ, ମହାରାଷ୍ଟ୍ରର ପ୍ରଭୁତ୍ୱ ଜାରି




ଭୁବନେଶ୍ୱର, ୧୯ ।୮ (ସମିସ): କଳିଙ୍ଗ ଷ୍ଟାଡିୟମସ୍ଥିତ ଆକ୍ୱାଟିକ କମ୍ପ୍ଲେକ୍ସରେ ଚାଲିଥିବା ଜାତୀୟ ଜୁନିଅର ଜଳକ୍ରୀଡ଼ାର ୫୨ତମ ସଂସ୍କରଣର ଦ୍ୱିତୀୟ ଦିବସରେ ମଧ କର୍ଣ୍ଣାଟକ ଓ ମହାରାଷ୍ଟ୍ର ସନ୍ତରଣକାରୀଙ୍କ ପ୍ରଭୁତ୍ୱ ଜାରି ରହିଛି। ବୁଧବାର ଶେଷ ସୁଦ୍ଧା କର୍ଣ୍ଣାଟକ ୩୨ ପଦକ ଜିତି ତାଲିକାର ଶୀର୍ଷରେ ରହିଛି। ଯେଉଁଥିରେ କର୍ଣ୍ଣାଟକ ସନ୍ତରଣକାରୀମାନେ ୧୬ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୫ କାଂସ୍ୟ ପଦକ ପାଇଛନ୍ତି। ସେହିଭଳି ମହାରାଷ୍ଟ୍ର ଦଳ ୬ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୧୧ କାଂସ୍ୟ ସହ ମୋଟ୍ ୨୧ ପଦକ ବିଜୟୀ ହୋଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ଦୁଇଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହ ମୋଟ୍ ୫ ପଦକ ଜିତି ଆସାମ ତାଲିକାର ତୃତୀୟ ସ୍ଥାନ ହାସଲ କରିଛି। ଓଡ଼ିଶା ସନ୍ତରଣକାରୀମାନେ ପଦକ ଖାତା ଖୋଲିବାରେ ବିଫଳ ହୋଇଛନ୍ତି। ଭାରତୀୟ ସନ୍ତରଣ ମହାସଂଘ, ରାଜ୍ୟ ସନ୍ତରଣ ସଂଘ ଓ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ୬ ଦିବସୀୟ ପ୍ରତିଯୋଗିତାରେ ୩୩ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୫୭୧ ସନ୍ତରଣକାରୀ ଅଂଶଗ୍ରହଣ କରିଛନ୍ତି। ୧୫-୧୬ ବର୍ଷ ବୟସରୁ କମ୍ ଏବଂ ୧୭-୧୮ ବର୍ଷରୁ କମ୍ ଦୁଇଟି ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେଉଛି।

## ଓଡ଼ିଶା ପେଞ୍ଚକ ସିଲାଟ ସଂଘ ନିର୍ବାଚନ

# ସୁମନ ସଭାପତି, ସଙ୍ଗୀତା ସମ୍ପାଦିକା




ଭୁବନେଶ୍ୱର, ୧୯ ।୮ (ସମିସ): ବର୍ଷ ୨୦୨୬ରୁ ୨୦୨୯ ପର୍ଯ୍ୟନ୍ତ ଓଡ଼ିଶା ପେଞ୍ଚକ୍ ସିଲାଟ ସଂଘର ନିବାର୍ଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ାର ସର୍ଭୀଲ ଅଫିସରେ ଅନୁଷ୍ଠିତ ହୋଇଥିବା ଏହି ନିର୍ବାଚନରେ ୨୧ଟି ଜିଲ୍ଲାର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ନିର୍ବାଚନରେ ନୂତନ ଭାବରେ ସୁମନ ମୋଦି ସଭାପତି, ଆଶୁତୋଷ ନାୟକ ଓ ଜୀତେନ୍ଦ୍ର କୁମାର ରାଉତ ଉପସଭାପତି, ସଙ୍ଗୀତା ଥାପା ସାଧାରଣ ସମ୍ପାଦିକା, ନାରାୟଣ ବାରିକ ଯୁଗ୍ମ ସମ୍ପାଦକ, ରାହୁଲ୍ ଶା କୋଷାଧକ୍ଷ ଓ ପ୍ରଶାନ୍ତ ପାତ୍ର, ସୁଭାଶିଷ ବାନାର୍ଜୀ ଏକ୍ସିକୁଟିଭ ମେମ୍ବର ଭାବରେ ମନୋନୀତ ହୋଇଛନ୍ତି। ପୂର୍ବତନ ସଭାପତି ତାପସ କୁମାର ରାୟ ଚୌଧୁରୀ ଅଧ୍ୟକ୍ଷ ଓ ପୂର୍ବତନ ସମ୍ପାଦକ ପ୍ରେମ ସିଂ ଥାପା ସିଇଓ ସହ ବୈଷୟିକ ନିର୍ଦ୍ଦେଶକ ଭାବରେ ମନୋନୀତ ହୋଇଛନ୍ତି। ନିବାର୍ଚନରେ ଇଲେକ୍ସନ ଅଫିସର ରାହୁଲ୍ ରାୟଙ୍କ ତତ୍ତ୍ୱାବଧାନରେ ଭୋଟିଂ ହୋଇଥିଲା। ଇଣ୍ଡିଆନ୍ ପେଞ୍ଚକ୍ ସିଲାଟ ମହାସଂଘର ସାଧାରଣ ସମ୍ପାଦକ ତାରିକ୍ ଯାର୍ଗର ଓ ସେଖ୍ ସମୀର ନିର୍ବାଚନ ପର୍ଯ୍ୟବେକ୍ଷକ ଭାବରେ ଯୋଗ ଦେଇଥିଲେ।

**ପୁରୁଷ ହକି ବିଶ୍ୱକପ୍**

# ପାକିସ୍ତାନକୁ ହରାଇ ଦ୍ୱିତୀୟ ରାଉଣ୍ଡରେ ଭାରତ




ଆମଷ୍ଟେଲଭିନ, ୧୯ ।୮ (ଏଜେନ୍ସି)

ନେଦରଲ୍ୟାଣ୍ଡସ ଓ ବେଲ୍‌ଜିୟମରେ ଚାଲିଥିବା ପୁରୁଷ ହକି ବିଶ୍ୱକପରେ ଭାରତ ଦ୍ୱିତୀୟ ବିଜୟ ହାସଲ କରିଛି। ବୁଧବାର ଖେଳାଯାଇଥିବା ପୁଲ୍-ଡି'ର ଏକ ହାଇଭୋଲଟେଜ ମ୍ୟାଚରେ ଭାରତ ୫-୩ ଗୋଲ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାତ୍ ଦେଇଥିଲା। ଫଳରେ ତିନୋଟି ମ୍ୟାଚରୁ ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ପାଇ ହରମନପ୍ରୀତ୍ ସିଂହଙ୍କ ଦଳ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଏଥିସହ ଭାରତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛି। ଏହି ଗ୍ରୁପରେ ଇଂଲଣ୍ଡ ହ୍ୟାଟ୍ରିକ ବିଜୟ ସହ ସର୍ବାଧିକ ୯ ପଏଣ୍ଟ ପାଇ ଶୀର୍ଷରେ ରହିଛି। ସେହିଭଳି ପାକିସ୍ତାନ ୩ଟି ମ୍ୟାଚରୁ ୨ଟି ପରାଜୟ ଓ ଗୋଟିଏ ଡ୍ର ସହ ମାତ୍ର ୧ ପଏଣ୍ଟ ପାଇ ବିଶ୍ୱକପରେ ଅଭିଯାନ ଶେଷ କରିଛି।

ବୁଧବାର ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଭାରତ ପ୍ରଥମ କ୍ୱାର୍ଟରରେ ଦୁଇଟି ଗୋଲ୍ ଦେଇଥିଲା। ଅଧିନାୟକ ହରମନପ୍ରୀତ୍ ୫ମ ମିନିଟରେ ଓ ଅଭିଷେକ ୧୧ତମ ମିନିଟରେ ଏହି ଦୁଇଟି ଗୋଲ୍ ଦେଇଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟରରେ ରୋମାଞ୍ଚ ଦେଖିବାକୁ ମିଳିଥିଲା। ୨୧ତମ ମିନିଟରେ ହରମନପ୍ରୀତ୍ ଆଉ ଏକ ଗୋଲ୍ ଦେଇ ଅଗ୍ରଣୀକୁ ୩-୦ରେ ପହଞ୍ଚାଇଥିଲେ। କିନ୍ତୁ ପାକିସ୍ତାନ ପ୍ରତ୍ୟାବର୍ତ୍ତନ କରି ଦୁଇ ମିନିଟରେ ଦୁଇଟି ଗୋଲ୍ ଦେଇଥିଲା। ସାହିଦ୍ ଓ ସୁଫିୟାନ ଖାନ ଏହି ଦୁଇଟି ଗୋଲ୍ ସ୍କୋର କରି ମ୍ୟାଚକୁ ୨-୩ ସ୍ଥିତିକୁ ଆଣିଥିଲେ। ସେହି ୨୪ତମ ମିନିଟରେ ଅଭିଷେକ ଆଉ ଏକ ଗୋଲ୍ ଦେଇ ଭାରତର ଅଗ୍ରଣୀକୁ ୪-୨ରେ ପହଞ୍ଚାଇଥିଲେ। ଦ୍ୱିତୀୟାର୍ଦ୍ଧ ତଥା ତୃତୀୟ କ୍ୱାର୍ଟରରେ ଭାରତ ଗୋଟିଏ ଗୋଲ୍ ଦେଇଥିଲା। ୩୫ତମ ମିନିଟରେ ହାର୍ଦ୍ଦିକ ସିଂହଙ୍କ ଏହି ଗୋଲ୍ ସହାୟତାରେ ଭାରତ ୫-୨ରେ ଏକପାଖିଆ ଅଗ୍ରଣୀ ହାସଲ କରିଥିଲା। ତେବେ ନିର୍ଣ୍ଣାୟକ ତଥା ୪ର୍ଥ କ୍ୱାର୍ଟରର ୪୬ତମ ମିନିଟରେ ପାକିସ୍ତାନ ଆଉ ଗୋଟିଏ ଗୋଲ୍ ଶୁଝିବାକୁ ସମର୍ଥ ହୋଇଥିଲା। ତେବେ ଶେଷରେ ଭାରତ ୫-୩ ଗୋଲରେ ବିଜୟ ଲାଭ କରିଥିଲା।

ଦ୍ୱିତୀୟ ରାଉଣ୍ଡରେ ଭାରତ ପୁଲ-ଇ'ରେ ସ୍ଥାନ ପାଇଛି। ଏହି ପୁଲ୍‌ରେ ଇଂଲଣ୍ଡ ସହ ପୁଲ୍-ଏ'ର ଦୁଇ ଶୀର୍ଷ ଦଳ ମଧ ଯୋଗଦେବେ। ଅଗଷ୍ଟ ୨୨ରେ ଭାରତ ପୁଲ୍-ଏ'ର ଶୀର୍ଷ ଦଳ ସହ କ୍ରସ ଓଭର ମ୍ୟାଚ୍ ଖେଳିବ। ଅପରପକ୍ଷରେ ଭାରତୀୟ ମହିଳା ହକି ଦଳ ବିଶ୍ୱକପରେ ଏହାର ଶେଷ ପୁଲ୍ ମ୍ୟାଚରେ ଗୁରୁବାର ଇଂଲଣ୍ଡକୁ ଭେଟିବ। ସାଲିମା ଟେଟେଙ୍କ ଦଳ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ପୁଲ-ଡି ଶୀର୍ଷରେ ରହିଛି। ଇଂଲଣ୍ଡକୁ ହରାଇଲେ ଭାରତର ସେମିଫାଇନାଲ ଖେଳିବା ଆଶା ଦୃଢ଼ୀଭୂତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO
PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS